

ଶୀର୍ଷରେ ପହଞ୍ଚୁଛନ୍ତି ଡେଜି ।୧୨

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଗାଭାସ୍କରଙ୍କ ନାମରେ ଲିସେଷ୍ଟରସାୟାର ଗ୍ରାଉଣ୍ଡ ।୧୧

RNI Regd. No.ORI ORI 2004/12956 Postal Regd. No. BN/294/21-23 Published Simultaneously from Bhubaneswar, Angul & Berhampur. www.odishabhaskar.com

ଉନବିଂଶ ବର୍ଷ ସଂଖ୍ୟା-୧୩୦ Vol. 19 No-130 23 JULY 2022 SATURDAY BHUBANESWAR ଶନିବାର, ୨୩ ଜୁଲାଇ ୨୦୨୨ ପୃଷ୍ଠା-୧୨ ମୂଲ୍ୟ:୭.୦୦


## ଦ୍ରୌପଦୀଙ୍କ ନୂଆ ରେକର୍ଡ



# ସର୍ବକନିଷ୍ଠ ରାଷ୍ଟ୍ରପତି

- ସାରା ଦେଶରୁ ଛୁଟୁଛି ଶୁଭେଚ୍ଛାର ସୁଅ
- ସବୁଠି ଉତ୍ସବର ମାହୋଲ
- ଗଣତାନ୍ତ୍ରିକ ଇତିହାସରେ ନୂଆ ଅଧ୍ୟାୟ
- ଦ୍ରୌପଦୀଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୭, (ବ୍ୟୁରୋ) : ଗୁରୁବାର ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ଦେଶକୁ ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ମିଳିଥିବାବେଳେ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇଛି । ସେ ସର୍ବକନିଷ୍ଠ ରାଷ୍ଟ୍ରପତି ମାନ୍ୟତା ଲାଭ କରିଛନ୍ତି । ସେ ମିଳିତ ବିରୋଧୀ ଦଳ ପ୍ରାର୍ଥୀ ଯଶୋୱନ୍ତ ସିହ୍ନାଙ୍କୁ ବିପୁଳ ଭୋଟ୍‌ରେ ପରାସ୍ତ କରିଛନ୍ତି । ଏପରିକି ଏନ୍‌ଡିଏ ବାହାରୁ ମଧ୍ୟ ତାଙ୍କୁ ବିପୁଳ ସମର୍ଥନ ମିଳିଛି । ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ଦେଶ ଓ ଦେଶ ବାହାରୁ ମଧ୍ୟ ଶୁଭେଚ୍ଛା ବାର୍ତ୍ତାମାନ ଆସି ପହଞ୍ଚୁଛି । ଉପରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ, ବିଜେପି ଶାସିତ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଆସି ଦ୍ରୌପଦୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି । ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଜି.କିଷାନ ରେଡ୍ଡୀ, ସିକିମ୍ • ପୃଷ୍ଠା ୮ ଦେଖନ୍ତୁ

## ଆଜିଠୁ ମୁଖ୍ୟମନ୍ତ୍ରୀଙ୍କ ୪ ଦିନିଆ ଦିଲ୍ଲୀଗସ୍ତ

# ଶପଥ ସମାରୋହରେ ଯୋଗ ଦେବେ

ଭୁବନେଶ୍ୱର, ୨୨।୭ (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯିବେ । ଏ ନେଇ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୫ ତାରିଖରେ ନବ ନିର୍ବାଚିତ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଶପଥଗ୍ରହଣ ଉତ୍ସବରେ ଶ୍ରୀ ପଟ୍ଟନାୟକ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି । ଏଥିନେଇ ତାଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇଛି । ଆସନ୍ତା ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଫେରିବେ । ତାଙ୍କର ଏହି ଗସ୍ତ ସମୟରେ ସେ କେତେକ କେନ୍ଦ୍ର ମନ୍ତ୍ରୀଙ୍କୁ ସାକ୍ଷାତ୍ କରିବା ସହ ବିଜେଡି ସାଂସଦମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ ଯେ, ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ଦ୍ରୌପଦୀ ମୁର୍ମୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଓଡ଼ିଶାରେ ବିଜେଡି ପ୍ରଚାରର ମଙ୍ଗ ସମ୍ଭାଳିଥିଲା । ଏହି କାରଣରୁ ଅଣ ଏନ୍‌ଡିଏ ଓ ଅଣ ୟୁପିଏ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ପଟ୍ଟନାୟକଙ୍କ ସମେତ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଶପଥ ସମାରୋହରେ ସାମିଲ ହେବାର ଜଣାପଡିଛି ।



## ସିବିଏସ୍‌ଇ ୧୦ମ ଶ୍ରେଣୀ ରେଜଲ୍ଟ ପ୍ରକାଶିତ

# ପାସ୍ ହାର ୯୪.୪୦%



- ଛାତ୍ରଙ୍କ ଅପେକ୍ଷା ଛାତ୍ରୀ ଆଗରେ
- ଛାତ୍ରୀଙ୍କ ପାସ୍ ହାର ୯୫.୨୧%
- ଛାତ୍ରଙ୍କ ପାସ୍ ହାର ୯୩.୮୦%
- ତ୍ରିଭେନ୍ଦ୍ରମ ରିଜିଅନ ସବୁଠୁ ଆଗରେ
- ଭୁବନେଶ୍ୱରରେ ପାସ୍ ହାର ୯୬.୪୬%

ନୂଆଦିଲ୍ଲୀ, ୨୨।୭ : ଶୁକ୍ରବାର ଅପରାହ୍ନ ୨ଟାରେ ସିବିଏସ୍‌ଇ ପରିଚାଳିତ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ପ୍ରକାଶିତ ହୋଇଛି । ଏଥିରେ ପାସ୍ ହାର ୯୪.୪୦% ରହିଛି । ତେବେ ଏହି ପରୀକ୍ଷାରେ ପୁଣି ଥରେ ଛାତ୍ରମାନଙ୍କୁ ପଛରେ ପକାଇଛନ୍ତି ଛାତ୍ରୀମାନେ । ଛାତ୍ରୀମାନଙ୍କ ପାସ୍ ହାର ୯୫.୨୧% ରହିଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୩.୮୦% ରହିଛି । ଅର୍ଥାତ୍ ପୁଅଙ୍କ ତୁଳନାରେ ଝିଅଙ୍କ ପାସ୍ ହାର ୧.୪୧% ଅଧିକ ରହିଛି । ୬୩ ହଜାର ପିଲା ୯୫%ରୁ ଅଧିକ ମାର୍କ ରଖିଥିବାବେଳେ ୨.୩୬ ଲକ୍ଷ ପିଲା ୯୦%ରୁ ଅଧିକ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ତେବେ ପାସ୍ ହାର କ୍ଷେତ୍ରରେ ତ୍ରିଭେନ୍ଦ୍ରମ ରିଜିଅନ ସବୁଠୁ ଆଗରେ ରହିଛି । ଏହି ରିଜିଅନ୍‌ରେ ସର୍ବାଧିକ ପାସ୍ ହାର ୯୯.୬୮% ରହିଛି । ଏହା • ପୃଷ୍ଠା ୮ ଦେଖନ୍ତୁ

## ଦ୍ୱାଦଶ ଶ୍ରେଣୀ ପାସ୍ ହାର ୯୨.୭୧%

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨।୭ (ବ୍ୟୁରୋ): ଶୁକ୍ରବାର ପ୍ରକାଶିତ ହୋଇଛି ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ । ଏଥିରେ ପାସ୍‌ହାର ୯୨.୭୧ ପ୍ରତିଶତ ରହିଛି । ତେବେ ଛାତ୍ରୀଙ୍କ ପାସ୍‌ହାର ଛାତ୍ରଙ୍କଠାରୁ ଅଧିକ ରହିଛି । ଛାତ୍ରୀଙ୍କ ପାସ୍‌ହାର ୯୪.୫୪ ପ୍ରତିଶତ ହୋଇଥିବାବେଳେ ଛାତ୍ରଙ୍କ ପାସ୍ ହାର ୯୧.୨୫ ପ୍ରତିଶତ । ତେବେ ଭୁବନେଶ୍ୱର ରିଜିଅନ୍‌ରେ ପାସ୍‌ହାର ୯୦.୩୭ ପ୍ରତିଶତ ରହିଥିବାବେଳେ ତ୍ରିଭେନ୍ଦ୍ରମ୍ ରିଜିଅନ୍‌ରେ ପାସ୍‌ହାର ୯୮.୮୩ ପ୍ରତିଶତ ରହିଛି । ଏହି ପରୀକ୍ଷାରେ ଦେଶର ମୋଟ୍ ୧୪ ଲକ୍ଷ ୫୪ ହଜାର ୩୭୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଅନ୍ୟପକ୍ଷରେ ଦ୍ୱାଦଶ ରେଜଲ୍ଟ ପ୍ରକାଶ ପାଇଥିବାବେଳେ ସିବିଏସ୍‌ଇ ଦଶମ ଶ୍ରେଣୀ ରେଜଲ୍ଟ ଖୁବ୍ ଶୀଘ୍ର ପ୍ରକାଶ ପାଇବାର ସମ୍ଭାବନା ଥିବା ସିବିଏସ୍‌ଇ ପକ୍ଷରୁ କୁହାଯାଇଛି । ଛାତ୍ରଛାତ୍ରୀମାନେ cbse.nic.in ରେଜଲ୍ଟ ରେ ପାଇପାରିବେ ।

## ସଂକ୍ଷେପରେ...

### ନଦୀରେ ଭାସିଗଲେ ୭ କାଉଡିଆ

ଡେରାଡୁନ, ୨୨।୭ : ଉତ୍ତରାଖଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗଙ୍ଗାନଦୀରେ ବନ୍ୟା ଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ହେଲେ ଶ୍ରାବଣ ମାସ ଚାଲିଥିବାରୁ ଗଙ୍ଗାକୂଳରେ କାଉଡ଼ିଆମାନଙ୍କ ଭିଡ଼ ଜମିଛି । ଏପରି ସ୍ଥିତିରେ ଶୁକ୍ରବାର ଭୋର୍ ସମୟରେ ଗଙ୍ଗାସ୍ନାନ କରୁଥିବାବେଳେ ୭ ଜଣ କାଉଡ଼ିଆ ପ୍ରଖର ସ୍ରୋତରେ ଭାସି ଯାଇଥିବା ସୂଚନା ମିଳିଛି । ଜଣଙ୍କୁ ଉଦ୍ଧାର କରିବା ପାଇଁ ୨ ଜଣ ଯବାନ ପାଣି ଭିତରକୁ ଡ଼େଇଁଥିଲେ ମଧ୍ୟ ଉଦ୍ଧାର ନେଇ କୌଣସି ସୂଚନା ମିଳିପାରି ନାହିଁ ।

### ପୋଲିସ ସୂଚନାକାରୀ ସନ୍ଦେହରେ ହତ୍ୟା

ମାଲକାନଗିରି, ୨୨।୭, (ଭାସ୍କର ନ୍ୟୁଜ୍) : ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲାରେ ମାଓବାଦୀମାନେ ଜଣେ ବ୍ୟକ୍ତିଙ୍କୁ ପୋଲିସ ସୂଚନାକାରୀ ଭାବେ ସନ୍ଦେହ କରି ପିଟି ପିଟି ହତ୍ୟା କରିଛନ୍ତି । ମୃତ ବ୍ୟକ୍ତି ଜଣକ ହେଲେ ମାଡ଼କାମ ଜଗା । ହତ୍ୟା ପରେ ମାଓବାଦୀମାନେ ଏକ ପିକଅପ୍ ଭ୍ୟାନ୍‌କୁ ନିଆଁ ଲଗାଇ ପୋଡ଼ଇ ଦେଇଥିବା ଜଣାପଡ଼ିଛି । ଗୁରୁବାର ବିଳମ୍ବିତ ରାତ୍ରିରେ ୫୦ରୁ ୬୦ ସଶସ୍ତ୍ର ମାଓବାଦୀ ଜଗାଙ୍କ ଘରେ ପହଞ୍ଚି ଘରଲୋକଙ୍କ ଉପସ୍ଥିତିରେ ପିଟିପିଟି ତାଙ୍କୁ ହତ୍ୟା କରିଥିଲେ ।

### ବଜ୍ରପାତରେ ୪ ମୃତ

ଭୁବନେଶ୍ୱର, ୨୨।୭, (ଭାସ୍କର ନ୍ୟୁଜ୍) : ଶୁକ୍ରବାର ଅପରାହ୍ନରେ ଆନନ୍ଦପୁର ହାଟଡିହି ବ୍ଲକ୍ ବହାଡ଼ିପୁର ଗାଁରେ ବିଲରେ କାମ କରୁଥିବାବେଳେ ବଜ୍ରପାତ ଘଟିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ ନୃସିଂହ • ପୃଷ୍ଠା ୮ ଦେଖନ୍ତୁ

ସେନ୍‌ସେକ୍ସ: ୫୬,୦୭୨.୨୩
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୦ ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

### ୨୨।୭ ର ମତାମତ

ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେଲେ ଓଡ଼ିଶାର ଉନ୍ନତି ହେବ କି ?




### ଆଜିର ପ୍ରସଙ୍ଗ

ରାଷ୍ଟ୍ରପତି ନିର୍ବାଚନରେ କ୍ରସ ଭୋଟିଂ ହେବା ଉଚିତ୍ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## କାଶୀପୁରରେ ରୂପ ବଦଳାଉଛି କଲେରା

# 'ଶିଗେଲା' ଜୀବାଣୁ ଚିହ୍ନଟ



ରାୟଗଡ଼ା, ୨୨।୭, (ଭାସ୍କର ନ୍ୟୁଜ୍) : ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଦେଖାଦେଇଥିବା ଝାଡ଼ାବାନ୍ତି ରୋଗ ଯଦିଓ ନିୟନ୍ତ୍ରଣାଧୀନ ରହିଛି ତେବେ ଏହି ରୋଗ ରୂପ ବଦଳାଉଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି । ପୂର୍ବରୁ 'ଭିବ୍ରିଓ' ଜୀବାଣୁ ଚିହ୍ନଟ ହୋଇଥିବାବେଳେ ଏବେ 'ଶିଗେଲା' ନାମକ ଆଉ ଏକ ଜୀବାଣୁ ଚିହ୍ନଟ ହେବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ପରୀକ୍ଷା କରାଯାଇଥିବା ନମୂନା ମଧ୍ୟରୁ ୩୮ଟିରେ 'ଶିଗେଲା' ଜୀବାଣୁ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସେହିଭଳି ୮ଟି ଭିବ୍ରିଓ ନମୂନା ଚିହ୍ନଟ କରାଯାଇଥିବାବେଳେ ୨୪ ଜଣଙ୍କ ଠାରେ ଇ-କୋଲାଇ ଜୀବାଣୁ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଏହି ଝାଡ଼ାବାନ୍ତି ରୋଗ ଏବେ ଅନ୍ୟ ଜିଲ୍ଲାକୁ ବ୍ୟାପୁଥିବାରୁ ଏହାର ଗତିପଥରେ ରୋକ୍ ଲଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ଆରମ୍ଭ ହୋଇଛି । ମିଶନ ମୋଡ୍‌ରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ବୋଲି ଜିଲ୍ଲାପାଳ କହିଛନ୍ତି । ଇତିମଧ୍ୟରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ସମୀକ୍ଷା କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା କହିଛନ୍ତି । ଅତି ପ୍ରଭାବିତ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ହଇଜା ରୋଗୀଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶୌଚାଳୟ ନଥିବାରୁ ଏନେଇ ମଧ୍ୟ ବ୍ୟବସ୍ଥା କରାଯାଉଥିବା କୁହାଯାଉଛି । ସେହିପରି ଦୂଷିତ ପାଣି ଯୋଗୁଁ ହଇଜା ବ୍ୟାପୁଥିବାରୁ ପାନୀୟ ଜଳର ପ୍ରକୃତ ଉତ୍ସକୁ ନେଇ ତନାଘନା ମଧ୍ୟ ଆରମ୍ଭ ହୋଇଛି । ଟିକିରି ସମେତ ଆଖପାଖ ୭ଟି ଗ୍ରାମରେ ଏହି ରୋଗ ମାଡ଼ି ମାଡ଼ି ଚାଲିଛି । ଇତିମଧ୍ୟରେ ୮ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇସାରିଛି । ଯେଉଁସବୁ ଅଞ୍ଚଳରେ ନଳକୂପ ବା ଜଳଉତ୍ସଗୁଡ଼ିକ ଅଚଳ ହୋଇପଡ଼ିଛି ସେଗୁଡ଼ିକ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବା ସହ ନୂତନ ଜଳଯୋଗାଣ ପ୍ରକଳ୍ପ କାମ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏସବୁ ସତ୍ତ୍ୱେ ସ୍ଥିତି ନିୟନ୍ତ୍ରଣାଧୀନ ଥିବା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

# ଅଜୟ ଦେବଗନ, ସୁରିୟା ଶ୍ରେଷ୍ଠ ଅଭିନେତା



ଅଜୟ ଦେବଗନ



ସୁରିୟା



ଅପର୍ଣ୍ଣା ବାଲମୁରଲୀ

- ଶ୍ରେଷ୍ଠ ଅଭିନେତା – ଅଜୟ ଦେବଗନ, ସୁରିୟା
- ଶ୍ରେଷ୍ଠ ଅଭିନେତ୍ରୀ – ଅପର୍ଣ୍ଣା ବାଲମୁରଲୀ
- ଶ୍ରେଷ୍ଠ ଫିଚର ଫିଲ୍ମ – ସୋରରାଇ ପୋଟ୍ରୁ
- ଶ୍ରେଷ୍ଠ ହିନ୍ଦୀ ଫିଲ୍ମ – ତୁଳସୀ ଦାସ ଜୁନିୟର
- ଶ୍ରେଷ୍ଠ ଗୀତିକାର – ମନୋଜ ମୁମତାଶିର
- ଶ୍ରେଷ୍ଠ ସହ ଅଭିନେତା – ବିଜୁ ମେନନ
- ଶ୍ରେଷ୍ଠ ସହ ଅଭିନେତ୍ରୀ – ଲକ୍ଷ୍ମୀପ୍ରିୟା ଚନ୍ଦ୍ରମୌଳୀ
- ଶ୍ରେଷ୍ଠ ନିର୍ଦ୍ଦେଶନା – ସଚ୍ଚି
- ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା (ନନ୍ ଫିଚର) – ବିଶାଲ ଭରଦ୍ୱାଜ

ନୂଆଦିଲ୍ଲୀ, ୨୨।୭ : କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୨୦ ମସିହା ପାଇଁ ସମ୍ମାନଜନକ ୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ଓଡ଼ିଶାର ବରିଷ୍ଠ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କ 'କାଲି ପାଇଁ କାଲିର' ପୁସ୍ତକକୁ ଜାତୀୟ ପୁରସ୍କାର ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି । ଶ୍ରେଷ୍ଠ ଆଞ୍ଚଳିକ ସିନେ ପୁସ୍ତକ ଭାବେ ଏହାକୁ ମନୋନୀତ କରାଯାଇଛି । ଅନ୍ୟପକ୍ଷରେ ଫିଲ୍ମ 'ତାନାଜୀ' ପାଇଁ ଅଜୟ ଦେବଗନ ଓ ସାଉଥ୍‌ଷ୍ଟାର ସୁରିୟାଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର ପ୍ରଦାନ କରାଯିବା ପାଇଁ ମନୋନୀତ କରାଯାଇଛି । ସଞ୍ଜୟ ଦତ୍ତଙ୍କ ଫିଲ୍ମ 'ତୁଳସୀ ଦାସ ଜୁନିୟର' ଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି । ସେହିପରି ଅପର୍ଣ୍ଣା ବାଲମୁରଲୀଙ୍କୁ • ପୃଷ୍ଠା ୮ ଦେଖନ୍ତୁ

### ସୂର୍ଯ୍ୟ ଦେଓଙ୍କ ଲିଖିତ ବହି 'କାଲି ପାଇଁ କାଲିର'କୁ ଜାତୀୟ ପୁରସ୍କାର, ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ




## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ବରଷାଟା ଏବେ ମାନ୍ଦେଇ ଯାଇଛି
କାନ୍ଦୁଛନ୍ତି ଚାଷୀଭାଇ,
ମଉସୁମୀ ବୋଲି ଯାହାକୁ କହନ୍ତି
ଦେଖା ଦରଶନ ନାହିଁ ।
ବରଷୁଛି ରହି ରହି,
ବିଲବାଡ଼ି ତେଣେ ପାଟି ମେଲାକରି
ଡାକିଲେଣି ତ୍ରାହି ତ୍ରାହି !!

## ପାଣିପାଗ ବିଭାଗର ସୂଚନା

# ୨୬ ଯାଏଁ ବର୍ଷିବ

ଭୁବନେଶ୍ୱର, ୨୨।୭, (ଭାସ୍କର ନ୍ୟୁଜ୍) : ଉପାନ୍ତରୁ ଉପକୂଳ, ମିଳିବନି ନିସ୍ତାର । ୨୩ ତାରିଖ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସୂଚନା ଦେଇଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ରାଜ୍ୟରେ ୪ ଦିନ ଧରି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହି ସମୟ ଅବଧି ଭିତରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଓ ଆଉ କେତେକ ସ୍ଥାନରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ୪ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲା ନିମନ୍ତେ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ୨୫ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷାର ସମ୍ଭାବନା ରହିଥିବାବେଳେ ୨୬ ତାରିଖରୁ ପରବର୍ତ୍ତୀ ୧ ସପ୍ତାହ ପର୍ଯ୍ୟନ୍ତ ବିଶେଷ ବର୍ଷାର ସମ୍ଭାବନା ନାହିଁ । ତେବେ ମୌସୁମୀ ବାୟୁ ପ୍ରଭାବରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗିର ଓ ବରଗଡ଼ ଆଦି ଜିଲ୍ଲାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଏହିସବୁ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିଭଳି କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଅନୁଗୋଳ, ସୋନପୁର, ସମ୍ବଲପୁର ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୨୩ ତାରିଖରେ ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ ଓ ଦେବଗଡ଼, ସମ୍ବଲପୁର, ସୋନପୁର ଓ ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ଗଜପତି, ଗଞ୍ଜାମ, କେନ୍ଦ୍ରାପଡ଼ା, କଟକ, କଳାହାଣ୍ଡି, କନ୍ଧମାଳ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଝାରସୁଗଡ଼ା, ସୁନ୍ଦରଗଡ଼ ଓ ବଲାଙ୍ଗିର ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ୨୪ ତାରିଖ ଦିନ ସମ୍ବଲପୁର, ଦେବଗଡ଼, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ଭୀଷଣ ବର୍ଷାର ସମ୍ଭାବନା ରହିଥିବାରୁ ଏହି ସବୁ ଜିଲ୍ଲା ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି • ପୃଷ୍ଠା ୮ ଦେଖନ୍ତୁ

## ■ ଶିଳ୍ପାୟନକୁ ସରକାରଙ୍କ ଗୁରୁତ୍ୱ ■

# ୨ ବର୍ଷରେ ୧୮୬ ଶିଳ୍ପକୁ ଅନୁମୋଦନ



ଭୁବନେଶ୍ୱର, ୨୨।୭, (ଭାସ୍କର ନ୍ୟୁଜ୍) : ଗତ ୨ ବର୍ଷରେ ରାଜ୍ୟରେ ୧୮୬ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି । ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ଜରିଆରେ ଏହି ସବୁ ଶିଳ୍ପକୁ ଅନୁମୋଦନ ଦିଆଯାଇଛି ବୋଲି ରାଜ୍ୟ ଶିଳ୍ପମନ୍ତ୍ରୀ ପ୍ରତାପ ଦେବ କହିଛନ୍ତି । ଶୁକ୍ରବାର ବିଧାନସଭାରେ ବିଜେଡ଼ି ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଶିଳ୍ପମନ୍ତ୍ରୀ ଶ୍ରୀ ଦେବ କହିଥିଲେ ଯେ, ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟି ଅନୁମୋଦନ ଦେବା ପରେ ସମ୍ପୃକ୍ତ ଶିଳ୍ପାନୁଷ୍ଠାନଗୁଡ଼ିକ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥାଏ । ଏହି ସବୁ ଶିଳ୍ପ ପାଇଁ ୪ ଲକ୍ଷ ୪୪ ହଜାର ୭୩୬.୫୫ କୋଟିର ପୁଞ୍ଜି ନିବେଶ ଲକ୍ଷ୍ୟ ରଖାଯାଇଛି । ସେହିପରି ଏହିସବୁ ଶିଳ୍ପ ସଂସ୍ଥାରେ ୧ ଲକ୍ଷ ୬୫ ହଜାର ୪୬୨ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଦେବ କହିଥିଲେ । ସେ ଆହୁରି କହିଥିଲେ ଯେ, ୨୦୨୦ ଜୁନ୍ ଠାରୁ ବର୍ତ୍ତମାନ ସୁଦ୍ଧା ୧୧ଟି ବୃହତ ପ୍ରକଳ୍ପ ଆଂଶିକ ଓ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି । ୪,୭୦୬ କୋଟି ଟଙ୍କାର ପୁଞ୍ଜି ନିବେଶରେ ୬,୫୫୭ଟି • ପୃଷ୍ଠା ୮ ଦେଖନ୍ତୁ




ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ସିପିଆଇଏମ ପକ୍ଷରୁ କମାପଲି ଛକଠାରେ ଖାଦ୍ୟ ସାମଗ୍ରୀ ଓ ଅତ୍ୟାବଶ୍ୟକ ଜିନିଷ ଉପରେ ଜିଏସ୍‌ଟି ଲାଗୁକରିବା ବିରୋଧରେ ପ୍ରତିବାଦ କରାଯାଇଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା ବକ୍ତବ୍ୟରେ କେନ୍ଦ୍ର ସରକାର ଗରିବ ଲୋକଙ୍କ ଉପରେ ଟିକସ ବୋଝ ଲଦୁଥିଲା ବେଳେ ଧନୀ ଓ ବଡ଼ କମ୍ପାନୀକୁ ଲକ୍ଷଲକ୍ଷ ଟଙ୍କାର ରିହାତି ଦେଉଥିବା ଅଭିଯୋଗ କରିଥିଲେ। ସିପିଏମ ନେତୃତ୍ୱାଧୀନ କେରଳ ସରକାର ଏହାର ବିରୋଧ କରିଥିବା ଯୋଗୁ ଓଡ଼ିଶା ରାଜ୍ୟ ସରକାର ମଧ୍ୟ ଏହାକୁ ବିରୋଧ କରିବା ପାଇଁ ଆହ୍ୱାନ ଦେଇଥିଲେ। କର୍ମଚାରୀ ନେତା ପ୍ରତାପ ଚୌଧୁରୀ କେନ୍ଦ୍ର ସରକାର ଖାଦ୍ୟ ସାମଗ୍ରୀରେ ୧୫ ପ୍ରତିଶତ ପର୍ଯ୍ୟନ୍ତ ଟିକସ ଆଦାୟ କରି ସୁନାରେ ୩ ଓ ହୀରରେ ୧.୫ ପ୍ରତିଶତ ଟିକସ ଆଦାୟ ଗରିବ ବିରୋଧୀ ଓ ଧନୀ ସପକ୍ଷବାଦୀ ସରକାର ବୋଲି ଅଭିଯୋଗ କରିଥିଲେ। ଅତିଶୀଘ୍ର ଏହି ଜନ ବିରୋଧୀ ନୀତିର ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ସମ୍ପାଦକ ଶିବପ୍ରସାଦ ମହାପାତ୍ର, ବାବୁଲା ନାୟକ, ହରିବନ୍ଧୁ ନାହାକ, ଟିଟିବାବୁ, କେଶବ ଗୌଡ଼, ଗୋପାଳ ପାଣିଗ୍ରାହୀ, କୃଷ୍ଣ ନାହାକ,ଗୋପାଳ ମହାନ୍ତି, ପୁରୁଷମ ସାହୁ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଆତ୍ମହତ୍ୟା କଲେ ମହିଳା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଯନ୍ତ୍ରଣାରେ ଛଟପଟ ହେଉଥିଲେ ମହିଳା। ସେହି ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ଆତ୍ମହତ୍ୟାର ବାଟ ଆପଣେଇ ନେଲେ ମହିଳା। ଏଭଳି ଅଭାବନୀୟ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ତିନି ବର୍ଷ ତଳେ ମହିଳା ଜଣକ ଗଛରୁ ଖସି ପଡିଥିଲେ। ତାଙ୍କ ଅଣ୍ଟାରେ ଆଘାତ ଲାଗିଥିଲା। ପରିବାର ଲୋକେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଇଥିଲେ। ହେଲେ ସେଠାରେ ମହିଳାଙ୍କ ଅଣ୍ଟା ଭଲ ହୋଇ ନ ଥିଲା। ଅର୍ଥ ଅଭାବରୁ ଅଧିକ ଚିକିତ୍ସା ପାଇଁ ବାହାରକୁ ନେଇ ପାରି ନ ଥିଲେ ପରିବାର ଲୋକେ। ଦୀର୍ଘ ଦିନ ଧରି ଯନ୍ତ୍ରଣା ସହି ଆସୁଥିଲେ। ଯନ୍ତ୍ରଣା ସହି ନ ପାରି ଶେଷରେ ଗୁରୁବାର ବିଷଖାଇ ଆତ୍ମହତ୍ୟା କରିଛନ୍ତି ଜଣେ ମହିଳା। ଏପରି ଅଭାବନୀୟ ଘଟଣା ଘଟିଛି ପଡିଆ ଥାନା ମାଟେରୁ ପଞ୍ଚାୟତ ଅନ୍ତର୍ଗତ ଏରବାନପଲିର ମେଟାଗୁଡା ଗ୍ରାମରେ। ଏହି ଗ୍ରାମର ରାମ ମାଡକାମିଙ୍କ ସ୍ତ୍ରୀ ମାଲେ ମାଡକାମି (୩୦) ତିନିବର୍ଷ ତଳେ ଏକ ଗଛରେ ଚଢି କାଠ କାଟୁଥିବା ବେଳେ ଗଛରୁ ଖସି ପଡିଥିଲେ। ଫଳରେ ତାଙ୍କ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ରାମା ପ୍ରଥମେ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ମାଲେଙ୍କୁ ନେଇଥିଲେ। ସେଠାରେ ମଧ ଭଲ ନ ହେବାରୁ ଅର୍ଥ ଅଭାବ ଯୋଗୁ ଅନ୍ୟ କେଉଁଠିକୁ ନେଇ ନ ପାରି ନିଜ ଘରକୁ ଧରି ଆସିଥିଲେ। ଘରେ ରହି ଦୁଇଟି ବାଡି ସାହାଯ୍ୟରେ ମାଲେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ବହୁ କଷ୍ଟରେ ଯାଉଥିଲେ। ଏହି କଷ୍ଟ ସହି ନ ପାରି ଗୁରୁବାର ସେ ବିଷଖାଇ ଦେଇଛନ୍ତି। ପରିବାର ଲୋକେ ତାଙ୍କୁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାଲେଙ୍କ ମୃତ୍ୟୁ ଘଟିଥିଲା। ପଡିଆ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ କାଲିମେଲା ପଠାଯାଇଛି।

## ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଦୁଇଟି ପଏଣ୍ଟ କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ ଓ ଅନ୍ୟଟି ହେଉଛି ଉତ୍ତର ଜୋନ। ଦକ୍ଷିଣ ଜୋନ୍‌ଟି ମହାକାଳପଡ଼ା ବ୍ଲକରେ ରହିଥିବା ବେଳେ ଉତ୍ତର ଜୋନ୍‌ଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏଣ୍ଟର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟ ଜଳ ଖେଯାଗାଇ ଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହଞ୍ଚିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର



ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉତ୍ତର ଜୋନକୁ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୭ଟି ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପଞ୍ଚାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇ ପାରିବେ। ଫଳରେ ଗ୍ରୀଷ୍ମ ଋତୁରେ ଜଳ କଷ୍ଟର ସମ୍ମୁଖୀନ ହେଉଥିବା ଏହି ପଞ୍ଚାୟତଗୁଡିକର ଲୋକମାନଙ୍କ ପାନୀୟ ଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପଞ୍ଚାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପଞ୍ଚାୟତର ଲୋକମାନେ ଉପକୃତ ହୋଇ ପାରିବେ।

## ସୋନିଆଙ୍କୁ ଇଡି ଜେରା ପ୍ରତିବାଦରେ ଗଞ୍ଜାମରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଛତ୍ରପୁର, (ଭାସ୍କର ନ୍ୟୁଜ୍): କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡ଼ିର ଜେରା ପ୍ରତିବାଦରେ ଗଞ୍ଜାମ ଜିଲ୍ଲା କଂଗ୍ରେସ ପକ୍ଷରୁ ଛତ୍ରପୁର ଠାରେ ବ୍ଲକ ସଭାପତି ଅବନୀ ଶତପଥୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜେରା ତୁରନ୍ତ ପ୍ରତ୍ୟାହାର କରିବାକୁ ନେତା ଓ କର୍ମୀମାନେ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପ୍ରାରମ୍ଭରେ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ମହେଶ୍ୱର ପାତ୍ର, ପୀତବାସ ପଣ୍ଡା, ଭାଗୀରଥୀ ବେହେରା, ଭୋକାଲୀ ସେଠି, ଦଣ୍ଡପାଣି ପାତ୍ର, ମହିଳା ନେତ୍ରୀ ବନଜା ପଣ୍ଡା, ଦେବୀ ବିଷୋୟୀ, ଗୀତାଞ୍ଜଳି ସାହୁ, ରାମ ତ୍ରିପାଠୀ, ଇଜୁ ଆମିନ ଖାନ୍, ମହେଶ ଗୌଡ, ଚକ୍ରପାଣି ପୋଲାଇ, କ୍ରିଷ୍ଣା ରେଡି, ଟି. ଗୋପାଳ ରାଓଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଏଡସ୍ ରୋଗର ନିରାକରଣ ପାଇଁ ସଚେତନତା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ମହାବିଦ୍ୟାଳୟରେ ରେଡ ରିବନ କ୍ଲବ ଦ୍ୱାରା ଏଡସ୍ ରୋଗର ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଯୁବ ରେଡକ୍ରସ ଏବଂ ସିଆଇଏନ୍‌ଆର୍‌ର ମିଳିତ ଉଦ୍ୟମରେ କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଉପସ୍ଥିତ ରହି ସଭାପତି ଭାବେ ଛାତ୍ରଛାତ୍ରୀମାନଙ୍କୁ ଏଡସ୍ ରୋଗର ନିରାକରଣ ଓ ସଚେତନତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଜିଲ୍ଲା ଯୁବ



ରେଡକ୍ରସ୍‌ର ଆବାହକ ତଥା ସମ୍ପାଦକ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଜାତୀୟ ସେବା ଯୋଜନା ଅଧିକାରୀ ପ୍ରମିୟ କୁମାର ମହାନ୍ତି ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଏଡସ୍ ରୋଗ ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆଇଏନ୍‌ଆର୍‌ର ପିଓ ବିଜ୍ଞାନିକ ଦାସ ଏବଂ ଏଫ୍‌ଓ ଅଜୟ କୁମାର ପାଙ୍ଗି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଏଡସ୍ ରୋଗର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଟିସିର ଆଇଟି ଅଧିକାରୀ ସୁଜୟ କୁମାର ସାଗର ମଧ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡଃ. ରଞ୍ଜନ କୁମାର ସ୍ୱାଇଁ ରେଡ ରିବନ କ୍ଲବର ସଦସ୍ୟମାନଙ୍କୁ ଏଡସ୍ ରୋଗର ନିରାକାର ଓ ସଚେତନତାର ବାର୍ତ୍ତା ନିଜ ଗ୍ରାମାଞ୍ଚଳରେ ପ୍ରଚାର କରିବାକୁ ପରାମର୍ଶ ଦେଇଥିଲେ। ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞଙ୍କ ସହିତ ବର୍ତ୍ତାଳାପ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟତଃ ୧୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଭା ଶେଷରେ ଅଧାପକ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଚଉଦକୁଲାଟ ସମିତି ପକ୍ଷରୁ ଚାଷୀଙ୍କୁ ଫର୍ମ ବଣ୍ଟନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଆଗାମୀ ଖରିଫ ଋତୁ ପାଇଁ ଚାଷୀମାନଙ୍କ ନାମ ପଞ୍ଜିକରଣ କରିବା ପାଇଁ ଚଉଦକୁଲାଟ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଫର୍ମ ବଣ୍ଟନ କରାଯାଇଛି। ଚାଷୀମାନେ ଏବେ ଠାରୁ ନାମ ପଞ୍ଜିକରଣ କରିଲେ ଆଗାମୀ ଡିସେମ୍ବର ମାସରେ ସେମାନେ ଯେଉଁ ଧାନ ଅମଳ କରିବେ ତାହାକୁ ସମିତି ମାଧ୍ୟମରେ ସରକାରଙ୍କୁ ବିକ୍ରି କରି ପାରିବେ। ଏବେଠାରୁ ଯେଉଁ ଚାଷୀମାନେ ନାମ ପଞ୍ଜିକରଣ ପ୍ରକ୍ରିୟାରେ ନିଜକୁ ସାମିଲ କରିବେ ନାହିଁ ସେମାନେ ସମବାୟ ସମିତି ମାଧ୍ୟମରେ ସରକାରଙ୍କୁ ଧାନ ବିକ୍ରି କରି ପାରିବେ ନାହିଁ। ତେଣୁ ଯେଉଁ ଚାଷୀମାନେ ଧାନ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି ସେମାନଙ୍କୁ ସମିତି ମାଧ୍ୟମରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଥିଲା। ଯାହା ଫଳରେ ଚାଷୀମାନେ ସମିତିକୁ ଆସି ନାମ ପଞ୍ଜିକରଣ ଫର୍ମ ନେଇଛନ୍ତି। ଏଥିସହ ଚାଷୀମାନେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନାରେ ନିଜକୁ ସାମିଲ କରିଛନ୍ତି ବୋଲି କହିଛନ୍ତି ସମିତି ସମ୍ପାଦକ ହେମନ୍ତ କୁମାର ପାତ୍ର। ଗୁରୁବାର ଚଉଦକୁଲାଟ ସମବାୟ ସମିତି ସଭାପତି ଦୁର୍ଗାଶିଷ ମହାନ୍ତି ଏହି ଫର୍ମ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ୧୧ ଜଣ ନିର୍ଦ୍ଦେଶକ, ସର୍ବେଶ୍ୱର ଲେଙ୍କା, ଲିଆକତ ଅଲ୍ଲୀ, ରାଜକିଶୋର ସେଠୀ, ମନୋରଞ୍ଜନ ଦାସ, ନିରାକାର ସମାଲ, ସୁରେଶ ଚନ୍ଦ୍ର ମାହାନ୍ତି ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ।

## ରାଷ୍ଟ୍ରପତି ଭବନକୁ ଦ୍ରୌପଦୀଙ୍କ ଫଟୋଚିତ୍ର ପଠାଇବେ ସୌମ୍ୟରଞ୍ଜନ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଭାରତର ନବ ନିର୍ବାଚିତ ରାଷ୍ଟ୍ରପତି ତଥା ଓଡିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କ ଫଟୋଚିତ୍ର ଆଙ୍କି ଚର୍ଚ୍ଚାରେ ରହିଛନ୍ତି କେନ୍ଦ୍ରାପଡ଼ାର ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ପଟ୍ଟନାୟକ। ୩ ଫୁଟ୍ ଉଚ୍ଚତା ଓ ୨.୫ ଫୁଟ୍ ଚଉଡ଼ାର ଫଟୋଚିତ୍ରଟି ଆଙ୍କିବା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ୭ଦିନ ସମୟ ଲାଗିଛି। ନିଖୁଣ ଭାବେ ସେ ଏହି ଫଟୋଚିତ୍ରକୁ ଆଙ୍କିଛନ୍ତି। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଶ୍ରୀ ପଟ୍ଟନାୟକ ଫଟୋଚିତ୍ରଟିକୁ ରାଷ୍ଟ୍ରପତି ଭବନ ରାଇସିନା ହିଲକୁ ପଠାଇବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ଶ୍ରୀ ପଟ୍ଟନାୟକ ହେଉଛନ୍ତି କେନ୍ଦ୍ରାପଡ଼ାର କ୍ରୀଷ୍ଟା ସ୍କୁଲ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟର ନିର୍ଦ୍ଦେଶକ। ଏଥିସହ ଶ୍ରୀ ପଟ୍ଟନାୟକ କାକଟମଙ୍ଗଳା ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କଳା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଦ୍ରୌପଦୀ ମୁର୍ମୁ



ଭାରତର ପଞ୍ଚଦଶତମ ରାଷ୍ଟ୍ରପତି ହେବାର ସୁଯୋଗ ପାଇଛନ୍ତି। ଏଥିସହ ସେ ପ୍ରଥମ ଆଦିବାସୀ ମହିଳା ରାଷ୍ଟ୍ରପତି ଭାବେ ଦେଶର ସର୍ବୋଚ୍ଚ ପଦରେ ଅଧିଷ୍ଠିତ ହେବେ। ତେଣୁ ତାଙ୍କ ଫଟୋଚିତ୍ର ଆଙ୍କି ମୋତେ ବେଶ ଆନନ୍ଦ ମିଳିଛି। ପୂର୍ବରୁ ମୁଁ ଯେତେ ଫଟୋଚିତ୍ର ଆଙ୍କିଛି ସେଥି ମଧ୍ୟରୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବା ଦ୍ରୌପଦୀ ମୁର୍ମୁଙ୍କ ଫଟୋଚିତ୍ର ଅଙ୍କନ କରି ମୋତେ ସବୁଠୁ ଅଧିକ ଆନନ୍ଦ ମିଳିଛି ବୋଲି କହିଛନ୍ତି ଯୁବ ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ।

## ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ବାଲିମେଳା ମାଲ୍ୟାବନ୍ତ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଦେୟ ମୁକ୍ତ ଶିକ୍ଷା ସଂସ୍ଥାରେ ଆଜି ଆର୍‌ଏସ୍‌ଏସ୍‌ର କ୍ଷେତ୍ର ସେବା ପ୍ରମୁଖ ଓଡିଶା, ପଶ୍ଚିମବଙ୍ଗ, ସିକିମ, ମିଜୋରାମ ଦାୟିତ୍ୱରେ ରହି ଜଗଦୀଶ ଖାଡଙ୍ଗା ଗସ୍ତରେ ଆସିଥିଲେ। ଏଠାରେ ଥିବା ମାଲ୍ୟାବନ୍ତ ସ୍ୱେଚ୍ଛାସେବୀ ସଂଗଠନରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସଂସ୍ଥାର ଉପସଭାପତି କୃପାସିନ୍ଧୁ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଅଜୟ ମଲ୍ଲିକ ଫୁଲତୋଡା ଦେଇ ସେବା ପ୍ରମୁଖଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସଂସ୍ଥାର କାର୍ଯ୍ୟକର୍ତ୍ତା ଭିକାରି ଚରଣ ମଲ୍ଲିକ ପାରମ୍ଭିକ ଭାଷଣ ଦେଇଥିବା ବେଳେ ବାଲିମେଳା ସାମ୍ବାଦିକ ସଂଘର ସଭାପତି ରବୀରଶ୍ମି ଗୁରୁ, ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସରୋଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ର ସେବା ପ୍ରମୁଖ ଶ୍ରୀ ଖାଡଙ୍ଗା ଶିଶୁମାନଙ୍କୁ କହିଥିଲେ ଚରିତ୍ର ଗଢିବାରେ କେବଳ ଶିକ୍ଷା ନୁହେଁ, ତା' ସହିତ ଉତ୍ତମ ସଂସ୍କାରର ଆବଶ୍ୟକ ଅଛି। ଏଥି ସହିତ ଉତ୍ତମ ବ୍ୟବହାର ଆବଶ୍ୟକ ଅଛି। ଏହି ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସଂଗଠନରେ ୨୦୧୫ରୁ ଏହି ମୁକ୍ତ ଦେୟ ଶିକ୍ଷା ପ୍ରଦାନ କରାଯାଉଛି। ଏଠାରେ ବର୍ତ୍ତମାନ ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ଭଲ ନମ୍ବର ରଖି ଉର୍ତ୍ତୀର୍ଣ୍ଣ ହେବାର ଜଣା ପଡ଼ିଛି। ଯେଉଁଠି କି ଏହି ସଂସ୍ଥାରେ ପ୍ରାୟତ ଆଦିବାସୀ ଜନଜାତିର ଶିଶୁ ଶିକ୍ଷା ଅର୍ଜନ କରୁଥିବାର ଦେଖିବାକୁ ମିଳିଛି। ଆଗାମୀ ଦିନରେ କିଭଳି ଆହୁରି ଅଧିକା ଶିଶୁ ୧୦ମ ପରୀକ୍ଷାରେ ଭଲ ପରୀକ୍ଷା ଫଳ କରିବେ ସେଥିପାଇଁ ସ୍ୱେଚ୍ଛାସେବୀ ସଂଗଠନର ଅଧିକରୁ ଅଧିକ ରହିବା ଆବଶ୍ୟକ ଅଛି ବୋଲି ଖାଡଙ୍ଗା କହିଥିଲେ। ଶେଷରେ ଶିକ୍ଷା ସଂସ୍ଥାର ସମସ୍ତ ଶିଶୁଙ୍କୁ ଖାତା, ପେନ୍, କମ୍ପାସ ଭଳି ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନାନ୍ୟ ମଧ୍ୟରେ ରଞ୍ଜିତ ଦାସ, ସଞ୍ଜୟ ବିଶ୍ୱାଳ ସୀମାଞ୍ଚଳ ବିଶ୍ୱାଳ, ଅକ୍ଷୟ ବିଶ୍ୱାଳ, ବିଜୟ ରାଉତ, କାଶୀନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥା ଆବାହକ ରବିନାରାୟଣ ରାୟ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।




## ବିଶାଖାପାଟଣା ଡିଆରଏମ୍‌ଙ୍କ ଲକ୍ଷ୍ମୀପୁର ଗସ୍ତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ପୁର୍ବତଟ ରେଳ ବିଭାଗ ବିଶାଖାପାଟଣା ଡିଭିଜନର ଡିଆରଏମ୍ ଅନୁପ ଶତପଥି ଦିନିକିଆ ଲକ୍ଷ୍ମୀପୁର ଷ୍ଟେସନ ଗସ୍ତ କରି ଫେରି ଯାଇଛନ୍ତି। ତାଙ୍କ ଗସ୍ତକୁ ନେଇ ପୁରାପ ଷ୍ଟେସନ ସଫା ସୁତରା ରଖା ଯାଇଥିଲା। ଶ୍ରୀ ଶତପଥି ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଲକ୍ଷ୍ମୀପୁର ଠାରେ ପହଞ୍ଚିଥିଲେ। ଲକ୍ଷ୍ମୀପୁରଠାରେ ପହଞ୍ଚିବା ପରେ ଏଡିଇଏନ୍ ଏ. ଭରତ ଓ ବ୍ରାଞ୍ଚ ଅଫିସରଙ୍କ ସହ ବର୍ତମାନ ଚାଲିଥିବା କେଆର୍ ରେଳ ଲାଇନର ଦୋହରିକରଣ ବିଷୟରେ ପଚାରି ବୁଝିଥିଲେ। ପରେ ସ୍ଥାନୀୟ ରେଲୱେ ଅଡିଟୋରିୟମ୍ ହଲ୍‌ଠାରେ ଆୟୋଜିତ ହୋଇଥିବା ଏକ ବୈଠକରେ ଯୋଗ ଦେଇଥିଲେ। ଉକ୍ତ ବୈଠକରେ ଯୋଗ ଦେଇ ପୁର୍ବତଟ ରେଳ ବିଭାଗର ମହାପ୍ରବନ୍ଧିକା ଅର୍ଚ୍ଚନା ଯୋଷୀଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ବିଭାଗର କର୍ମଚାରୀମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟକୁ ନେଇ ଦେଢଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଆଜି ଆୟୋଜିତ ହୋଇଥିବା ବିଶେଷ କାର୍ଯ୍ୟକ୍ରମରେ ଏହି ପୁରସ୍କାର ରାଶି ପ୍ରଦାନ କରାଯିବା ସହ ରେଳ ବିଭାଗର କର୍ମଚାରୀମାନଙ୍କୁ ନିଜେ ସୁରକ୍ଷିତ ରହିବା ସହ ଟ୍ରେନର ସୁରକ୍ଷା ଉପରେ ସବୁବେଳେ ପ୍ରାଥମିକତା ଦେଇ କାର୍ଯ୍ୟ କରିବେ ବୋଲି ଉପଦେଶ ଦେଇଥିଲେ। ଏଥି ସହ ଡ୍ୟୁଟିରେ ଥିବା ସମୟରେ ଟ୍ରାକ୍ ମ୍ୟାନ୍, ଗ୍ୟାଙ୍ଗ ମ୍ୟାନ କିମ୍ବା ଅନ୍ୟ କର୍ମଚାରୀ କାର୍ଯ୍ୟ କରିବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନକରିବାକୁ ମଧ ସଚେତନ କରାଇଥିଲେ। ଭାରତୀୟ ରେଳ ବିଭାଗକୁ ଆଗକୁ ନେବା ପାଇଁ ବିଭାଗର କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୁମିକା ରହିବ, ତେଣୁ ସକ୍ରିୟ ହୋଇ କାର୍ଯ୍ୟ କଲେ ଦେଶର ପ୍ରତ୍ୟେକ ରାଜ୍ୟରେ ଭାରତୀୟ ରେଳ ଏକ ଅଗ୍ରଣୀ ଭୁମିକା ଗ୍ରହଣ କରିବ ବୋଲି ଫେରିବା ବେଳେ କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ପିଡବ୍ଲ୍ୟୁଆଇ ଶିବ ପ୍ରସାଦ୍ ପରିଚାଳନା କରିଥିଲେ। ଡିଆରଏମ୍‌ଙ୍କ ଗସ୍ତ ସମୟରେ ତାଙ୍କ ସହ ଡିଏନ୍ ଓ ଅନ୍ୟ ଡିଭିଜନାଲ୍ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ।



## ଜୟପୁର ଏୟାର ପୋର୍ଟରେ ପହଞ୍ଚିଲା ଡିଜିସିଏ ଟିମ୍

କୋରାପୁଟ, (ଭାସ୍କର ନ୍ୟୁଜ): ଜୟପୁର ଏୟାରପୋର୍ଟରେ ଡିଜିସିଏ ଟିମ୍ ପହଞ୍ଚିଛି। ଏହି ଟିମ୍ ଜୟପୁର ଏୟାରପୋର୍ଟ ଭିତ୍ତିଭୂମି ଯାଞ୍ଚ କରିଛି। ୨ଦିନ ଧରି ଏହି ୩ଜଣିଆ ଟିମ୍ ଭିତ୍ତିଭୂମି ଯାଞ୍ଚ କରିବ। ସ୍ୱତନ୍ତ୍ର ବିମାନ ଯୋଗେ ଜୟପୁରରେ ପହଞ୍ଚିଛନ୍ତି। ଏହି ଟିମ୍ ଜୟପୁର ଏୟାରପୋର୍ଟରେ ପହଞ୍ଚିବାର ଥିଲା। ମାତ୍ର ଖରାପ ପାଗ ଥିବାରୁ ଟିମ୍ ଜୟପୁରରେ ଅବତରଣ କରି ନପାରି ବିଶାଖାପଟଣା ଚାଲି ଯାଇଥିଲା। ପାଗ ଠିକ୍ ହେବା ପରେ ଜୟପୁର ଏୟାରପୋର୍ଟରେ ପହଞ୍ଚିଥିଲା। ଏୟାର ପୋର୍ଟରେ ଉପଜିଲ୍ଲାପାଳ ବେଦବର ପ୍ରଧାନ, ରାସ୍ତା ଓ ଗୃହ ବିଭାଗ ନିର୍ବାହି ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ତହସିଲଦାର ପ୍ରଧାନ ଟୁଲିଆମା ଆମ୍ପା ପ୍ରମୁଖ ଉପସ୍ଥିତ ଥିଲେ। ଇଣ୍ଡିଆ ୱାନ ଏୟାର ଜୟପୁରଠାରୁ ବିମାନ ଚଳାଇବା ପାଇଁ ଉଡାନ ଯୋଜନାରେ ମନୋନୀତ ହୋଇଛି। ଏୟାର ପୋର୍ଟରେ ସେମାନଙ୍କ ବୁକିଂ କାଉଣ୍ଟର ଆଦି ହୋଇସାରିଲେଣି। ଏୟାର ପୋର୍ଟର ଭିତ୍ତିଭୂମି ସମୀକ୍ଷା କରି ଡିଜିସିଏ ଲାଇସେନ୍ସ ଦେଲେ ଏଠାରୁ ବ୍ୟବସାୟିକ ବିମାନ ଉଡିବ। ଭୁବନେଶ୍ୱର-ଜୟପୁର-ବିଶାଖାପଟଣା ଓ ବିଶାଖାପାଟଣା-ଜୟପୁର-ଭୁବନେଶ୍ୱର ପ୍ରଥମ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ଉଡିବ। ପରବର୍ତ୍ତି ସମୟରେ ବଡ ବିମାନ ସେବା ଆରମ୍ଭ ହେବେ। ଡିଜିସିଏ ଟିମ୍ ଏୟାରପୋର୍ଟରେ ସିସିଟିଭି, ଏଚ୍‌ଏଚ୍‌ଏମ୍‌ଡି, ଡିଏଫ୍‌ଏମ୍‌ଡି, ଏକ୍ସରେ ବ୍ୟାଗ୍ ମେଶିନ୍, କାର ପାର୍କିଂ, ଯାତ୍ରୀ ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡରି ୱାଲ, ପେରିମିଟର ରୋଡ, ଲାଇଟ୍, ଟ୍ରାଫିକ କଣ୍ଟ୍ରୋଲ, ଗେଟ୍ ଆଦିର ସମୀକ୍ଷା କରିଥିଲେ।

## ଭାଜପା ପ୍ରଦେଶ ଉପାଧକ୍ଷଙ୍କ ନୂଆଁଗଡ ଭୂସ୍ଖଳନ ଅଞ୍ଚଳଗ୍ରସ୍ତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ନୂଆଁଗଡ ବ୍ଲକ ଅନ୍ତର୍ଗତ ପି. ଅନ୍ତରଡା ପଞ୍ଚାୟତ ଅଧିନ ଆଲିସିଂ, ରୁବୁଡିସିଂ, ପରିମଳ ଓ ଉଦୟପୁର ପଞ୍ଚାୟତର କାକତବନ୍ଧା, ନୂଆସାହି, ଖାରିସାହି, ଡୁମୁକୋଲି ଏବଂ ପରିମଳ ପଞ୍ଚାୟତର ନୂଆପଲ୍ଲି କ୍ଷତିଗ୍ରସ୍ତ ଅଞ୍ଚଳଗୁଡିକୁ ପରିଦର୍ଶନ କରିଥିଲେ ଭାଜପାର ପ୍ରଦେଶ ଉପାଧକ୍ଷ ଭୃଗୁ ବକ୍ସିପାତ୍ର। ଏହି ଗ୍ରାମଗୁଡ଼ିକ ଗତ ଶନିବାର ରାତି ଓ ରବିବାର ଦିନ ତମାମ ଅନବରତ ଲଗାଣ ବର୍ଷାରେ ପାହାଡ଼ ଭୂଷୁଡି ମାଟି ଧସି ପଥର, ଗଛ ଅତଡା ଖସି ଭୂସ୍ଖଳନ ହୋଇ ରାସ୍ତାଘାଟ ଧୋଇ ହୋଇଯିବା ସହ ୩ ଶହରୁ ଉର୍ଦ୍ଧ୍ୱ ଏକର ଚାଷ ଉପଯୋଗୀ ଜମିରେ ବାଲି ମାଡିଯିବା ସହ ୫ ଫୁଟରୁ ୭ଫୁଟ ଉଚ୍ଚତାରେ ବର୍ଷାଜଳ ପ୍ରବାହିତ ହୋଇ ଜମି ବାଲିଚର ହୋଇ ଯାଇଥିଲା। ଯାହାଫଳରେ ଜମିରେ ରହିଥିବା ଫସଲ ମଧ ନଷ୍ଟ ହୋଇଥିଲା। ଏହାକୁ ଅନୁଧାନ କରିବା ଓ ଲୋକଙ୍କ ଭଲ ମନ୍ଦ ବୁଝିବା ପାଇଁ ପ୍ରଦେଶ ଉପାଧକ୍ଷ ବକ୍ସିପାତ୍ର ଓ ତାଙ୍କ ସହିତ ଜିଲ୍ଲା ସାଧାରଣ ସମ୍ପାଦକ କାମଦେବ ବଡନାୟକ, ଜିଲ୍ଲା ଉପସଭାପତି ଶିବରାମ ସୁଆର, ଜିଲ୍ଲା ସମ୍ପାଦକ ମନୋଜ ପାଇକ, ରା. ଉଦୟଗିରି ମଣ୍ଡଳ ସଭାପତି ଅମ୍ବିକା ପ୍ରସାଦ ଘଡେଇ, ରା. ଉଦୟଗିରି ପୂର୍ବତନ ବ୍ଲକ ଅଧକ୍ଷ ନବୀନ ରଇତ, ନୂଆଁଗଡ ବ୍ଲକ ମଣ୍ଡଳ ଉପସଭାପତି ରଙ୍କୁ ପଣ୍ଡା, ଯୁବମୋର୍ଚ୍ଚା ସମ୍ପାଦକ ଆଲୋକ କୁମାର ଘଡେଇ ଗ୍ରସ୍ତ କରିଥିଲେ। ସେଠାକାର ଲୋକଙ୍କ ଦହନୀୟ ଅବସ୍ଥା ଦେଖି ଆସିବାପରେ ଶ୍ରୀ ପାତ୍ର ବୁଧବାର ଦିନ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଡାକବଙ୍ଗଳାଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ଓ ଜିଲ୍ଲା ପ୍ରଶାସନର ଅପାରଗତାକୁ ବଖାଣିଥିଲେ। ବର୍ତ୍ତମାନ ସୁଦ୍ଧା କ୍ଷତିଗ୍ରସ୍ତ ଗ୍ରାମଗୁଡିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଗମନାଗମନ ବ୍ୟବସ୍ଥା, ରାସ୍ତାଘାଟ ସଫା, ଆର୍ଥୀକ ସ୍ଥିତି ସୁଧାରିବା ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଏପରିକି ଭୂସ୍ଖଳନ ହେବାର ୪ ଦିନ ବିତିଯାଇଥିଲେ ମଧ ଜିଲ୍ଲାପଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ତହସିଲଦାର କ୍ଷତିଗ୍ରସ୍ତ ଗ୍ରାମକୁ ଆସି ସ୍ଥିତି ଅନୁଧାନ କରି ନାହାନ୍ତି କି ଲୋକଙ୍କ ସମସ୍ୟା ପଚାରି ବୁଝି ନାହାଁନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କହିଛନ୍ତି।

## ବିଜ୍ଞାନ ଇଣ୍ଟର ନ୍ୟାସନାଲ ଜୁନିଅର କଲେଜର ଛାତ୍ରବୃତ୍ତି ଘୋଷଣା

କୋରାପୁଟ, (ଭାସ୍କର ନ୍ୟୁଜ): ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷାର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରି ଆସୁଥିବା କୋରାପୁଟସ୍ଥିତ ବିଜ୍ଞାନ ଇଣ୍ଟର ନ୍ୟାସନାଲ ଜୁନିଅର କଲେଜ ମେଧା ଛାତ୍ରବୃତ୍ତି ଘୋଷଣା କରାଯାଇଛି । କଲେଜ ନିର୍ଦ୍ଦେଶକ ସୁବ୍ରତ କୁମାର ମିଶ୍ରଙ୍କ ସୂଚନା ଅନୁଯାଇ, ଚଳିତ ବର୍ଷ ଯୁକ୍ତଦୁଇ ନାମଲେଖା ପ୍ରକ୍ରିୟାରେ ବିଭନ୍ନ ବର୍ଗର ଯୋଗ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ପ୍ରକାର ଛାତ୍ରବୃତ୍ତିର ବ୍ୟବସ୍ଥା କରାଯାଇଛି । ଏହି ଛାତ୍ରବୃତ୍ତି ଦଣ୍ଡକାରଣ୍ୟ ଫାଉଣ୍ଡେସନ ତରଫରୁ ଦିଆଯାଉଛି ଏବଂ ଏହା କେବଳ ବିଜ୍ଞାନ ଇଣ୍ଟର ନ୍ୟାସନାଲ ଜୁନିଅର କଲେଜରେ ନାମ ଲେଖାଇବା ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଜଣାପଡିଛି। ଏହି ବିଭିନ୍ନ ଛାତ୍ରବୃତ୍ତି ଗୁଡିକ ହେଲା ଦଶମ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଶତ ପ୍ରତିଶତ ଛାତ୍ରବୃତ୍ତି ଏବଂ ୮୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରିଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଅଶି ପ୍ରତିଶତ ଛାତ୍ରବୃତ୍ତି ବ୍ୟବସ୍ଥା କରାଯାଇଛି । ସେହିପରି ଆର୍ଥିକ ପଛୁଆ ବର୍ଗଙ୍କ ପାଇଁ ଇଡବଲ୍ୟୁଏସ୍ ଛାତ୍ରବୃତ୍ତି ଓ ଅନୁସୂଚିତ ଜାତି ଏବଂ ଜନଜାତି ଛାତ୍ରଛାତ୍ରୀଙ୍କ ନିମନ୍ତେ ଏସ୍‌ଟିଏଣ୍ଡଏସ୍‌ସି ସ୍କୋଲାରସିପ, ଗ୍ରାମୀଣ ଛାତ୍ରବୃତ୍ତି ସମେତ କେବଳ ବାଳିକାଙ୍କ ପାଇଁ ଛାତ୍ରବୃତ୍ତିର ପରିମାଣ ୪୦,୦୦୦ ଟଙ୍କାରୁ ଆରମ୍ଭ କରି ୧,୨୦,୦୦୦ ଟଙ୍କା ଯାଏଁ ରଖାଯାଇଛି । ଇଚ୍ଛୁକ ଛାତ୍ରଛାତ୍ରୀ ଦିଆଯାଇଥିବ ଛାତ୍ରବୃତ୍ତି ଆବେଦନ ଫର୍ମରେ ଆବେଦନ କରିବେ ଓ ଅଧିକ ସୂଚନା ନିମନ୍ତେ ଦଣ୍ଡକାରଣ୍ୟ ଫାଉଣ୍ଡେସନ କର୍ମକର୍ତ୍ତାଙ୍କ କିମ୍ବା କୋରାପୁଟରେ ବିଜ୍ଞାନ ଇଣ୍ଟର ନ୍ୟାସନାଲ ଜୁନିଅର କଲେଜ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ମୃତ ଦୀପା ଘରେ ପହଞ୍ଚିଲେ ତିନି ଜଣିଆ ରାଜ୍ୟ ତଦନ୍ତକାରୀ ଦଳ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୧ ତାରିଖ ଦିନ ଡାକ୍ତର ଦୀନବନ୍ଧୁ ମହାନନ୍ଦ ବର ଗାଁର ସୁଶୀଲ କୈବର୍ତ୍ତଙ୍କ ସ୍ତ୍ରୀ ଦୀପା କୈବର୍ତ୍ତଙ୍କୁ ପରିବାର ନିୟୋଜନ ଅସ୍ତ୍ରୋପଚାର ତ୍ରୁଟି କରିଥିବା ଯୋଗୁଁ ମହିଳାର ରକ୍ତସ୍ରାବ ବନ୍ଦ ହୋଇ ନ ଥିବାରୁ ଜିଲ୍ଲା ଡାକ୍ତରଖାନା ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରି ସେଠାରେ ୧୭ ତାରିଖ ଦିନ ଦିପାର ଜୀବନ ଗଲା। ଏହି ବିଷୟକୁ ତଦନ୍ତ କରିବାକୁ ଏକ ତିନି ଜଣିଆ ତଦନ୍ତ ଦଳ ବର ଗାଁର ମୃତ ଦୀପା ଘରକୁ ପହଞ୍ଚି ଦିପାର ସ୍ୱାମୀ ସୁଶୀଲ କୈବର୍ତ୍ତକୁ ଭେଟି ସବିଶେଷ ତଥ୍ୟ ସଂଗ୍ରହ କରି ତଦନ୍ତ କରିଛନ୍ତି। ତିନିଜଣ ହେଲେ ରାଜ୍ୟ ପରିବାର ନିୟୋଜନ ବିଭାଗ ପ୍ରୋଗ୍ରାମ



ଅଫିସର ଡାକ୍ତର ଦୀପକ ଶତପଥିଙ୍କ ତତ୍ତ୍ୱାବଧାନରେ ଏଡିପିଏଚ୍‌ଓ ଅର୍ଜୁନ ବରିହା ଆର୍‌ଏମ୍‌ଏନ୍‌ଏମ୍‌ସି କୋର୍ଡିନେଟର ନୀଳିମା ପ୍ରଧାନୀ ଓ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚଇଓ ବାଲଚନ୍ଦ୍ର ଛତ୍ରିଆ ଓ ଏଲ୍‌ଏଚ୍‌ଭି ଜ୍ୟୋତିର୍ମୟୀ ସେନାପତି ଅଟନ୍ତି। ଏହି କମିଟି ତଥ୍ୟ ସଂଗ୍ରହ କରି, ଖଡ଼ିଆଳ ଡାକ୍ତରଖାନାରୁ ତଥ୍ୟ ସଂଗ୍ରହ କରି ଦଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶୋଭାରାଣୀ ମିଶ୍ରଙ୍କୁ ଦେଇଛନ୍ତି। ତଥ୍ୟ ଅନୁସାରେ ତଦନ୍ତ କରାଯିବ ବୋଲି ଜଣାପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ଦୀପାର ମୃତ୍ୟୁ ପରେ ପରିବାର ଲୋକେ ଖଡ଼ିଆଳ ଥାନା ସମ୍ମୁଖରେ ଦିପାର ଶବ ରଖି ଧାରଣାରେ ଡାକ୍ତର ପ୍ରତି ପଦକ୍ଷେପ ଓ କ୍ଷତିପୂରଣର ଦାବିନେଇ ଧାରଣାରେ ବସି ପ୍ରଶାସନର ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ କରିଥିଲେ। ସେହିପରି ଦଳିତ ଅଧିକାର ମଞ୍ଚ ତରଫରୁ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ସାକ୍ଷାତକରି ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ତାପରେ ବିଭାଗୀୟ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଇଥିବା ଦେଖିବାକୁ ମିଳିଛି। ଦିପାର ସ୍ୱାମୀ ଏକ ଦିନ ମଜୁରିଆ ଅଟେ ଏପଟେ ସ୍ତ୍ରୀ ହରେଇ ତିନି ଛୁଆର ବିକଳ ତାଙ୍କ ଲାଳନ ପାଳନ ପ୍ରତିପୋଷଣ ପାଇଁ ସରକାରୀ ସହାୟତା ଯୋଗାଇଲେ ଛୁଆଙ୍କ ଭବିଷ୍ୟତ ଉଜ୍ଜଳ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାର ତଦନ୍ତ କରି ଚପାଇ ରଖିବେ ନା ତାହାର ଉଚିତ ପଦକ୍ଷେପ ନେବେ ତାହା ସାଧାରଣରେ ଚର୍ଚ୍ଚା ହେଉଛି।



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ କୋଭିଡ୍‌ର ଦୈନିକ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରୁ ଶୁକ୍ରବାର ମୋଟ ୨୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଣ୍ଟାରେ ଆଉ ୨୧୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୧ ହଜାର ୭୪୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୫୯ ହଜାର ୧୯୪ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୩ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୩୪୦ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୨୮୫ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

## ୫୧୦ ଡାକ୍ତରଙ୍କୁ ନିଯୁକ୍ତି

# ଅଧିକ ସୁଦୃଢ଼ ହେବ ସ୍ୱାସ୍ଥ୍ୟସେବା: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ପାଇଁ ପୁଣି ଏକ ବଡ଼ ଧରଣର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି କ୍ରମରେ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ମୋଟ ୫୧୦ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ଡାକ୍ତରଖାନାରେ ୩୫୮ ଜଣ ଭେଷଜ ଡାକ୍ତର, ୧୧୬ ହୋମିଓପାଥି ଡାକ୍ତର ଓ ୩୬ ଜଣ ହୋମିଓପାଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ନବନିଯୁକ୍ତ ଡାକ୍ତର, ମେଡିକାଲ ଅଧିକାରୀ ଓ ଅଧ୍ୟାପକମାନେ କାମ କରିବେ। ଏ ନେଇ ଲୋକସେବା ଭବନରେ ଆୟୋଜିତ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି ଯେ, ବିଗତ ୩ ବର୍ଷ ମଧ୍ୟରେ ରାଜ୍ୟର ସ୍ୱାସ୍ଥ୍ୟ ବଜେଟକୁ ୩ ଗୁଣ ବଢ଼ାଇ ଦିଆଯାଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର କାମ କରୁଛନ୍ତି। ନବନିଯୁକ୍ତ ଡାକ୍ତର, ମେଡିକାଲ ଅଧିକାରୀ ଓ ଅଧ୍ୟାପକଙ୍କୁ ପରାମର୍ଶ ଦେଇ କହିଛନ୍ତି ଆପଣମାନେ 'ସୁସ୍ଥ ଓଡ଼ିଶା-ସୁଖୀ ଓଡ଼ିଶା' ଦିଗରେ କାମ କରନ୍ତୁ। ଏହି ନିଯୁକ୍ତି ଫଳରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶେଷକରି ଏହା ସରକାରୀ ମେଡିକାଲ ଉପରେ ନିର୍ଭର କରୁଥିବା ରୋଗୀଙ୍କ ପାଇଁ ନିଶ୍ଚିତ ସହାୟକ ହେବ ବୋଲି ଶ୍ରୀ ପଟ୍ଟନାୟକ ଆଶାପ୍ରକାଶ କରିଥିଲେ। ସେ କହିଥିଲେ ସୁସ୍ଥ ଓଡ଼ିଶା ଓ ସୁଖୀ ଓଡ଼ିଶା ଆମର ମିଶନ ଓ ପ୍ରତ୍ୟେକ ଜୀବନ ଆମ ପାଇଁ ମୂଲ୍ୟବାନ। ଏହା ସହ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ୪.୫ କୋଟି ଲୋକଙ୍କୁ ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭିକେ ପାଣ୍ଡିଆନ୍ ଏବଂ ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାଲରେ ପଡିଲା ବିରାଟ କୁମ୍ଭୀର

ବାରଙ୍ଗ(ଭାସ୍କର ନ୍ୟୁଜ୍): କାଠଯୋଡ଼ୀ ନଦୀକୁ ମାଛ ଧରାଳୀ ମାଛ ଧରିବାକୁ ଯାଇଥିବାବେଳେ ତାଙ୍କ ଜାଲରେ ପଡିଲା ବିରାଟକାୟ କୁମ୍ଭୀର । ଖବରରୁ ପ୍ରକାଶ କଟକ ମହାନଗର ନିଗମ ୩ନମ୍ବର ୱାର୍ଡ ଅଧିନସ୍ଥ ବିଦ୍ୟାଧରପୁର ଗ୍ରାମର କେତେକ ମାଛ ଧରାଳୀ ଶୁକ୍ରବାର ଦିନ ଭୋର ସମୟରେ ଡଙ୍ଗା ସାହାଯ୍ୟରେ କାଠଯୋଡ଼ୀ ନଦୀକୁ ମାଛ ଧରିବାକୁ ଯାଇଥିଲେ । ଫାଶୀ ଜାଲରେ ମାଛ ଧରୁଥିବା ସମୟରେ ତାଙ୍କ ଜାଲରେ କୁମ୍ଭୀର ଲାଗିଥିବା ସେ ଦେଖିବାକୁ ପାଇଥିଲେ । ଜାଲକୁ କ୍ଷିପ୍ର ଗତିରେ କୁମ୍ଭୀରଟି ଟାଣିଥିଲା । ଫଳରେ ସେମାନେ ଜାଲକୁ ହାତରୁ ଖସାଇ ଦେଇ ଜୀବନ ବିକଳରେ କୂଳକୁ ପଳାଇ ଆସିଥିଲେ । ଫାଶୀ ଜାଲ ନବୁଡିବା ପାଇଁ ସେଥିରେ ବଡ ବଡ ସୋଲ ଓ ଡବି ଲଗାଯାଇଥାଏ । ଜାଲଟିର ମୂଲ୍ୟ ପ୍ରାୟ ୧୦ହଜାର ଟଙ୍କା ହୋଇଥିବାରୁ କୁମ୍ଭୀର ଟାଣି ଟାଣି ଜାଲକୁ ନେଇଯାଉ ଥିବାବେଳେ ନଦୀ କୂଳେ କୂଳେ ମାଛ ଧରାଳୀ ସୋଲ ଓ ଡବିକୁ ଅନୁସରଣ କରି ତାର ପିଛା କରିଥିଲେ । ଜାଲଟି ଭାସି ଭାସି ପ୍ରାୟ ୧ କିଲୋମିଟର ଯିବା ପରେ ବାରଙ୍ଗ ଥାନା ଅନ୍ତର୍ଗତ ମୁଣ୍ଡମୁହାଣ ବାଲିଘାଟ ନିକଟରେ ଜାଲଟି ଲାଗିଥିଲା । ଏହି ଘଟଣା ଚାରିଆଡେ ପ୍ରଘଟ ହେଲା ପରେ କୁମ୍ଭୀରଟିକୁ ଦେଖିବା ପାଇଁ ସେଠାରେ ପ୍ରବଳ ଜନସମାଗମ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ନନ୍ଦନକାନନର ଏସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ, ବାୟୋଲୋଜିଷ୍ଟ ରାଜେଶ ମହାପାତ୍ର, ଫରେଷ୍ଟ ଗାର୍ଡ ରାମ ଚନ୍ଦ୍ର କାଣ୍ଡି ଓ ପ୍ରକାଶ ମଣ୍ଡଳ ପହଞ୍ଚି ଥିଲେ । ତେବେ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ କୁମ୍ଭୀର ଧରାଳୀମାନେ ପାଣି ଭିତରକୁ ନଯାଇ ଡ୍ରୋନ କ୍ୟାମେରା ସାହାଯ୍ୟରେ ଅନୁସରଣ କରିଥିଲେ ମଧ୍ୟ ତାର ପତ୍ତା ପାଇନଥିଲେ । ପରେ ପରେ ବାରଙ୍ଗ ଅଗ୍ନିଶମ ବିଭାଗର କର୍ମଚାରୀ ମଧ୍ୟ ପହଞ୍ଚିଥିଲେ । ସେମାନେ ଜୀବନକୁ ବାଜି ଲଗାଇ ନଦୀର ପ୍ରଖର ସ୍ରୋତରେ ବୋର୍ଟ ସାହାଯ୍ୟରେ ଖୋଜି ଥିଲେ । ମାତ୍ର ସେମାନେ ମଧ୍ୟ କୁମ୍ଭୀରର କୌଣସି ପତ୍ତା ପାଇନଥିଲେ । ତେବେ କୁମ୍ଭୀର ଆତଙ୍କ ଏବେ ସ୍ଥାନୀୟ ବାସୀନ୍ଦା ଭୟଭୀତ ଅବସ୍ଥାରେ ଅଛନ୍ତି ।



# 'ଆତ୍ମହତ୍ୟାର କାରଣ ଓ ନିରାକରଣ' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମ୍ପ୍ରତି ରାଜ୍ୟରେ ଦିନକୁ ଦିନ ଆତ୍ମହତ୍ୟା ବଢ଼ିଚାଲିଛି ଯାହା ପୋଲିସ୍ ପ୍ରଶାସନ ପ୍ରତି ମୁଣ୍ଡବ୍ୟଥାର କାରଣ ସାଜିଛି। ଏନେଇ ଭୁବନେଶ୍ୱର ଓକିଲ ସଂଘ ତରଫରୁ 'ଆତ୍ମହତ୍ୟା ଏହାର କାରଣ ଓ ନିରାକରଣ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ନୂତନ ଏବଂ ପଟ୍ଟନାୟକ, ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜକିଶୋର ଦାସ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ବଡ଼ପଣ୍ଡା, ଉପସଭାପତି ଅଭିମନ୍ୟୁ ସ୍ୱାଇଁ, କୋଷାଧ୍ୟକ୍ଷ ଦିବାକର ମିଶ୍ର, ସହ ସମ୍ପାଦକ ରାଜେନ୍ଦ୍ର କୁମାର ଦାସ, ସମସ୍ତ କାର୍ଯ୍ୟକାରୀ ସଭ୍ୟ ଏବଂ ସଭ୍ୟା ସବ୍ୟସାଚୀ ସୂତାର, କୁଳଦୀପ ରାଉତରାୟ, ଅବିନାଶ ମହାନ୍ତି,




ବରିଷ୍ଠ ଆଇନଜୀବୀ ମିହିର ମହାନ୍ତି, ଜଗନ୍ନାଥ ଦାସ, ଡ. ସୁରେଶ ବାରିକ, ଶିଳାଭଦ୍ର ଶାସ୍ତ୍ରୀ, ଶୁଭାଶିଷ ମିଶ୍ର, ଇପ୍ସିତା ରଥ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏଥରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜଜ ନିଶିଥ ନିଶଙ୍କ, ସ୍ୱତନ୍ତ୍ର ସିବିଆଇ ଜଜ୍ ବିରଞ୍ଚି ନାରାୟଣ ମହାନ୍ତି, ସ୍ୱତନ୍ତ୍ର ଜିଲ୍ଲା ଜଜ୍ ବିଶ୍ୱଜିତ ଦାସ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ସତ୍ୟନାରାୟଣ ପାତ୍ର, ଏସ୍‌ଡ଼ିଜେଏମ୍ ଆଲୋକ ପଣ୍ଡା, ଭୁବନେଶ୍ୱର ଓକିଲ ସଂଘ ଲାଇବ୍ରେରୀ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଶାନ୍ତ ରଞ୍ଜନ ଚିତ୍ରସେନ ଶ୍ରୀଚନ୍ଦନ, ଅଶୋକ କୁମାର ସାହୁ, ବିମଳ କେଶରୀ ଦାଶ, ପ୍ରଦୀପ୍ତ କୁମାର ପାଳ, ଦିପ୍ତିରଞ୍ଜନ ଦଳାଇ, ଅମ୍ରିତା ସାହୁ, ବନ୍ଦିତା ସାମଲଙ୍କ ସମେତ ଅନ୍ୟ ଆଇନଜୀବୀମାନେ ଅଂଶଗ୍ରହଣ କରି ମତାମତ ରଖିଥିଲେ। ଏହି ଆଲୋଚନା ଚକ୍ର ନୂତନ ଆଇନଜୀବୀମାନଙ୍କୁ ଦିଗ ଦେଖାଇବ ବୋଲି ଏଥିରେ ମତପ୍ରକାଶ ପାଇଥିଲା। ଏହିଭଳି ଆଲୋଚନା ଚକ୍ର ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ଓକିଲ ସଂଘ ତରଫରୁ କୁହାଯାଇଛି।



ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିଜେଡି ପକ୍ଷରୁ ଛାତ୍ରୀମାନେ ପାଳିଲେ ବିଜୟ ଉତ୍ସବ

# ସାମ୍ବାଦିକଙ୍କୁ ପ୍ରେସ ଗ୍ୟାଲେରୀକୁ ଛଡାଯିବା ଦାବିରେ ବିଧାନସଭାରେ ହଟ୍ଟଗୋଳ

## ଚାଲିପାରିଲା ନାହିଁ ପ୍ରଶ୍ନକାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସାମ୍ବାଦିକ ମାନଙ୍କୁ ପ୍ରେସ ଗ୍ୟାଲେରୀକୁ ଛଡ଼ା ଯିବା ଦାବିରେ ଉଭୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବିଧାୟକ ମାନେ ହଟ୍ଟଗୋଳ କରିବା କାରଣରୁ ଆଜି ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲି ପାରିନାହିଁ । ହଟ୍ଟଗୋଳ କାରଣରୁ ବାଚସ୍ପତି ବିଧାନସଭାକୁ ସ୍ଥଗିତ କରିବା ସହ ସର୍ବଦଳୀୟ ବୈଠକ ଡକାଇଥିଲେ । ୧୦.୩୦ରେ ନର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ସଭ୍ୟ ଅମର ପ୍ରସାଦ ସତପଥୀଙ୍କ ଏକ ପ୍ରଶ୍ନର ଉତ୍ତର ଦେବାକୁ ଶିକ୍ଷ ମନ୍ତ୍ରୀ ପ୍ରତାପ କେଶରୀ ଦେଓଙ୍କୁ ଡାକିଥିଲେ । ମନ୍ତ୍ରୀ ଶ୍ରୀ ଦେଓ ପ୍ରଶ୍ନର ଉତ୍ତର ଦେବା ଆରମ୍ଭ କରିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ବିଧାନସଭାର ଖବର ସଂଗ୍ରହ ପାଇଁ ପ୍ରେସ ଗ୍ୟାଲେରୀକୁ ସାମ୍ବାଦିକ ମାନଙ୍କୁ ପ୍ରବେଶ ଦେବା ପାଇଁ ଦାବି କରିଥିଲେ । ସେମାନେ ଏହି ଦାବିରେ ବାଚସ୍ପତିଙ୍କ ପୋଡିୟମ ପାଖକୁ ଆସି ହଟ୍ଟଗୋଳ କରିଥିଲେ । ବାଚସ୍ପତି ସେମାନଙ୍କ କଥା ନ ଶୁଣି ଗୃହ କାର୍ଯ୍ୟକୁ ଜାରୀ ରଖିଥିଲେ । ଅନ୍ୟ ପକ୍ଷରେ ବିରୋଧୀ ବିଧାୟକ ମାନେ ମଧ୍ୟ ନାରାବାଜୀ ଜାରୀ ରଖିଥିଲେ । ଏହା ପରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ଯେ ସର୍ବଦଳୀୟ ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ବିଧାନସଭାର ଏହି ଅଧିବେଶନ କୋଭିଡ ଗାଇଡ୍‌ଲାଇନ୍ ଅନୁସାରେ ଚଳାଯିବାକୁ ସ୍ଥିର ହୋଇଥିଲା । ତେଣୁ ଗୃହ ସେହି ନିଷ୍ପତି ଆଧାରରେ ଚାଲୁଛି । ତେଣୁ ଆପଣ ମାନେ ନିଜ ନିଜ ଆସନକୁ ଯାଇ ଗୃହ କାର୍ଯ୍ୟରେ ସହଯୋଗ କରନ୍ତୁ । ବାଚସ୍ପତିଙ୍କ ଏହି ଅନୁରୋଧ ବିରୋଧୀ ଦଳର ବିଧାୟକ ମାନଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରି ନ ଥିଲା । ତେଣୁ ସେ ବିରୋଧୀ ଦଳର ପ୍ରତିନିଧି ଓ ସରକାର ଦଳର ପ୍ରତିନିଧି ମାନଙ୍କୁ ଏହି ମାମଲାର ସମାଧାନ ପାଇଁ ଏକ ସର୍ବଦଳୀୟ ବୈଠକ ଡାକିଥିଲେ ଓ ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।

## ମୋକିମଙ୍କୁ କାରଣଦର୍ଶାଅ ନୋଟିସ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କୁ ଭୋଟ୍ ଦେଇଥିବା କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କୁ ପିସିସି ସଭାପତି କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଆଗାମୀ ୨ ସପ୍ତାହ ଭିତରେ ଜବାବ ଦେବାକୁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପିସିସି ସଭାପତି ଏହି ନୋଟିସ୍ ଜାରି କରିଛନ୍ତି।




ଚୂଡ଼ା, ମୁଢ଼ି, ଖଇ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା ଦାବିରେ ମାଷ୍ଟରକ୍ୟାଣ୍ଟିନ୍ ଛକରେ ଏଆଇଏମ୍‌ଏସ୍‌ଏସ୍‌ର ବିକ୍ଷୋଭ।

# କୃଷି ବିଭାଗ ପକ୍ଷରୁ ୬ଟି ମିଳିତ ସ୍କ୍ୱାଡ୍ ଗଠିତ

## ପ୍ରତି ସ୍କ୍ୱାଡ୍‌କୁ ୫ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲାରେ ଖରିଫ ଫସଲର ସ୍ଥିତି, ସାର, ବିହନ, କୀଟନାଶକ ଆଦି କୃଷି ସାମଗ୍ରୀର ଯୋଗାଣ ଓ ବିକ୍ରି ସମେତ ଚାଷୀମାନଙ୍କ ସହିତ ସିଧାସଳଖ ଆଲୋଚନା କରି କ୍ଷେତ୍ର ସ୍ତରରେ ଉପୁଜୁଥିବା ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବିଭାଗ ପକ୍ଷରୁ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ୬ ଗୋଟି ମିଳିତ ସ୍କ୍ୱାଡ୍ ଗଠନ କରାଯାଇଛି । ଏହି ସ୍କ୍ୱାଡ୍‌ରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ ସମେତ ଉଦ୍ୟାନ କୃଷି ଏବଂ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟର ଅଧିକାରୀମାନେ ରହି ଜିଲ୍ଲା ଗସ୍ତ କରିବେ । ପ୍ରତି ସ୍କ୍ୱାଡ୍‌କୁ ପାଞ୍ଚଟି ଲେଖାଏଁ ଜିଲ୍ଲା ଦାୟିତ୍ୱରେ ରଖାଯାଇଛି । ସେମାନେ ପ୍ରତି ମାସରେ ଦୁଇଟିରୁ ତିନୋଟି ଜିଲ୍ଲା ଗସ୍ତ କରି ପ୍ରତ୍ୟକ୍ଷ ଭାବରେ କ୍ଷେତ୍ରୀୟ ସ୍ଥିତିର ଅନୁଧ୍ୟାନ କରିବା ସହିତ ହିତାଧିକାରୀଙ୍କ ସହିତ ଆଲୋଚନା କରିବେ ଏବଂ ଆଗାମୀ ଦୁଇମାସ ମଧ୍ୟରେ ଉଦ୍ଦିଷ୍ଟ ୫ଟି ଜିଲ୍ଲା ପରିଦର୍ଶନ କରିବେ ।

## ସଚିବାଳୟ ସେବା ସଂଘରେ ଖୁସିର ମାହୋଲ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସମସ୍ତ ଓଡ଼ିଶା ବାସୀଙ୍କ ଗର୍ବ ଓ ଗୌରବର ପ୍ରତୀକ ସାଜି ମହାମହିମ ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରିଥିବା ଦ୍ରୌପଦୀ ମୁର୍ମୁଙ୍କୁ ଓଡିଶା ସଚିବାଳୟ ସେବା ବର୍ଗର ସମସ୍ତ ସଦସ୍ୟ ଆନ୍ତରିକ ଶୁଭେଚ୍ଛା ତଥା ଅଭିନନ୍ଦନ ଜଣାଇଛନ୍ତି । ଓଡ଼ିଶା ସଚିବାଳୟ ସେବା ବର୍ଗରୁ ନିଜର କର୍ମମୟ ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଓଡ଼ିଶା ରାଜନୀତି ରେ ଜଣେ ସୁଦକ୍ଷ ନେତ୍ରୀ ହେବା ସହିତ ବିଭିନ୍ନ ସମୟରେ ମନ୍ତ୍ରୀ ରହିବା ଏବଂ ପରେ ଝାଡ଼ଖଣ୍ଡର ମହାମହିମ ରାଜ୍ୟପାଳ ହୋଇ ପରିଶେଷରେ ଆଜି ଭାରତର ମହାମହିମ ରାଷ୍ଟ୍ରପତି ହୋଇଥିବାରୁ ଓଡ଼ିଶା ରାଜ୍ୟ ସଚିବାଳୟ ସେବା ସଂଘ ନିଜକୁ ଗର୍ବିତ ଅନୁଭବ କରୁଛି ବୋଲି ସଙ୍ଘର ସାଧାରଣ ସମ୍ପାଦକ ପ୍ରଯନ୍ ବରାଳ ତାଙ୍କ ବିବୃତିରେ କହିଛନ୍ତି । ଏହା ବ୍ୟତୀତ ଆମ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ସହିତ ରାଷ୍ଟ୍ରପତି ମହୋଦୟାଙ୍କୁ ଶ୍ରୀ ବରାଳ ଅନେକ ଅନେକ ଅଭିନନ୍ଦନ ଜଣାଇଛନ୍ତି ।

# ସିବିଏସ୍‌ଇରେ ଶତପ୍ରତିଶତ ସଫଳତା



## କିଟ୍ ଇଣ୍ଟରନ୍ୟାସ୍‌ନାଲ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ସହିତ ଚଳିତବର୍ଷ ଜେଇଇ ଟପପର ହୋଇଥିବା ସ୍କୁଲର ଦିବ୍ୟାଂଶୁ ମଲ୍ଲ ଗଣିତ, ପଦାର୍ଥ ବିଜ୍ଞାନ ଓ ରାସାୟନିକ ବିଜ୍ଞାନରେ ୧୦୦ ନମ୍ବର ଲେଖାଏଁ ରଖିଛନ୍ତି। ସ୍କୁଲ୍‌ର ଛାତ୍ରୀ ବିଶାଖା ରାଉତ କଳାରେ ସର୍ବାଧିକ ୯୯.୪ ପ୍ରତିଶତ ନମ୍ବର ଓ ବାଣିଜ୍ୟରେ ରୋନୀତ ପାତ୍ର ସର୍ବାଧିକ ୯୯.୨ ପ୍ରତିଶତ ନମ୍ବର ରଖି ଉଭୟ ଆଞ୍ଚଳିକ ଟପ୍‌ପର ହୋଇଛନ୍ତି। ବିଜ୍ଞାନରେ ପ୍ରଥମ ପ୍ରତୀକ ମହାନ୍ତି ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍‌କୁ ଗୌରବାନ୍ୱିତ କରିଛନ୍ତି। ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଓଡିଏମ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦୨୨ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ଓ ବାଣିଜ୍ୟ ପାଇଁ ସର୍ବଭାରତୀୟ ସ୍ତରୀୟ ମାଧ୍ୟମିକ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ସହିତ କୃତିତ୍ୱ ହାସଲ କରିଛନ୍ତି । ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମିଶାଇ ୬୫୪ ଜଣ ଛାତ୍ର-ଛାତ୍ରୀଙ୍କ ପରିମାଣାତ୍ମକ ଶତପ୍ରତିଶତ ଓ ଗୁଣାତ୍ମକ ଉଚ୍ଚମାନାତ୍ମକ ପ୍ରଶଂସନୀୟ ଫଳାଫଳ ଥିଲାବେଳେ ବାଣିଜ୍ୟ ବିଭାଗରେ ବିଦ୍ୟାଳୟର ଆବାସିକ ଛାତ୍ରୀ ଶ୍ରୀଷ୍ଟି ଅଗ୍ରୱାଲ୍ ୯୯.୨% ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ପାଇଛନ୍ତି । ବିଜ୍ଞାନ ବିଭାଗର କୁମାରୀ ମନୀଷା ସାହୁ ୯୯% ପାଇ ଦ୍ୱିତୀୟ ସ୍ଥାନରେ ଅଛନ୍ତି ଦୀତୋଷ କୁମାର କୁଇଲା ୯୮.୮% ପାଇ ତୃତୀୟ ସ୍ଥାନରେ ଅଛନ୍ତି । ସେହିପରି ୨୦୨୨ ଶିକ୍ଷାବର୍ଷ ପାଇଁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପାଇଁ ସର୍ବଭାରତୀୟ ସ୍ତରୀୟ ମାଧ୍ୟମିକ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଅଭୁତପୂର୍ବ ସଫଳତା ସହିତ କୃତିତ୍ୱ ହାସଲ କରିଛନ୍ତି । ୧୯୭ କୃତିତ୍ୱ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଆଦିତ୍ୟ କର ୯୯.୮ ପ୍ରତିଶତ ସହିତ ବିଦ୍ୟାଳୟରେ ପ୍ରଥମ ସ୍ଥାନରେ, ବିକାଶ ରଞ୍ଜନ ସାହୁ ୯୮.୮ ପ୍ରତିଶତ ସହିତ ଦ୍ୱିତୀୟ ସ୍ଥାନରେ ତଥା ସିଓନା ସାହୁ ୯୮.୪ ପ୍ରତିଶତ ସହିତ ତୃତୀୟ ସ୍ଥାନ ଅଳଙ୍କୃତ କରିଛନ୍ତି ।



## ବିଜେଇଏମ୍ ବିଦ୍ୟାଳୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚଳିତ ବର୍ଷ ଏହି ବିଦ୍ୟାଳୟରୁ ୨୫୨ ଜଣ ଛାତ୍ରଛାତ୍ରୀ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଅଧିନରେ ଦଶମ ପରୀକ୍ଷା ଦେଇଥିଲେ । ୯୫ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ କିମ୍ବା ତଦୁର୍ଦ୍ଧ୍ୱ ନମ୍ବର ରଖିଥିବା ବେଳେ ୯୧% ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ସଫଳତା ଆଣିଛନ୍ତି । ସେମାନଙ୍କ ମଧ୍ୟରୁ ଅମ୍ରିତ କୁମାର ଘୋଷାଲ ସର୍ବମୋଟ ୫୦୦ ରୁ ସର୍ବାଧିକ ୪୯୯ (୯୯.୮%) ନମ୍ବର ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ହାସଲ କରିଛନ୍ତି । ଏହି ଐତିହାସିକ ସଫଳତା ପାଇଁ ବିଦ୍ୟାଳୟର ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ର-ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।







ମାଲକାନଗିରି/କାଲିମେଲା, (ଭାସ୍କର ନ୍ୟୁଜ୍): ଜିଲ୍ଲା ସୀମାନ୍ତରେ ଥମୁନି ମାଓ ହିଂସା। ମାଓବାଦୀଙ୍କ ସହିଦ ସପ୍ତାହ ପୂର୍ବରୁ ମାତିଛନ୍ତି ମାଓବାଦୀ। ଘରେ ପଶି ଜଣେ ଗ୍ରାମବାସୀଙ୍କୁ ହତ୍ୟା କରିଛନ୍ତି ମାଓବାଦୀ। ଛତିଶଗଡ଼ର ପୋଲମପାଲି ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଥିବା ଦେଖିବାକୁ ମିଳିଛି। ପରିବାର ଲୋକଙ୍କ ସମ୍ମୁଖରେ ମାଓବାଦୀମାନେ ମାଡ଼କାମି ଜଗା ନାମକ ଜଣେ ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ମୃତ ମାଡ଼କାମି ଜଗା ପୋଲାମପାଲି ଗାଁର ଜଣେ ଦୋକାନୀ ବୋଲି ଜଣାଯାଇଛି। ଜାଗାକୁ ମାରିବା ପରେ ବି ମାଓବାଦୀମାନେ ସନ୍ତୁଷ୍ଟ ହୋଇ ନ ଥିଲେ। ହତ୍ୟାପରେ ସେମାନେ ମୃତକଙ୍କ ଘର ବାହାରେ ଥିବା ଗାଡ଼ିରେ ନିଆଁ ଲଗାଇ ଦେଇ ଚାଲି ଯାଇଥିଲେ। ହତ୍ୟାକାଣ୍ଡ ଘଟାଇ କୋଣ୍ଟା ଏରିଆ କମିଟି ପକ୍ଷରୁ ଘଟଣା ସ୍ଥଳରେ ପୋଷ୍ଟର ମାରିଥିବା ଦେଖିବାକୁ ମିଳିଛି। ଜଗାକୁ ପୋଲିସ ଇନଫର୍ମର ଭାବି ହତ୍ୟା କରିଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ଆତଙ୍କ ଖେଳିଯାଇଥିବା ଦେଖିବାକୁ ମିଳିଛି।

### ଉପାନ୍ତ ଅଞ୍ଚଳର ଆଦର୍ଶ ଶିକ୍ଷକ ମହାନତା

## ପୁରସ୍କାର ରାଶିରେ ବିଦ୍ୟାଳୟକୁ ଦେଇଛନ୍ତି ନୂଆ ରୂପ

ମାଥିଲି, (ଭାସ୍କର ନ୍ୟୁଜ୍): ବିଦ୍ୟାଳୟ ପ୍ରତି ଶିକ୍ଷକଙ୍କ ନିଆରା ନିଷ୍ଠା। ନିଜକୁ ମିଳିଥିବା ପୁରସ୍କାର ରାଶିରେ ବିଦ୍ୟାଳୟକୁ ନୂଆ ରୂପ ଦେଇଛନ୍ତି ଶିକ୍ଷକ। ସରକାର ଫାଇଭ୍ - ଟି ଯୋଜନାରେ ବିଦ୍ୟାଳୟ ଗୁଡ଼ିକୁ ଆକର୍ଷଣୀୟ କରିବା କାମ ହାତକୁ ନେଇଛନ୍ତି। ତେବେ ବିନା ଫାଇଭ - ଟି ଯୋଜନାରେ ନିଜ ବିଦ୍ୟାଳୟକୁ ଆକର୍ଷଣୀୟ କରିଛନ୍ତି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ନବ କିଶୋର ମଲିକ। ନିଜ ଶିକ୍ଷକତା ଜୀବନ ଭିତରେ ପାଇଥିବା ସମସ୍ତ ପୁରସ୍କାର ରାଶିକୁ ନିଜ ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣରେ ଖର୍ଚ୍ଚ କରିଛନ୍ତି। ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକର ଆଦିବାସୀ ବହୁଳ ଜବାନପାଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୃଶ୍ୟ




ସମସ୍ତଙ୍କୁ ପ୍ରଭାବିତ କରିଛି। ଏହି ସୁନ୍ଦର ଦୃଶ୍ୟ କେବଳ ପ୍ରଧାନ ଶିକ୍ଷକଙ୍କ ପ୍ରଚେଷ୍ଟାରେ ହୋଇପାରିଛି। କେଉଁ ପରୁସ୍କାର ପାଇଁ କେତେ ଟଙ୍କା ମିଳିଛି ଏବଂ ସେହି ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହୋଇଛି, ତାହା ମଧ୍ୟ ଏଠାରେ ଉଲ୍ଲେଖ ରହିଛି। ବିଦ୍ୟାଳୟରେ ବିଭିନ୍ନ ଦେବାଦେବୀଙ୍କ ପ୍ରତିମୂର୍ତ୍ତି ସହ ବିଭିନ୍ନ ପଶୁପକ୍ଷୀଙ୍କ ପ୍ରତିକୃତି କରାଯାଇଛି। ପିଲାଙ୍କ ଜାଣିବା ପାଇଁ ମହାପୁରୁଷମାନଙ୍କ ଛବି ଅଙ୍କାଯାଇଛି। ୧୯୭୧ରେ ସ୍ଥାପିତ ହୋଇଥବା ଏହି ପ୍ରାଥମିକ ବିଦ୍ୟାଳୟଟି ୨୦୦୪ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପାଇଥିଲା। ସେତେବେଳ ବିଦ୍ୟାଳୟକୁ ମାତ୍ର ୨୧ଜଣ ପିଲା ଆସୁଥିଲେ ହେଲେ ଏବେ ଏହି ସଂଖ୍ୟା ୨୨୫ରେ ପହଞ୍ଚିଛି। ୨୦୦୬ରେ ନବ କିଶୋର ମଲିକଙ୍କୁ ଏହି ବିଦ୍ୟାଳୟକୁ ଡେପୁଟେସନରେ ପଠାଯାଇଥିଲା। ୨୦୧୧ରେ ନବ ସାରଙ୍କୁ ଏଠାରେ ନିୟମିତ କରାଯାଇଛି। ଏହାପରେ ଶିକ୍ଷକଙ୍କ ପ୍ରଚେଷ୍ଟା ଫଳରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ବଦଳିଛି। ଏଥିପାଇଁ ପ୍ରଧାନ ଶିକ୍ଷକ ନବ କିଶୋର ମଲିକଙ୍କୁ ୨୦୦୫ରେ ଆମ୍ବେଦକର ଫେଲୋସିପ୍, ୨୦୦୭ରେ ପ୍ରକୃତିମିତ୍ର, ୨୦୦୮ରେ ପ୍ରକୃତି ବନ୍ଧୁ, ୨୦୦୯ରେ ରାଜ୍ୟ ଜଙ୍ଗଲ ବିଭାଗ ପୁରସ୍କାର, ୨୦୧୧ରେ ଉତ୍ତମ ଶିକ୍ଷକ ପୁରସ୍କାର, ୨୦୧୩ରେ ରାଜ୍ୟପାଳ ପୁରସ୍କାର, ୨୦୧୭ରେ ରାଷ୍ଟ୍ରପତି ପୁରସ୍କାର ଓ ୨୦୨୨ ଜୁନ ୫ରେ ଦ୍ୱିତୀୟ ଥର ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ଆଉ ଏହା ବାବଦରେ ମିଳିଥିବା ଅର୍ଥ ରାଶିରେ ବିଦ୍ୟାଳୟର ଉନ୍ନତିକରଣ କରିଛନ୍ତି ପ୍ରଧାନ ଶିକ୍ଷକ।

## ଦୁର୍ଘଟଣାରେ ଛାତ୍ର ମୃତ

କାଲିମେଲା, (ଭାସ୍କର ନ୍ୟୁଜ୍): ଆଜି ସକାଳେ ଗୋଟିଏ ପରିବା ବୋଝେଇ ଅଶୋକ ଲେଲଣ୍ଡର ମିନି ଟ୍ରକ ଦୁର୍ଘଟଣାର ସମ୍ମୁଖୀନ ହୋଇଛି ଫଳରେ ଜଣେ ୧୫ ବର୍ଷ ବୟସ ଯୁକ୍ତ ଦୁଇ ଛାତ୍ରର ଜୀବନ ଯାଇଛି। ଏହି ପରି ଦୁଃଖ ଦାୟକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲାର କାଲିମେଲା ଥାନା ପଟେରୁ ଫାଣ୍ଡି ଅନ୍ତର୍ଗତ ଏମ୍‌ପିଭି ୧୦ ଗ୍ରାମ ନିକଟରେ। ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ୭ଟା ସମୟରେ ମାଲକାନଗିରିରୁ ଏକ ଅଶୋକ ଲୀଲାଣ୍ଡର ମିନି ଟ୍ରକ ଗାଡିଟି ଅଳ୍ପ କିଛି ପରିବା ଭର୍ତ୍ତି କରି ଦ୍ରୁତ ଗତିରେ କାଲିମେଲା ଅଭିମୁଖେ ଯାଉଥିଲା। ହଠାତ ବାମ କଡ଼କୁ ମାଡି ଆସି ରାସ୍ତା କଡରେ ଠିଆ ହୋଇଥିବା ୧୫ ବର୍ଷର ନାବାଳକକୁ ଶକ୍ତ ଧକ୍କା ଦେଇଥିଲା। ଫଳରେ କିଛି ଦୂର ଆଗକୁ



ଯାଇ ଗାଡିଟି ଓଲଟି ପଡିଥିଲା। ଗାଡ଼ିଟିର ଧକ୍କା ପାଇଥିବା ନାବାଳକ ଜଣଙ୍କ ଗୁରୁତର ହୋଇ ପଡିଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତ ଛାତ୍ରକୁ ଉଦ୍ଧାର କରି ମାଲକାନଗିରି ମୁଖ୍ୟ ସଦର ଡାକ୍ତର ଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନା ବାଳକଙ୍କ ମୃତ୍ୟୁ ଘଟିଥିଲା। ମୃତ ନାବାଳକ ଜଣକ ହେଲେ ଏମପିଭି ୧୦ ଗ୍ରାମର ପ୍ରଫୁଲ ମଣ୍ଡଳଙ୍କ ପୁଅ ବଙ୍କିମ ମଣ୍ଡଳ। ବଙ୍କିମଙ୍କ ମୃତ୍ୟୁରେ ପରିବାର ବର୍ଗ ସମ୍ପୂର୍ଣ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଏହା ସହିତ ବଙ୍କିମଙ୍କ ମୃତ୍ୟୁରେ ସାରା ଗ୍ରାମରେ ଶୋକା କୁଳ ପରିବେଶ ଦେଖିବାକୁ ମିଳିଛି। ଗାଡି ଚାଳକ ହେମନ୍ତ ହେଚ ନାମକ ବ୍ୟକ୍ତିକୁ ସ୍ଥାନୀୟ ଫାଣ୍ଡିକୁ ହସ୍ତାନ୍ତର କରିଥିବା ଜଣା ଯାଇଛି। ଫାଣ୍ଡି ଅଧିକାରୀ ପଦ୍ମନ ପୂଝରୀ ଘଟଣା ସ୍ଥଳେ ପହଞ୍ଚି ତଦନ୍ତ କରୁଥିବା ଜଣା ପଡ଼ିଛି। ଦୁର୍ଘଟଣା ଘଟାଇଥିବା ଗାଡିଟି ତେଲେଙ୍ଗାନା ରାଜ୍ୟର ବୋଲି ଜଣାପଡିଛି। ପୋଲିସ ଗାଡିଟିକୁ ଘଟଣା ସ୍ଥଳରୁ ଜବତ କରି ଥାନାରେ ରଖୀଥିବା ଜଣାପଡିଛି।

## ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ ଖମଳ ପଞ୍ଚାୟତର କଟକଣା ଦଣ୍ଡାରୁ ଗୁରୁବାର ପ୍ରତ୍ୟୁଷରେ ଝୁଲନ୍ତା ଅବସ୍ଥାରେ ଜନୈକ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ନାମ ଧନେଶ୍ୱର ଜେନା (୧୮) ହୋଇଥିବା ବେଳେ ନିକଟସ୍ଥ ବିଶୋକ ଗ୍ରାମର ପ୍ରଫୁଲ୍ଲ ଜେନାଙ୍କର ସେ ପୁଅ ବୋଲି ଜଣାଯାଇଛି। ଘଟଣାରୁ ପ୍ରକାଶ ଯେ, ଧନେଶ୍ୱର ଗତ କାଲି ରାତିରୁ ନିଖୋଜ ଥିଲା। ଗାଁ ଲୋକମାନେ କଟକଣା ଦଣ୍ଡାକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଧନେଶ୍ୱରର ମୃତଦେହ ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏକ ଗାମୁଛା ସାହାଯ୍ୟରେ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଖବର ପାଇ ଡେରାବିଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ ପାଇଁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଶବ ବ୍ୟବଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୂଚନାଯୋଗ୍ୟ ଧନେଶ୍ୱର ପ୍ରଫୁଲ୍ଲଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳେ ଗତ ବର୍ଷ ସେ ମାଟ୍ରିକ ପାସ କରିଥିଲେ। ମାତ୍ର ମୃତ୍ୟୁର କାରଣ କିଛି ଜଣାପଡିନାହିଁ।

## ସମନ୍ୱିତ ଶିଶୁ ବିକାଶ ଯୋଜନା, ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍):ରାଜ୍ୟ ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ତଥା ଆଙ୍କାକ୍ଷା ଜିଲ୍ଲା ପ୍ରଭାର ଅରବିନ୍ଦ ଅଗ୍ରୱାଲ ନବରଙ୍ଗପୁର ଗସ୍ତରେ ଆସି ଜିଲ୍ଲାର ଝରିଗାଁ, ଉମରକୋଟ, ରାଇଘର ବ୍ଲକ ର କ୍ଷେତ୍ର ପରିଦର୍ଶନ କରି ଜିଲ୍ଲାର ଉନ୍ନତି ଓ ବିକାଶ ପାଇଁ ସରକାରଙ୍କ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଏଥିରେ ଭାରତ ମାଳା ପ୍ରକଳ୍ପ, ଅମୃତ ସରୋବର ଅଙ୍ଗନୱାଡି କେନ୍ଦ୍ର, ରାସ୍ତାନିର୍ମାଣ କାର୍ଯ୍ୟ, ଉଦ୍ୟାନ କୃଷିରେ ଉନ୍ନତ ମାନର କଲରା ଚାଷ ଇତ୍ୟାଦି ଦେଖି ପ୍ରଶଂସା କରିଥିଲେ। ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର ନିର୍ଦ୍ଦେଶକ ଶ୍ରୀ ଅଗ୍ରୱାଲଙ୍କୁ ସର୍କିଟ ହାଉସରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ



କରିଥିଲେ ଏବଂ ଏହି କ୍ଷେତ୍ର ପରିଦର୍ଶନରେ ନିର୍ଦ୍ଦେଶକଙ୍କ ସହିତ ଜିଲ୍ଲାପାଳ ଶ୍ରୀ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ରତ୍ନାକର ସାହୁ, ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ମିଶନ ଶକ୍ତି ସଭା ଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ନିର୍ଦ୍ଦେଶକ, ଆଙ୍କାକ୍ଷା ଜିଲ୍ଲା ପ୍ରଭାରୀ ଅଧିକାରୀ ଶ୍ରୀ ଅଗ୍ରୱାଲ ଯୋଗଦେଇ ଜିଲ୍ଲାର ବିଭିନ୍ନ ବିଭାଗୀୟ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲ୍ଲାପାଳ ଜିଲ୍ଲାର ଉନ୍ନତି ଓ ବିକାଶ ପଥରେ କାର୍ଯ୍ୟକାରୀ କରାଯାଉଥିବା ସରକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ସ୍ୱାସ୍ଥ୍ୟ ସେବା, ସମନ୍ୱିତ ଶିଶୁ ବିକାଶ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ଦକ୍ଷତା ବିକାଶ, କୃଷି, ପ୍ରାଣୀ ଚିକିତ୍ସା, ଶିକ୍ଷା ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ସନ୍ତୋଷ ପ୍ରକାଶ କରି ବିଭାଗୀୟ ଅଧିକାରୀମାନେ ଅଧିକ ଯତ୍ନବାନ୍ ହୋଇ ଜନ କଲ୍ୟାଣ ଯୋଜନାର ସଫଳ ରୂପାୟନରେ ନିଜର ଦାୟିତ୍ୱ ତୁଲାଇବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ସାହୁ, ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର କାଳୀ ପ୍ରସାଦ ବେହେରା, ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଅଭିମନ୍ୟୁ ମାଝୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଅଧୀକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ସପ୍ତମ ବେତନ କମିଶନ ଆଧାରରେ ଘରଭଡା ବୃଦ୍ଧି କରାଯାଉ: ଏକ୍ସ କେଡ଼ର ଶିକ୍ଷକ ସଂଘ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍): ଖଡ଼ିଆଳଠାରେ ଏକ୍ସ କେଡ଼ର ଶିକ୍ଷକ ସଂଘ ଏକ ପ୍ରେସ୍ ବିବୃତି ମାଧ୍ୟମରେ ସରକାରଙ୍କ ସପ୍ତମ ବେତନ କମିଶନ ଆଧାରରେ ଘରଭଡା ବୃଦ୍ଧି କରାଯାଉ ବୋଲି ଜଣାଇଛନ୍ତି। ୨୦୧୬ର ସପ୍ତମ ବେତନ କମିଶନ ଆଧାରରେ ସରକାରୀ କର୍ମଚାରୀଙ୍କ ଦରମା ବୃଦ୍ଧି ହେଲା କିନ୍ତୁ ଘରଭଡା ଆଜକୁ ଛଅ ବର୍ଷ ହେଲା ବୃଦ୍ଧି ହେଉ ନାହିଁ। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ଘରଭଡ଼ା ବୃଦ୍ଧି ୨୦୧୬ରୁ ସପ୍ତମ ବେତନ ଆଧାରରେ ୮, ୧୬, ୨୫ ପ୍ରତିଶତ ହାରରେ ବୃଦ୍ଧି ହୋଇଛି। କିନ୍ତୁ ରାଜ୍ୟ ସରକାର ଷଷ୍ଠ ବେତନ କମିଶନରୁ ୫, ୧୦, ୧୫ ପ୍ରତିଶତ ଘରଭଡ଼ା ଦେଉଛନ୍ତି। ରାଜ୍ୟ ସରକାରୀ କର୍ମଚାରୀ ସଂଘ ସରକାରଙ୍କୁ ଦାବି କରୁଥିଲେ ମଧ ବୃଦ୍ଧି କରୁ ନାହାନ୍ତି କେବଳ ମିଳୁଛି ପ୍ରତିଶ୍ରୁତି ହେଲେ ପୂରଣ ହେଉ ନାହିଁ। ଏଣୁ ଚଳିତ ମୌସୁମୀ ଅଧିବେଶନରେ ଜାନୁୟାରୀ ୨୦୨୨ର ମହଙ୍ଗା ଭତ୍ତା ସହ ଘରଭଡ଼ା ବୃଦ୍ଧି ଘୋଷଣା କରିବାକୁ ଏକ୍ସ କେଡ଼ର ଶିକ୍ଷକ ସଂଘ ରାଜ୍ୟ ସଭାପତି ଅଲେଖ ସାହୁ, ସାଧାରଣ ସମ୍ପାଦକ ମହାଦେବ ସେଠୀ, କାର୍ଯ୍ୟକାରୀ ସଭାପତି ଆଲୋକ ରାଏ ଓ କାର୍ଯ୍ୟକାରୀ ସଭ୍ୟ ଅନିଲ ବରାଳ ପ୍ରମୁଖ ଦାବି କରିଛନ୍ତି।

## ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଜୟରେ ବିଜେଡି ପକ୍ଷରୁ ଉତ୍ସବ




ମୁନିଗୁଡା, (ଭାସ୍କର ନ୍ୟୁଜ୍): ଭାରତର ୧୫ତମ ନବ ନିର୍ବାଚିତ ମହାମହିମ ରାଷ୍ଟ୍ରପତି ହେଲେ ଓଡିଶାର ଓଡ଼ିଆ ଝିଅ ମାନନୀୟା ଦ୍ରୌପଦୀ ମୁର୍ମୁ। ସ୍ୱାଧିନତାର ୭୫ତମ ବର୍ଷରେ ଓଡିଆଙ୍କୁ ମିଳିଲା ବଡ ସମ୍ମାନ। ତାଙ୍କରୀ ବିଜୟୀ ଲାଗି ଓଡିଶା ବାସୀ ଗର୍ବିତ। ଦେଶ ବିଦେଶରୁ ସବୁ ମହଲରୁ ଅନେକ ଅନେକ ପ୍ରଶଂସା, ଶୁଭେଚ୍ଛା ଓ ଅଜସ୍ର ଅଭିନନ୍ଦନର ଶୁଅ ଛୁଟୁଛି। ସେହିପରି ପ୍ରେକ୍ଷୀରେ ନିଜକୁ ଗର୍ବିତ ଅନୁଭବ କରି ରାୟଗଡା ଜିଲ୍ଲା ବିଷମକଟକ ନର୍ବାଚନ ମଣ୍ଡଳୀର ବିଜେଡି କର୍ମୀମାନେ ବିଷମ କଟକ କଲ୍ୟାଣମଣ୍ଡପ ଠାରେ ବିଜୟ ଉତ୍ସବ ମହାସମାରୋହରେ ପାଳନ କରିଅଛନ୍ତି। ବିଜେଡି ଜିଲ୍ଲା ସଭାପତି ଶ୍ରୀସୁଧିର କୁମାର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିଜୟୀ ଉତ୍ସବରେ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସବୁବେଳେ ଜନସାଧାରଣଙ୍କ ବିକାଶ ଧାରାକୁ ଅନୁପ୍ରାଣିତ ହେଉଛନ୍ତି, ସେ କହିଥିଲେ ଆଗ ମାଟି ପଛେ ପାଟି, ଆଜି ତାହାହି ହେଲା ଦଳଗତ ନିର୍ବିଶେଷରେ ଓଡିଆ ଝିଅକୁ ବିଜେଡି ସମର୍ଥନ ଜଣାଇ ରାଷ୍ଟ୍ରପତି ଆସନରେ ଅଳଙ୍କୃତ କରାଇ ନିଜକୁ ଆମେ ଗର୍ବରେ ଛାତି ଫାଟିପଡୁଛି। ସେଥିପାଇଁ ଆମର ଏହି ଆନନ୍ଦ ମାହୋଲ ଆଜି ଉତ୍ସବ ମୁଖରିତ ହୋଇ ଯାଇଛି। ଏଥିରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ବିଷମକଟକ ଜିଲ୍ଲାପରିଷଦ ସଦସ୍ୟା ବିଜୟ ଶାନ୍ତି କୁମୁରୁକା, କୋଲନରା ଜିଲ୍ଲାପରିଷଦ ସଦସ୍ୟ ଧବଳେଶ୍ୱର ନାଉଡୁ, ବିଷମକଟକ ବ୍ଲକ ଅଧକ୍ଷା ଯଶୋଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ନାୟୁ ସରପଞ୍ଚ ଜି, ପ୍ରଦୀପ କୁମାର, କୁର୍ଲି ସରପଞ୍ଚ ସୁଧିନୀ ଔଡକା ,ମାଧାରାଓ କଣ୍ଡାଗରୀ, ଜଗନ୍ନାଥ ନୁଣ୍ଡୁକା, ମୁନିଗୁଡା ବିଜେଡି ବ୍ଲକ ସଭାପତି ଶ୍ରୀ ରତନ ଲାଲ ଜୈନ, ସମ୍ପାଦକ ପୂର୍ଣଚନ୍ଦ୍ର ଗୌଡ, ରୱୀନ୍ଦ୍ର ନାଥ ପଣ୍ଡା, ଜ୍ୟୋତି ପ୍ରକାଶ ସାହୁ, ଡି. ଶିବପ୍ରସାଦ, ଗୋପାଳ ପଟ୍ଟନାୟକ, ଅନୀଲ କୁମାର ପାଢୀ, ପୂର୍ଣ୍ଣଚନ୍ଦ୍ର କୈବର୍ତ୍ତ, ପପୁ, ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏଥିରେ ଡଙ୍ଗରିଆ ମା' ମାନେ ମଧ ଆନନ୍ଦ ଉଲ୍ଲାସ ମନାଇ ନାଚ ଗୀତରେ ମଜିଯାଇଥିଲେ।

## ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ଗ୍ରାମରେ ଖୁସିର ଲହରୀ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ, ରାଇଘର ଆଦି ସ୍ଥାନରେ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଖୁସିର ମାହଲ ଦେଖିବାକୁ ମିଳିଛି। ଏହି ଅବସରରେ ଉମରକୋଟରେ ବିଜେପି ପକ୍ଷରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ।

ଏହି ଅବସରରେ ସ୍ଥାନୀୟ ନିତ୍ୟା ନନ୍ଦ ଗଣ୍ଡଙ୍କ ସମେତ ବହୁ ବିଜେପି କର୍ମୀ ମଧ ଉପସ୍ଥିତ ରହି ବାଣ ଫୁଟାଇ ଥିଲେ। ସେହିପରି ରାଇଘର ମୁଖ୍ୟ ବଜାରରେ ଥିବା ହନୁମାନ ମନ୍ଦିରରେ ମଧ ବିଜେପି ପକ୍ଷରୁ ଜୟ ଶ୍ରୀରାମ ଧ୍ୱନୀ ଦେଇ ପୁଜା ଅର୍ଚ୍ଚନା କରିବା ସହ ପରସ୍ୱରକୁ ମିଠା ଖୁଆଇ ଖୁସି ମନାଇଥିଲେ।

ଏହି ଅବସରରେ ବିଧାୟକ ପ୍ରତିନିଧି ଶିବ ନାଥ ବାନାର୍ଜୀ, ଖୁଡୁକୁର ପୁର୍ବତନ ସରପଞ୍ଚ ରାମ୍ ସାଇ ଗଣ୍ଡ, ମାୟା ରାମ୍ ଗଣ୍ଡ, ମନୋହର ଦଣ୍ଡସେନାଙ୍କ ସମେତ ରାଇଘର ବ୍ଲକର ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।



## ବନ୍ୟା ପୀଡ଼ିତଙ୍କୁ କୁକୁଡ଼ା ବ୍ୟବସାୟୀଙ୍କ ସହାୟତା

କାଲିମେଲା, (ଭାସ୍କର ନ୍ୟୁଜ୍): କୁକୁଡ଼ା ଦୋକାନ କରି ସେ ତାଙ୍କ ଗୁଜୁରାଣ ମେଣ୍ଟାଉଥିବା ବେଳେ ସେ ବନ୍ୟାରେ ଫସି ରହିଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ମନ ବଳେଇଥିଲେ। ସେ ୫୦ ପକେଟ ବିସ୍କୁଟ୍, ଚୁଡ଼ା ୨ ବସ୍ତା, ମୁଢି ୨ ବସ୍ତା, ୧୦ କିଲୋ ଚିନି, ୧୦ କିଲୋ ଗୁଡ଼ ଏଭଳି ୩୦୦ ପ୍ୟାକେଟ କରି ବନ୍ୟା ଯୋଗୁଁ ମାଲକାନଗିରି ସୀମାରେ ଅନେକ ଡ୍ରାଇଭର, ହେଲ୍‌ପର ଓ ସାଧାରଣ ଲୋକ ଫସି ରହିଛନ୍ତି। ବିଶେଷ କରି ଓଡ଼ିଶା ଓ ଆନ୍ଧ୍ର ସୀମା ଉପରେ ପାଣି ରହିଥିବା ଫଳରେ ମାଲବାହୀ ଟ୍ରକ୍ ଗୁଡ଼ିକ ଅଟକି ରହିଛି। ଗାଡ଼ି ଗୁଡ଼ିକ ପଛକୁ ଫେରି ପାରୁ ନଥିବା ବେଳେ ସମସ୍ତେ ଭୋକ ଉପାସରେ ରହିଛନ୍ତି। ମୋଟୁ ଉପାନ୍ତ ଅଞ୍ଚଳ ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ପହଞ୍ଚିଥିଲା। କିନ୍ତୁ ଏହା ବୁଡ଼ି ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିଲା। ଏମିତି ସ୍ଥିତିରେ ବନ୍ୟାରେ ଫସି ରହିଥିବା ଜିଲ୍ଲା ତଥା ରାଜ୍ୟ ବାହାରେ ରହୁଥିବା ଲୋକଙ୍କ ସାହାଯ୍ୟର ହାତ



ବଢ଼ିଛି। ଏମ୍‌ଭି ୭୯ର ଜଣେ ଛୋଟ କୁକୁଡ଼ା ବ୍ୟବସାୟୀ ନିଜ ଖର୍ଚ୍ଚରୁ ଫସି ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ବନ୍ୟାରେ ଫସି ରହିଥିବା ଅନେକ ଡ୍ରାଇଭର ଏବଂ ଆଶ୍ରୟସ୍ଥଳୀରେ ଆହୁଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି। ଏହି ବ୍ୟବସାୟୀ ଜଣକ ହେଲେ ଲକ୍ଷ୍ମୀକାନ୍ତ ବାଚାର। ସେ ଏମଭି - ୭୯ରେ ଏକ ଛୋଟିଆ ଭୋକିଲାଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିଲେ। ଏହି ରିଲିଫ ଖାଦ୍ୟ ଯୋଗାଇଦେବା ପାଇଁ ରତ୍ନା ଚିକେନ୍ ଦୋକାନ ମାଲିକ ଲକ୍ଷ୍ମୀକାନ୍ତ ବାଛାର, ରତ୍ନା ରାଣୀ ବାଛାର, ବିପ୍ରୋଜିତ ବାଛାର, ଦିନବନ୍ଧୁ ପାଲ, ଚାଷ୍ଟି ଗୁରୁ, ବିଟୁ ମଜୁମଦାର ଏବଂ ସବିତା ପଣ୍ଡା ସହଯୋଗର ହାତ ବଢ଼େଇଥିଲେ।

## ଦୁରାରୋଗ୍ୟରେ ପୀଡିତ ଲଳିତ ମିଶ୍ରଙ୍କୁ ଆର୍ଥିକ ସହାୟତା

ଗୁଣୁପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତ କର୍କଟ ରୋଗରେ ପୀଡିତ ଥିବା ଲଳିତ ନାରାୟଣ ମିଶ୍ରଙ୍କୁ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଏକ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଲଳିତ ବିଶ୍ୱ ବିଦ୍ୟାଳୟର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରେ ଲେବ୍ ସହାୟକ ଭାବେ କାମ କରନ୍ତି। ଗତ କିଛି ଦିନ ହେଲା ଅସୁସ୍ଥତା ରହିବା ପରେ ତାଙ୍କର ଏହି ରକ୍ତ କର୍କଟ ରୋଗ ନିରୂପଣ ହୋଇଥିଲା। ବର୍ତ୍ତମାନ ସେ ବମ୍ବେ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହା ଜାଣିବା ପରେ ନିଜ ବିଭାଗ ପକ୍ଷରୁ ବିଶ୍ୱ ବିଦ୍ୟାଳୟର ଫେକଲଟି କ୍ଲବ ପକ୍ଷରୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବିଶ୍ୱ ବିଦ୍ୟାଳୟର ମହା ନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ସୂଚନା ଦେଇଛନ୍ତି। ବିଶ୍ୱ ବିଦ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କ ଆସୁ ଆରୋଗ୍ୟ କାମନା କରିଛନ୍ତି।

### ବିହନ ବଣ୍ଟନରେ ଅନିୟମିତତା !

## ଗ୍ରାମବାସୀଙ୍କୁ ଭୂଆଁ ବୁଲାଉଛି ଓଡ଼ିଶା ଜୀବିକା ମିଶନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡିଶା ଜିବିକା ମିଶନ ଦ୍ୱାରା ଗ୍ରାମାଞ୍ଚଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡର ବିକାଶ ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। କିଛି କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ଯୋଜନା ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ମାଲକାନଗିରି ସଦର ବ୍ଲକ ସ୍ଥିତ ଗୌଡଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମଭି ୧୦ ଗ୍ରାମରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ଚାଷୀଙ୍କୁ ଆର୍ଥିକ ମାନଦଣ୍ଡର ବିକାଶ ନିମନ୍ତେ ଏହି ଗ୍ରାମର କେତେଜଣ ଚାଷୀଙ୍କୁ ଚାଷ କରିବା ନିମନ୍ତେ ୧୦ ଲକ୍ଷ ଟଙ୍କାର ସହାୟତା କରାଯାଇ ଧାନ ଚାଷ କରାଯାଉଥିବା ସୂଚନା ମିଳିଛି। ଜୈବିକ ପଦ୍ଧତିରେ ଧାନ ଚାଷ ନିମନ୍ତେ ଏମଭି ୧୦ ଗ୍ରାମର ୫୦ ଜଣ ଚାଷୀଙ୍କୁ ଧାନ ବିହନ ଯୋଗାଇ ଦେଇ ଚାଷୀଙ୍କୁ ସହାୟତା ଦେବାର ବ୍ୟବସ୍ଥା ରହିଥିଲା। ଏ ସମ୍ବନ୍ଧରେ ଗତ ଏପ୍ରିଲ ମାସରେ ଏହି ଗ୍ରାମର ଚାଷୀଙ୍କୁ ନେଇ ବୈଠକରେ ସୂଚନା ଦିଆଯାଇ ଥିଲା। ପରବର୍ତ୍ତୀ ସମୟରେ ମେ ମାସରେ ପୂନର୍ବାର ବୈଠକ କରି ସେହି ସମୟରେ ବିହନ ଦିଆଯିବ ବୋଲି ବିଭାଗୀୟ କର୍ମଚାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପାଣିର ଗାର ସଦସ୍ୟ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପରେ ଜୁଲାଇ ମାସର ୨୧ ତାରିଖ ଦିନ ଏହି ବିଭାଗର ପ୍ରତାପ ନାଏକ ନାମକ ଜଣେ କର୍ମଚାରୀ ବିହନ ବଣ୍ଟନ କରିବା ନିମନ୍ତେ ଏମଭି ୧୦ ଗ୍ରାମକୁ ଯାଇଥିଲେ। ସେଠାରେ ଚାଷ କାର୍ଯ୍ୟ ବର୍ତ୍ତମାନ ଅଧା ସମାପ୍ତ ହୋଇଥିବା ଯୋଗୁଁ ଗ୍ରାମବାସୀ ଉତ୍ତେଜିତ ହୋଇ ବିହନ ଫେରେଇ ନେବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଓଡିଶା ଜିବିକା ମିଶନ ଗ୍ରାମାଞ୍ଚଳରେ ଚାଷୀଙ୍କୁ କିଭଳି ଭାବରେ ପ୍ରକଳ୍ପ ନାମରେ ଭୁଆ ବୁଲାଉଛନ୍ତି ସେ ସମ୍ବନ୍ଧରେ ଗଣମାଧ୍ୟମ ଆଗରେ ମୁଖ ଖୋଲିଛନ୍ତି ଗ୍ରାମବାସୀ। ଏ ସମ୍ପର୍କରେ ଓଡିଶା ଜିବିକା ମିଶନର ଜିଲ୍ଲା ସଂଯୋଜକ ପବିତ୍ର ମୋହନ ବାରାଙ୍କୁ ପଚାରିବାରୁ ଏହି ଘଟଣା ସମ୍ପର୍କରେ ସେ କିଛି ଜାଣି ନ ଥିବା ବେଳେ ଏହାର ତଦନ୍ତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଓଡିଶା ଜିବିକା ମିଶନର ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ପ୍ରକଳ୍ପ କିପରି କାର୍ଯ୍ୟ କାରା ଯାଉଛି ତାହା ଏଥିରୁ ସ୍ପଷ୍ଟ ଅନୁମାନ କରି ହୋଇଛି।

## ବାଲ୍ୟ ବିବାହ ବନ୍ଦ ନିମନ୍ତେ ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ପ୍ରତିରୋଧ ମଞ୍ଚର ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାରେ ଜିଲ୍ଲାପ୍ରଶାସନ ଓ ଏକ୍ସନଏଡ଼ର ମିଳିତ ଉଦ୍ୟମରେ ବାଲ୍ୟ ବିବାହର ବନ୍ଦ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧକ୍ଷତାରେ କିଶୋର ଓ କିଶୋରୀମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୭ଟି ବ୍ଲକରୁ ବାଲ୍ୟ ବିବାହକୁ ନା କହି ଥିବା ଓ ବାଲ୍ୟ ବିବହ ଉପରେ କାମ କରି ଥିବା ୩୫ ଜଣ କିଶୋର ଓ କିଶୋରୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ବାଲ୍ୟ ବିବାହକୁ କେମିତି ତୃଣମୂଳସ୍ତରରେ ରୋକିବା, କିଶୋରୀ ବାଳିକାମାନଙ୍କୁ ସୁଦୃଢ଼ କରିବା ସହ ସଚେତନତା ମାଧ୍ୟମରେ ଜିଲ୍ଲାରୁ ବାଲ୍ୟ ବିବାହକୁ ଦୂର କରିବା ଏହା ଉପରେ ଆଲୋକପାତ କରିଥିଲେ। ୨୦୨୩ ସୁଦ୍ଧା ଜିଲ୍ଲାକୁ ବାଲ୍ୟ ବିବାହ ମୁକ୍ତ କରିବା ଆମର ସମସ୍ତଙ୍କ ଲକ୍ଷ୍ୟ ଓ ସମସ୍ତଙ୍କ ମିଳିତ ଉଦ୍ୟମରେ ଆମେ ଏହାକୁ ସଫଳ କରିବା ବୋଲି ସୂଚେଇ ଥିଲେ। ରୋମାଞ୍ଚଲ୍ ଖମାରି, ପ୍ରକଳ୍ପ ସଂଯୋଜକ, (ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା) ଗ୍ରାମସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଏକ ସାମୁହିକ ସଚେତନତା ଓ ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି ବୋଲି ସୂଚେଇ ଥିଲେ। ସମାଜରେ ବାଲ୍ୟ ବିବାହ ଏକ ଘୃଣ୍ୟ ଅପରାଧ ବୋଲି ଜଣାଇଥିଲେ। ଫାଲଗୁନି ମାଝୀ ପ୍ରକଳ୍ପ ପ୍ରକାଶକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଜିଲ୍ଲାର ବାଲ୍ୟ ବିବାହର ତଥ୍ୟ ରଖିବା ସହ ଅବମାନନା କରୁଥିବା ଲୋକୋଙ୍କ ବିରୁଦ୍ଧରେ ମକଦ୍ଦମା କରି ଦଣ୍ଡ ଦେବାର ଆବଶ୍ୟକତା ରହିଚି ବୋଲି କହିଥିଲେ। ଅଳକା ସାହୁ, ଶିଶୁ ମଙ୍ଗଳ ସମିତିର ଅଧକ୍ଷା କମ୍ ବୟସର ଶିଶୁ ପ୍ରେମ ସମ୍ପର୍କରେ ଆସି ଘରୁ ପଳାୟନ କରୁଛନ୍ତି। ଯାହାର ବହୁତ୍‌କୁ ପ୍ରଭାବ ଶିଶୁଙ୍କ ଉପରେ ପଡୁଛି। ତାକୁ ରୋକିବା ଦିଗରେ ସଚେତନତାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ଆଲୋକପାତ କରିଥିଲେ। କିରଣ କୁମାର ମହାନ୍ତି, ଜିଲ୍ଲାପାଳଙ୍କ ଓଏସ୍‌ଡି ବାଲ୍ୟ ବିବାହ ନାରୀମାନଙ୍କର ସମ୍ମାନ ଓ ପ୍ରତି ସ୍ୱାଭିମାନ ଉପରେ ଏକ ଅପମାନ ଓ କଳାଦାଗ ବୋଲି କହିଥିଲେ। ଯାହା ଗୋଟେ କିଶୋରୀ ବାଳିକାକୁ ତାର ଅଧିକାର କ୍ଷୁର୍ଣ୍ଣ କରି ଥାଏ। ଉଚ୍ଚ ଶିକ୍ଷିତରୁ ବଞ୍ଚିତ ରଖିଥାଏ ବୋଲି ଆଲୋକପାତ କରିଥିଲେ। ମୀନତି ଦେଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସମସ୍ତ ସ୍କୁଲରେ କିଶୋର କିଶୋରୀମାନଙ୍କୁ ସଚେତନତା କରେଇବାର ଆବଶ୍ୟକତା ରହିଛି ବୋଲି ଆଲୋକପାତ କରିଥିଲେ। ଅରୁଣ କୁମାର ତ୍ରିପାଠୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାରେ ଥିବା ସୁବିଧା ବିଷୟରେ ଅବଗତ କରେଇଥିଲେ। ନିଜ ବାଲ୍ୟ ବିବାହକୁ ନିଜେ ନା କହି ଥିବା ୨ ଜଣ କିଶୋରୀ ବାଳିକାକୁ ସମ୍ମାନିତ କରାଯାଇଥିଲା। ୨୦୨୧ ମସିହାରେ ବାଲ୍ୟ ବିବାହକୁ ନମାନିଥିବା ବ୍ୟକ୍ତି ବିରୁଦ୍ଧରେ ଗୁମା ବାଲ୍ୟ ବିବାହ ନିଷେଧ ଅଧିକାରିଣୀ ଅନିତା ପଟ୍ଟନାୟକ ମକଦ୍ଦମା ରୁଜୁ କରି ଥିବାରୁ ତାଙ୍କୁ ସମ୍ମାନିତ କରା ଯାଇଥିଲା। ବିକାଶ କୁମାର ମେହେର ଆକ୍ସନଆଡ୍ଡର ଜିଲ୍ଲା ସଂଯୋଜକ ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ସଭା ପରିଚାଳନା କରିଥିଲେ। ବିଜୟ ପ୍ରଧାନ (ବ୍ଲକ ସଂଯୋଜକ) ଉପସ୍ଥିତ ଥିବା କିଶୋର କିଶୋରୀମାନଙ୍କୁ ବାଲ୍ୟ ବିବହ ଉପରେ ଦକ୍ଷତା ବୃଦ୍ଧି କରେଇଥିଲେ। ଭାଗ୍ୟଲକ୍ଷ୍ମୀ ନାୟକ କେନ୍ଦ୍ର ପ୍ରଶାସିକା ସକ୍ଷୀ ଦ୍ୱାରା ଦିଆଯାଉଥିବା ସେବା ଉପରେ ଦକ୍ଷତା ବୃଦ୍ଧି କରାଇଥିଲେ। କେ ସୁନିତା ମହିଳା ସୁରକ୍ଷା ଅଧିକାରୀ କିଶୋର କିଶୋରୀମାନଙ୍କୁ ସଶକ୍ତି କରଣ ପାଇଁ ଚାଲିଥିବା ଅଦ୍ୱିକା କାର୍ଯ୍ୟକ୍ରମ ଉପରେ ଦକ୍ଷତା ବୃଦ୍ଧି କରି ଥିଲେ। ମନ୍ଦାକିନୀ ସିଂ ଜିଲ୍ଲା ସଂଯୋଜିକା ୟୁଏନ୍ ଓମେନ୍ ଶିକ୍ଷା ଗ୍ରହଣ କ୍ଷେତ୍ରରେ ଟେକନିକାଲ ଏଡୁକେସନ୍ ଗ୍ରହଣର ଆବଶ୍ୟକତା, ଉପକାରିତା ଓ ଏହାର ଆବଶ୍ୟକତା ଉପରେ ଦକ୍ଷତା ବୃଦ୍ଧି କରିଥିଲେ। ଶେଷରେ ଅରୁଣ କୁମାର ତ୍ରିପାଠୀ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲା।



ଟିଟ୍‌ଲାଗଡ଼, (ଭାସ୍କର ନ୍ୟୁଜ୍):ଟିଟ୍‌ଲାଗଡ ସ୍ଥାନୀୟ ବ୍ୟାଙ୍କ ଅଫ ବରୋଦା ଶାଖା କାର୍ଯ୍ୟାଳୟରେ ବ୍ୟାଙ୍କର ୧୧୫ ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଶାଖା ପରିଚାଳକ ଶୈଳେନ୍ଦ୍ର ନାରାୟଣ ତିୱାରୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବରେ ଟିଟିଲାଗଡ ପୌରପରିଷଦର ଅଧକ୍ଷା ମମତା ଦେବୀ ଜୈନ ମୁଖ୍ୟ ଅତିଥି ଓ ପୌରନିର୍ବାହୀ ଅଧିକାରୀ ବିପିନ କୁମାର ଦୀପ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରକାଶଯୋଗ୍ୟ ଯେ ଦେଶ ସ୍ୱାଧୀନତା ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଏହି ବ୍ୟାଙ୍କ ସ୍ୱାଧୀନତା ପରେ ଜାତୀୟକରଣ ହେବାସହ ଇତି ମଧ୍ୟରେ ୧୧୫ ବର୍ଷ ରେ ପାଦ ଥାପିଛି। ଉପସ୍ଥିତ ଅତିଥିଙ୍କ ଦ୍ୱାରା ବ୍ୟାଙ୍କ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ଋଣ ବଣ୍ଟନ କରାଯାଇଥିବା ବେଳେ ସ୍ଥାନୀୟ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ କମ୍ବଳ ଓ ଫଳମୂଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶାଖାର ସହାୟକ ପରିଚାଳକ ସୁଶିଲ କୁମାର ବିଶ୍ୱାଳ, ମନୀଷ ଅଗ୍ରୱାଲ, ଅନନ୍ତ ଚରଣ ମାରାଣ୍ଡି, ସରୋଜ ପୋଡ, ଚିତ୍ତମନ ବାଗ ପ୍ରମୁଖଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଆବାସ ଯୋଜନା ସାତ ସପନ

# ପଲିଥିନ ତଳେ ଆଶ୍ରୟ ନେଇଛନ୍ତି ପରିବାର



ସିନାପାଲି, (ଭାସ୍କର ନ୍ୟୁଜ୍): ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ନିରୀହ ଗରିବ ତଥା ନିରାଶ୍ରୟ ବସହିନ ପରିବାରଙ୍କୁ ଆବାସ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ମନମୁଖୀ ତଥା ବେପରୁଆ ନୀତି ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡିଯାଉଛନ୍ତି। ଫଳରେ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ କରି ନ ପାରି ନିରାଶ୍ରୟ ହୋଇ ଦୟନୀୟ ଅବସ୍ଥାରେ ଜୀବିକା ନିର୍ବାହ କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବର୍ଷା ଋତୁରେ ନିରୀହ ଗରିବ ଶ୍ରେଣୀର ଲୋକେ ଚାଳ ଛପର ଅବା ପଲିଥିନ ଦେଇ ରହୁଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ଚଚରାଭଟା ଠାରେ । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିକ ନଥିବା ବେଳେ ବିପଦ ସଂକୁଳ ଅବସ୍ଥାରେ ପରିବାର ଏକ ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ବାସହୀନଙ୍କ ପାଇଁ ଆବାସ ଯୋଜନା ଉଦ୍ଧିଷ୍ଟ ଥିବା ବେଳେ ଲୋକଙ୍କ ଏଭଳି ଦୁରବସ୍ଥାକୁ ନେଇ ଆବାସ ଯୋଜନା କାହାପାଇଁ ବୋଲି ମତ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନା ଅନୁସାରେ ଚଚରଭଟା ଗ୍ରାମର ୮୦ ବର୍ଷୀୟ ବିଧବା ଛୋଟୀ ବେଓ୍ୱା ତାଙ୍କ ପୁଅ ବଳମତ ଠେଲା (୩୫) ବୋହୂ ବନିତା ଠେଲା (୩୦) ଓ ନାତି ଆୟୁଷ (୯) ନାତୁଣୀ ରମଣୀ (୫) ସନ୍ଧ୍ୟା (୨)ଙ୍କୁ ନେଇ ବସବାସ କରନ୍ତି। କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏଣେତେଣେ କରି ଚଳଛପର ଘର ଖଣ୍ଡିକ ନିର୍ମାଣ କରିପାରୁ ନାହାଁନ୍ତି। ବଡ଼ ଭାଇର ଘର ପଛପଟେ ଏକ ପଲିଥିନ ତଳେ ପରିବାର ଆଶ୍ରୟ ନେଇଛନ୍ତି। ଏହି ପଲିଥିନ ତଳେ ତିନି ନାବାଳକ ପୁଅ ଝିଅର ଭବିଷ୍ୟତ ବନ୍ଧା ପଡ଼ିଛି। ହେଲେ ଉକ୍ତ ପଲିଥିନ କେଉଁ ମୁହୂର୍ତ୍ତରେ ଭୁଶୁଡି ପଡିବ ତାହା ଅନିଶ୍ଚିତ। ବର୍ତ୍ତମାନ ପରିବାର ନିରାଶ୍ରୟ ହୋଇ ପଲିଥିନ ତଳେ ଆଶ୍ରୟ ନେଇ ଜୀବନ ବିତାଉଛନ୍ତି। ଆଜିକୁ ତିନି ବର୍ଷ ହେଲା ଏହି ପଲିଥିନ ତଳେ ଆଶ୍ରୟ ନେଇଛନ୍ତି। ସରକାର ଘର ଖଣ୍ଡିକ ଦେଲେ ନିର୍ମାଣ କରି ରହିବୁ ବୋଲି ଆଶା ବାନ୍ଧିଥିବା ପ୍ରକାଶ କରିଛନ୍ତି। ହେଲେ ଉକ୍ତ ପରିବାର ପାଇଁ ଆବାସ ଘର ସାତ ସପନ ପାଲଟିଛି। ଏହି ବିପଦ ପୂର୍ଣ୍ଣ ପଲିଥିନ କୁଡ଼ିଆରେ ଆଶ୍ରୟ ନେଇଥିବା ବେଳେ କୌଣସି ରାଜନେତା ଅବା ପ୍ରଶାସନିକ ଅଧିକାରୀଙ୍କ ନଜର ପଡୁନାହିଁ। ଚଳିତ ବର୍ଷା ଋତୁରେ ଲଗାଣ ବର୍ଷା ଲାଗିଥିବା ବେଳେ ବିଭିନ୍ନ ବିଷାକ୍ତ ସାପ ତଥା କୀଟପତଙ୍ଗର ମଧ୍ୟ ଭୟ ରହିଛି। ଏହି ପରିବାରକୁ ଆଜି ପର୍ଯ୍ୟନ୍ତ ଘର ଖଣ୍ଡିକ ମିଳିନଥିବା ବେଳେ ବୃଦ୍ଧା ବିଧବା ମାତାଙ୍କୁ କେବଳ ବିଧବା ଭତା ୫ଶହ ଟଙ୍କା ମିଳୁଛି। ଜମିବାଡ଼ି ନାମକୁ ମାତ୍ର ଥିବା ବେଳେ ସମ୍ପତ୍ତି କହିଲେ ରାସନ କାର୍ଡ ଖଣ୍ଡିକ। ଉକ୍ତ ରାସନ କାର୍ଡରେ ମିଳୁଥିବା ୧୫ କିଗ୍ରା ଚାଉଳରେ ପରିବାର ଚଳନ୍ତି। କୁଲିମଜୁରୀ କରି ପରିବାର ପ୍ରତିପୋଷଣ କରିବା ସହ ପ୍ରତିବର୍ଷ ଦାଦନ ମଧ୍ୟ ଯାଇଥାନ୍ତି । ସ୍ଥାନୀୟ ପଞ୍ଚାୟତ, ବ୍ଲକ ତଥା ଜିଲ୍ଲା ପ୍ରଶାସନ ଏହାର ତଦନ୍ତ କରି ଉଚିତ୍ ପଦକ୍ଷେପ ନେବା ସହ ସମ୍ପୃକ୍ତ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଇ ଦେବାକୁ ଦାବି କରିଛନ୍ତି।

# ପୌରପରିଷଦ ରାସ୍ତା ପାଲଟିଛି ମରଣଯନ୍ତା

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦର ମୁଖ୍ୟରାସ୍ତା ଜନସାଧାରଣଙ୍କ ପାଇଁ ପାଲଟିଛି ମରଣଯନ୍ତା। କିନ୍ତୁ ପୌରପରିଷଦ ଅଧିକାରୀ, ଅଧିଖ୍ୟା ଓ ପିଡବ୍ଲୁଡ଼ି ବିଭାଗ ସବୁ ଦେଖି, ଜାଣି ଚୁପ ମାରି ବସିପଡିଛନ୍ତି। ଏହି ମୁଖ୍ୟ ରାସ୍ତାଟି ହେଉଛି ଜଗନ୍ନାଥ ମନ୍ଦିରଠାରୁ ସରକାରୀ କଲେଜ ପର୍ଯ୍ୟନ୍ତ ରହିଛି। ଏହି ରାସ୍ତାଟିର ପିଚୁକାମ ଏତେ ନିମ୍ନମାନର ହୋଇଥିଲା ଯେ ବର୍ଷା ଜଳରେ ରାସ୍ତାର ପିଚୁ ସବୁ ଉଠି ପଥର, ଗୁଡି ବାହାରି ରାସ୍ତାର ଉପରେ ବିଛିନ୍ନ ହୋଇ ପଡିଛି। ଯାହାରି ଫଳରେ ଜନସାଧରଣ ବିପଦସଂକୁଳ ଅବସ୍ଥାରେ ଶହ ଶହ ଯିବା ଆସିବା କରୁଛନ୍ତି ଏବଂ ଅଧିକାଂଶ ଜନସାଧରଣ ରାସ୍ତା ଉପରେ ଛୋଟ ବଡ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ମାନଙ୍କ ପାଇଁ ହା ହା କରିବା ପାଇଁ କୌଣସି ଅଧିକାରୀ ନାହାନ୍ତି। ତେଣୁ ଦୀଘଦିନ ହେଲାଣି ପୌରପରିଷଦ ଅଧିକାରୀ, ଅଧିଖ୍ୟା ଓ ପିଡବ୍ଲୁଡ଼ି ବିଭାଗ ମରଣ ଯନ୍ତାର ପିଚୁ ରାସ୍ତାକୁ ଗୋଡି, ପଥରକୁ ସଫା ସୁତରା ଓ ପିଚୁ ନ ପକାଇ ଚୁପ ମାରି ଜନସାଧରଣଙ୍କୁ ବିପଦ ମୁହଁକୁ ଠେଲି ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି। କନ୍ଧମାଳ ଜିଲ୍ଲାପାଳ ତୁରନ୍ତ ମୁଖ୍ୟ ରାସ୍ତା ଉପରେ ଦୃଷ୍ଟି ଦେଇ ପୌରପରିଷଦ ଓ ପିଡବ୍ଲୁଡ଼ି ବିଭାଗ ଅଧିକାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଫୁଲବାଣୀ ପୌରପରିଷଦରେ ଠିକ କାର୍ଯ୍ୟ ହୋଇପାରିବ।

# ଚାଉଳ ହଡପ ଘଟଣା: ପିଇଓ ନିଲମ୍ବିତ, ଯୋଗାଣ ସହାୟକ ବହିଷ୍କୃତ

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଁଳାଭଟ୍ଟା ପଞ୍ଚାୟତରେ ପିଡିଏସ ଚାଉଳ ହଡପ ଘଟଣାରେ ଜିଲ୍ଲାପାଳ ପିଇଓ ହରେକୃଷ୍ଣ ବିଷୋୟୀଙ୍କୁ ନିଲମ୍ବିତ ଓ ଯୋଗାଣ ସହାୟକ ବସନ୍ତ ସଗରିଆଙ୍କୁ ବହିଷ୍କାର କରିଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିବା ପରେ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯିବ ବୋଲି ବିଡିଓ ଦୁର୍ଯୋଧନ ଭୋଇ ଓ ବିପଣି ନିରୀକ୍ଷକ ରୋହିତ ମାଝି କହିଛନ୍ତି । ସୁଚନାଯୁଯାୟୀ, ପଞ୍ଚାୟତର ୧୫୦୪ ହିତାଧିକାରୀ ତିନି ମାସ ମାଗଣା ଚାଉଳ ଓ ଜୁଲାଇ ମାସର ଚାଉଳ ପାଇ ନଥିବା ନେଇ ହିତାଧିକାରୀମାନେ ଅଭିଯୋଗ କରିଥିଲୋ ବିଡିଓ ଦୁର୍ଯୋଧନ ଭୋଇଙ୍କ ଦ୍ୱାରା ଗଠିତ ୯ଟି ଟିମ୍‌ର ୩୭ଜଣ ସଦସ୍ୟ ଏହା ଉପରେ ତଦନ୍ତ କରିଥିଲେ । ଏହାର ବିସ୍ତୃତ ରିପୋର୍ଟ ଉକ୍ତ ଟିମ୍ ବିଡିଓଙ୍କୁ ଦେଇଥିଲୋ ବିଡିଓ ଜିଲ୍ଲାପାଳ ଡ଼଼. କମଳ ଲୋଚନ ମିଶ୍ରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଜିଲ୍ଲାପାଳ ପିଇଓଙ୍କୁ ନିଲମ୍ବିତ ଓ ଯୋଗାଣ ସହାୟକଙ୍କୁ ବହିଷ୍କୃତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନ ୧୫୦୪ ଜଣ ହିତାଧିକାରୀଙ୍କୁ ହଡପ ହୋଇଥିବା ଚାଉଳ ସେମାନଙ୍କୁ କେବେ ମିଳିବ ବୋଲି ପ୍ରଶ୍ନ କରିଛନ୍ତି । ଚଉଳ ପାଇବାରୁ ବଞ୍ଚିତ ହିତାଧିକାରୀମାନେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ କହିଛନ୍ତି ।

# କୋଲନାରା ବ୍ଲକ ଗସ୍ତ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା



ରାୟଗଡ, (ଭାସ୍କର ନ୍ୟୁଜ୍): ରାୟଗଡ ଜିଲ୍ଲାପାଳ ସ୍ୱଧା ଦେବସିଂ ଗତ ୨୧ ତାରିଖରେ କୋଲନାରା ବ୍ଲକ ଗସ୍ତକରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଛନ୍ତି। ବ୍ଲକ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ତରଫରୁ ୩୧ଟି ବିଦ୍ୟାଳୟକୁ ଆରଓ ଆରପଟ୍ଟାକୁ ଜିଲାପାଳ ପ୍ରଦାନ କରୁଥିଲେ। ଏହାପରେ ଜଗଦମ୍ବା ୫ଟି ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ପରେ ଦୁମୁରିଗୁଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କେ.ଡେଙ୍ଗାସର୍ଗି ଗ୍ରାମକୁ ଯାଇ ନନ୍ଦିଘୋଷ ସ୍ୱୟଂସାହାୟକ ଦ୍ୱାରା କରାଯାଇଥିବା ମହୁଚାଷକୁ ଓ ଏହା ପୂର୍ବରୁ କରାଯାଇଥିବା ଗେଣ୍ଡୁ ଚାଷ ବୁଲିଦେଖିବା ସହିତ ସ୍ୱୟଂ ସାହାୟକ ଗୋଷ୍ଠୀର ମହିଳା ସଦସ୍ୟ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହାପରେ ଖେଡାପଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦେଓଗାଁରେ ନିର୍ମାଣଧୀନ ଅମୃତ ପୋଖରୀ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଗ୍ରାମରେ ଅବସ୍ଥିତ ମିଶନ ଶକ୍ତିଗୃହ ପରିଦର୍ଶନ କରି ସେଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କ ସହ ଚାରାରୋପଣ କରିଥିଲେ। ସେଠାରୁ ସେଠକ୍ଷରୁ ଖେଡାପଡା ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କ/ଛାତ୍ରଛାତ୍ରୀ ସହିତ ଆଲୋଚନା କରିଥିଲେ। ଏହାପରେ ଗୌଗୁଡ଼ା ଠାରେ ନିର୍ମାଣଧୀନ ଅମୃତ ପୋଖରୀ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡିଓ ସହିତ ଆଲୋଚନା କରିଥିଲେ। ଏହାପରେ ଗୌଡ଼ଗୁଡା ଠାରେ ଜୀବିକା ମିଶନ ଜରିଆରେ ମହିଳା ସ୍ୱୟଂ ସାହାୟକ ଦ୍ୱାରା କରାଯାଇଥିବ ପନିପରିବା ଚାରା ଉତ୍ପାଦନ କେନ୍ଦ୍ର ବୁଲିଦେଖିଥିଲେ ଏବଂ ମହିଳା ସ୍ୱୟଂ ସାହାୟକକ୍ଷ ସଦସ୍ୟା ମାନଙ୍କ ସହିତ ବର୍ଷସାରା ଚାଷବାସ, ପାନୀୟ ଜଳ ଓ ଗୋଷ୍ଠୀ ପାଇଖାନା ସମ୍ପର୍କରେ ଆଲୋଚନା କରିଥିଲେ। ଏହାର ତୁରନ୍ତ ପଦ୍ଧକ୍ଷେପ ନେବାକୁ ବିଭଗୀୟ ଅଧିକାରୀ ମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଶେଷରେ ଜିଲ୍ଲା ପାଳ ଥେରୁବାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରେଳିବାଦୀ ଗ୍ରାମକୁ ଯାଇ କାଜୁ ପ୍ଲାଣ୍ଟସେନ ବୁଲିଦେଖିଥିଲେ। ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀ ସହିତ ବଗିଚାର ପରିଚାଳନା ବିଷୟରେ ଆଲୋଚନା କରିଥିଲେ କ୍ଷ ଗ୍ରାମ ପଞ୍ଚାୟତରୁ ଲିଜ ନେଇଥିବା ପୋଖରିକୁ ସଫା କରିବା ନିମନ୍ତେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲା ପାଳ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସରକାରୀ ଜାଗା ଜବରଦଖଲକୁ ନେଇ ଉତ୍ତେଜନା



ମାଲକାନଗିରି, (ଭାସ୍କର ନ୍ୟୁଜ୍):ମାଲକାନଗିରି ତାରିଣୀ ମନ୍ଦିର ସାହି ୱାର୍ଡ ନଂ ୮ରେ କିଛି ଦିନ ହେବ ଉତ୍ତେଜନା ଲାଗି ରହିଛି ଖବରରୁ ଜଣାପଡିଛି ଯେ ତାରିଣୀ ମନ୍ଦିର ସାହିରେ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କିଛି ଆଦିବାସୀ ତଥା ଭୂମିହୀନ ଲୋକ ବସ୍ତି ନିର୍ମାଣ କରି ରହି ଆସୁଥିଲେ । ସମସ୍ତେ ନିଜନିଜ ଭିତରେ ଭାଇ ଚାରାଶହ ରହି ଆସୁଥିଲେ। କିନ୍ତୁ କିଛି ବର୍ଷ ଧରି କିଛି ଖଳ ପ୍ରକୃତିର ଲୋକ କୁମାର ଜାଲିଆ, ମଙ୍ଗଳା ମାଣ୍ଡି, ଜୟ ସମରଥ, ସନ୍ତୋଷ ବେଗଲ ସହ ଅନ୍ୟ ଯୁବକ ମାନେ ସେଠାରେ ରହିବା ଶହ ବିଶୃଙ୍ଖଳା ସୃଷ୍ଟି କରି ଧର୍ମ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ସାହିବାସିନ୍ଦା ମାନେ ଅଭିଯୋଗ ହୋଇଛି । ସର୍ବ ସାଧାରଣ ପାଇଁ ଉଦ୍ଧିଷ୍ଟ ହୋଇଥିବା ରାସ୍ତାକୁ ଜାଣିଶୁଣି ଖୋଳିବା ସହ ଅକାରଣରେ ସାହିବାସିନ୍ଦା ସହ ମାରଣା ଅସ୍ତ୍ର ଦେଖାଇ ଭୟଭୀତ କରୁବା ଏବଂ ମିଥ୍ୟା କେଶରେ ସାହି ବାସିନ୍ଦାକୁ ଫସାଇ ଜେଲଦଣ୍ଡ ଭୋଗିଥିବା ସାହି ବାସିନ୍ଦା ଅଭିଯୋଗ କରିଛନ୍ତି । ଏଭଳି କି ବ୍ୟକ୍ତି ଜଣକ ତୁମେ କାହାକୁ କହିଲେ ମଧ୍ୟ ମୋର କେହି କିଛି କରିପାରିବେ ନାହିଁ ବୋଲି ଖୋଲା ଖୋଲି ଚ୍ୟାଲେଞ୍ଜ ଦେଇଥିବା ସାହି ବାସିନ୍ଦାଙ୍କ ଠାରୁ ପ୍ରକାଶ । ଏଭଳି ଏକ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ ସମ୍ମିଳିତ ହୋଇ ମାଲକାନଗିରି ତହସିଲଦାର ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଧର୍ମ ପରିବର୍ତ୍ତନ ଏକ ବେଆଇନ କାର୍ଯ୍ୟ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ କିଭଳି ଭାବେ ଏଭଳି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନକରି ଓଲଟି ପୀଡିତମାନଙ୍କ ଉପରେ କିଭଳି ଭାବେ ଆଉ କାହା ଚାପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି ତାହାର ନ୍ୟାୟପୁର୍ଣ ତଦନ୍ତ କରିବା ପାଇଁ ସାହି ବାସିନ୍ଦା ଶରତ ପଟ୍ଟନାୟକ, ସୁଧାଂଶୁ ନାୟକ,ବତୀ ଖରା, ଲକ୍ଷ୍ମୀଧର ଭୂମିଆ,ଗୁପ୍ତ ପୂଜାରୀ, ତୁଳସୀ ରାମ ଭୂମିଆ ଭଳି ୫୦ରୁ ଊର୍ଦ୍ଧ୍ୱ ସାହି ବାସିନ୍ଦା ଦାବି କରିଛନ୍ତି।

# ଅବକାରୀ ଚଢଉ, ଗଞ୍ଜେଇ ଜବତ

ବରଗଡ, (ଭାସ୍କର ନ୍ୟୁଜ୍): ଚଳିତ ଜୁଲାଇ ମାସରେ ଅବକାରୀ ଅଧିକ୍ଷକ ସୁବଳ ନାୟକଙ୍କ ନିର୍ଦ୍ଦେଶନାରେ ଯୋଗ ଦେଇଥିବା ବରଗଡ଼ ଅବକାରୀ ଇନ୍‌ସପେକ୍ଟର ମୋହନ ପଧାନଙ୍କ ପରିଚାଳନାରେ ବରଗଡ଼ ସହର ତଥା ଗ୍ରାମାଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ଉପରେ ଚଢଉ କରି କଣ୍ଟାପାଲି ଗ୍ରାମର ସଞ୍ଜୟ କୁମାର ସାହୁ (୩୭)ଙ୍କ ଠାରୁ ୧ କେଜି ୭୦୦ ଗ୍ରାମ ଗଞ୍ଜେଇ (ଯାହାର ମୂଲ୍ୟ ୭୦୦୦ଟଙ୍କା ହେବ) ଧରାଯାଇ ଆସାମୀକୁ ଗିରଫ କରାଯାଇ କୋର୍ଟ ଫରୱାର୍ଡ କରାଯାଇଛି।

# ରାସ୍ତାରେ ଭାସୁଛି ମଇଳା ପାଣି ଡ୍ରେନେଜ୍ ନିର୍ମାଣ ଦାବି

ବରଗଡ, (ଭାସ୍କର ନ୍ୟୁଜ୍): ବରଗଡ଼ ସହର ଏକ ପୁରାତନ ସହର ହୋଇଥିଲେ ମଧ୍ୟ ରାସ୍ତା କଡରେ ସଠିକ୍ ନାଳ ନ ଥିବା ଯୋଗୁଁ ସହର ମଧ୍ୟର ରାସ୍ତା ଉପରେ, ସୁଧା କ୍ଲିନିକ ସାମନା ରାସ୍ତା, ଭଟଲୀ ରୋଡ ଶ୍ୟାମଳା ସାର ଫାକ୍ଟୀ ନିକଟ ହୋଟେଲ୍ ସାମନା ରାସ୍ତା କଡ, ନଦୀ ପଡା, ମହିଳା ମହାବିଦ୍ୟାଳୟ ସାମନା, କିଶୋରୀ ନର୍ସିଂ ହୋମ ରାସ୍ତା ସାମନାରେ ନାଳର ମଇଳା ପାଣି ଚାଲୁଥିବା ଯୋଗୁଁ ଜନସାଧାରଣ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି ମାତ୍ର କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି।

# ବିପଦସଙ୍କୁଳ ଅବସ୍ଥାରେ ପ୍ରାଥମିକ ବିଦ୍ୟାଳୟ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍):ବନ୍ଧୁଗାଁ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାକୁ ବସିଛି। ପ୍ରତ୍ୟେକ ଦିନ କୌଣସିନା କୌଣସି ବିଦ୍ୟାଳୟର ସମସ୍ୟା ସାମନାକୁ ଆସୁଛି। କିଛି ବିଦ୍ୟାଳୟ ବ୍ଲକ ସଦରଠୁ ଅନେକ ଦୁରରେ ଥିବାରୁ ବ୍ଲକ ଶିକ୍ଷା ବିଭାଗ ତରଫରୁ ପରିଦର୍ଷ ହେଉନି। ଯାହାର ଫାଇଦା କିଛି ଶିକ୍ଷକ ଉଠାଇ ବିଦ୍ୟାଳୟର ପିଣ୍ଡା ମାଡୁ ନାହାନ୍ତି। କିଛି ବିଦ୍ୟାଳୟରେ ଅନେକ ସମସ୍ୟା ଥିବା ବେଳେ ତାହା ଜିଲ୍ଲା ପ୍ରଶାସନର ନଜରକୁ ଆସୁନି। ଯାହାର ଏକ ଉଦାହରଣ ସାଜିଛି ସ୍ଥାନୀୟ ବ୍ଲକର କାନାଗାଁ ପଞ୍ଚାୟତ ଅନ୍ତର୍ଗତ ସାନ ମାତୁର ଗାଁର ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶେଣୀ ଯାଏ ମୋଟ ୨୯ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଦୁଇଜଣ ଶିକ୍ଷକ ଅଛନ୍ତି। ପାଠପଢାରେ ଅସୁବିଧା ଦେଖି କିଛି ଛାତ୍ର ଛାତ୍ରୀ ବିଦ୍ୟାଳୟକୁ ଆସିବାକୁ ଇଚ୍ଛା ପ୍ରକଟ କରୁନାହାନ୍ତି। ଫଳରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଶ୍ରେଣୀ ଗୃହର ଅଭାବ ଥିବାରୁ ପାଞ୍ଚଟି ଶ୍ରେଣୀର ପିଲା ଗୋଟିଏ ରୁମରେ ବସି ପାଠ ପଢନ୍ତି। ବର୍ଷାଦିନ କଥା ନକହିବା ଭଲ, ନିମ୍ନମାନର କାମ ହେଇଥିବାରୁ ବର୍ଷା ଦିନ ଆସିଲେ ଛାତରୁ ପାଣି ଗଳୁଚି। ଏନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଜାଇଛି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ଅପରପଟେ କୌଣସି ଦିନ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟ ପରିଦର୍ଶନ କରୁ ନଥିବାରୁ ସ୍କୁଲର ସମସ୍ୟା ଦୂର ହେଇପାରୁନି ବୋଲି ଗ୍ରାମବାସୀ କହିଛନ୍ତି।

# ଚୋରା ଟ୍ରକ୍ ବିକିବା ବେଳେ ୨ ଚୋର ଗିରଫ

ଖଡ଼ିଆଳ, (ଭାସ୍କର ନ୍ୟୁଜ୍):ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରହେନ ପଦର ଗାଁରେ ସ୍ଥିତ କ୍ରସର ରେରାୟପୁର ଠାରୁ ଏକ ଚୋରା ଟ୍ରକକୁ ନେଇ କାଟୁଥିଲେ ଏବଂ କବାଡି ଖାନରେ ବିକ୍ରି କରିବା ଉଦ୍ୟମ କରୁଥିବାଜଣା ପଡିଛି । ଗତ ୧୪ତାରିଖ ଦିନ ରାୟପୁରର ଜଣେ ଟ୍ରକ ମାଲିକ ଟ୍ରକ ରଖି ଶୋଇବାକୁ ଯାଇଥିଲେ, ଓ ସେଠାରୁ ରାତିରେ ଟ୍ରକଟି ଚୋରି ହୋଇଥିଲା। ଏହି ଟ୍ରକ ଚୋରି ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ ହୋଇଥିଲା ଖଡ଼ିଆଳ ତାରାତାରିଣୀ ହୋଟେଲରେ ନମ୍ବର ବିହୀନ ଜ୍ୟେଲୋ ଗାଡ଼ିରେ ଦୁଇଜଣଙ୍କୁ ଅପହରଣ କରିଥିବା ଚର୍ଚ୍ଚା ହେଉଥିବା ବେଳେ ରାୟପୁର ପୋଲିସ ଟ୍ରକ ଚାଳକ ଓ ତାର ସହିତ କଥା ହେଉଥିବା ବ୍ୟକ୍ତିକୁ ଉଠାଇ ନେଇଥିଲେ। ରହେନ ପଦର ଗାଁର ଟ୍ରକ କାଟିଥିବା ସ୍ଥାନକୁ ଯାଇଥିଲେ ସେଠାରେଗ୍ୟାସ ଦ୍ୱାରା ଟ୍ରକ କାଟିବା ଆରମ୍ଭ କରୁଥିଲେ ହେଲେ କ୍ରସର ମାଲିକ ଏଗ୍ରିମେଣ୍ଟ କରିନଥିଲା। ଅନ୍ତର ରାଜ୍ୟରେ ଡକାୟତି ଦଳକୁ ଠାବ କରିଥିବାବେଳେ ଏହି ବ୍ୟକ୍ତି ନାଁରେ ଅନେକ ଚୋରି କେଶ ରହିଛି ବୋଲି ଛତିଶଗଡ଼ ପୋଲିସ କହିଛି।

# ୨୫୧କୁଣ୍ଡୀୟ ଯଜ୍ଞ ପାଇଁ ଶକ୍ତିକଳସ ପୂଜା



ସିନାପାଲି, (ଭାସ୍କର ନ୍ୟୁଜ୍): ସିନାପାଲି ଠାରେ ହେବାକୁ ଥିବା ବିରଳ ୨୫୧ କଣ୍ଡିୟ ଗାୟତ୍ରୀ ମହାଯଜ୍ଞର ଶାନ୍ତିକୁଞ୍ଜ ହରିଦ୍ୱାର ଠାରୁ ପବିତ୍ର ଶକ୍ତିକଳସ ଆସି ପହଞ୍ଛିଛି ପରେ ଗାଁ ଗଣ୍ଡା ସହ ସିନାପାଲି ପଡ଼ାରେ ପୂଜାକରି ଚାଲିଛନ୍ତି ଲୋକେ। ଆଜି ନାକା ଛକଠାରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଶକ୍ତିକଳସକୁ ଦର୍ଶନ କରିଥିଲେ ଓ ଏହା ପରେ ଶତାଧିକ ଲୋକଙ୍କୁ ଭୋଗ ଦେଇ ସିନାପାଲି ନାକା ଛକବାସୀ ଖୁସୀ ଅନୁଭବ କରିଥଲ । ସୂଚନାଯୋଗ୍ୟ ଯେ, ମହାଯଜ୍ଞ ନିମନ୍ତେ ଶକ୍ତିକଳସ ଆଣିବାକୁ ଗତ ୩୧ ତାରିଖରେ ସିନାପାଲି ଗାୟତ୍ରୀ ଶକ୍ତିପୀଠ ତତ୍ତ୍ୱାବଧାନରେ ଦୁଇଶହ ଜଣିଆ ଏକ ଶ୍ରଦ୍ଧାଳୁ ଦଳ ଶାନ୍ତିକୁଞ୍ଜ ହରିଦ୍ୱାର ଯାଇଥିଲେ। ଏହି ଦଳରେ ଗାୟତ୍ରୀ ପରିବାରର ସଦସ୍ୟଙ୍କ ସହ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ସାମିଲ ଥିଲେ। ଏହି ଦଳ ତପୋଭୂମୀ ମଥୁରା, ବୃନ୍ଦାବନ, ଆଁବଳଖେଡ଼ା ଆଦି ପବିତ୍ର ସ୍ଥଳ ଯାଇ ସେଠାକାର ନିତ୍ୟଯଜ୍ଞ, ଅଗଣିତ ଦୀପ ଦର୍ଶନ, ତର୍ପଣ, ପିଣ୍ଡଦାନ, ସଜଳ ଶ୍ରଦ୍ଧା, ପ୍ରଖର ଯଜ୍ଞରେ ଜପଧ୍ୟାନ, ଗଙ୍ଗାସ୍ନାନ ଆଦି ପବିତ୍ର ରୀତିନୀତି ପରେ ଶ୍ରଦ୍ଧେୟ ଶୈଳବାଳା ପାଣ୍ଡ୍ୟାଜୀଙ୍କ କରକମଳରୁ ଶକ୍ତିକଳସ ଗ୍ରହଣ କରିଥିଲେ। ଆଜିର ଏହି ଶକ୍ତିକଳସ ପୂଜାର୍ଚ୍ଚନାରେ କରତା ରୂପେ ଶ୍ରୀ ହିରାଧର ଓ ତାଙ୍କ ସ୍ତ୍ରୀ ପୂଜାରେ ବସିଥିବା ବେଳେ ସବିତା ମେହେର ପୁଅ ଖିରସିନ୍ଧୁ, ଝିଅ ରଶ୍ମିତା, ଉପସ୍ଥିତି ଥିବା ବେଳେ ନାକାଛକ ଅନେକ ଭକ୍ତ ମାନଙ୍କ ମଧ୍ୟରୁ ଦେବେସ ମେହେର, ସୋଭାଗିନି ମେହେର, ଗଣେଶ ମେହେର ମଞ୍ଜୁଳା ମେହେର ସାନ, ବଡ ମେହେର କୈବଲ୍ୟ ସବିତା ମେହେର ବବିତା ମେହେର ପୁଅ ପିଙ୍କୁ ମେହେର ରତନ ମେହେର ପଦ୍ମାତୋଳା ମଦନ ମେହେର ହୃଷୀକେଶ ମେହେର ଝିଅ ଲବଣୀ ଗଙ୍ଗେଇ ମେହେର ସହ ନାକାଛକ ତଥା ସିନାପାଲିର ସମସ୍ତେ ସହଯୋଗ କରିଥିଲେ। ଆଗମୀ ଦିନରେ କିଭଳି ସିନାପାଲି ଅଞ୍ଚଳର ତଥା ଜିଲ୍ଲାର ସମସ୍ତେ ଭଲରେ ଥିବେ ବୋଲି ମା’ ଗାୟତ୍ରୀଙ୍କୁ ପୂଜାର୍ଚ୍ଚନ କରିଥଲେ ନାକାଛକବାସୀ।

# କାର୍ଗିଲ ବିଜୟ ଉତ୍ସବ ପାଇଁ ପ୍ରସ୍ତୁତି





କୁକୁଡ଼ାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡ ଆସନ୍ତା ୨୬ ତାରିଖରେ କାର୍ଗିଲ ବିଜୟ ଦିବସ ପାଳନ କରିବା ଅବସରରେ ଏକ ପ୍ରସ୍ତୁତି ବୈଠକ ଜଗଦଲପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଲପୁର ପଞ୍ଚାୟତ ମାଟିର ପୁଅ ସହିଦ୍ ଏସ୍ ଶ୍ରୀନିବାସ ପାତ୍ରଙ୍କ ପ୍ରତିମୂର୍ତ୍ତି ଠାରେ ଆସନ୍ତା ୨୬ ତାରିଖରେ କାର୍ଗିଲ ବିଜୟ ଉତ୍ସବ ପାଳନ ନିମନ୍ତେ ଜଗଦଲପୁର ଗ୍ରାମର ଯୁବ ଗୋଷ୍ଠୀ, ବୁଦ୍ଧିଜୀବୀ, ପଞ୍ଚାୟତର ୱାର୍ଡ ମେମ୍ବରଙ୍କ ଉପସ୍ଥିତରେ ଏହି ପ୍ରସ୍ତୁତି ବୈଠକ ସ୍ଥାନୀୟ ସରପଞ୍ଚ କ୍ରାନ୍ତୀ କୁମାରୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଦୁଇଟି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଦେଶାତ୍ମକ ସଂଗୀତ, ବକ୍ତୃତା ଏବଂ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ଛାତ୍ର ଛାତ୍ରୀଙ୍କୁ ଅଂଶଗ୍ରହଣ କରିବା ନିମନ୍ତେ ଉପସ୍ଥିତ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏହି ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବିଜୟ ଉତ୍ସବ ଦିବସରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହି ପରିପ୍ରେକ୍ଷୀରେ ଜଗଦଲପୁର ଗ୍ରାମରେ ସ୍ଥାନୀୟ ଛାତ୍ର ଓ ଯୁବକ ମାନଙ୍କ ମିଳିତ ସହଯୋଗରେ ସହିଦ୍ ଶ୍ରୀନିବାସ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସ୍ଥାନୀୟ ସମିତିସଭ୍ୟ ବି.ରବୀନ୍ଦ୍ର ପାତ୍ର, ପଞ୍ଚାୟତ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ଯୋଗାଣ ସହାୟିକା ନକ୍ଷତ୍ରମାଳା ପ୍ରଧାନ, ନାୟବ ସରପଞ୍ଚ ଏସ୍.ମନୋଜ ପାତ୍ର, ପୂର୍ବତନ ସରପଞ୍ଚ ଏଲ. ପୁରୁଷୋତ୍ତମ ପାତ୍ର, ହାଡୁବନ୍ଧୁ ବେହେରା, କେ.ତ୍ରିନାଥ ପାତ୍ର, ସୁଦର୍ଶନ ସାହୁ, ରାମେୟା ପାତ୍ର, ମୃର୍ତ୍ୟୁଞ୍ଜୟ ସାହୁ, ନାଗେଶ ପାତ୍ର, ସିଏଚ୍.ମନୋଜ କୁମାର ପାତ୍ର, ଈଶ୍ୱର ସେଠୀ, ଇ. ରଞ୍ଜନ, ନାରାୟଣ ପ୍ରଧାନ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପଣ୍ଡା, ଶୁଭଶ୍ରୀ ବେହେରା, ମିନତୀ ବେହେରା, ବାଉରୀବନ୍ଧୁ ପାତ୍ର, ଏଲ୍. ଭଦ୍ରିନାରାୟଣ ପାତ୍ର, ନାରାୟଣ ପ୍ରଧାନ, ଏଲ୍.ବିପ୍ଳବ ପାତ୍ର, ମିଟୁ ପାତ୍ର, ରାଜୁ ଦାସ, ଅର୍ଚ୍ଚନା ଦାସଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପ୍ରମୁଖ ଉପସ୍ଥିତ ଥିଲେ।



"ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ।"

-ବି.ଆର୍. ଆମ୍ବେଦକର



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"

- ଉତ୍କଳମଣି ଗୋପବନ୍ଧୁ ଦାସ



# ଗଣତନ୍ତ୍ରର ସ୍ୱର୍ଣ୍ଣିମ ଅଧ୍ୟାୟ
# ଓଡ଼ିଶା ପାଇଁ ଐତିହାସିକ ମୁହୂର୍ତ୍ତ

ସମଗ୍ର ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତର ସର୍ବୋଚ୍ଚ ସାମ୍ବିଧାନିକ ମୁଖ୍ୟ ପଦବୀକୁ ନିର୍ବାଚିତ ହୋଇଛନ୍ତି ଜଣେ ଆଦିବାସୀ ମହିଳା। ଏହା ଭାରତୀୟ ଗଣତନ୍ତ୍ରର ମହତ୍ତ୍ୱ ଓ ଗାରିମାକୁ ପୁନଃ ପ୍ରମାଣିତ କରିଛି। ଦେଶର ପଞ୍ଚଦଶ ରାଷ୍ଟ୍ରପତି ରୂପେ ନିର୍ବାଚିତ ହୋଇଥିବା ଦ୍ରୌପଦୀ ମୁର୍ମୁ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଏକ ନିପଟ ପଲ୍ଲୀ ଅଞ୍ଚଳର ଅଧିବାସୀ। ତେଣୁ ଦେଶର ସର୍ବୋଚ୍ଚ ପଦବୀକୁ ତାଙ୍କର ନିର୍ବାଚନ ଆମ ରାଜ୍ୟ ପାଇଁ ଯଥେଷ୍ଟ ଗୌରବ ଆଣିଥିବାବେଳେ ପ୍ରତ୍ୟେକ ଓଡ଼ିଆ ଆଜି ଗର୍ବିତ। ଗୁରୁବାର ବିଳମ୍ବିତ ରାତ୍ରୀରେ ରାଷ୍ଟ୍ରପତି ନିର୍ବାଚନର ଫଳାଫଳ ବିଧିବଦ୍ଧ ଭାବରେ ଘୋଷିତ ହେବାର ପୂର୍ବରୁ ଜନ୍ମପୀଠ ରାଇରଙ୍ଗପୁର ସମେତ ସାରା ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ନୃତ୍ୟ ଓ ସଂଗୀତର ତାଳେ ତାଳେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରି ଜନତା ଭାବୀ ରାଷ୍ଟ୍ରପତିଙ୍କୁ ସ୍ୱାଗତ ଜଣାଉଥିବାର ଲକ୍ଷ୍ୟ କରାଯାଇଥିଲା। ମାତ୍ର ୨୫ ବର୍ଷର ରାଜନୈତିକ ଜୀବନରେ ଭାରତର ପ୍ରଥମ ନାଗରିକ ହେବାର ସୌଭାଗ୍ୟ ଲାଭ କରିଥିବା ସାନ୍ତାଳୀ କନ୍ୟା ଦ୍ରୌପଦୀ ବିପୁଳ ଭୋଟ୍ ବ୍ୟବଧାନରେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ତଥା ଜଣେ ଅନୁଭବୀ ରାଜନେତା ଓ ପ୍ରଶାସକ ଯଶୱନ୍ତ ସିହ୍ନାଙ୍କୁ ପରାଜିତ କରିଛନ୍ତି। ସମୁଦାୟ ୪୭୫୪ ଭୋଟ୍ ମଧ୍ୟରୁ ଦୌପଦୀଙ୍କୁ ୨୮୨୪ଟି ଭୋଟ୍ ମିଳିଥିବା ସ୍ଥଳେ ଯଶୱନ୍ତଙ୍କୁ ୧୮୭୭ ଭୋଟ୍ ମିଳିଥିଲା। ଭୋଟ୍‌ର ମୂଲ୍ୟ ଅନୁଯାୟୀ ଦ୍ରୌପଦୀଙ୍କୁ ୬ ଲକ୍ଷ ୭୬ ହଜାର ୮୦୩ ଏବଂ ଯଶୱନ୍ତଙ୍କୁ ୩ ଲକ୍ଷ ୮୦ ହଜାର ୧୬୭ ଭୋଟ୍ ମିଳିଛି। ଯଦିଓ ଯଶୱନ୍ତ ମିଳିତ ବିରୋଧୀ ଦଳର ପ୍ରାର୍ଥୀ ଥିଲେ ଏବଂ ପ୍ରଥମ ଅବସ୍ଥାରେ ବହୁ ରାଜନୈତିକ ଦଳ ତାଙ୍କର ପ୍ରାର୍ଥିତ୍ୱକୁ ସମର୍ଥନ କରୁଥିଲେ, ତଥାପି ଦ୍ରୌପଦୀ ମୁର୍ମୁଙ୍କୁ ଏନ୍‌ଡିଏ ପ୍ରାର୍ଥୀ ରୂପେ ଘୋଷଣା କରିବା ପରେ ସେମାନଙ୍କ ମଧ୍ୟରୁ ଅନେକ ନିଷ୍ପତ୍ତି ବଦଳାଇ ଆଦିବାସୀ ମହିଳାଙ୍କୁ ସମର୍ଥନ ଜଣାଇବାକୁ ଆଗେଇ ଆସିଲେ। ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଆସନ୍ତା ୨୪ ତାରିଖରେ ଶେଷ ହେବାର ଠିକ୍ ପରଦିନ ପଞ୍ଚଦଶ ରାଷ୍ଟ୍ରପତି ରୂପେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି ଦ୍ରୌପଦୀ। ଅନେକ କ୍ଷେତ୍ରରେ ସେ ବିରଳ ରେକର୍ଡର ଅଧିକାରିଣୀ ହୋଇପାରିଛନ୍ତି। ଦ୍ରୌପଦୀ କେବଳ ପ୍ରଥମ ଆଦିବାସୀ ବା ଦ୍ୱିତୀୟ ମହିଳା ରୂପେ ଯେ ରାଇସିନା ହିଲ୍ ଦଖଲ କରିବାକୁ ଯାଉଛନ୍ତି ତା' ନୁହେଁ, ବୟସ ଦୃଷ୍ଟିରୁ ସେ ହେଉଛନ୍ତି ସର୍ବକନିଷ୍ଠ ରାଷ୍ଟ୍ରପତି। ସେହିପରି ସ୍ୱାଧୀନତାପ୍ରାପ୍ତି ପରେ ଜନ୍ମଗ୍ରହଣ କରିଥିବା ପ୍ରଥମ ରାଷ୍ଟ୍ରପତି। ତାଙ୍କ ପୂର୍ବରୁ ଯେଉଁମାନେ ଭାରତର ରାଷ୍ଟ୍ରମୁଖ୍ୟ ପଦବୀ ଅଳଙ୍କୃତ କରିଥିଲେ, ସେମାନେ ସମସ୍ତେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଜନ୍ମଗ୍ରହଣ କରିଥିଲେ। ରାଜନୈତିକ ଜୀବନରେ ପୌର କାଉନ୍‌ସିଲର ପଦବୀରୁ ଉନ୍ନୀତ ହୋଇ ଓଡ଼ିଶାର ମନ୍ତ୍ରୀ ଓ ଝାଡ଼ଖଣ୍ଡର ରାଜ୍ୟପା ଭାବରେ ଦାୟିତ୍ୱ ତୁଲାଇଥିବା ଦ୍ରୌପଦୀ ଜଣେ ନିର୍ବିବାଦୀୟ ବ୍ୟକ୍ତିତ୍ୱ ଜଣେ ସଚ୍ଚୋଟ, ସରଳ ଓ ଅମାୟିକ ସ୍ୱଭାବର ମହିଳା ହୋଇଥିବାରୁ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି। ଏହାହିଁ ସଂଘର୍ଷପୂର୍ଣ୍ଣ ଜୀବନଯାତ୍ରାରେ ତାଙ୍କ ପାଇଁ ସଫଳତା ଆଣିପାରିଛି। ଆଗାମୀ ଦିନରେ ଭାରତୀୟ ଗଣତନ୍ତ୍ରର ଜୟଯାତ୍ରାରେ ମଧ୍ୟ ସେ କୌଣସି ପ୍ରକାର ଚାପର ବଶବର୍ତ୍ତୀ ନ ହୋଇ ସ୍ୱାଧୀନ ଭାବରେ ଦାୟିତ୍ୱ ସମ୍ପାଦନ କରିବେ ବୋଲି ଆଶା କରାଯାଉଛି। ଦ୍ରୌପଦୀଙ୍କ ବିଜୟ ଗଣତନ୍ତ୍ରର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିପରି ଜନ୍ମମାଟି ଓଡ଼ିଶା ପାଇଁ ନିଶ୍ଚିତ ଭାବରେ ଏହା ଏକ ଐତିହାସିକ ମୁହୂର୍ତ୍ତ।

## ନୀତିବାଣୀ

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ ।
ଶାନ୍ତିଂ ନିର୍ବାଣପରମାଂ ମତ୍‌ସଂସ୍ଥାମଧିଗଚ୍ଛତି ॥

-ଶ୍ରୀମଦ୍‌ଭଗବଦ୍ ଗୀତା

# ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକ

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ,
ମୋ: ୯୪୩୭୩୨୪୯୧୭

ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଆମ ଦେଶ ପରିସ୍ଥିତି ! ତଥାପି କୌଣସିମତେ ଆମ ରାତିପାହି ସକାଳର ସୂର୍ଯ୍ୟୋଦୟରେ ନୂତନ ଅଶାର କିରଣ ନେଇ ବଂଚିବା ଆମର ସହଜାତ ପ୍ରବୃତି ! ହେଲେ ମନସ୍ତାତ୍ୱିକ ସାନ୍ତ୍ୱନା ଦ୍ୱାରା ହୋଇପାରିବକି ଦେଶର ପ୍ରଗତି......!!

ବର୍ତ୍ତମାନ ସମୟରେ ପ୍ରମାଣପତ୍ରକୁ ଗୋଟିଏ ଛଳନାତ୍ମକ ଯନ୍ତ୍ର ଭଳି ବ୍ୟବହାର କରାଯାଉଥିବା ବେଳେ ଜାଲ ପ୍ରମାଣପତ୍ରକୁ କ'ଣ କୁହାଯିବ ଆମ ଭାବ ବହିର୍ଭୂତ ବିଷୟ ! ପୁଣି ଶିକ୍ଷାର ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଶିକ୍ଷକଙ୍କ କଥା ଭାବିଲେ କଣ୍ଠରୁଦ୍ଧ ହୋଇ ମସ୍ତିଷ୍କ କୋମାରେ ରହିବା ନିଶ୍ଚିତ ଯାହା ଆମପାଇଁ ଗୋଟିଏ ସମୟ ଅତିବାହିତର ବିଷୟ ହୋଇଯାଇଛି ବର୍ତ୍ତମାନ ସମୟରେ । କୌଣସି କଥାରେ ବାଧକତା ନଥାଇ ଯିଏ ଯାହା କଲେ ମଧ୍ୟ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପ୍ରଶାସନ, ସରକାରଙ୍କ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହେଉନଥିବା ବେଳେ ଅବାଧକ କେଳେଙ୍କାରୀରେ ଲିପ୍ତ ଅନେକ ମଣିଷ ଯାହା ଇଚ୍ଛା କରିବାରେ ସମର୍ଥ ହୋଇପାରୁଥିବା ଗୋଟିଏ ସାଧାରଣ ବିଷୟ ହୋଇପଡିଛି ଆଜିସମୟରେ । କହିବା ଆବଶ୍ୟକ ନୁହେଁ ବରଂ ସମସ୍ତେ ସବୁକଥାର କେଳେଙ୍କାରୀ ଜାଣିବା ସହିତ ନିଜର କ୍ଷେତ୍ରକୁ ନେଇ ନିଜେ ମଧ୍ୟ କିଛି କେଳେଙ୍କାରୀରେ ଲିପ୍ତ ଥିବା ହେତୁ କିଏ କ'ଣ କଲେ ମଧ୍ୟ ନିଜର ସ୍ୱାର୍ଥ ତଥା ପଦାରେ ପଡିଲେ ବିପଦକୁ ଆଖି ଆଗରେ ରଖି ପାଟି ଖୋଲୁନଥିବା ବିଷୟ କେହି ଅସ୍ୱୀକାର କରିପାରିବେ ନାହିଁ। କେବଳ ବ୍ୟକ୍ତିଗତ ସ୍ୱାର୍ଥକୁ ଭବିଷ୍ୟତ ବୋଲି ଭାବି ସାମୂହିକ ସ୍ୱାର୍ଥକୁ କ୍ଷୁଣ୍ଣକରୁଥିବା ସାମାଜିକ ବ୍ୟବସ୍ଥା କୌଣସି ଦିନ ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଲେ ବ୍ୟକ୍ତିଗତ ସ୍ୱାର୍ଥ ସତ୍ତା, ସଜ୍ଞା ବିହୀନ ହୋଇ ନିଜର ସ୍ଥିତି ସଙ୍କଟାପନ୍ନ ହେବା ବିଷୟ ସାଧାରଣ ନିର୍ବୋଧଙ୍କ ଭାବ ବହିର୍ଭୂତ ବିଷୟ ହୋଇଥିବା ବେଳେ କେଳେଙ୍କାରୀଙ୍କ କଥା ମଧ୍ୟ ଅନୁରୂପ। କାରଣ ସାମୂହିକ ବିକାଶ ବାଧାପ୍ରାପ୍ତ ହେଲେ ବ୍ୟକ୍ତିଗତ ବିକାଶ ସଜ୍ଞା ବିହୀନ ହେବ କେମିତି ନିର୍ବୋଧଙ୍କୁ ବୁଝେଇବା ଦୂରର କଥା ଆଦୌ ମନକୁ ଆସେନାହିଁ କିମ୍ବା କହିଲେ ଗ୍ରହଣୀୟ ହେଉନାହିଁ। ସମସ୍ତେ ପ୍ରାୟତଃ ଗୋଟିଏ ବାଟର ବାଟୋଇ ଭଳି ନିଜ ସୁବିଧା ତଥା ସ୍ୱାର୍ଥରେ ପଥ ଅତିକ୍ରମ କରିବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି ପ୍ରତ୍ୟେକ କ୍ଷେତ୍ରରେ।

ଶିକ୍ଷାୟତନକୁ ଗୋଟିଏ ମଣିଷ ତିଆରି କାରଖାନା ବୋଲି କୁହାଯାଉଥିବା ବେଳେ ସେହି କାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ସାମାଜିକ ମାନ୍ୟତା ଶୀର୍ଷ କ୍ଷେତ୍ରରେ ରହିବା ବିଧେୟ ଯାହା ଆମଦେଶରେ ହେଉନାହିଁ । ତଥାପି ଶିକ୍ଷକଙ୍କ ସାମାଜିକ ମାନ୍ୟତା ସାଧାରଣ ଲୋକଙ୍କ ପାଖରେ ଅକ୍ଷୁଣ୍ଣ ରହିଥିବା ବେଳେ ସେମିତି କୌଣସି ଆଖି ଦୃଷ୍ଟିଆ ସମ୍ମାନ ମିଳୁନଥିବା ହେତୁ ଶିକ୍ଷକଙ୍କ ଆଗ୍ରହ ବାଧିତ ହେଉଥିବା ଦେଖିବାକୁ ମିଳୁଛି ସର୍ବତ୍ର। ସେମାନଙ୍କ କର୍ମକ୍ଷେତ୍ର ବ୍ୟତିରେକ ଅନ୍ୟାନ୍ୟ କାର୍ଯ୍ୟ ଶିକ୍ଷାଦାନ ପ୍ରକ୍ରିୟାକୁ ବାଧିତ କରୁଥିବା ଅଭିଯୋଗ ଅନେକଙ୍କ ମୁହଁରୁ ଶୁଣିବାକୁ ମିଳୁଥିବା ବେଳେ ଆମେ କୌଣସି ତତ୍ପରତା ପ୍ରଦର୍ଶନ କରୁନଥିବା ଗୋଟିଏ ପ୍ରକାର ମାନସିକ କୁପ୍ରଭାବ ପକାଉଥିବା ପ୍ରକାଶ କରନ୍ତି ପ୍ରାୟତଃ ସମସ୍ତ ଶିକ୍ଷକ। ଶିକ୍ଷାୟତନ ଗୁଡିକ ଶିକ୍ଷାଦାନ ବ୍ୟତିରେକ ଆହୁରି ଅନେକ ଅଣଶିକ୍ଷା କାର୍ଯ୍ୟକ୍ରମରେ ଜଡିତ ହେଉଥିବା ଶିକ୍ଷାଦାନ ପ୍ରକ୍ରିୟାକୁ ବାଧିତ କରୁଥିବା ଅନୁଭବ କରୁଛନ୍ତି ସାଧାରଣ ଲୋକେ। ଶାସନ ବ୍ୟବସ୍ଥା ସେଗୁଡିକୁ ସଠିକ ଭାବେ ତର୍ଜମା କରି ଉଚିତ ପଦକ୍ଷେପ ନିଆଯିବା ଅତ୍ୟନ୍ତ ଜରୁରୀ ବୋଲି ମତବ୍ୟକ୍ତ କରନ୍ତି ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ, ବୁଦ୍ଧିଜୀବୀ। ନହେଲେ ଆସନ୍ତା ସମୟରେ ଦେଶର ଶିକ୍ଷା ବ୍ୟବସ୍ଥା କେବଳ ଗୋଟିଏ ନମୁନା ହୋଇ ରହିବା ଛଡା କୌଣସି 'ଲପ୍ରଦ ହୋଇପାରିବ ନାହିଁ ବୋଲି ପ୍ରାୟତଃ ସମସ୍ତଙ୍କ ବିଚାର କୌଣସି ବ୍ୟାର୍ଥ ଆଲୋଚନା ନୁହେଁ।

ଇତି ମଧ୍ୟରେ ଆଜି ସମୟରେ ବିଭିନ୍ନ କ୍ଷେତ୍ରରେ ମିଥ୍ୟା ପ୍ରତିଭାର ପ୍ରମାଣପତ୍ର ଯୋଗାଡ଼ କରି ଅନେକ ସାମାଜିକ ସମ୍ମାନ ଗ୍ରହଣ କରୁଥିବା କେତେକ ପାରିବା ଲୋକଙ୍କୁ ଦେଖୁଛେ ଆମେ ସମସ୍ତେ। ହେଲେ ସେହି ମିଥ୍ୟା ପ୍ରତିଭାଧାରୀଙ୍କ ଯୋଗାଡ଼ିଆ ପ୍ରମାଣପତ୍ରର କୌଣସି ମୂଲ୍ୟ ନଥିବାବେଳେ ସେମାନଙ୍କୁ ଯଥେଷ୍ଟ ଆନନ୍ଦ ପ୍ରଦାନ କରୁଥିଲେ ମଧ୍ୟ ସେମିତି କିଛି ସାମାଜିକ କୁପ୍ରଭାବ ପକାଇନଥାଏ ସାଧାରଣ ଲୋକଙ୍କ ଜୀବନ ଜୀବିକାରେ। କିନ୍ତୁ କୌଣସି ମିଥ୍ୟା ପ୍ରମାଣପତ୍ର ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ କ୍ଷୁଣ୍ଣ କଲାଭଳି କାର୍ଯ୍ୟ କୌଣସିମତେ କ୍ଷମଣୀୟ ନୁହେଁ। ଅର୍ଥାତ୍ ଶିକ୍ଷାଗତ ଯୋଗ୍ୟତାର ମିଥ୍ୟା ପ୍ରମାଣ ପତ୍ର ଯୋଗାଡ଼ କରି ସାର୍ବଜନୀନ କ୍ଷେତ୍ରରେ ତାହାର ଦୁରୂପଯୋଗ କରି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ନିଶ୍ଚିତ ଭାବେ ଏକ ଅକ୍ଷମଣୀୟ ଅପରାଧ । ତେଣୁ ମିଥ୍ୟା ପ୍ରତିଭାଠାରୁ ଯଥେଷ୍ଟ ସଜାଗ ରହିବା କଥା ମିଥ୍ୟା ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର କ୍ଷେତ୍ରରେ ଯାହା ଆମେ କରୁନାହୁଁ। ତେଣୁ ଆଶାତୀତ କ୍ଷେତ୍ରରେ ଆଜି ମିଥ୍ୟା ଶିକ୍ଷାଗତ ଯୋଗ୍ୟତାଧାରୀଙ୍କ ପ୍ରକୋପ ଦେଖିବାକୁ ମିଳୁଛି ଯାହାର କୌଣସି ଅନୁସନ୍ଧାନୀ ପଦକ୍ଷେପ ନାହିଁ କିମ୍ବା ଆଖିଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହେଉନଥିବା ହେତୁ ସେମାନଙ୍କ କେଳେଙ୍କାରୀ ସମାଜକୁ ଅଧୋଗତି ଆଡକୁ ଟାଣି ନେଉଥିବା ଦେଖିବାକୁ ମିଳୁଛି ଅନେକ କ୍ଷେତ୍ରରେ । ଆଲୋଚ୍ୟ ବିଷୟଟି କେବଳ ମିଥ୍ୟା ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଧାରୀଙ୍କ ଶିକ୍ଷକତା ଉପରେ ପ୍ରାଧାନ୍ୟତା ରଖୁଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ରଗୁଡିକୁ ମଧ୍ୟ ନଜର ଅନ୍ଦାଜ କରାଯାଇ ନପାରେ । କିନ୍ତୁ ସେହି ଅନ୍ୟାନ୍ୟ କ୍ଷେତ୍ରଗୁଡିକ ଅପେକ୍ଷା ଶିକ୍ଷା କ୍ଷେତ୍ର ଗୋଟିଏ ସାମାଜିକ ଶୀର୍ଷ କ୍ଷେତ୍ର ହୋଇଥିବା ହେତୁ ତାହାର ଜଟିଳତାକୁ ପ୍ରଥମେ ପ୍ରାଧାନ୍ୟତା ଦିଆଯିବା ଅତ୍ୟାବଶ୍ୟକ।

ପ୍ରକୃତ ଶିକ୍ଷାର ମନକୁ ସମ୍ମାନ ଦେଇ କାର୍ଯ୍ୟରତ ଉପଯୁକ୍ତ ଶିକ୍ଷକମାନଙ୍କ ଗହଣରେ କେତେକ ମିଥ୍ୟା ଶିକ୍ଷା ପ୍ରମାଣପତ୍ରଧାରୀ ଶିକ୍ଷକ ରହି ସେହି କର୍ମ କ୍ଷେତ୍ରକୁ କଳୁଷିତ କରୁଥିବା, ବଗ ଦଳରେ କାଉ ଭଳି ହୋଇଥିବା ବେଳେ ସମସ୍ତ ଶିକ୍ଷକ ସମାଜ ସେମାନଙ୍କ ଦ୍ୱାରା ନିନ୍ଦିତ ହେଉଥିବା ବିଷୟ ଅତି ଗମ୍ଭୀର ! ଅର୍ଥାତ କୌଣସି ଶିକ୍ଷାୟତନରେ ଅନେକ ପ୍ରତିଭାବାନ ଶିକ୍ଷକ ଥାଇ ମଧ୍ୟ କେତେକ ମିଥ୍ୟା ଶିକ୍ଷାଧାରୀଙ୍କ ଦ୍ୱାରା ଛାତ୍ର, ଛାତ୍ରୀଙ୍କ ପାଠପଢା ବାଧାପ୍ରାପ୍ତ ହୋଇ ଉତ୍ତୀର୍ଣ୍ଣ ସଂଖ୍ୟା ହ୍ରାସ ପାଇଲେ ଯେ ସମ୍ପୂର୍ଣ୍ଣ ଭାବେ ସେହି ଶିକ୍ଷାନୁଷ୍ଠାନଟି ବଦ୍‌ନାମ ହୁଏ, ସେଇଥିରେ ତିଳେହେଲେ ସନ୍ଦେହ ନାହିଁ କିନ୍ତୁ ଶାସନ ବ୍ୟବସ୍ଥାର ଅନ୍ଧ ପୁତୁଳି ଖୋଲି ସେମାନଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରାଯିବା ପରିବର୍ତ୍ତେ, ଶିକ୍ଷା ବିଭାଗରେ କାର୍ଯ୍ୟରତ କେତେକ ଉଚ୍ଚାଧିକାରୀ ସେହି ଜାଲ୍ ଶିକ୍ଷକଙ୍କଠାରୁ ଯଥେଷ୍ଟ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ସେମାନଙ୍କୁ ଘଣ୍ଟଣ୍ଟ ଘୋଡାଇ ରଖୁଥିବା ଅନେକ ପ୍ରମାଣ ଅଛି ଅମପାଖରେ । ଅଧିକନ୍ତୁ ସେମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିବା ଶିକ୍ଷକ, କର୍ମଚାରୀଙ୍କୁ କେତେକ କେଳେଙ୍କାରୀ ଉଚ୍ଚାଧିକାରୀଙ୍କ ଦ୍ୱାରା ଦଣ୍ଡିତ କରାଯାଇ ସେହି ଜାଲ ଶିକ୍ଷକଙ୍କୁ ଛତ୍ରଛାୟା ତଳେ ରଖୁଥିବା ପ୍ରମାଣ ଅତ୍ୟନ୍ତ ସ୍ପଷ୍ଟ ହେଉଥିଲେ ମଧ୍ୟ ପ୍ରଶାସନ, ସରକାର ନିରବଦ୍ରଷ୍ଟା ସାଜୁଥିବା ଉଦାହରଣ ଆମ ପାଖରେ ଅଛି । ନିକଟ ଅତୀତରେ କେତେକ ସାମାଜିକ କର୍ମୀଙ୍କ ଦ୍ୱାରା ସେହି ଜାଲ ପ୍ରମାଣପତ୍ରଧାରୀ ଶିକ୍ଷକଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗଗୁଡିକ ଉପରେ ସେହିଭଳି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇଥିବା ଲୋକ ଲୋଚନକୁ ଆସିପାରିଲା ନାହିଁ। ଶହ ଶହ ଶିକ୍ଷକ ଏମିତି ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗ ହୋଇଥିଲା ଅନେକ କ୍ଷେତ୍ରରେ। କିନ୍ତୁ ସେମାନେ ସମସ୍ତେ ମିଳିମିଶି କୌଣସି ଦିଗରୁ ଚାପ ପ୍ରୟୋଗ କରି ଏବଂ କେତେକ କ୍ଷେତ୍ରରେ କିଛି ଅଧିକାରୀଙ୍କ ସହିତ ସଲାସୁତରା କରି ଘଟଣାକୁ ଚାପିଦେବାରେ ସମର୍ଥ ହୋଇଥିବା ହେତୁ ପ୍ରଶାସନ, ସରକାରଙ୍କ ଦୃଷ୍ଟି ଗୋଚର ହୋଇପାରିଲା ନାହିଁ ସେହିସବୁ ବିଷୟ। କିନ୍ତୁ ସେହି ମିଥ୍ୟା ଶିକ୍ଷକ ତଥା କିଛି କେଳେଙ୍କାରୀ ଉଚ୍ଚାଧିକାରୀଙ୍କ ସ୍ୱାର୍ଥ ଉଦେଶ୍ୟ ଜନିତ ରାଜ୍ୟର ଲକ୍ଷ ଲକ୍ଷ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଯେ ଅନ୍ଧାର ଆଡ଼କୁ ଗତିକରୁଛି ସେଇଥିରେ ଦ୍ୱିମତ ନାହିଁ। କାରଣ ଛଳନାରେ ବଞ୍ଚୁଥିବା ମଣିଷ ଶିକ୍ଷାଦାନ କଲେ ସେଇଥିରୁ ମଣିଷ ଭଳି ମଣିଷ ଜନ୍ମ ହେବା ପରିବର୍ତ୍ତେ ଯେଉଁ ଅଗାଡିଗୁଡିଏ ଜାତ ହେବେ ତାହା କେହି ଅସ୍ୱୀକାର କରିପାରିବେ ନାହିଁ !

ତେଣୁ ସେଭଳି କ୍ଷେତ୍ରରେ ସେହି ଜାଲ୍ ପ୍ରମାଣପତ୍ରଧାରୀ ଶିକ୍ଷକମାନେ ନିଜସ୍ୱ ସ୍ୱାର୍ଥ ଯୋଗୁଁ ସେହିଭଳି କେଳେଙ୍କାରୀ କରୁଥିବା ବେଳେ ସେମାନଙ୍କୁ ଘଣ୍ଟଣ୍ଟ ଘୋଡାଇ ରଖୁଥିବା, ଭାରତୀୟ ସାମ୍ବିଧାନିକ ପ୍ରଶାସନ ତଥା ବିଭାଗୀୟ ଅଧିକାରୀଙ୍କୁ ଦେଶ ଦ୍ରୋହୀ ବୋଲି କୁହାଯିବ କି ନାହିଁ ବିଚାର କରିବା କଥା ସରକାରୀ ଶାସନ ବ୍ୟବସ୍ଥା। କିନ୍ତୁ ସମ୍ବିଧାନ ପକ୍ଷେ କାର୍ଯ୍ୟରତ ସେହି ବିଭାଗୀୟ ଅଧିକାରୀ ମାନେ ସମ୍ବିଧାନର ବିଶ୍ୱସନୀୟତାକୁ କୁଠାରଘାତ କରି ନିଜସ୍ୱ ସ୍ୱାର୍ଥରେ ଲିପ୍ତରହି ସମ୍ବିଧାନର ମର୍ଯ୍ୟାଦା କ୍ଷୁଣ୍ଣ କରୁଥିବା ବେଳେ ସେମାନଙ୍କ ପାଇଁ କୌଣସି ଦଣ୍ଡ ବିଧାନ କରାଯିବା ପରିବର୍ତ୍ତେ ଅଭିଯୋଗ କାରୀଙ୍କୁ ଦଣ୍ଡିତ କରାଯାଉଥିବା ପରିଲକ୍ଷିତ ହେଉଥିବା ହେତୁ ସେହିଭଳି କେଳେଙ୍କାରୀ ଦିନକୁ ଦିନ ପର୍ଯ୍ୟାପ୍ତ ପରିମାଣରେ ହେଉଥିବା ଅସ୍ୱୀକାର କରିହେବ ନାହିଁ। କିନ୍ତୁ ସରକାର ସେହି ଜାଲ ଶିକ୍ଷକଙ୍କ ଅପେକ୍ଷା ସେମାନଙ୍କୁ ପ୍ରଶ୍ରୟ ଦେଉଥିବା କିମ୍ବା ପରିବର୍ତ୍ତେ ଘୋଡ଼ାଉଥିବା ବିଭାଗୀୟ ଅଧିକାରୀଙ୍କୁ ଯଥେଷ୍ଟ ଦଣ୍ଡବିଧାନ କଲେ ହୁଏତ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ଦିଅନ୍ତି ଅନେକ ବୁଦ୍ଧିଜୀବୀ। ବିଭାଗୀୟ କର୍ମଚାରୀ ହେଉ କିମ୍ବା ଅଧିକାରୀଙ୍କ କେଳେଙ୍କାରୀ ବିଷୟରେ ସରକାରଙ୍କ ଦୃଷ୍ଟିଗୋଚର କରୁଥିବା ସାଧୁ କର୍ମଚାରୀଙ୍କୁ ଧନ୍ୟବାଦ ଦେଇ କେଳେଙ୍କାରୀଙ୍କୁ କଠୋର ଦଣ୍ଡବିଧାନ କରାଯିବା ବ୍ୟବସ୍ଥା କରାଗଲେ କୌଣସି ପରିବର୍ତ୍ତନ ଆଶା କରାଯାଇପାରେ। କିନ୍ତୁ ସେହି କେଳେଙ୍କାରୀ ଦଳଙ୍କ ବିରୁଦ୍ଧରେ କଠୋର ପଦକ୍ଷେପ ନିଆଯାଉନଥିବା ବେଳେ ବିଭିନ୍ନ ରାଜନୈତିକ ପ୍ରଭାବରେ ସେହି ଅଧିକାରୀମାନେ ନିଜର କାୟା ବିସ୍ତାର କରି ମନମୁଖୀ ଶାସନ ଚଳାଇ ନିରୀହ, ନିର୍ଦ୍ଦୋଷୀଙ୍କୁ ଦଣ୍ଡିତ କରି ଅସାଧୁ ଶିକ୍ଷକ, କର୍ମଚାରୀଙ୍କୁ ସମର୍ଥନ ଦେଉଥିବା ପର୍ଯ୍ୟନ୍ତ ଶିକ୍ଷା କ୍ଷେତ୍ରରେ କୌଣସି ପରିବର୍ତ୍ତନ ନ ହୋଇ ନିମ୍ନମୁଖୀ ହେବାଛଡା ଉନ୍ନତିର ପଥ ପରିଷ୍କୃତ ହୋଇପାରିବନାହିଁ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା......।

# ଘଡ଼ି ସନ୍ଧି ମୁହୂର୍ତ୍ତ



କାଳି ଦାସ
ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ- ୭୨୦୫୧୦୦୮୩୯

ଜୀବନ ଓ ମୃତ୍ୟୁର ଘଡ଼ିସନ୍ଧିରେ 'ଡ଼ାକ୍ତର'। ଭାରତରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଡ଼ାକ୍ତରଙ୍କ ଉପରେ ଆକ୍ରମଣ ହୋଇ ଚାଲିଛି। କର୍ମ କ୍ଷେତ୍ରରେ ସୁରକ୍ଷା ସମସ୍ତଙ୍କ ଅଧିକାର। ଡ଼ାକ୍ତରମାନେ ସବୁବେଳେ ସବୁଠାରୁ କଠିନ ପରିସ୍ତିତି ରେ କାମ କରିଥାନ୍ତି। ଅଗଣିତ ଡ଼ାକ୍ତର ଅସାମାଜିକ ଲୋକଙ୍କର ଶିକାର ହେଉଛନ୍ତି। ଏହା ସେମାନଙ୍କ କାର୍ଯ୍ୟ ପ୍ରଣାଳୀକୁ ନିହାତି ପ୍ରଭାବିତ କରୁଛି। ଜୀବନ ଓ ମୃତ୍ୟୁର ଘଡ଼ି ସନ୍ଧି ମୁହୂର୍ତ୍ତରେ ଆମେ ଡ଼ାକ୍ତରଙ୍କୁ ପାଇଥାଉ। ଡ଼ାକ୍ତରଙ୍କ ପାଖରେ ଥରେ ପହଁଚିଗଲେ ଆମେ ଭାବୁ ଯେ ଆମର ନିଜ ଲୋକ ଯେଉଁ ପରି ଅବସ୍ଥା ରେ ଥାଉ ନା କାହିଁ ନିଶ୍ଚୟ ବଞ୍ଚି ଯିବ। ଆମର ବୁଝି ରଖିବା ଉଚିତ ଯେ ଡ଼ାକ୍ତର କେବଳ ଚିକିତ୍ସା ଦେଇପାରିବେ ଜୀବନ ନୁହେ।ଡ଼ାକ୍ତର ମାନେ ଯେତେ ବେଳେ ଜଣକୁ ସୁସ୍ଥ କରିବା ପାଇଁ ନିଜର ଖାଇବା ଶୋଇବା ଏବଂ ନିଜ ପରିବାରକୁ ଦେବା ସମୟ କୁ ମଧ୍ୟ ଜଳାଞ୍ଜଳି ଦିଅନ୍ତି ସେତେବେଳେ ସାଧାରଣ ଲୋକ ଡ଼ାକ୍ତରଙ୍କ ବଳିଦାନକୁ ବୁଝନ୍ତି ନାହିଁ ଜଣେ ଡ଼ାକ୍ତର ନିଜକୁ ସଫଳ ବୋଲି ସେତେବେଳେ ମନେକରେ ଯେତେବେଳେ ସିଏ ତା ପାଖକୁ ଆସିଥିବା ରୋଗିକୁ ସୁସ୍ଥ କରି ଘରକୁ ଫେରାଇ ପାରି ଥାଏ। ଯେତେ ବେଳେ ଜଣେ ରୋଗୀ ମୃତ୍ୟୁ ବରଣ କରେ ତା ନିଜ ଲୋକଙ୍କୁ କୁ ଯେତେ ଦୁଃଖ ହୁଏ ତାକୁ ଚିକିତ୍ସା କରୁଥିବା ଡ଼ାକ୍ତରଙ୍କୁ ସେତେ ଦୁଃଖ ହୋଇଥାଏ। ସାଧାରଣ ଲୋକ ତାହା ବୁଝିପାରନ୍ତି ନାହିଁ। ଯେତେବେଳେ ହସ୍ପିଟଲ ରେ ଜଣଙ୍କର ମୃତ୍ୟୁ ହୋଇଯାଏ ପ୍ରଥମେ ଆକ୍ରମଣ ର ଶିକାର ହୋଇଥାନ୍ତି ଡ଼ାକ୍ତର, କାହିଁକି ? କାହିଁକି ଆମେ ଏତେ ଅସହିଷ୍ଣୁ ? ଡ଼ାକ୍ତର ଜଣେ ରକ୍ତ ମାଂସର ମଣିଷ।ସେମାନଙ୍କ ହାତରେ କୌଣସି ଯାଦୁର ଛଡ଼ି ନଥାଏ ଯାହାକୁ ବୁଲେଇ ଦେଲେ ଯେ କୌଣସି ଅବସ୍ଥାରେ ଥିବା ପେସେଣ୍ଟ ଜୀବନ ପାଇଯିବ। ସୀମିତ ଚିକିତ୍ସା ବ୍ୟବସ୍ଥା ଭିତରେ ଜଣେ ଡ଼ାକ୍ତର କାମ କରିଥାଏ। ଭାରତରେ ଅଧିକାଂଶ ଲୋକ ରୋଗରେ ନ ପଡ଼ିଲା ଯାଏଁ ରୋଗ ଓ ସୁସ୍ଥତା ବିଷୟରେ ଥିବା ବ୍ୟବଧାନକୁ ବୁଝିପାରନ୍ତି ନାହିଁ। ମଦ ଦୋକାନ କିମ୍ବା କୌଣସି ନିଶା ସେବନରେ ସାଧାରଣ ଲୋକଙ୍କର ଯେତେ ପଇସା ଖର୍ଚ୍ଚ ହୁଏ ତାର ୧% ଯଦି ହସ୍ପିଟାଲରେ ଖର୍ଚ୍ଚ ହୁଏ ତାହା ତାଙ୍କୁ ବାଧେ।ଡ଼ାକ୍ତର ଜାଣି ଶୁଣି ସେମାନଙ୍କୁ ଖର୍ଚ୍ଚାନ୍ତ କରାଉଛନ୍ତି ବୋଲି ସାଧାରଣରେ ଚର୍ଚ୍ଚା ହୁଏ। ଆମ ଦେଶର ଡ଼ାକ୍ତରମାନେ ଆମର କଷ୍ଟ ସମୟରେ ଆମ ପାଖରେ ଠିଆ ହୋଇଥାନ୍ତି,ଏବଂ ସମସ୍ତ ଚେଷ୍ଟା ଲଗାଇ ଆମ ଘରର ସୁଖ ଶାନ୍ତିକୁ ବଞ୍ଚାଇ ଥାନ୍ତି।ବର୍ତ୍ତମାନ ସମଗ୍ର ଦେଶରେ ଡ଼ାକ୍ତର ଏକାଠି ହୋଇ ନିଜର ସୁରକ୍ଷା ଦାବି କରୁଛନ୍ତି। ସୁରକ୍ଷା ଆମର ମୌଳିକ ଅଧିକାର ତାହାହେଲେ ଡ଼ାକ୍ତରମାନେ କାହିଁକି ଏହି ଅଧିକାରରୁ ବଞ୍ଚିତ ? କଲିକତାର ଏନ୍.ଆର୍.ଏସ୍ ହସ୍ପିଟାଲରେ ରୋଗୀଙ୍କର ମୃତ୍ୟୁ ପରେ ରୋଗୀର ଆତ୍ମୀୟଙ୍କ ଦ୍ୱାରା ଦୁଇ ଜଣ ଯୁନିୟର ଡ଼ାକ୍ତରଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଏହା ସଭ୍ୟ ସମାଜ ପାଇଁ ଏକ ଲଜ୍ଜା ଜନକ ବିଷୟ।ଏକ ସଭ୍ୟ ସମାଜ ରେ ହିଂସାର ସ୍ଥାନ ନାହିଁ। ପଶ୍ଚିମ ବଂଗ ସରକାର ସଠିକ ସମୟରେ ସଠିକ କାର୍ଯ୍ୟାନୁଷ୍ଠାନ କରିନଥିଲେ ତେଣୁ ସମଗ୍ର ଦେଶର ଡ଼ାକ୍ତର ନିଜ ସୁରକ୍ଷା ଦାବି କରି ରାଜ ରାସ୍ତାକୁ ଓହ୍ଲାଇଥିଲେ। ଡ଼ାକ୍ତରଙ୍କ ଉପରେ ଆକ୍ରମଣ କରିଥିବା ଅସାମାଜିକ୍ ତତ୍ତ୍ୱଙ୍କୁ ଯେତେ ନିନ୍ଦା କଲେ ମଧ୍ୟ କମ ହୋଇଯିବ।ଅନ୍ୟର ଜୀବନ ବଂଚାଇବା ପାଇଁ ସବୁବେଳେ ତତ୍ପର ଡ଼ାକ୍ତରଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କାହିଁକି ଆଗଭର ହେଉନାହାନ୍ତି ? ଆମ ଶିକ୍ଷା ଅନୁଷ୍ଠାନର ସବୁଠାରୁ ମେଧାବୀ ଛାତ୍ର ଓ ଛାତ୍ରୀ ମାନେ ଡ଼ାକ୍ତର ହେବାର ସ୍ୱପ୍ନ ନେଇ ଆଗେଇ ଆସନ୍ତି। ଯଦି ଜଣେ ଡ଼ାକ୍ତରଙ୍କ ଜୀବନ ଅସମାଜିକ ତତ୍ତ୍ୱଙ୍କ ଦ୍ୱାରା ସବ ସବୁବେଳେ ଅସୁରକ୍ଷିତ ହେବ ତାହେଲେ ମେଧାବୀ ଛାତ୍ର ଛାତ୍ରୀ ମାନେ ଡ଼ାକ୍ତର ହେବା ପାଇଁ କେବେ ବି ଆଗେଇ ଆସିବେ ନାହିଁ। ଆମ ଦେଶ ରେ ଜଣେ ପୋଲିସ କର୍ମୀଙ୍କ ଉପରେ କିମ୍ବା ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ କରାଗଲେ ଯେଉଁ ଦଣ୍ଡର ବିଧାନ ରହିଛି ଜଣେ ଡ଼ାକ୍ତର ଉପରେ ଆକ୍ରମଣ କରାଗଲେ ସେହି ଦଣ୍ଡର ବିଧାନ କରାଯାଉ।ଆମ ଦେଶରେ ରାଜନେତାଙ୍କ ପାଇଁ ଏବଂ ସେମାନଙ୍କ ପରିବାର ବର୍ଗଙ୍କ ସୁରକ୍ଷା ପାଇଁ ସୁରକ୍ଷା କର୍ମଚାରୀ ମୃତୟନ ହୋଇଥାନ୍ତି। ରାଜନେତା ଓ ସେମାନ ପରିବାର ବର୍ଗଙ୍କର ସୁରକ୍ଷା ପାଇଁ ଦେଶର ଅଜସ୍ର ଟଙ୍କା କିନ୍ତୁ ହସ୍ପିଟଲର ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯଦି କାଲି ଡ଼ାକ୍ତରମାନେ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ପ୍ରାଇଭେଟ ଦେହରକ୍ଷୀର ବ୍ୟବସ୍ଥା କରିବେ ତାହାହେଲେ ରୋଗୀ ଓ ଡ଼ାକ୍ତରଙ୍କ ଭିତରେ ବ୍ୟବଧାନ ବଢ଼ିଯିବ। ଏହା ଆମ ପାଇଁ ସମସ୍ୟା ଠିଆ କରିବ ନାହିଁକି। ଡ଼ାକ୍ତରଙ୍କ ସୁରକ୍ଷା ସହିତ ରୋଗୀଙ୍କ ସୁରକ୍ଷା ଓ ହସ୍ପିଟାଲର ସୁରକ୍ଷା ନିହିତ ଅଛି। ତେଣୁ ଆମ ସରକାର ସେଥି ପ୍ରତି ଦୃଷ୍ଟି ଦେବା ଉଚିତ।

# ଜୀବନର ଅମୂଲ୍ୟ ସମ୍ପଦ

ରାକେଶ ପଣ୍ଡା
ବନ୍ଧାଲୋ, ଟାଙ୍ଗୀ, କଟକ- ୭୫୪୦୨୨
ମୋ: ୯୩୩୭୮୯୭୬୫୦

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ଯିଏକି ସର୍ବଦା, ସ୍ୱତଃ ଗୋଟିଏ ବନ୍ଧନ ମଧ୍ୟରେ ବାନ୍ଧିହୋଇ ରହିବାକୁ ପସନ୍ଦ କରେ । ଯେଉଁ ବନ୍ଧନରେ ପ୍ରେମ, ବିଶ୍ୱାସ ଏବଂ ଦାୟିତ୍ୱ ଭରିରହିଥାଏ। ସେଥିଲାଗି, ଏକ ସାମାଜିକ ପରିବେଶ ମଧ୍ୟରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଅନେକ ସମ୍ପର୍କ ସହ ଯୋଡିହୋଇ ରହିଥାଏ । ତନ୍ମଧ୍ୟରୁ ମିତ୍ରତା ହେଉଛି ଏକ ଅମୂଲ୍ୟ ଏବଂ ଅଦ୍ୱିତୀୟ ସମ୍ପର୍କ । ଯେଉଁଥିରେ ଜନ୍ମଗତ, ରକ୍ତଗତ କିମ୍ବା ପାରିବାରିକ ସମ୍ବନ୍ଧ ନଥାଏ ! ଏହି ନିଆରା ସମ୍ପର୍କଟି ଦୁଇ କିମ୍ବା ତଦୋର୍ଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ଅତୁଟ ବିଶ୍ୱାସ ଏବଂ ଭଲପାଇବାରେ ଜନ୍ମ ନେଇଥାଏ। ବିନା ଜାତି, ଧର୍ମ, ବର୍ଣ୍ଣ, ଧନ, ଲିଙ୍ଗ ଏବଂ ସାମାଜିକ ପ୍ରତିଷ୍ଠାର ଅନେକ ଉର୍ଦ୍ଧ୍ୱରେ ଏହି ସମ୍ପର୍କ ଗଢିଉଠିଥାଏ। ମିତ୍ରତାର ସବୁଠାରୁ ବଡ ଉଦାହରଣ ହେଉଛି, ଶ୍ରୀକୃଷ୍ଣ ଏବଂ ସୁଦାମାଙ୍କ ମଧ୍ୟରେ ଥିବା ବନ୍ଧୁତ୍ୱ।

ଜୀବନର ପ୍ରତିଟି ପାହାଚରେ ନୂତନ ମିତ୍ରତା ବା ବନ୍ଧୁତ୍ୱ ସୃଷ୍ଟିର ଅବସର ମିଳିଥାଏ । କିଛି ମିତ୍ରତା ସାରାଜୀବନ ପାଇଁ ଏବଂ କିଛି ଏକ ସମୟ ଅବଧି ମଧ୍ୟରେ ସୀମିତ ରହିଯାଏ । କିଛି ମିତ୍ର ବ୍ୟକ୍ତିଗତ ସ୍ୱାର୍ଥତା କାରଣରୁ ଜଣେ ବ୍ୟକ୍ତି ସହ ଯୋଡି ହୋଇରହିଥାନ୍ତି ଏବଂ ନିଜର ସ୍ୱାର୍ଥ ହାସଲ ପରେ ସେମାନେ ଦୂରେଇ ଯାଆନ୍ତି ଅବା ସ୍ୱାର୍ଥରେ ବାଧା ଆସିଲେ କ୍ଷତି କରିବାକୁ ମଧ୍ୟ ପଛଘୁଞ୍ଚା ଦିଅନ୍ତି ନାହିଁ। ଯେଉଁ ମାନେ କି' ଶତ୍ରୁ ମାନଙ୍କ ଠାରୁ ମଧ୍ୟ ଅଧିକ କ୍ଷତିକାରକ ଏବଂ ଭୟଙ୍କର ଅଟନ୍ତି । ଆଜିର ସମୟରେ ଯେଉଁ ଚରିତ୍ର ମାନଙ୍କର ସଂଖ୍ୟା ଅନେକ ଏବଂ ଅତି ସହଜରେ ସେମାନେ ନିଜର ଚତୁରତା ଭରା କଥା ଓ କାର୍ଯ୍ୟକଳାପର ମାୟାଜାଲ ମଧ୍ୟରେ ଜଣେ ସାଧାରଣ ବ୍ୟକ୍ତିର ମନ ଏବଂ ଭାବନାକୁ ବଶ କରି ନିଅନ୍ତି । ଧୀରେ ଧୀରେ ବ୍ୟକ୍ତିଟିର ସରଳତା ଏବଂ ଦୁର୍ବଳତାଗୁଡିକୁ ଜାଣିନେବା ପରେ, ନିଜର ଫାଇଦା ହାସଲ କରିବାରେ ଲାଗି ପଡନ୍ତି ଏବଂ ନିଜର କାର୍ଯ୍ୟ ହାସଲ ପରେ ସ୍ୱତଃ ସମସ୍ତ ସମ୍ପର୍କ ଛିନ୍ନ କରି ଦୂରେଇ ଯାଇଥାନ୍ତି !ଜୀବନର ଚଲାପଥରେ ଯେଉଁ ବ୍ୟକ୍ତି ମାନଙ୍କୁ ଚିହ୍ନିବା ଅତି ଜରୁରୀ ତଥା ନିତାନ୍ତ ଆବଶ୍ୟକ ଅଟେ ।

କିନ୍ତୁ ବାସ୍ତବରେ, ମିତ୍ରତାର ଏକ ବହୁତ ବଡ ଆଧାର ହେଉଛି ବିଶ୍ୱସନୀୟତା । ଯେଉଁଥିରେ, ଜଣେ ଅନ୍ୟ ଜଣଙ୍କ ପ୍ରତି ନିଷ୍ଠାପର ଏବଂ ବିଶ୍ୱସ୍ତ ହେବା ନିହାତି ଆବଶ୍ୟକ । ଯେଉଁ ସମ୍ପର୍କରେ ଅହଂକାରର ସ୍ଥାନ ନଥାଏ ଏବଂ ଉଚ, ନୀଚର ଭାବନା ନଥାଏ। ଏହା ସାରା ଜୀବନ ଛାଇ ପରି ଜଣେ ଅନ୍ୟ ଜଣଙ୍କ ସହ ରହିଥାଏ । ଜୀବନର ବିଭିନ୍ନ ଅନୁକୂଳ ଏବଂ ପ୍ରତିକୂଳ ପରିସ୍ଥିତିରେ ଉଭୟ ମାନସିକ ଏବଂ ଶାରୀରିକ ଭାବରେ ତା'ର ଉପସ୍ଥିତି ରହିଥାଏ । ଜଣେ ମିତ୍ର ଉଦ୍ଦେଶ୍ୟରେ ସର୍ବଦା ନିଃସ୍ୱାର୍ଥପର ହୋଇଥାଏ ଏବଂ ଭଲପାଇବା ଓ ସ୍ନେହର ଆଶାୟୀ ଥାଏ ।ଉଭୟ ଉଭୟଙ୍କ ପ୍ରତି ତ୍ୟାଗ ଏବଂ ସକାରାତ୍ମକ ବିଚାର ଓ ସମ୍ମାନ ଏହାକୁ ଦୃଢ ଓ ମଜବୁତ କରିଥାଏ । ଯେଉଁ ବ୍ୟକ୍ତି ତା'ର ଜୀବନରେ ଗୋଟିଏ ସଚ୍ଚୋଟ ମିତ୍ର ପାଇଥାଏ, ସେ ସର୍ବଦା ଭାଗ୍ୟଶାଳୀ ହୋଇଥାଏ । କାରଣ ସଚ୍ଚୋଟ ମିତ୍ରଟିଏ ଜଣେ ବ୍ୟକ୍ତି ନିମନ୍ତେଏକ ବଡ ଶୁଭଚିନ୍ତକ ତଥା ଜୀବନର ଅମୂଲ୍ୟ ସମ୍ପଦ ଅଟେ ଏବଂ ସଦା ସର୍ବଦା ତା'ର ମଙ୍ଗଳ କାମନା କରିଥାଏ। ଏଣୁ ପ୍ରତ୍ୟକ ବ୍ୟକ୍ତି ଜୀବନରେ ମିତ୍ରତାର ଗୁରୁତ୍ତ୍ୱତାକୁ ଅନୁଭବ କରିବା ସହ, ପ୍ରକୃତ ମିତ୍ରଟିଏକୁ ନିଜ ହୃଦୟ ଏବଂ ସାମାଜିକ ସମ୍ପର୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ଉଚିତ ।

# ତିନୋଟି ପରୀକ୍ଷା



ଡ. ଗଣେଶ ଚନ୍ଦ୍ର କୁଣ୍ଡ
ପଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ: ୯୯୩୮୦୬୦୮୮୬

ପ୍ରାତଃ ଭ୍ରମଣ ସମୟରେ ବନ୍ଧୁଙ୍କ ସହିତ ଦେଖା ହୋଇଗଲା । ବନ୍ଧୁଙ୍କ ଅନୁରୋଧ କ୍ରମେ ସେଦିନ ଏକ ନୂଆ ରାସ୍ତା ଦେଇ ଭ୍ରମଣ କରିବାକୁ ପଡିଲା । ଏମିତି ଚାଲୁ ଚାଲୁ ଦେଖିଲି କେତେକ ଲୋକ ରାସ୍ତା କଡରେ ବସି କିଛି ଆଲୋଚନା କରୁଥିବାର ଦୃଶ୍ୟ । ବନ୍ଧୁଙ୍କୁ ପଚାରିଲି, ପ୍ରାତଃ ଭ୍ରମଣ ସମୟରେ ଏମାନେ କି ଆଲୋଚନା କରୁଛନ୍ତି ? ବନ୍ଧୁ କହିଲେ, ଆଜି ନୂଆ ନୁହେଁ ଏମାନେ ପ୍ରତିଦିନ ଏମିତି ଏଠି ସଖାଳୁ ବସିଥାନ୍ତି, ମୋତେ ବି ଥରେ ଡାକି ବସେଇଥିଲେ । ମୁଁ କହିଲି, ଯଦି କିଛି ଆଧାତ୍ମିକ ଆଲୋଚନା କିମ୍ବା ଜ୍ଞାନ ବିଜ୍ଞାନ କିମ୍ବା ଦେଶ ବିଦେଶ ବିଷୟରେ ଆଲୋଚନା କରୁଥିବେ, ଶୁଣିଲେ ଅସୁବିଧା କ'ଣ ? ସକାଳୁ ସକାଳୁ ପ୍ରାତଃ ଭ୍ରମଣ ହୁଅନ୍ତା ଆଉ ସେମାନଙ୍କର ଆଲୋଚନାରେ ଭାଗନେଲେ କିଛି ନୂଆ କଥା ଜାଣିବାକୁ ମିଳନ୍ତା । ବନ୍ଧୁ ଟିକେ ବିରକ୍ତି ପ୍ରକାଶ କରି କହିଲେ, ପ୍ରାତଃ ଭ୍ରମଣ ସମୟ ଚାଲିବାକୁ ଆସିଛି, ବସିବି କାହିଁକି ? ସେମାନେ ଯାହା ସବୁ ଆଲୋଚନା କରନ୍ତି, ମୋତେ ଭଲ ଲାଗେନି । ସକାଳୁ ସକାଳୁ ଏମିତିକା ଆଲୋଚନରେ ଭାଗ ନେଲେ କିମ୍ବା ଶୁଣିଲେ, ଦିନଟା ବେକାର ହେଇଯିବ, କଥାରେ ଅଛି, ସକାଳ ଦିନ ଦେଖାଏ । ମୁଁ ପଚାରିଲି, ସେମାନେ ଏମିତି କି ଆଲୋଚନା କରୁଛନ୍ତି କି ? ବନ୍ଧୁ ଉତ୍ତର ଦେଲେ, କିଏ କଉଠି ଘର କଲେ ? କିଏ ଗାଡି କିଣିଲା ? କାହା ପାଖରେ ଅଧିକ ଟଙ୍କା ଅଛି ? କିଏ କୃପଣ, ଟଙ୍କା ରଖିଛି କିନ୍ତୁ ଖର୍ଚ୍ଚ କରୁନି ? କଉଠି ସ୍ୱାମୀ ଆଉ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ହେଉଛି ? କାହାର ବାହାଘର ଭାଙ୍ଗିଗଲା ? କାହାର ପୁଅ କେଉଁ ଝିଅକୁ ନେଇ ଫେରାର ହୋଇଯାଇଛି ? କିଏ ଖରାପ, କିଏ ଭଲ ? ଏମାନେ ଏଠି ସକାଳୁ ବସି ସାର୍ଟିଫିକେଟ ଦିଅନ୍ତି। କିଛି ଭଲ କଥା ଆଲୋଚନା କରୁନାହାନ୍ତି, କେବଳ ପର ନିନ୍ଦା ପର ଚର୍ଚ୍ଚା ସକାଳୁ ଆରମ୍ଭ କରିଦିଅନ୍ତି । ଏସବୁ କଥା ବନ୍ଧୁଙ୍କଠାରୁ ଶୁଣିବା ପରେ, । ମୁଁ କହିଲି ଯାହା ହଉ ସକାଳୁ ସକାଳୁ ଏମାନେ ନୂଆ ପ୍ରକାରର ପ୍ରାତଃ ଭ୍ରମଣ କରୁଛନ୍ତି । ସମାଜରେ ଏମାନେ କେବଳ ଏମିତିକା ଆଲୋଚନା କରୁନାହାନ୍ତି, ଅନେକ ଅଛନ୍ତି ସେମାନେ ସର୍ବଦା ଅନ୍ୟର ନିନ୍ଦା ଆଉ ଅନ୍ୟ ବିଷୟରେ ଚର୍ଚ୍ଚା କରିବାକୁ ଭଲ ପାଆନ୍ତି।

ସାଧାରଣତଃ ଅନେକ ଲୋକଙ୍କୁ ନିଜର ଦୋଷ ଦୁର୍ବଳତା ବହୁତ କମ ଦିଶି ଥାଏ । ଏମିତିକି କିଛି ଲୋକଙ୍କୁ ନିଜର ଦୋଷ ଦୁର୍ବଳତା ଆଦୌ ଦେଖା ଯାଏନି । କିନ୍ତୁ ଅନ୍ୟର ଛୋଟ ଛୋଟ ଭୁଲ୍ ଅତି ପରିଷ୍କାର ଦିଶି ଥାଏ । ଗୋଟିଏ ମଣିଷର ଅନେକ ଭଲ ଗୁଣ ଥାଉ ପଛକେ ଯଦି ଗୋଟେ କ'ଣ ମନ୍ଦ ଗୁଣ ଜଣାପଡିଲା । ସେହି ମନ୍ଦ ଗୁଣ ସହିତ ଆଉ କିଛି ନିଜସ୍ୱ ମସଲା ମିଶାଇ ଲୋକକଙ୍କ ଆଗରେ ବଖାଣିବାକୁ ଏମାନେ ଭଲ ପାଇଥାନ୍ତି। ସୋରିଷକୁ ମେରୁ ରୂପ ଦେବାକୁ ଏମାନଙ୍କୁ ବେଶୀ ସମୟ ଲାଗେନି । କିଛି ଲୋକ ଅଛନ୍ତି ଯେ ସେମାନେ ଏମିତି ଅଭ୍ୟାସରେ ପଡିଯାଇଥାନ୍ତି ଯେ, ଘରେ ପିଲାମାନଙ୍କ ଆଗରେ ପର ନିନ୍ଦା ଓ ପର ଚର୍ଚ୍ଚା କରିଥାନ୍ତି। ଯାହା ଫଳରେ ପିଲାମାନେ ମଧ୍ୟ ତାଙ୍କର ଭବିଷ୍ୟତ ଜୀବନରେ ସେହି ଗୁଣ ପ୍ରବୃତ୍ତିକୁ ଆପଣେଇଥାନ୍ତି । ପର ନିନ୍ଦା କରିବା ପୂର୍ବରୁ ଟିକେ ନିଜ ଆଡ଼କୁ ଦେଖିବା କଥା । ଗୋଟିଏ ଆଙ୍ଗୁଳି ଅନ୍ୟକୁ ଦେଖାଇଲା ବେଳେ କେମିତି ତିନିଟି ନିଜ ଆଡ଼କୁ ଇଙ୍ଗିତ କରୁଛନ୍ତି । ପର ଚର୍ଚ୍ଚା କରିବା ଦ୍ୱାରା ଆମକୁ କିଛି ସମୟ ଆନନ୍ଦ ମିଳିପାରେ,କିନ୍ତୁ ଚିନ୍ତା କରିବା ଦରକାର ଯେ ଏହା ଦ୍ୱାରା ଯେମିତି କାହାର କ୍ଷତି ନହୁଏ । ପଛରେ ଥାଇ କାହାରି ଭଲ ଗୁଣ ବି ଆଲୋଚନା କରାଯାଇ ପାରେ । ଶାସ୍ତ୍ର କହେ ଯଦି କାହାର ଖୁଣ ଦେଖୁଛ, ସାମ୍ନାରେ କହି ତାଙ୍କୁ ସୁଧାରିବାକୁ ଚେଷ୍ଟା କର ଆଉ ଯଦି କାହାର ଭଲ ଗୁଣ ଦେଖୁଛ ପଛରେ ତାର ପ୍ରଶଂସା କରି ତାର ମାନ ବଢ଼ାଅ, ଏହା ହିଁ ହେଉଛି ଜଣେ ଶୁଭ ଚିନ୍ତକର ପରିଭାଷା । ମାତ୍ର ଏପରି ଲୋକ ଅଛନ୍ତି ? ଏମାନେ ଏମିତି ନିନ୍ଦା ପ୍ରଚାର କରନ୍ତି ଯେ ଅନ୍ୟର ସାମାଜିକ ଜୀବନ ଛାରଖାର କରିଦିଅନ୍ତି । ଅନ୍ୟକୁ ଈର୍ଷା କରିବା, ନିଜକୁ ଉଚ୍ଚ ଦେଖେଇ ହବା, ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ଓ କିଛି ସ୍ୱାର୍ଥ ପୂରଣ କରିବା ପାଇଁ ଏମାନେ ପର ନିନ୍ଦା ପର ଚର୍ଚ୍ଚାକୁ ଆପଣେଇଥାନ୍ତି । ପର ନିନ୍ଦା ନ କଲେ ତ ଏମାନଙ୍କର ଖାଦ୍ୟ ହଜମ ହୁଏନି । ପର ନିନ୍ଦା ଯେ ଏକ ପ୍ରକାର ଦୁର୍ନୀତି, ଏହା କେହି ବୁଝନ୍ତି ନାହିଁ । ସେମାନେ ବୁଝିବା ଦରକାର ଯେ ଅନ୍ୟକୁ କଷ୍ଟ ଦେଲା ଭଳି କଥା କହିବା ମଧ୍ୟ ପାପ ଅଟେ । ଏଣୁ କାହାର ଉପକାର କଲେ କ'ଣ ଫଳ ମିଳେ ? ଆଉ ଅପକାର କଲେ କ'ଣ ହୁଏ ? ମହର୍ଷି ବ୍ୟାସଦେବଙ୍କ ବାଣୀକୁ ଅନୁସରଣ କରିବା କଥା 'ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚ୍ଚନ ଦ୍ୱୟମ୍, ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡନମ୍' ।

ପର ନିନ୍ଦା କରୁଥିବା ଲୋକଟି ଦୋଷୀ ଅଟେ, କିନ୍ତୁ ଶୁଣୁଥିବା ଲୋକଟି କ'ଣ ଦୋଷୀ ନୁହେଁ କି ? ଯଦି ଶୁଣୁଥିବା ଲୋକଟି ଶୁଣିବାକୁ ଅନିଚ୍ଛା ପ୍ରକାଶ କରନ୍ତେ, ତେବେ କହୁଥିବା ଲୋକଟି କ'ଣ କରନ୍ତା ? ପର ନିନ୍ଦା ପର ଚର୍ଚ୍ଚା ନଶୁଣିବା ପାଇଁ ମହାନ ଦାର୍ଶନିକ ସକ୍ରେଟିସ୍ ଏକ ସୁନ୍ଦର ଉପାୟ ବାହାର କରିଥିଲେ ।

ଦିନେ ସକ୍ରେଟିସ୍‌ଙ୍କୁ ଜଣେ ବ୍ୟକ୍ତି କହିଲେ ମୁଁ ତୁମର ଜଣେ ଛାତ୍ର ବିଷୟରେ କିଛି କଥା ଶୁଣିଥିଲି, ତେଣୁ ଆପଣଙ୍କୁ କହିବାକୁ ଆସିଛି । ସକ୍ରେଟିସ୍ ଉତ୍ତର ଦେଲେ, ତୁମେ ମୋ ଛାତ୍ର ବିଷୟରେ ମୋତେ କିଛି କହିବା ପୂର୍ବରୁ ତୁମକୁ ତିନୋଟି ପରୀକ୍ଷା ଦେବାକୁ ପଡିବ। ପ୍ରଥମ ପରୀକ୍ଷା ହେଉଛି, ଆପଣଙ୍କ କଥାରେ କେତେ ସତ୍ୟତା ଅଛି ? ତୁମେ ସମ୍ପୂର୍ଣ୍ଣ ଭାବେ ନିଶ୍ଚିତ କି, ତୁମେ ଯାହା କହିବାକୁ ଯାଉଛ ତାହା ସତ ? ଲୋକଟି କହିଲା, ମୁଁ କେବଳ ଜଣେ କହୁଥିବାର ଶୁଣିଛି । ସକ୍ରେଟିସ୍ କହିଲେ, ଆପଣ ପ୍ରକୃତରେ ଜାଣି ନାହାନ୍ତି, ଏହା ସତ କି ନୁହେଁ ? ବର୍ତ୍ତମାନ ଚାଲନ୍ତୁ ଦ୍ୱିତୀୟ ପରୀକ୍ଷା କରିବା, ଯାହାକି ଉତ୍ତମତାର ପରୀକ୍ଷା । ତୁମେ ଯାହା କହିବାକୁ ଆସିଛ ତାହା ଭଲ କି ? ଲୋକଟି ଉତ୍ତର ଦେଲା, ନା ସେମିତି କିଛି ନୁହେଁ । ସକ୍ରେଟିସ୍ କହିଲେ, ଆପଣ ମୋ ଛାତ୍ର ବିଷୟରେ ମୋତେ କିଛି ଖରାପ କଥା କହିବାକୁ ଆସିଛନ୍ତ, କିନ୍ତୁ ଆପଣ ନିଶ୍ଚିତ ନୁହଁନ୍ତି ଯେ ଏହା ସତ କି ମିଛ ? ଲୋକଟି ନିରୂପାୟ ହୋଇ ଚାହିଁ ରହିଥାଏ । ସକ୍ରେଟିସ୍ କହିଲେ, ଚିନ୍ତା କରନ୍ତୁ ନାହିଁ, ଆପଣ ତଥାପି ପାସ୍ କରିପାରନ୍ତି, କାରଣ ତୃତୀୟ ପରୀକ୍ଷାଟି ବି ଅଛି, ଯାହାକି ଉପଯୋଗିତାର ପରୀକ୍ଷା । ତୁମେ ମୋତେ ଯାହା କହିବାକୁ ଚାହୁଁଛ ତାହା ମୁଁ ଶୁଣିଲେ ମୋ ପାଇଁ ଉପକାର ହେବ କି ? ଲୋକଟି ଉତ୍ତର ଦେଲା, ନା ଆଜ୍ଞା, ସେମିତି କିଛି ଆପଣଙ୍କ ଉପକାରରେ ଲାଗିବନି । ସକ୍ରେଟିସ୍ କହିଲେ, ତୁମେ ମୋତେ ଯାହା କହିବାକୁ ଆସିଛ ତାହା ସତ ନୁହେଁ, ଭଲ ବି ନୁହେଁ କି ମୋ ପାଇଁ ଉପଯୋଗୀ ନୁହେଁ, ତେବେ ମୋତେ ଏହା କହିବ କାହିଁକି ? ଆଉ ମୁଁ ଶୁଣିବି କାହିଁକି ? ଲୋକଟି ଲଜ୍ଜିତ ହେଲା ଓ ଆଉ କିଛି କହିପାରିଲା ନାହିଁ । ତେଣୁ ଆମେ ଯଦି ସକ୍ରେଟିସ୍‌ଙ୍କ ତିନୋଟି ପରୀକ୍ଷାକୁ ଆପଣେଇବା ତା ହେଲେ ପର ନିନ୍ଦା ପର ଚର୍ଚ୍ଚା କରୁଥିବା ଲୋକଟି ଆଉ କାହା ପାଖରେ ଏମିତି କରିବାକୁ ସାହସ କରିବ ନାହିଁ ।

## ବିରଳ ଗ୍ରୁପ୍‌ର ରକ୍ତ ଯୋଗାଡ଼ କରି ଅସହାୟ ମହିଳାଙ୍କ ଜୀବନ ରକ୍ଷା କଲେ



ଲାଞ୍ଜିଗଡ଼/କୋକସରା, (ଭାସ୍କର ନ୍ୟୁଜ୍): ଜଣେ ଅସହାୟ ପ୍ରସୂତି ମହିଳାଙ୍କୁ 'ବି' ନେଗେଟିଭ୍ ଗ୍ରୁପର ରକ୍ତ ଯୋଗାଡ଼ ସହିତ ତାଙ୍କ ଜୀବନ ରକ୍ଷା କରି ସାରା ଜିଲ୍ଲାରେ ପ୍ରଶଂସା ସାଉଁଟିଛନ୍ତି ସାମାଜିକ ସଂଗଠନର କର୍ମକର୍ତ୍ତା। ସୂଚନାନୁଯାୟୀ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ରାମଚନ୍ଦ୍ରପୁର ଗାଁ'ର ଜଣେ ପ୍ରସୂତି ମହିଳାଙ୍କ ନବଜାତ ଶିଶୁର ମୃତ୍ୟୁ ପରେ ଓ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିଲା। ତାଙ୍କୁ ଗୁରୁତର ଭାବେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରସୂତି ବିଭାଗରେ ଭର୍ତ୍ତି କରାଯିବା ପରେ ତାଙ୍କୁ ବିରଳ 'ବି' ନେଗେଟିଭ ଗ୍ରୁପର ରକ୍ତ ଦେବା ପାଇଁ ଡାକ୍ତର କହିଥିଲେ। ବର୍ତ୍ତମାନ ପରିସ୍ଥିତିରେ ରକ୍ତଭଣ୍ଡାର ଗୁଡ଼ିକରେ ରକ୍ତର ଘୋର ଅଭାବ ଥିବାବେଳେ ମହିଳାଙ୍କ ପରିବାର ଲୋକେ ଏଇ ଗ୍ରୁପର ରକ୍ତ ଯୋଗାଡ଼ କରି ନ ପାରି ହତାଶ ହୋଇ ପଡ଼ିଥିଲେ। ଏ ସମ୍ପର୍କରେ ଶିକ୍ଷାବିତ୍ ତଥା ସମାଜସେବୀ ଗିରିଜା ବେହେରା ଓ ଯୁବ ସମାଜସେବୀ ସୁଶୀଲ କୁମାର ବାଗଙ୍କଠାରୁ ସୂଚନା ପାଇ ସୋସିଆଲ୍ ଏକ୍ଟିଭିଷ୍ଟ ଅଫ୍ କଳାହାଣ୍ଡିର ମହେଶ୍ୱର ସୁନାନୀ, ମିଳନ ଭୋଇ, ସୋସିଆଲ୍ ୱେଲଫେୟାର ଅର୍ଗାନାଇଜେସନ୍ କଳାହାଣ୍ଡିର ଉମାକାନ୍ତ ସୁନାନୀ, ସଂଗ୍ରାମ କନ୍ଧପାନ ପ୍ରମୁଖ ଆଗେଇ ଆସିଥିଲେ। ରକ୍ତର ଅତ୍ୟନ୍ତ ଆବଶ୍ୟକତା ଥିବାରୁ ସୋସିଆଲ୍ ୱେଲଫେୟାର ଅର୍ଗାନାଇଜେସନର କୋକସରା ବ୍ଲକ ସଭାପତି ଧନୁର୍ଯ୍ୟୟ ରଣାଙ୍କୁ ଅନୁରୋଧ କରାଯିବା ପରେ ସମାଜସେବୀ ସୁନାନୀ ଓ ରିଙ୍କୁ ମଙ୍ଗରାଜଙ୍କ ସହିତ ୮୦ କିମି ଦୂର କୋକସରାରୁ ଭବାନୀପାଟଣା ଆସି 'ବି' ନେଗେଟିଭ୍ ରକ୍ତଦାନ କରିଥିଲେ। ସେହିପରି ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଏବଂ ଆହୁରି ରକ୍ତର ଆବଶ୍ୟକତା ଥିବାରୁ ଅଗ୍ରଣୀ ସାମାଜିକ ସଂଗଠନ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନର ସଭାପତି ଧନଞ୍ଜୟ ଦୀପ ଆଗେଇ ଆସିବା ସହିତ ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଲିମିଟେଡର ସହଯୋଗୀ ଆଇଜାକ୍ କମ୍ପାନୀର ସୂର୍ଯ୍ୟମଣି ସ୍ୱାଇଁ, ଗ୍ରୁପ ଫୋର୍ କମ୍ପାନୀର ସତ୍ୟରଞ୍ଜନ ତ୍ରିପାଠୀଙ୍କୁ ଅନୁରୋଧ କରିବା ସହିତ ନିଜ ଉଦ୍ୟମରେ ଦୀର୍ଘ ୮୦ କିମି ରାସ୍ତା ଭବାନୀପାଟଣାକୁ ନେଇ ରକ୍ତଦାନ କରାଇଥିଲେ। ଏଇ ସମୟରେ ଯୁବ ସମାଜସେବୀ ସଞ୍ଜୟ ସୁନାନୀ ଉପସ୍ଥିତ ଥିବାବେଳେ ରକ୍ତଭଣ୍ଡାର ତରଫରୁ ଅଜିତ ନାଏକ, ଗିରିଶ ନାଏକ, ଡମ୍ବରୁଧର ସାହୁ, ସୁବାସଚନ୍ଦ୍ର ଦାସ, ତେଜରାଜ ଦଣ୍ଡସେନା, ବୃକୋଦର ଚନ୍ଦନ, ଚତୁର୍ଭୂଜ ଦୁବେ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ସୁଦୂର କୋକସରା ଓ ଲାଞ୍ଜିଗଡ଼ରୁ ଭବାନୀପାଟଣା ଯିବା ସହିତ ରକ୍ତଦାନ କରି ମହିଳାଙ୍କ ଜୀବନରକ୍ଷା କରିଥିବାରୁ ସୋସିଆଲ୍ ୱେଲଫେୟାର ଅର୍ଗାନାଇଜେସନ, ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେସନ ଓ ସୋସିଆଲ୍ ଏକ୍ଟିଭିଷ୍ଟ ଅଫ୍ କଳାହାଣ୍ଡିର କର୍ମକର୍ତ୍ତାଙ୍କୁ ସାରା ଜିଲ୍ଲାରୁ ପ୍ରଶଂସାର ସୁଅ ଛୁଟୁଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଧର୍ମଗଡ, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ପରେ ବି ମୁଖ୍ୟ ଅଭିଯୁକ୍ତଙ୍କୁ ଧର୍ମଗଡ ପୋଲିସ ଗିରଫ କରୁ ନ ଥିବା ନେଇ କଳାହାଣ୍ଡି ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗକାରୀ ଫେରାଦ ହୋଇଛନ୍ତି। ସୂଚନା ମତେ କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ପଲସାପଡା ଗ୍ରାମର ଲୋଚନ ମେହେରଙ୍କ ପୁଅ ରମେଶ ମେହେରଙ୍କୁ ଗତ ୩.୧୦.୨୦୨୧ ଛତିଶଗଡ଼ ରାଜ୍ୟ ଦେଭୋଗ ଥାନା ଅନ୍ତରଗତ ଦମ୍ନି ଗାଁ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଧର୍ମଗଡ ଥାନାରେ କେଶ ନମ୍ବର ୧୫୧/୨୧ରେମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିଲା। ଅଭିଯୁକ୍ତ ମଧ୍ୟରେ ଛତିଶଗଡ଼ ଗୋହିରାପଦର ଗ୍ରାମର ରୁଟୁ, ଗୋବିନ୍ଦ, ମୁଗଝେରର ଗଜାନନ୍ଦ କଶ୍ୟପ ଓ ନର୍ତନ କଶ୍ୟପ ରହିଥିଲେ। ତେବେ ଅଭିଯୋଗକାରୀଙ୍କ କହିବା କଥା ଏଥିରେ ମୁଖ୍ୟ ଅଭିଯୁକ୍ତ ଗ୍ରାମର ଟିକଚନ ମେହେରଙ୍କ ବାପା ଭଜମନ ମେହେର ଗୁଣ୍ଡା ଲଗେଇ ମାରଣାତ୍ମକ କରିଥିବା ଅଭିଯୋଗ କରିଛନ୍ତି। ଯାହା ପୋଲିସ ନିକଟରେ ତାର ପ୍ରମାଣ ସ୍ୱରୂପ ଫୋନ ରେକର୍ଡ ଦେଇଥିବା ପ୍ରକାଶ କରିଛନ୍ତି। ଏପରିକି ତାଙ୍କ ନାମରେ ମଧ କେଶ ରୁଜୁ ହୋଇ ୱାରେଣ୍ଟ ଥିବା ଜଣାପଡେ। ହେଲେ ଦୀର୍ଘଦିନ ପରେ ମଧ ପୋଲିସ ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରାସ୍ତ ହୋଇଥିବା ଜଣାପଡିଛି। ଅଭିଯୋଗକାରୀ ସିଧାସଳଖ ଭାବେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଖଲାସ ଭାବେ ଜାଣିଶୁଣି ଘଣ୍ଟ ଘୋଡାଉଥିବା ପ୍ରକାଶ କରିଛନ୍ତି। ଏପରିକି ଗାଁ ଦାଣ୍ଡରେ ଅଭିଯୁକ୍ତ ବୁଲୁଥିବା ବେଳେ ପୋଲିସ କେବଳ ନାମକୁ ମାତ୍ର ଆସି ଫେରି ଯାଉଥିବା କହିଛନ୍ତି। ଆଜି ଧର୍ମଗଡ ପୋଲିସ ପଲସାପଡା ଗ୍ରାମକୁ ଆସିଥିଲେ ହିଁ ଅଭିଯୁକ୍ତଙ୍କୁ ନ ପାଇ ଫେରି ଯାଇଥିବା ଜଣାପଡ଼ିଛି। ଏନେଇ ଧର୍ମଗଡ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଧିରଜ ଚୋପଦାର ଥାନାରେ କେଶ ରୁଜୁ ହୋଇ ତଦନ୍ତ ସାପେକ୍ଷ ଥିବା ପ୍ରକାଶ କରିଥିଲେ।

### ଜେଜେମା'ଙ୍କ ପାଖରେ ଦୁଇ ନାତୁଣୀ

## ପିଲାଙ୍କ ପାଖରେ ପହଞ୍ଚିଲା ପ୍ରଶାସନ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳମପୁର ବ୍ଲକର ଦେପୁର ଗ୍ରାମପଞ୍ଚାୟତର ବାଲିଛଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଦୁଇ ଛୁଆଙ୍କୁ ଛାଡି ଅନ୍ୟ ସ୍ତ୍ରୀ ସହ ବାପା ଚନ୍ଦ୍ରଶେଖର ଫେରାର୍ ହେବା ପରେ ମା' ମଞ୍ଜୁଳା ମଧ୍ୟ ବାପ ଘରକୁ ଯାଇ ଆଉ ଫେରିଲେ ନାହିଁ। ପରେ ସେ ଅନ୍ୟତ୍ର ବିବାହ କରିଥିଲେ। ଫଳରେ ଦୁଇ ଜଣ ଶିଶୁଙ୍କୁ ଜେଜେମା ଲାଳନପାଳନ କରୁଛନ୍ତି। ଦୁଇ କୋମଳ ମତି ଛୁଆଙ୍କୁ ନେଇ ଜେଜେମା ଅଭାବ ଅନାଟନ ଭିତରେ ବଞ୍ଚୁଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଗୁଲାମ ଅମିବୁଲ୍ଲା ଖାନ୍, ନେହେରୁ ଯୁବକେନ୍ଦ୍ର କଳାହାଣ୍ଡିର ସ୍ୱେଚ୍ଛାସେବୀ ଯଶୋବନ୍ତ ରଣା ଓ ଶମ୍ଭୁ ବିଶି ପ୍ରମୁଖ ପହଞ୍ଚି ଶିଶୁଙ୍କ ଜେଜେମା ଓ ଗ୍ରାମବାସୀଙ୍କ ସହିତ ଦୁଇ ଶିଶୁଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ। ଦୁଇ ଶିଶୁଙ୍କ ଲାଳନପାଳନ ଓ ପାଠପଢା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ସମତେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ପ୍ରମୁଖଙ୍କ ଉପସ୍ଥିତରେ ଆଲୋଚନା ସମୟରେ ମାଧବୀ ପ୍ରକାଶ କରିଥିଲେ। ସରକାରୀ ନିୟମ ଅନୁଯାୟୀ ଯାହା ସହାୟତା ପାଇବା ଦରକାର ସରକାର ତାହା ଯୋଗାଇ ଦିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

## ନୂତନ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଗୃହ ନିର୍ମାଣ ହେବ କେବେ !



ନର୍ଲା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ନର୍ଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ବର୍ତ୍ତମାନ ବିପଦଜନକ ଅବସ୍ଥାରେ ରହିଛି। ନର୍ଲାରେ ଦୀର୍ଘ ତିନି ଦଶନ୍ଧି ଧରି ଉକ୍ତ କାର୍ଯ୍ୟାଳୟ କାର୍ଯ୍ୟ କରିଆସୁଥିଲେ ହେଁ ଏହାର କୌଣସି ସ୍ଥାୟୀ ଅଫିସ ଗୃହନାହିଁ। ଦୀର୍ଘ ବର୍ଷ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ପୁରୁଣା କୋଠାରେ କାମ ଚାଲିଥିଲା। କୋଠା ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ଗତ କିଛି ବର୍ଷ ତଳେ ନିକଟସ୍ଥ ଆଉ ଏକ ପୁରୁଣା କୋଠାରେ ଏହା ଚାଲୁ ରହିଛି। ବର୍ତ୍ତମାନ ଉକ୍ତ କୋଠାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇ ପଡ଼ିଲାଣି। ବହୁ ପୁରୁଣା କୋଠା ଏବେ ଭାଙ୍ଗିବାକୁ ବସିଲାଣି। ଛାତର ଅନେକ ସ୍ଥାନରେ ପ୍ଲାଷ୍ଟର୍ ଛିଣ୍ଡି ପଡୁଥିବା ଯୋଗୁଁ କର୍ମଚାରୀମାନେ ବିପଦଜନକ ଅବସ୍ଥାରେ ଭିତରେ ବସି କାମ କରିବା ପାଇଁ ବାଧ ହେଉଛନ୍ତି। ନୂତନ ଅଫିସ ଗୃହ ନିର୍ମାଣ ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗତ ବର୍ଷ ଅକ୍ଟୋବର ମାସରୁ ଟେଣ୍ଡର ପ୍ରକ୍ରିୟା ସରିଛି। ଜନୈକ ଠିକାଦାର ଉକ୍ତ କାମକୁ ୧୪ ପ୍ରତିଶତ କମରେ କରିବା ପାଇଁ ଏଗ୍ରିମେଣ୍ଟ କରିଛନ୍ତି। ଟେଣ୍ଡର ଏଗ୍ରିମେଣ୍ଟ, ବିଭାଗୀୟ କମିଶନ ଓ ଠିକାଦାରଙ୍କ ଲାଭକୁ ହିସାବକୁ ନେଲେ ଉକ୍ତ କାମକୁ ସଂପୂର୍ଣ୍ଣ କରିବା ପାଇଁ ଠିକାଦାର ଅତିବେଶୀରେ ପନ୍ଦର ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ୨୬ ଲକ୍ଷ ଟଙ୍କାର କାମକୁ ୧୫ ଲକ୍ଷ ଟଙ୍କାରେ ସାରିବାକୁ ହେଲେ କେଉଁ ମାନର କାମ ହେବ ଓ ତାହା କେତେ ଦୀର୍ଘସ୍ଥାୟୀ ହେବ ତାହା ଅନୁମେୟ। କାମ କେଉଁ ମାନର ହେବ ତାହା କାମ ଆରମ୍ଭ ହେଲେ ଜଣାପଡିବ। ବର୍ତ୍ତମାନ ପ୍ରଶ୍ନ ହେଲା କାମ କେବେ ଆରମ୍ଭ ହେବ? ଟେଣ୍ଡର ଏଗ୍ରିମେଣ୍ଟ ଅନୁସାରେ ଏଗ୍ରିମେଣ୍ଟ ବର୍ଷକ ମଧ୍ୟରେ କାମ ସଂପୂର୍ଣ୍ଣ କରି ହସ୍ତାନ୍ତର କରିବା କଥା। ହେଲେ ବର୍ତ୍ତମାନ ସୁଦ୍ଧା କାମ ଆରମ୍ଭ ହୋଇନାହିଁ। ବର୍ତ୍ତମାନ ଚାଲିଥିବା ଅଫିସ ଗୃହ କେଉଁ ମୁହୂର୍ତ୍ତରେ ଭାଙ୍ଗି ପଡିବ କହିହେବ ନାହିଁ। ଠିକାଦାରଙ୍କୁ ବାରମ୍ବାର ତାଗିଦ୍ କରିବା ସତ୍ତ୍ୱେ କାମ ଆରମ୍ଭ କରିବା ଉପରେ ଗୁରୁତ୍ୱ ଦେଉ ନ ଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଆଲୋକ ନାଏକ କହିଛନ୍ତି। କର୍ମଚାରୀଙ୍କ ସହିତ ଦୈନନ୍ଦିନ ଅନେକ ସମୟରେ କାର୍ଯ୍ୟାଳୟରେ ଭିଡ ଲାଗିରହେ। ଏଥିରେ କୌଣସି ଅଘଟଣ ହେଲେ କିଏ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

## ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବିଜେପି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ପୃଥିବୀର ସର୍ବ ବୃହତ ଗଣତନ୍ତ୍ରର ରାଷ୍ଟ୍ରପତି ରୂପେ ଏକ ଓଡ଼ିଆ ଝିଅ ଭାରତ ବର୍ଷରେ ରାଷ୍ଟ୍ରପତି ରୂପେ ନିର୍ବାଚିତ କରିଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭାରତୀୟ ଜନତା ପାର୍ଟିର କେନ୍ଦ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ କଳାହାଣ୍ଡି ଜିଲ୍ଲା ଭାରତୀୟ ଜନତା ପାର୍ଟି ଓ କଳାହାଣ୍ଡି ଜିଲ୍ଲାର ଜନ ସାଧାରଣଙ୍କ ତରଫରୁ କୃତଜ୍ଞତା ଓ ଅଭିନନ୍ଦନ ଜ୍ଞାପନ କରାଯାଇ ଭବାନୀପାଟଣା ସହର ସ୍ଥିତ ଗାନ୍ଧୀ ଛକ ଠାରେ ବିଜେପିର କାର୍ଯ୍ୟକାର୍ତ୍ତାମାନେ ବାଣ ଫୁଟାଇ ମିଷ୍ଟାନ୍ନ ବଣ୍ଟନ କରି ଭବ୍ୟ ଉତ୍ସବ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି, ସାଧାରଣ ସମ୍ପାଦକଙ୍କ ସହ ଶତାଧିକ ବିଜେପି କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିବାର ଦେଖିବାର ମିଳିଥିଲା।

## ସଦ୍‌ଗୁରୁ ଶ୍ରୀଶ୍ରୀ ଅର୍ଜୁନଙ୍କ ଜୟନ୍ତୀ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦିବ୍ୟ ଦର୍ଶନର ପ୍ରତିଷ୍ଠାତା ସଦ୍‌ଗୁରୁ ଶ୍ରୀଶ୍ରୀ ଅର୍ଜୁନଙ୍କର ୯୦ ତମ ଜୟନ୍ତୀ ଉପଲକ୍ଷେ ଦିବ୍ୟ ଦର୍ଶନ ଟ୍ରଷ୍ଟ ଭବାନୀପାଟଣାର ଅନୁକୂଲ୍ୟରେ ସ୍ଥାନୀୟ ବ୍ୟାଙ୍କ କଲୋନୀ ସ୍ଥିତ ସୋରେନ୍ ଭାଇଙ୍କ ବାସ ଭବନରେ ଏକ ଜ୍ଞାନ ଯଜ୍ଞର ଆୟୋଜନ କରାଯାଇଥିଲା। ସଦ୍‌ଗୁରୁ ଦେବଙ୍କ ଜନ୍ମର ଉଦ୍ଦେଶ୍ୟକୁ ନେଇ ସଂଘର ସଭାପତି ଆଲୋଚନା କରିଥିଲେ। ସଦ୍‌ଗୁରୁଦେବଙ୍କ ଦ୍ୱାରା ଦିବ୍ୟ ଦର୍ଶନ ଦ୍ୱାରା ଦର୍ଶନ ସଂଘର ମାନବ ସମାଜରେ କିପରି ଶାନ୍ତି ପ୍ରତିଷ୍ଠା ହୋଇପାରିବ ସେହି ଉପରେ ଭାଇମାନେ ଉଦ୍‌ବୋଧନ ଦେଇଥିଲେ। ଏହି ଜ୍ଞାନ ଯଜ୍ଞରେ ସଂଘର ଗୁରୁଭାଇ ନବକିଶୋର, ସୋରେନ୍ ଭାଇ, ବୃନ୍ଦାବନ ଭାଇ, ଆପ୍ପା ରାଓ ଭାଇ, ବାଗ ଭାଇ ଓ ରାଜୁ ଭାଇ ସହଯୋଗ କରିଥିଲେ। ଶେଷରେ ସମସ୍ତ ଭାଇ ଓ ଭଉଣୀମାନଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

### ମଣ୍ଡଳ ପ୍ରାଥମିକ କୃଷି ସମବାୟ ସମିତି

## ସଭାପତି ମହେନ୍ଦ୍ର ଯୋଶୀ, ଉପସଭାନେତ୍ରୀ ଏନ୍ ସୁନିତାଙ୍କ ଦାୟିତ୍ୱ ଗ୍ରହଣ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ମଣ୍ଡଳ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଏବଂ ଉପସଭାନେତ୍ରୀ ନିଦ୍ୱନ୍ଦରେ ନିର୍ବାଚିତ ହୋଇ ବୁଧବାର ତାଙ୍କ ଦ୍ୱାୟିତ୍ୟ ଗ୍ରହଣ କରିଛନ୍ତି। ସଭାପତି ମହେନ୍ଦ୍ର ଯୋଶୀ ଏବଂ ଉପ ସଭାନେତ୍ରୀ ଏନ୍ ସୁନିତା ନିଜ ବହୁ ସଂଖ୍ୟକ ସମର୍ଥିତଙ୍କ ସହିତ ମଣ୍ଡଳ ସମବାୟ ସମିତି କାର୍ଯ୍ୟାଳୟକୁ ପହଞ୍ଚି ଦାୟିତ୍ୟ ଗ୍ରହଣ କରିଥିଲେ। ଦାୟିତ୍ୟ ଗ୍ରହଣ ପରେ ସମବାୟ ସମିତିର ସମ୍ପାଦକ ନବୀନ ନାଗ ସମସ୍ତ ସହଯୋଗୀ ଏବଂ ସମସ୍ତ ପେକ୍ସ ଡ଼ାଇରେକ୍ଟରମାନଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବର୍ତ୍ତମାନ ଚାଷୀମାନେ ଋଣ ପାଇଁ ଆବେଦନ କରୁଥିବା ବିଷୟକୁ ପରିଚାଳନା କମିଟିର ସୁପାରିଶ କ୍ରମେ ମଞ୍ଜୁର କରାଯିବ ଏବଂ ଚାଷୀ ଓ ଚାଷ ଉପରେ ଯେଉଁ ସବୁ ଯୋଜନା ସମବାୟ ସମିତି ମାଧ୍ୟମରେ ହେବ ତାଉପରେ ପ୍ରଥମେ ଗୁରୁତ୍ୱ ଦେଇ କାର୍ଯ୍ୟ ସମ୍ପାଦନ କରାଯିବ। ଆଗାମୀ ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ ଜୁଲାଇ ୧୫ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଚାଷୀ ଯେପରି ପଞ୍ଜିକରଣ କରିପାରିବେ ଏନେଇ ଶୃଙ୍ଖଳାର ସହିତ କାର୍ଯ୍ୟକାରୀ କରିବା। ସଭାପତି ଶ୍ରୀ ଯୋଶୀ ଦାୟିତ୍ୟ ନେବାପରେ ଯେ କୌଣସି କାର୍ଯ୍ୟରେ ଚାଷୀମାନେ ଅସୁବିଧାରେ ପଡନ୍ତି ତାକୁ ଅତିଶୀଘ୍ର ସମାଧାନ କରିବା ଏବଂ ଚାଷୀଙ୍କ ହକ ସବୁବେଳେ ରହିବ ଓ ସମସ୍ତ ଡାଇରେକ୍ଟରଙ୍କ ସହଯୋଗ କ୍ରମେ କାର୍ଯ୍ୟ କରାଯିବ ବୋଲି ସଭାପତି ଶ୍ରୀ ଯୋଶୀ ମତବ୍ୟକ୍ତ କରିଥିଲେ। ଦାୟିତ୍ୟ ଗ୍ରହଣ ସମୟରେ ସମବାୟ ସମିତିର ସମସ୍ତ ଡାଇରେକ୍ଟର, ସୁଧାଂଶୁ ଶେଖର ପଣ୍ଡା, ମହେନ୍ଦ୍ର ସାହୁ, ପ୍ରଦୀପ କୁମାର ବେହେରା, ବିପିନ ପ୍ରଧାନୀ କଳମପୁର ସମବାୟ ସମିତିର ସଭାପତି ଶଙ୍କର୍ଷଣ ବେହେରା, ବ୍ଲକ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ଅଜିତ ମୁଣ୍ଡ, ନୂଆଁଗାଁ ସରପଞ୍ଚ ସୁଶାନ୍ତ ମାଝୀ, କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ଅଙ୍ଗୁର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମବାୟ ସମିତିର ସମସ୍ତ କର୍ମଚାରୀ ପୂର୍ଣ ସହଯୋଗ କରିଥିଲେ।

### ବଢୁଛି ଜାମ୍, ହେଉଛି ସମସ୍ୟା

## ହୋମଗାର୍ଡମାନେ କରୁଛନ୍ତି ଟ୍ରାଫିକ୍ ନିୟନ୍ତ୍ରଣ




ଜୁନାଗଡ଼, (ଭାସ୍କର ନ୍ୟୁଜ୍): ଜୁନାଗଡ଼ ହେଉଛି କଳାହାଣ୍ଡି ଜିଲ୍ଲାର ପୁରାତନ ରାଜଧାନୀ। ଜୁନାଗଡ଼ ଜିଲ୍ଲାର ସର୍ବ ପୁରାତନ ଏନ୍ଏସି ହୋଇଥିବା ବେଳେ ବ୍ଲକ ମୁଖ୍ୟାଳୟ ମଧ୍ୟ ଅଟେ। ସେହିଭଳି ଏଠାରେ ଥାନା, ଡାକ୍ତରଖାନା, ତଥା ବିଭିନ୍ନ କାର୍ଯ୍ୟାଳୟ ଥିବା ଯୋଗୁଁ ପ୍ରତିଦିନ ଲୋକ ସଂଖ୍ୟା ବୃଦ୍ଧି ପାଉଛି। ଏହି ସହର ଦେଇ ଜାତୀୟ ରାଜପଥ ୨୬ ଓ ୧୨୫ ସି ସଂଯୋଗଣ କରିଛି। ଜୁନାଗଡ଼ ଜିଲ୍ଲାର ମଧ୍ୟସ୍ଥଳୀ ହୋଇଥିବା ବେଳେ ବ୍ୟବସାୟିକ କ୍ଷେତ୍ରରେ ମୁଖ୍ୟ ପ୍ରାଣକେନ୍ଦ୍ର ଅଟେ। ସହରରେ ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଯାନବାହନ ଚଳାଚଳ ମଧ୍ୟ ବୃଦ୍ଧି ପାଉଛି। ସହର ମଧ ଦେଇ ଯାଇଥିବା ଜାତୀୟ ରାଜପଥ ୨୬ରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଗୋଟିଏ ପଟେ ରୋଡ଼ ରୋମିଓ ଓ ଅନ୍ୟପଟେ କିଛି ବ୍ୟବସାୟୀ ମଧ ରାସ୍ତାକଡ଼କୁ ମାଡି ବସିଥିବା ବେଳେ ଏବଂ ଅହେତୁକ ଯାନ ବାହନ ଚଳାଚଳ ଯୋଗୁଁ ଟ୍ରଫିକ ଜାମ ହେବା ସହିତ ଅନେକ ଦୁର୍ଘଟଣା ହୋଇ ଧନ ଜୀବନ ନଷ୍ଟ ହେବାରେ ଲାଗିଛି। ଏଠାରେ ସ୍ଥାୟୀ ଟ୍ରାଫିକ ପୁଲିସ ନ ଥିବା ବେଳେ ଅନିଭିଜ୍ଞ ହୋମଗାର୍ଡମାନେ ହିଁ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ହେଉଛି କୋକସରା, ଜୟପାଟଣା, କଳମପୁର, ଥୁଆମୂଳ ରାମପୁର, ଧର୍ମଗଡ଼, ଗୋଲାମୁଣ୍ଡା, ଭବାନୀପାଟଣା ପ୍ରମୁଖ ବ୍ଲକର ମଧ୍ୟସ୍ଥଳି ଅଟେ। ଅନ୍ୟପକ୍ଷରେ ଜୁନାଗଡ଼କୁ ରେଳ ସଂଯୋଗ ହେବା ଫଳରେ ଜିଲ୍ଲା ତଥା ଜିଲ୍ଲା ବାହାର ନବରଙ୍ଗପୁର, ଜୟପୁର ତଥା ଛତିଶଗଡ଼ର ଲୋକେ ମଧ ଜୁନାଗଡ଼ ଉପରେ ନିର୍ଭର କରୁଛନ୍ତି। ବ୍ୟବସାୟିକ କ୍ଷେତ୍ରରେ ପ୍ରତିଦିନ ହଜାର ହଜାର ଲୋକ ଜୁନାଗଡ଼କୁ ଆସିଥାନ୍ତି। ଦିନକୁ ଦିନ ଲୋକ ଏବଂ ଯାନବାହନ ସଂଖ୍ୟା ବୃଦ୍ଧି ପାଇବା ଯୋଗୁଁ ଟ୍ରାଫିକ ବ୍ୟବସ୍ଥା ଅଣାୟତ ହୋଇପଡିଛି। ସହର ମଧ ଦେଇ ଯାଇଥିବା ଜାତୀୟ ରାଜପଥ ୨୬ ଅଣ ଓସାରିଆ ହେବା ଓ ସେହି ରାସ୍ତାରେ କିଛି ଦୋକାନୀମାନେ ରାସ୍ତାକଡ଼କୁ ମାଡି ବସିବା, ବୁଲା ଗାଈଗୋରୁ ଓ କୁକୁରଙ୍କ ଦୌରାତ୍ମ୍ୟ ଏବଂ ରୋଡ଼ ରୋମିଓଙ୍କ ଯୋଗୁଁ ଟ୍ରଫିକ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଜୁନାଗଡ଼ ପୁରୁଣା ବସଷ୍ଟାଣ୍ଡଠାରୁ ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ ଜାମ ହୋଇଥାଏ ଏବଂ ଦୁର୍ଘଟଣା ଘଟିଥାଏ। କଳମପୁର ଛକ ସବୁବେଳେ ଜାମ ଗୁରୁତର ଟ୍ରାଫିକ ସମସ୍ୟା ସବୁବେଳେ ରହିଥାଏ। ରାସ୍ତା ପାର ହେବା ପାଇଁ ଲୋକଙ୍କୁ ଅନେକ ସମୟ ଲାଗିଥାଏ। ଅନିଭିଜ୍ଞ ହୋମଗାର୍ଡମାନେ ଟ୍ରାଫିକକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥାନ୍ତି। ଗୋଟିଏ ପଟେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୋଦାମ ଗୃହ ଥିବା ଯୋଗୁଁ ପ୍ରତିଦିନ ଶତାଧିକ ଟ୍ରକ୍‌ମାନଙ୍କ ଯିବା ଆସିବା କରିବା ଫଳରେ ଲୋକେ ଭୟଭୀତ ହୋଇଥାନ୍ତି। ସହରରେ ଅନେକ ଦିନରୁ ବାଇପାସ ରାସ୍ତା ନିର୍ମାଣ ପାଇଁ ଦାବି କରିଆସୁଥିଲେ ସୁଦ୍ଧା ଏଦିଗରେ କର୍ଣ୍ଣପାତ କରୁନାହାନ୍ତି। ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ନିର୍ବାଚିତ ଲୋକପ୍ରତିନିଧି ଏଥିପ୍ରତି ଉଦାସୀନ ରହିଥିବା ଦେଖିବାକୁ ମିଳୁଛି। ଏପରିକି ନିକଟରେ ଖୋଦ ସାଂସଦଙ୍କ ଏକ ପ୍ରେସ୍ ମିଟରେ ବାଇପାସ ରାସ୍ତା ପ୍ରସ୍ତାବ ଧର୍ମଗଡ଼କୁ ରହିଥିବାବେଳେ ଜୁନାଗଡ଼କୁ ଅଣଦେଖା କରା ଯାଇଥିବାର ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏପଟେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ହେବା ସହିତ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସଂଗଠନ ପକ୍ଷରୁ ବାଇପାସ ରାସ୍ତା ନେଇ ଦାବି କରାଯାଇ ଥିଲେ ମଧ ଏହା ଶୀତଳ ଭଣ୍ଡାରରେ ରହିଛି। ତେଣୁ ତୁରନ୍ତ ସହରରେ ବାଇପାସ ରାସ୍ତା ଓ ଟ୍ରାଫିକ ସମସ୍ୟାର ସୁଧାର ପାଇଁ ଉଭୟ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧି ଉଦ୍ୟମ କରି ବାକୁ ସହରବାସୀ ଦାବି କରିଛନ୍ତି।

## ରାଶିଫଳ

ଶନିବାର, ୨୩ ଜୁଲାଇ ୨୦୨୨



**ମେଷ**– ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**ବୃଷ**– ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ ।



**ମିଥୁନ**– ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ**– ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।



**ସିଂହ**– କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ , ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**କନ୍ୟା**– ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ।



**ତୁଳା**– ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।



**ବିଛା**– ଆଜି ଆଧ୍ୟାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍? ବୁଝାମଣା ହେତୁ ଅଭାବ ନ ଥିଲେ ମଧ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ଧନୁ**– ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ ।



**ମକର**– ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**କୁମ୍ଭ**– ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ**– ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



ଜ୍ୟୋତିଷ ଚର୍ଚ୍ଚା


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ

(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,

ନିଳାଦ୍ରୀବିହାର, ଭୁବନେଶ୍ୱର-୨୧

ମୋ: ୯୪୩୮୩୮୯୦୩୯



ବାଲିପାଟଣା, (ଭାସ୍କର ନ୍ୟୁଜ୍): ଜନ ଶିକ୍ଷଣ ସଂସ୍ଥାନ ଭୁବନେଶ୍ୱର ତରଫରୁ ନାରୀ ସ୍ୱାସ୍ଥ୍ୟ ଓ ସଚେତନତା କର୍ମଶାଳା ସହିତ ନାରୀ ମାନଙ୍କୁ ସାନିଟାରୀ ପ୍ୟାଡ୍ ବଣ୍ଟନ କାର୍ଯ୍ୟକ୍ରମ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ କୁରୁଞ୍ଜିପୁର ଗ୍ରାମପଞ୍ଚାୟତର ବଦଳାଶାସନ ଗ୍ରାମରେ ଅନୁଷ୍ଠିତ ହୋଇଯାଇଅଛି। ଜୁଲାଇ ୧୬ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦିର୍ଘ ୧୫ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ସ୍ୱଚ୍ଛତା ପଖୱାଡ଼ା କାର୍ଯ୍ୟକ୍ରମ ସଂସ୍ଥାନର ନିର୍ଦ୍ଦେଶିକା ନିବେଦିତା ନରୁଲା, ନିରଞ୍ଜନ ତ୍ରିପାଠୀ, ନିରୁପମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା କାର୍ଯ୍ୟଶାଳାରେ ୫୦ରୁ ଅଧିକ ମହିଳା ଏବଂ କିଶୋରୀ ଉପସ୍ଥିତ ଥିଲେ। ବିଶେଷ ଭାବରେ ମାସିକ ଧର୍ମ ସମୟରେ ମହିଳା ମାନେ ସ୍ୱଚ୍ଛତା ପ୍ରତି ଅଧିକ ଗୁରୁତ୍ୱ ଦେବା ଉଚିତ୍। ବିଭିନ୍ନ ପ୍ରକାରର ସାମାଜିକ ଭ୍ରାନ୍ତ ଧାରଣାରୁ ନିଜକୁ ଦୂରେଇ ରଖି ଅଧିକ ମାତ୍ରାରେ ବିଜ୍ଞାନ ସମ୍ମତ ହୋଇ ପ୍ରତ୍ୟେକ ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ। ମହିଳାଙ୍କ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୋଇପାରିଲେ ପୁରା ପରିବାର ସୁସ୍ଥ ଏବଂ ସମୃଦ୍ଧ ହୋଇପାରିବ ବୋଲି ନିର୍ଦ୍ଦେଶିକା ଶ୍ରୀମତୀ ନରୁଲା ମତ ବ୍ୟକ୍ତ କରିଥିଲେ। ମାସିକ ଧର୍ମ ସମୟରେ ଏକାଧିକ ବ୍ୟବହୃତ ହୋଇଥିବା କିମ୍ବା ଘରର ଅଦରକାରି କପଡ଼ା ବ୍ୟବହାର ନକରି ସ୍ୱଚ୍ଛ ସୂତା କପଡ଼ା କିମ୍ବା ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଅତ୍ୟନ୍ତ ଜରୁରୀ ବୋଲି ଉପସ୍ଥିତ ସଦସ୍ୟମାନେ ମତ ଦେଇଥିଲେ।

### ଦ୍ରୌପଦୀଙ୍କ ବିଜୟ ଉତ୍ସବ ପାଇଁ ସାରା ମୟୂରଭଞ୍ଜରେ ଖୁସୀର ଲହରୀ

# ୫୦ କ୍ୱିଣ୍ଟାଲ ଲଡୁ ପ୍ରସ୍ତୁତ



କରଞ୍ଜିଆ , (ଭାସ୍କର ନ୍ୟୁଜ୍) : ଦେଶର ସର୍ବୋଚ୍ଚ ପଦ ରାଷ୍ଟ୍ରପତି ପାଇଁ ବିପୁଳ ଭୋଟରେ ବିଜୟ ହୋଇ ଦେଶର ସର୍ବଚ୍ଚ ମୁକୁଟ ପିନ୍ଧିଛନ୍ତି ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାର ଆଦିବାସୀ ଝିଅ, ଜଣେ ବୋହୂ, ଜଣେ ଭଉଣୀ, ଜଣେ ମାଆ, ଜଣେ ଶିକ୍ଷୟିତ୍ରୀ, ଜଣେ ସମଜସେବୀ, ଜଣେ ନାରୀନେତ୍ରୀ, ଜଣେ ସଫଳ ରାଜନେତ୍ରୀ, ଜଣେ ସଭାନେତ୍ରୀ, ଜଣେ ରାଜ୍ୟପାଳ। ମୟୂରଭଞ୍ଜ ମାଟିର ସୁଯୋଗ୍ୟ କନ୍ୟା ଆଦିବାସୀ ଝିଅ ଦ୍ରୌପଦୀ ମୁର୍ମୁ ହେଲେ ଭାରତ ରାଷ୍ଟ୍ରର ପ୍ରଥମ ନାଗରିକ। ବିଜୟ ଲାଭ ପରେ ଶ୍ରୀମତୀ ମୁର୍ମୁଙ୍କ ପୈତୃକ ଗ୍ରାମ, ଶ୍ୱଶୁର ଘର ଗାଁ ଓ ରାଇରଙ୍ଗପୁର ସହର ଉତ୍ସବ ମୁଖର। ମୟୂରଭଞ୍ଜ ଆଦିବାସୀ ଝିଅର ବିଜୟ ଉତ୍ସବ ପାଇଁ ପ୍ରସ୍ତୁତ ସଜେଇ ହେଇଛି ରାଇରଙ୍ଗପୁର ତା ସହ ବଣ୍ଟା ହୋଇଛି ୪୦ହଜାରରୁ ଉର୍ଦ୍ଧ୍ୱ ଲଡୁ । ଦ୍ରୌପଦୀଙ୍କ ରାଇରଙ୍ଗପୁର ସ୍ଥିତ ବାସଭବନ, ଉପରବେଡ଼ାସ୍ଥିତ ପୈତୃକ ଗାଁ, ପାହାଡ଼ପୁରସ୍ଥିତ ଶ୍ୱଶୁର ଘର ଗାଁ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଛି। ବିଜେପି କର୍ମୀ, ବିଜେଡି କର୍ମୀ, ସ୍ଥାନୀୟ ବାସିନ୍ଦା ଓ ଶ୍ରୀମତୀ ମୁର୍ମୁଙ୍କ ପରିବାର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଦିବାସୀ ନୃତ୍ୟଗୀତରେ ସାରା ମୟୂରଭଞ୍ଜ ଦୁଲୁକୁଥିଲା। ଆସନ୍ତା ୨୫ ତାରିଖ ଶପଥ ଗ୍ରହଣ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହି ଶପଥ ଗ୍ରହଣ ଉତ୍ସବରେ ଦ୍ରୌପଦୀଙ୍କ ଝିଅ, ଜ୍ୱାଇଁ ଓ ନାତୁଣୀଙ୍କ ସହ ସାନଭାଇ ଓ ଭାଉଜ ମଧ୍ୟ ଶପଥ ଗ୍ରହଣ ଉତ୍ସବକୁ ଯିବେ। ଏଥିପାଇଁ ସେମାନେ ୨୩ ତାରିଖ ଦିନ ବିମାନ ଯୋଗେ ଦିଲ୍ଲୀ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା।

ମୟୂରଭଞ୍ଜ ଜିଲ୍ଲା ସମେତ ଓଡିଶା ବାସୀ ସୁନିଶ୍ଚିତ ହୋଇ ଯାଇଥିଲେ ଯେ ମୟୂରଭଞ୍ଜ ମାଟିର ଝିଅ ଦ୍ରୌପଦୀ ମୁର୍ମୁ ହିଁ ବିଜୟୀ ହୋଇ ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ଅଳଙ୍କୃତ ହେବେ ଆଉ ତାହା ବାସ୍ତବରେ ମଧ୍ୟ ପରିଣତ ହେଲା । ତେବେ ମୟୂରଭଞ୍ଜ ଜିଲ୍ଲାରେ ଅଦିନିଆ ଦୀପାବଳି ଦେଖିବାକୁ ମିଳିଛି। ରାତ୍ରି ଆଉ ରାତ୍ରି ହୋଇ ନ ଥିଲା, ଚିକି ମିକି ଆଲୁଅରେ ଝଲସୁଥିଲା ସାରା ଜିଲ୍ଲା। ଜିଲ୍ଲାର ସବୁ ସହର ଗଳିକାନ୍ଦି ସୁନ୍ଦର ତୋରଣରେ ସଜେଇ ହୋଇ ବିଜୟ ଉତ୍ସବ ପାଳନ କରିଥିଲେ। ଜିଲ୍ଲାରେ ବିଜୟ ଉତ୍ସବ ପାଳନ କରିବା ପାଇଁ ରାଇରଙ୍ଗପୁରରେ ୪୦ ହଜାରରୁ ଉର୍ଦ୍ଧ୍ୱ ଲଡୁ ପ୍ରସ୍ତୁତ କରାଯାଇ ବଣ୍ଟନ କରାଯାଇଥିଲା । ମୟୂରଭଞ୍ଜ ମାଟିର ଗର୍ବ ଓ ଗୌରବ ଦ୍ରୌପଦୀ ମୁର୍ମୁଙ୍କ ବିଜୟ ଖୁସିରେ ଅଞ୍ଚଳବାସୀ ପରସ୍ପରକୁ ଲଡୁ ଖୁଆଇ ଉତ୍ସବ ପାଳନ କରିବା ସହିତ ସାମାଜିକ ଗଣମାଧ୍ୟମରେ ଫେସବୁକ ଓ ହ୍ୱାଟସଆପ୍‌ରେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ରାତ୍ରି ସମୟରେ ଆତସବାଜିରେ ଝଲସି ଯାଇଥିଲା ଗାଁରୁ ସହର। ଦ୍ରୌପଦୀ ମୁର୍ମୁଙ୍କ ସଫଳତା ସାରା ମୟୂରଭଞ୍ଜବାସୀ ଗର୍ବିତ। ଏହାବ୍ୟତୀତ ମୟୂରଭଞ୍ଜର ବହୁ ସ୍ଥାନରେ ରଙ୍ଗିନ ଆଲୋକରେ ଝଲସି ପଡୁଥିଲା। ସହର ସାରା ଲାଗିଛି ବଡ଼ବଡ଼ ହୋର୍ଡିଂ ଓ ବ୍ୟାନର୍। ଆଦିବାସୀଙ୍କ ନୃତ୍ୟଗୀତରେ ଦୁଲୁକୁଥିଲା ରାଇରଙ୍ଗପୁର ସହର। ରାଇରଙ୍ଗପୁର ଠାରେ ବିଭିନ୍ନ ନାମିଦାମୀ ରଷ୍ଟ୍ରୀୟ ଚ୍ୟାନେଲଗୁଡିକ ଦୁଇ ଦିନ ଆଗରୁ ଡେରା ପକାଇ ଘଡିକୁ ଘଡି ଖବର ପ୍ରସାରଣ କରୁଥିବାର ଦେଖିବାକୁ ମିଳିଥିଲା। ଦ୍ରୌପଦୀଙ୍କ ପାରିବାରିକ ଜୀବନ, ୧୯୮୦ ଦଶକର କଥା । ଦ୍ରୌପଦୀ ଏବଂ ଶ୍ୟାମ ଚରଣ ଦୁହେଁ ପରସ୍ପରକୁ ପସନ୍ଦ କରି ଶ୍ୟାମ ଚରଣ ବିବାହ ପ୍ରସ୍ତାବ ନେଇ ଦ୍ରୌପଦୀଙ୍କ ଘରେ ପହଞ୍ଚି ଥିଲେ। ବାସ୍ତବରେ ଶ୍ୟାମ ଚରଣଙ୍କ କିଛି ସମ୍ପର୍କୀୟ ଦ୍ରୌପଦୀଙ୍କ ଗାଁରେ ରହୁଥିଲେ। ଏଭଳି ପରିସ୍ଥିତିରେ ଶ୍ୟାମ ଚରଣ ତାଙ୍କ କକେଇ ଏବଂ ସମ୍ପର୍କୀୟଙ୍କ ସହ ଦ୍ରୌପଦୀଙ୍କ ଘରକୁ ଯାଇଥିଲେ। ସମସ୍ତ ଚେଷ୍ଟା ସତ୍ତ୍ୱେ ଦ୍ରୌପଦୀଙ୍କ ପିତା ବିରଞ୍ଚି ନାରାୟଣ ଟୁଡୁ ବିବାହ ପାଇଁ ରାଜି ହୋଇନଥିଲେ। ତେବେ ଶ୍ୟାମ ଚରଣ ମଧ୍ୟ ପଛକୁ ହଟିନଥିଲେ । ସେ ନିଷ୍ପତ୍ତି ନେଇଥିଲେ ଯେ ଯଦି ସେ ବିବାହ କରିବେ, ତେବେ ସେ କେବଳ ଦ୍ରୌପଦୀଙ୍କୁ ହିଁ ବିବାହ କରିବେ । ଶ୍ୟାମ ଚରଣ ଦ୍ରୌପଦୀଙ୍କ ଗାଁରେ ତିନି ଦିନ ଯାଏଁ ରହିଥିଲେ। ଉଭୟ ଦ୍ରୌପଦୀ ଓ ଶ୍ୟାମ ଚରଣ ବିରଞ୍ଚିଙ୍କୁ ମନାଇବାକୁ ଲାଗିପଡ଼ିଥିଲେ । ଶେଷରେ ବିରଞ୍ଚି ବିବାହ ପାଇଁ ରାଜି ହୋଇଥିଲେ । ଏହାପରେ ଶ୍ୟାମ ଚରଣ ଏବଂ ଦ୍ରୌପଦୀଙ୍କ ପରିବାର ସଦସ୍ୟମାନେ ଯୌତୁକ କଣ ଦିଆଯିବ ବୋଲି ଆଲୋଚନା କରିଥିଲେ । ଶେଷରେ ଶ୍ୟାମ ଚରଣଙ୍କ ଘର ପକ୍ଷରୁ ଦ୍ରୌପଦୀଙ୍କ ପରିବାରକୁ ଗୋଟିଏ ଗାଈ, ଗୋଟିଏ ବଳଦ ଓ ୧୬ ହଳ ପୋଷାକ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଉଭୟଙ୍କ ପରିବାର ଏଥିରେ ସହମତ ହୋଇଥିଲେ। ବାସ୍ତବରେ, ସାନ୍ତାଳୀ ସମ୍ପ୍ରଦାୟରେ ପୁଅଘର ପକ୍ଷରୁ ଝିଅର ପରିବାର ସଦସ୍ୟଙ୍କୁ ଯୌତୁକ ଦିଆଯାଇଥାଏ । ଦ୍ରୌପଦୀ ଓ ଶ୍ୟାମ ଚରଣଙ୍କ ଔରସରୁ ଚାରି ସନ୍ତାନ ଥିଲେ। ଚାରି ସନ୍ତାନଙ୍କ ମଧ୍ୟରୁ ଦୁଇ ପୁଅ ଏବଂ ଦୁଇ ଝିଅ ଥିଲେ। ୧୯୮୪ ମସିହାରେ ବଡ ଝିଅର ମୃତ୍ୟୁ ହୋଇଥିଲା । ଏହା ପରେ, ୨୦୦୯ ମସିହାରେରେ ଏବଂ ୨୦୧୩ ମସିହାରେ ଦୁଇ ପୁଅଙ୍କର ମୃତ୍ୟୁ ହୋଇଥିଲା । ମୁର୍ମୁଙ୍କ ସ୍ୱାମୀ ଶ୍ୟାମ ଚରଣ ମୁର୍ମୁଙ୍କର ମଧ୍ୟ ୨୦୧୪ରେ ମୃତ୍ୟୁ ହୋଇଯାଇଥିଲା।

## ଚାଷ ଜମିରେ ବନ୍ୟାଜଳ, ଚିନ୍ତାରେ ଚାଷୀ



କଣାସ, (ଭାସ୍କର ନ୍ୟୁଜ୍):କଣାସ ଅଞ୍ଚଳରେ ଦୁଇଦିନ ମଧ୍ୟରେ ୧୬୦ମିମି ବର୍ଷା ହେବା ଏବଂ ମଲାଗୁଣୀନଦୀରେ ଘାଇ ହେବାରୁ ବନ୍ୟାଜଳ ପ୍ରବେଶକରି କଣାସ ବ୍ଲକର ବକୁ, ଦିବ୍ୟସିଂହପୁର, ଦେଇପୁର, ଗଡଖାରଦ, ସାହୁପଡା, ବଡାଲ, ଦୋକନ୍ଦା, କାଦୁଆ ପଞ୍ଚାୟତର ୫ହଜାରରୁ ଉର୍ଦ୍ଧ୍ୱ ଧାନଜମି ଉପରେ ବର୍ଷାଜଳ ୪ଦିନ ହେଲା ଲହଡା ଭାଙ୍ଗୁଛି । ଉକ୍ତ ଜମିରେ ଋଷୀମାନେ ଧାନବୁଣି ଥିବା ବେଳେ ବର୍ଷା ନ ହେବାରୁ ଧାନଗଜାଗୁଡିକ ଛୋଟ ଛୋଟ ହୋଇଥିବା ବେଳେ ବନ୍ୟା ଓ ବର୍ଷାଜଳ ଧାନଜମିକୁ ବୁଡାଇ ରଖିଥିବାରୁ ଗଜା ପୋଚାହୋଇ ଯାଇଥିବାରୁ ଋଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସେହିପରି ଦୟା, ଲୁଣାନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଲୋଚନପୁର, କଣାସ, ସିରେଇ, ଅଣ୍ଡାରସିଂହ, ବିଜିପୁର, ବିନ୍ଧଣ, ଖଣ୍ଡହତା, ଆଳିବାଡ, ଯାମଳଗୋଦା, ଗଡିଶାଗୋଦା ଗ୍ରାମପଞ୍ଚାୟତର ସମସ୍ତ ଧାନଜମି ଉପରେ ବର୍ଷାଜଳ ଲହଡା ଭାଙ୍ଗୁଥିବାରୁ ଋଷୀବୁଣିଥିବା ଧାନଗଜା ସବୁ ନଷ୍ଟ ହୋଇଯାଇଥିବା ବେଳେ ପାଣ୍ଡିଆକେରା, ଗଡବଡପୁଟ, ଗଡସାନପୁଟ, ଦୋକନ୍ଦା, ବଡାସ, ଚୁପୁରିଙ୍ଗି, କାଦୁଆ, ଗୋପୀନାଥପୁର ପଞ୍ଚାୟତର ଧାନଜମିରେ ବର୍ଷା ଓ ବନ୍ୟାଜଳ ଲହଡା ଭାଙ୍ଗୁଥିବାରୁ ଗଜାଗୁଡିକ ପଚିନଷ୍ଟ ହୋଇଯାଇଥିବାରୁ ଋଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ଦେଇପୁର ସରପଞ୍ଚ ସ୍ୱାଗତିକା ପ୍ରଧାନ ଋଷୀମାନଙ୍କୁ କ୍ଷତିପୂର ଦେବାପାଇଁ ଦାବିକରିଛନ୍ତି ।

## ବଜ୍ରପାତରେ ୩ଶ୍ରମିକ ଗୁରୁତର



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ନନ୍ଦୀପୁର ଗ୍ରାମର ପ୍ରଭାକର ସାହୁ (୪୦), ପ୍ରଶାନ୍ତ ନାୟକ(୩୫), ଅନିରୁଦ୍ଧ ବେହେରା (୩୨) ଏମାନେ ଆଜି ପୂର୍ବାହ୍ନରେ ନିକଟସ୍ଥ ଋଷଜମିକୁ କାମକରିବାକୁ ଯାଇଥିବାବେଳେ ବଜ୍ରାଘାତରେ ଏମାନେ ଗୁରୁତର ହୋଇପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ଧାମନଗର ଡ଼ାକ୍ତରଖାନାକୁ ଆଣିଥିବାବେଳେ ପ୍ରଭାକରର ଅବସ୍ଥା ଅତିଗୁରୁତର ହୋଇପଡ଼ିଛି। ସେମାନଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ବିଦ୍ୟାଳୟରେ ଚାରା ରୋପଣ

କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଅର୍ନ୍ତଗତ କାଦୁଆ ଗ୍ରାମପଞ୍ଚାୟତର ସାନଓରା ଗ୍ରାମରେ ପ୍ରତିଷ୍ଠିତ ସାନଓରା ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସରରେ ଆଜି ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସର ମଧ୍ୟରେ ବିଭିନ୍ନ ଫଳ ଓ ଫୁଲଗଛମାନ ଲଗାଯିବା ସହ ତାହାର ଯତ୍ନ ନେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷକମାନେ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଦିଲ୍ଲୀପ ଶ୍ରୀଚନ୍ଦନ ଓ ବାଲେଶ୍ୱର ଶବର, ହେମନ୍ତ ପ୍ରଧାନ, ସଂଗ୍ରାମ ପ୍ରତାପ ସିଂହ, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚ୍ଳନା କରିଥିଲେ।

## ମରାମତି ଓ ଉପକରଣ କିଣାରେ ଦୁର୍ନୀତି ଅଭିଯୋଗ: କାର୍ଯ୍ୟାନୁଷ୍ଠାନ କେବେ ?

ବାସୁଦେବପୁର, (ଭାସ୍କର ନ୍ୟୁଜ୍): ବାସୁଦେବପୁର ସୂଚନା ଅଧିକାର ଆଇନ୍ ଧରାଇ ଦେଲା ସତ ! ଆଉ ସତ ଧରାପଡିଯିବା ଭୟରେ ତରବରିଆ କାର୍ଯ୍ୟ କରି ମଧ୍ୟ ସତ ଲୁଚାଇ ପାରିଲେନି ପ୍ରଧାନ ଶିକ୍ଷୟିତ୍ରୀ ! ଆଉ ସତ ଜାଣିବା ପରେ ଦିଦିଙ୍କୁ ପଚାରିବାରୁ ଜାନାକାରୀ କେସ ଦେବେ ବୋଲି ଅଭିଯୋଗ ଆଣିଛନ୍ତି ଅବିଭାବକ। ଶେଷରେ ମାତୃ ଶିକ୍ଷା କମିଟିର ସଭାପତିଙ୍କ ସହ ମହିଳା ମାନେ ପ୍ରଧାନ ଶିକ୍ଷୟତ୍ରୀଙ୍କ ନିଲମ୍ବନ ଦାବୀରେ ବିଦ୍ୟାଳୟ ସମ୍ମୁଖ ବାରଣ୍ଡାରେ ଧାରଣାରେ ବସିଲେ। ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଗଦି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ।ସୂଚନା ଅନୁଯାୟୀ ୧୧୦ ବର୍ଷର ଗଦି ପ୍ରାଥମିକ ବିଦ୍ୟାଳୟ ୨୦୧୮ରୁ୨୦୨୧ ଆର୍ଥିକ ବର୍ଷରେ କମ୍ପୋଜିଟ ଗ୍ରାଣ୍ଟ, ଇକୋକ୍ଲବ ଗ୍ରାଣ୍ଟ, ସ୍ପୋର୍ଟ୍ସ ଗ୍ରାଣ୍ଟ ସହ ମିଳିଥିବା ବିଭିନ୍ନ ସହାୟତା ରାଶିର ତଥ୍ୟ ପାଇଁ ସୂଚନା ମାଗିବା ପରେ ସତ୍ୟ ସାମ୍ନନାକୁ ଆସିଥିଲା। ତଥ୍ୟ ଅନୁସାରେ ତଥ୍ୟ ଉଲେଖ କରି ବର୍ତ୍ତମାନ କବାଟ ଏବଂ ଗୋଟିଏ ଝରକାକୁ ମରାମତି କରି ରଙ୍ଗ ଘସା ଯାଉଛି। କାନ୍ଥ ଫାଟି ଆଁ କରିଥିବାବେଳେ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନପାରେ। ବିପଦ ସଙ୍କୁଳ ଅବସ୍ଥାରେ ଦୁଆରର ମୂଖ୍ୟ ତାଜ୍ୟା ଓ ଛାତ କାନିସି ଫାଟି ତଡା ତଡା ଖସିଥିବା ବେଳେ ମରାମତି ନହୋଇ ସିମେଟ, ବାଲି, ଚିପସ, ମଜୁରୀ ବାବଦକୁ ଖର୍ଚ୍ଚ ଅର୍ଥ କୁଆଡେ ଗଲା ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ। ଅନ୍ୟପଟେ ବିଦ୍ୟାଳୟ ପରିସରର ପୂର୍ବ ଫଟୋ ଅନୁସାରେ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ପାଚେରି ନଥିବାରୁ ବୁଲା ଗୋରୁ ଓ ଶଣ୍ଢଙ୍କ ଆଶ୍ରୟ ପାଲଟିଥିବା ବେଳେ ୪୦୦୦ ଟଙ୍କା ଚାରା ବାବଦକୁ ମଧ୍ୟ ଅର୍ଥ ଖର୍ଚ୍ଚ କରାଯାଇଥିବା ଚକିତ କରିଛି ଅବିଭାବକଙ୍କୁ। ୱାରିଂପାଇଁ ନିମ୍ନମାନର ତାର ବ୍ୟବହାର କରାଯାଇ ଥିବା ବେଳେ ୨ଅଡିନାରି କମ୍ପାନୀର ଫେନ ଲାଗିଥିବା ବେଳେ ପଲିକୋର୍ଡ ଲାଗିଥିବା ଦର୍ଶାଯାଇଛି ତଥ୍ୟରେ ଜଣାପଡିଛି ।କରୋନା ମହାମାରୀ ପାଇଁ ବିଦ୍ୟାଳୟ ଦୀର୍ଘ ଦିନ ଛୁଟି ରହିଥିବା ରଜ ଛୁଟି ସମୟରେ କାର୍ଯ୍ୟ ନକରି ସୂଚନା ଅଧିକାର ମିଳିବା ପରେ ଫ୍ୟାନ, କବାଟ ମରାମତି, ରଙ୍ଗ ଦେବାର କାରଣ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ ସମ୍ପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପୂର୍ବରୁ ମଧ୍ୟ ଡେରିରେ ବିଦ୍ୟାଳୟ ଯିବା ଏବଂ ଛୁଟି ନଥାଇ ବିଦ୍ୟାଳୟ ବନ୍ଦ କରିବା, ଜାତୀୟ ପତାକ ଓଲଟା ଉଡାଇବା ଭଳି ଘଟଣା ସାମ୍ନନାକୁ ଆସିଥିଲା। ଉକ୍ତ ବିଦ୍ୟାଳରେ ପ୍ରଧାନ ଶିକ୍ଷୟିତ୍ରୀ ଜଣଙ୍କ ୧୫ବର୍ଷ ପାଖାପାଖୀ ହେବ ଉକ୍ତ ବିଦ୍ୟାଳୟରେ ରହିଛନ୍ତି। ବଦଳିପାଇଁ ଗଣମାଧ୍ୟମ ମାଧ୍ୟମରେ ପ୍ରଶାସନକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ। ଘଟଣା ସମ୍ପର୍କରେ ସିଆରସିସି ଜାଣିଥିବା ସହ ବାଡ, ଖୁଣ୍ଟ, ଗଛ ଗ୍ରାମବାସୀ ଚୋରି କରିଥିବା କହିଥିବାରୁ ଗ୍ରାମବାସୀ ସିଆରସିସିଙ୍କ ସଂପୃକ୍ତି ଥିବା କହି ସିଆରସିସି ଓ ବିଓଙ୍କୁ ଘେରିଥିଲେ। ଲୋକଙ୍କୁ ବୁଝାସୁଝ କରିବା ସହ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ ପ୍ରତିଶୃତି ଦେବାପରେ ଧାରଣାରୁ ଉଠିବା ସହ ୧୫ ଦିନ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଲମ୍ବନ ଏବଂ ଅନ୍ୟତ୍ର ବଦଳି ନକରାଗଲେ ବିଦ୍ୟାଳୟ ତାଲାପକାଇବୁ ବୋଲି ଚେତାବନୀ ଦେଇଥିଲେ ଅବିଭାବକ। ଏବେ ଶିକ୍ଷୟିତ୍ରୀ ଜଣକ ଛୁଟି ନେଇ ଘରେ ଆରାମ କରୁଛନ୍ତି ! ବ୍ଲକ ଶିକ୍ଷା ଅଧିକାରୀ ସବୁ ଜାଣିଶୁଣି ଚୁପ ବସିବା ପ୍ରଶ୍ନବାଚକ ସୃଷ୍ଟି ହୋଇଛି ! ଏହି ଘଟଣା ଜାଣିବା ପାଇଁ ଚାହିଁଥିଲେ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀ କୌଣସି ସୂଚନା ମିଳିପାରିନାହିଁ ! ଏଭଳି ଭାବରେ ଯଦି ଶିକ୍ଷା ଅନୁଷ୍ଠାନର ଦୁର୍ଦ୍ଦଶା ଦେଖାଦିଏ କହିବା କାହାକୁ ଶୁଣିବ କିଏ ! ଆଗକୁ ଦେଖିବାକୁ ବାକି ରହିଲା କି ପ୍ରକାର ପଦକ୍ଷେପ ନେଉଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ !

# ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର




କାକଟପୁର,(ଭାସ୍କର ନ୍ୟୁଜ) : କାକଟପୁର ବ୍ଲକ ଅନ୍ତର୍ଗତ କୁରୁଜଙ୍ଗ ପଞ୍ଚାୟତର ୫ଟି ଗ୍ରାମରେ ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର। ଯାହା ଫଳରେ କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ପାଇଁ ଅମଙ୍ଗ ହେଉଥିବା ବେଳେ କେତେକ କେନ୍ଦ୍ରକୁ ଆସୁନଥିବା ଦେଖିବାକୁ ମିଳିଛି। କୁରୁଜଙ୍ଗ ଗ୍ରାମ ପଞ୍ଚାୟତର ୧୯ଟି ୱାର୍ଡ ପାଇଁ ୧୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ସେଥି ମଧ୍ୟରୁ ୫ଟି ଅଙ୍ଗନବାଡ଼ି କେନ୍ଦ୍ରର ନିଜ୍ୱସଗୃହ ନାହିଁ। ଯାହା ଫଳରେ କୋମଳମତି ଛୁଆମାନେ ଭଡ଼ା ଓ ପରିତ୍ୟକ୍ତ ଘରେ କିମ୍ବା ଅବ୍ୟବହୃତ ସ୍କୁଲ୍ ବାରଣ୍ଡାରେ ବିପଦଜନକ ଭାବେ ଶିକ୍ଷାଲାଭ କରୁଥିବା ଦେଖିବାକୁ ମିଳିଛି। ପିଲାଙ୍କ ସଂଖ୍ୟା ଦୃଷ୍ଟିରୁ ଜାଗା କମ ଯୋଗୁଁ ବସିପାଠ ପଢିବା ପାଇଁ ସ୍ଥାନ ଅଭାବ ଓ ରୋଷେଇ କରିବାକୁ ସମସ୍ୟା ହେଉଛି। ଗୋଧନପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଜାଗା ଅଭାବ ଯୋଗୁଁ ଦୁଇ କିମି ଦୂର ଜମରା ଗ୍ରାମର ପିଲାମାନେ ଜୀବନରେ ଅଙ୍ଗନବାଡ଼ି କେନ୍ଦ୍ର ଦେଖି ନାହାଁନ୍ତି। ଏଥି ସହିତ ଜମତଳା, ଖନ୍ଦଳ, ଆଡୁଆଳ ଓ କୁରୁମ ଗ୍ରାମରେ ମଧ୍ୟ ସ୍ଥାୟୀ ଅଙ୍ଗନବାଡ଼ି କେନ୍ଦ୍ର ନଥିବା ଜଣାପଡ଼ିଛି। ଯାହା ଫଳରେ ପିଲାମାନେ ଅନେକ ସମୟରେ ହଇରାଣ ହେଉଛନ୍ତି। ବିଶେଷ କରି ବର୍ଷା ଦିନରେ ସେମାନଙ୍କ ଅବସ୍ଥା ନକହିଲେ ଭଲ। ଏନେଇ ଆମେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ମେରୀ ମାଇକେଲ ଖେରଙ୍କୁ ପଚାରିବାରେ ସେ କହିଥିଲେ ବାକି ଥିବା ୫ଟି କେନ୍ଦ୍ରପାଇଁ ଗୃହ ମଞ୍ଜୁରୀ ହୋଇଯାଇଛି, ନିର୍ମାଣ ଦାୟିତ୍ୱ ବ୍ଲକ୍ ଅଧିକାରୀ ଓ ଗ୍ରାମ ପଞ୍ଚାୟତ ପକ୍ଷରୁ କରାଯିବାର ବ୍ୟବସ୍ଥା ଅଛି। କାକଟପୁର ବିଡିଓ ତୁଷାର ଜ୍ୟୋତିରଞ୍ଜନ ଏନେଇ ଜମିଜମା ସମସ୍ୟା ଥିବା ନେଇ କହିଥିବା ବେଳେ ରାଜସ୍ୱ ବିଭାଗ ତହସିଲଦାରଙ୍କ ସହ କଥା ହୋଇ ଅଙ୍ଗନବାଡି କେନ୍ଦ୍ରବୁଲି ଜାଗା ଚିହ୍ନଟ କରିବା ସହ ତୁରନ୍ତ ନିର୍ମାଣ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ଯଥାଶୀଘ୍ର ବାକି ଥିବା ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ କରିବାକୁ ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ବିଶ୍ୱାଳ ଓ ଯୁବନେତା ପବିତ୍ର ବିଶ୍ୱାଳ ଓ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି।

## ନିଖୋଜ ଯୁବକର ଶବ ଉଦ୍ଧାର

ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ଅନ୍ତର୍ଗତ ସେହଡ଼ା ଗ୍ରାମର ଦୟାନିଧି ଦାଶଙ୍କ ପୁଅ ଦୀପକ କୁମାର ଦାସ (୨୫) ଗୁରୁବାର ଦିନ ନିଜ ବାଇକ୍‌ଧରି ଘରୁ ବାହାରିଯାଇଥିବାବେଳେ ସନ୍ଧ୍ୟାସୁଦ୍ଧା ଘରକୁ ନଫେରିବାରୁ ଘରଲୋକଙ୍କ ସନ୍ଦେହ ହୋଇଥିଲା। ରୁପକର ଭାଇ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ସନ୍ଧ୍ୟାରେ ରୂପକଙ୍କର ବାଇକ୍ ଓ ଜୋତା କଟିକଟା ନିକଟସ୍ଥ ବୈତରଣୀ ନଦୀକୂଳରେ ଥିବାର ଶୁଣିବାକୁ ପାଇଥିଲେ। ଏ ସମ୍ପର୍କରେ ଖୋଜାଖୋଜି କରି ନିରାସ ହେବାପରେ ଧାମନଗର ଯାଜପୁର ଦମକଳବାହିନୀ ୨ଦିନ ଖୋଜାଖୋଜି ପରେ ଆଜି ଅପରାହ୍ନ ୫ଟା ବେଳେ ରାମରାକୂଳ କୋଟିଳା ନଦୀରୁ ରୂପକର ଶବ ମିଳିଥିଲା। ତେବେ ଶୌଚହେବାକୁ ଯାଇ ରୂପକ ବୈତରଣୀ ନଦୀରେ ଭାସିଯାଇଥିବାର ପରିବାର ଲୋକ ପ୍ରକାଶ କରିଥିବାବେଳେ ପ୍ରକୃତ କାରଣ ପୋଲିସ ଅଧିକ ତଦନ୍ତ କଲେ ଜଣାପଡ଼ିବ।

## ଦୀପ୍ତିଙ୍କୁ ପ୍ରଶାସନ ପକ୍ଷରୁ ମିଳିଲା ସହାୟତା



ବାଲିପାଟଣା,(ଭାସ୍କର ନ୍ୟୁଜ):'କୃତ୍ରିମ ଗୋଡ଼ ପାଇଁ ଦୀପ୍ତିଙ୍କ ଆକୁଳ ନିବେଦନ' ଖବର ବାହାରିବାର ପାଞ୍ଚ ଦିନ ମଧ୍ୟରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହିତ ଦୀପ୍ତିଙ୍କୁ ସମସ୍ତ ପ୍ରକାର ସହାୟତା ପାଇଁ ପ୍ରତିଶ୍ରୁତି ମିଳିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଗତ ୧୭ ତାରିଖରେ ଦୀପ୍ତି ପ୍ରିୟାଙ୍କ ଏହି ସହାୟତା ନିବେଦନ ପାଇଁ ଖବର କାଗଜରେ ପୃଷ୍ଠା ମଣ୍ଡନ କରିଥିଲା। ଖବର ବାହାରିବାର ପାଞ୍ଚଦିନ ମଧ୍ୟରେ ବାଲିପାଟଣା ପ୍ରଶାସନ ପକ୍ଷରୁ ଖବରକୁ ଗୁରୁତ୍ୱ ଦେଇ ଦୀପ୍ତିଙ୍କୁ ଆଜି ସକାଳ ସମୟରେ ଡକାଯାଇ ତାଙ୍କର ନାମ ପଞ୍ଜୀକୃତ କରାଇଥିବା ସହିତ ସରକାରଙ୍କ ବିଭିନ୍ନ ଯୋଜନାରେ ତାଙ୍କୁ ସାମିଲ କରାଯାଇ ସମସ୍ତ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କର୍ମୀ ସଂଗ୍ରାମ କେଶରୀ ଦାସ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ବନମାଳୀପୁର ଅଞ୍ଚଳର ଦୀପ୍ତି ପ୍ରିୟା ବଳିଆର ସିଂହ (୩୦) ନିଜର ଗୋଟିଏ ଗୋଡ ହରାଇ ପରିବାର ଉପରେ ବୋଝ ହୋଇଯାଇଛନ୍ତି। ଦୀପ୍ତିଙ୍କର ସ୍ୱାମୀ ଚିତ୍ତରଞ୍ଜନ ଜଣେ ଭିନ୍ନକ୍ଷମ ବ୍ୟକ୍ତି ତଥା ଦିନ ମଜୁରିଆ ଅଟନ୍ତି । ତାଙ୍କ ପରିବାର ଘୋର ଆର୍ଥିକ ସଙ୍କଟ ଦେଇ ଯାଉଥିବା ବେଳେ ଦୀପ୍ତିଙ୍କ ଔଷଧ ଖର୍ଚ୍ଚ ତୁଲାଇବା କାଠିକର ପାଠ ହେଇପଡୁଛି। ଦୀପ୍ତିଙ୍କୁ ଏକ କୃତ୍ରିମ ଗୋଡର ସହାୟତା ମିଳିଲେ ସେ ଉପକୃତ ହେବେ ବୋଲି କହିଛନ୍ତି।

## ସିବିଏସ୍‌ଇ ଫଳାଫଳ ପରେ ଛାତ୍ରଙ୍କ ଆତ୍ମହତ୍ୟା

ଚିକିଟି/ଗଞ୍ଜାମ,(ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ, ଗୋଳନ୍ତରା ଥାନା ଅଧିନସ୍ଥ ସୁରଳ ରୋଡ୍ ଗିରିସୋଲା ମଧ୍ୟରେ ଯୁକ୍ତଦୁଇ ଛାତ୍ର ଜଣକ ଟ୍ରେନରେ କଟୀ ମୃତୁବରଣ କରିଛନ୍ତି। ସୂଚନା ପ୍ରକାରେ ଉକ୍ତ ଥାନା ଅଧିନସ୍ତ ପିତ୍ତାତୋଳି ଗ୍ରାମର ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଜ୍ୟଷ୍ଠ ପୁତ୍ର ସାଇରାମ ପଟ୍ଟନାୟକ (୧୭)ପିତ୍ତାତୋଳି ଆଦର୍ଶ ବିଦ୍ୟଳୟରେ ଯୁକ୍ତ ଦୁଇର ପରୀକ୍ଷା ଲେଖିଥିଲେ ଆଜି ଉକ୍ତ ପରିକ୍ଷାର ଫଳାଫଳ ବାହାରିବା ପରେ ଗଣିତରେ ଆଶା ଜନକ ସଂଖ୍ୟା ନସିବା ଦେଖିପିଲାଟି ଘରକୁ ନଯାଇ ସିଧା ଚାଲିଯାଇଥିଲେ। ଯିବା ବାଟରେ ଅର୍ଥାତ ପିତ୍ତାତୋଳିଠାରୁ ସୁରଳ ରୋଡ଼ ଗଲାପରେ ସୁରଳ ରୋଡ଼ -ଗିରିସୋଲା ମଧ୍ୟରେ ଚଳନ୍ତା ଟ୍ରେନରେ କଟୀ ମୃତ୍ୟୁବରଣ କରିଥିବା ପ୍ରକାଶ ପାଉଛି। ଘଟଣା ଘଟିବାର ଦୀର୍ଘ ସମୟ ପରେ କିଛି ଲୋକ ଦେଖି ଘରକୁ ଖବର କରିଥିଲେ ପରେ ପରେ ତାଙ୍କ ପରିବାରବର୍ଗ ଘଟଣା ସ୍ଥଳରେ ପହଞ୍ଚିଥିଲେ। ପୋଲିସ ପହଞ୍ଚ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ଉକ୍ତ ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

## ରାଶିଫଳ

**ଶନିବାର, ୨୩ ଜୁଲାଇ ୨୦୨୨**



**ମେଷ-** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**ବୃଷ-** ଆଜି ଆପଣ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ, ଏଥିରେ ଆଦୌ ସନ୍ଦେହ ନାହିଁ ।



**ମିଥୁନ-** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ।



**କର୍କଟ-** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ। ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ଗାଡିମୋଟର ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ।



**ସିଂହ-** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ , ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।



**କନ୍ୟା-** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ।



**ତୁଳା-** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୁତ ହେବ।



**ବିଛା-** ଆଜି ଆଧାତ୍ମିକ ଭାବଧାରାକୁ ପରିପୁଷ୍ଟ କରିବେ। ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ? ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।



**ଧନୁ-** ଆଜି ସମସ୍ୟା ମଧ୍ୟରେ ପ୍ରତ୍ୟେକ କାମକୁ ସମ୍ପନ୍ନ କରିବେ। ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଆଜିର ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ ।



**ମକର-** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



**କୁମ୍ଭ-** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମୀନ-** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବାଣିଜ୍ୟାରମ୍ଭ କରିପାରନ୍ତି। ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ କଥା ବାରମ୍ବାର ମନରେ ଆଲୋଡନ ସୃଷ୍ଟି କରିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଖଙ୍ଗୁରିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଂପୁର ଗୋପବନ୍ଧୁ ଯୁବକ ସଂଘ ଠାରେ ଭିଜନ କେୟାର ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ପତିତପାବନ ମେଡିସିନ ଷ୍ଟୋର ପକ୍ଷରୁ ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରା ଯାଇଥିଲା। ଏହି ମାଗଣା ଚକ୍ଷୁ ଚିକିତ୍ସା ଶିବିରରେ ୩୦ଜଣ ଚକ୍ଷୁ ରୋଗୀଙ୍କୁ ଚିନ୍ମୟୀ ମିଶ୍ର ଓ ଅସୀମା ପଟ୍ଟନାୟକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୧୫ଜଣ ଚକ୍ଷୁ ରୋଗୀଙ୍କୁ ମାଗଣାରେ ମୋତିଆ ବିନ୍ଦୁ ଅପରେସନ କରିବା ପାଇଁ ଭୁବନେଶ୍ୱର ପଠାଯାଇଥିଲା ।ଏହି ଚକ୍ଷୁ ଚିକିତ୍ସା ଶିବିରକୁ ଗୋପବନ୍ଧୁ ଯୁବକ ସଂଘର ସଭାପତି ସମ୍ବିତ ଭୂଷଣ ରାଉତରାୟ ପରିଚାଳନା କରିଥିବା ବେଳେ ଅତିଥି ଭାବେ ସମାଜସେବୀ ନିରଞ୍ଜନ ନାୟକ, ଯୋଗ ଦେଇଥିଲେ ।ଏଭଳି ଜନ କଲ୍ୟାଣ କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମହାରଣା,ଦାଶରଥି ସାମନ୍ତରାୟ ଓ ବିଶ୍ୱଜିତ୍ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

## ମନ୍ତ୍ରୀଙ୍କ ସହଯୋଗୀ ଘରେ ଚଢଉ ୨୦ କୋଟି ଟଙ୍କା ଜବତ

ନୂଆଦିଲ୍ଲୀ: ପଶ୍ଚିମବଙ୍ଗ ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଜଣେ ସହଯୋଗୀଙ୍କ ଘରୁ ଆଜି ଏନଫୋର୍ସମେଣ୍ଟ ନିର୍ଦ୍ଦେଶାଳୟ, ଇଡି ଅଧିକାରୀମାନେ ଚଢଉକରି ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ୨୦ କୋଟି ନଗଦ ଟଙ୍କା ଜବତ ହୋଇଥିବା ଜଣାପଡିଛି । ପଶ୍ଚିମବଙ୍ଗରେ ହୋଇଥିବା ଶିକ୍ଷକ ନିଯୁକ୍ତିରେ ଦୁର୍ନୀତି ଅଭିଯୋଗ ପାଇ ଇଡି ଅର୍ପିତା ମୁଖାର୍ଜୀଙ୍କ ଘରେ ଚଢଉ କରିଥିଲା। ଅନୁସନ୍ଧାନକାରୀ ସଂସ୍ଥା ଏକ ବିବୃତ୍ତିରେ କହିଛି ଯେ ଉକ୍ତ ପରିମାଣ ରାଜ୍ୟରେ ହୋଇଥିବା ଶିକ୍ଷକ ନିଯୁକ୍ତି ଦୁର୍ନୀତିର ଉତ୍ସ ବୋଲି ସନ୍ଦେହ କରାଯାଉଛି । କାଉଣ୍ଟିଂ ମେସିନ୍ ମାଧ୍ୟମରେ ନଗଦ ଟଙ୍କା ଗଣନା ପାଇଁ ଯାଞ୍ଚ ଟିମ୍ ବ୍ୟାଙ୍କ ଅଧିକାରୀଙ୍କ ସହାୟତା ନେଉଛନ୍ତି। ଅର୍ପିତା ମୁଖାର୍ଜୀଙ୍କ ଘରୁ ୨୦ ରୁ ଅଧିକ ମୋବାଇଲ୍ ଫୋନ୍ ମଧ୍ୟ ଉଦ୍ଧାର କରାଯାଇଛି। ଚାଟାର୍ଜୀଙ୍କ ବ୍ୟତୀତ ଇଡି ମଧ୍ୟ ରାଜ୍ୟ ଶିକ୍ଷାମନ୍ତ୍ରୀ ପରେଶ ଅଧିକାରୀ, ବିଧାୟକ ମାଣିକ ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟମାନଙ୍କ ଘରେ ଚଢଉ କରିଥିଲା। ପଶ୍ଚିମବଙ୍ଗ ବିଦ୍ୟାଳୟ ସେବା ଆୟୋଗ ଦ୍ୱାରା ସରକାରୀ ତଥା ସରକାରୀ ସହାୟତାପ୍ରାପ୍ତ ବିଦ୍ୟାଳୟରେ ବେଆଇନ ଶିକ୍ଷକ ନିଯୁକ୍ତି ଦିଆଯିବା ସମୟରେ ବର୍ତ୍ତମାନ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଥିବା ପାର୍ଥ ଚାଟାର୍ଜୀ ଶିକ୍ଷାମନ୍ତ୍ରୀ ଥିଲେ।

## ସାରଳା ସୁତାକଳର ପୁନରୁଦ୍ଧାର ଦାବିରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ସ୍ଥିତ ସାରଳା ସମବାୟ ସୁତାକଳ ପୁନରୁଦ୍ଧାର ପାଇଁ କଂଗ୍ରେସ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ତିର୍ତ୍ତୋଲ ବ୍ଲକ କଂଗ୍ରେସ ସୁତାକଳ ଟିକୁ ପୁନଃ କାର୍ଯ୍ୟକ୍ଷମ, ବ୍ୟାଙ୍କ ଦ୍ୱାରା କୋରକ ହୋଇଥିବା ମିଲର ଜମିକୁ ଉଦ୍ଧାର ତଥା ପୂର୍ବ କର୍ମଚାରୀ ଓ ଶ୍ରମିକ ମାନଙ୍କ ପରିବାର ସଦସ୍ୟ ମାନଙ୍କୁ ଥଇଥାନ ଦାବିରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଛି। ଆଜି ତିର୍ତ୍ତୋଲ ବ୍ଲକ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା କରାଯିବା ସହ ସୁତାକଳ ମୁଖ୍ୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯାଇଛି। ଏହି ସଭାରେ କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ବେଦଦ୍ୟୁତି ପୃଷ୍ଟି, ସାଫି ଆଜମ ଓ ଜିଲ୍ଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକଙ୍କ ସମେତ ଦଳର ବହୁ ନେତା ଓ କର୍ମୀ ଏକତ୍ରିତ ହୋଇ ଶିଳ୍ପ ପୁନଃ ପ୍ରତିଷ୍ଠା ଦାବିରେ ୧୩ଟି ପଞ୍ଚାୟତ ରୁ ସଂଗ୍ରହ ହୋଇଥିବା ଦସ୍ତଖତ ଫର୍ଦ୍ଦ ଉପସ୍ଥାପନ କରାଯାଇଥିଲା। ସୂଚନା ମୁତାବକ ୧୯୯୯ ମହାବାତ୍ୟା ପରେ ଏହି ସୁତାକଳ ଟି ବନ୍ଦ ହୋଇ ଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଏହାର ପୁନରୁଦ୍ଧାର ପାଇଁ କୌଣସି ପ୍ରଚେଷ୍ଟା କରାଯାଇ ନଥିଲା। ଯାହାଫଳରେ କାରଖାନା ଭିତରେ ଥିବା ଯନ୍ତ୍ରାଂଶ ସମେତ ସମସ୍ତ କୋଠାବାଡ଼ି ଭାଙ୍ଗିରୁଜି ଭୁତକୋଠୀ ରେ ପରିଣତ ହୋଇଛି। ଅନ୍ୟପଟେ ସୁତାକଳ ନେଇଥିବା ଋଣ ପରିଶୋଧ ନ ହେବାରୁ ସୁଧମୁଳ ସହ ବଢ଼ି ୪କୋଟି ୭୪ଲକ୍ଷ ୮୬୫ ଟଙ୍କାରେ ପହଁଚିଛି। ଅନାଦେୟ ହେତୁ ଭୁବନେଶ୍ୱର ର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଇଣ୍ଡଷ୍ଟ୍ରିଆଲ ଶାଖା) ସୁତାକଳ ର ୧୫ଏକର ୧୨ଡ଼ିସିମିଲ ଜମି ସହ ସମସ୍ତ କୋଠାବାଡ଼ି କୁ କୋରକ କରି ନିଜ ହାତକୁ ନେଇଛି। ଯାହାର ପ୍ରତିବାଦରେ କଂଗ୍ରେସ ଦସ୍ତଖତ ଅଭିଯାନ ଚଳାଇ ଆସିବା ସହ ବ୍ୟାଙ୍କ କବଳରୁ ସୁତାକଳକୁ ମୁକ୍ତି କରିବା ସଙ୍ଗେସଙ୍ଗେ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ଆନ୍ଦୋଳନ ଚଳାଇ ଆସୁଥିବା ବେଳେ ଆଗାମୀ ଦିନରେ ଏହି ଆନ୍ଦୋଳନ କୁ ତୀବ୍ରତର କରାଯିବ ବୋଲି କଂଗ୍ରେସ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ପାଇଁ ସଂରକ୍ଷଣ ଦାବି



ବାଲେଶ୍ୱର, (ଭାସ୍କର ନ୍ୟୁଜ) : ଶିକ୍ଷାଦାନ କ୍ଷେତ୍ରରେ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ପ୍ରଦାନ ଦାବିରେ ବିଜେପି ଓବିସି ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ନିଷ୍ପତି କ୍ରମେ ଓଡ଼ିଶା ସମେତ ଦେଶର ସମସ୍ତ ରାଜ୍ୟରେ ଥିବା କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ନାମଲେଖାଠାରୁ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ମିଳୁଥିବା ବିଜେପି ଓବିସି ମୋର୍ଚ୍ଚା କର୍ମକର୍ତ୍ତା କହିଛନ୍ତି। ସେହିଭଳି ଦେଶର ଅଧିକାଂଶ ରାଜ୍ୟ ମଧ୍ୟ କେନ୍ଦ୍ର ସରକାରଙ୍କ ନୀତି ଅନୁସରଣ କରି ସଂରକ୍ଷଣ ଦେଇ ଚାଲିଛନ୍ତି। ମାତ୍ର ଓଡ଼ିଶାରେ ମୋଟ ଜନସଂଖ୍ୟାର ୫୪ ପ୍ରତିଶତ ପଛୁଆ ବର୍ଗ ଥିବା ବେଳେ ରାଜ୍ୟ ସରକାର ସେମାନଙ୍କୁ ସଂରକ୍ଷଣ ତାଲିକାଭୁକ୍ତ ନକରିବା ଦୁର୍ଭାଗ୍ୟର ବିଷୟ ବୋଲି ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ସରକାର ଓ ରାଜ୍ୟ ଓବିସି ଆୟୁକ୍ତଙ୍କୁ ଜଣାଇବା ପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ହକ ନ ମିଳିବା ପର୍ଯ୍ୟନ୍ତ ବିଜେପି ଓବିସି ମୋର୍ଚ୍ଚା ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି। ଏହି ଅବସରରେ ଓବିସି ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ଶ୍ରୀ ବେହେରାଙ୍କ ସମେତ ସରୋଜ କୁମାର କର, କମଳା ବିନ୍ଧାଣୀ, ଶୋଭନା ମହାନ୍ତି, ସସ୍ମିତା ଚାନ୍ଦ, ମମତା ପ୍ରଧାନ, ପିଙ୍କି ପ୍ରଧାନ, ମନୋଜ ପୋଦାର ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମ ବୋର୍ଡ଼ ପରୀକ୍ଷାରେ ଜେମ୍ସର ଶତ ପ୍ରତିଶତ ରେଜେଲ୍ଟ



ବ୍ୟାସନଗର, (ଭାସ୍କର ନ୍ୟୁଜ୍) : ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷାର ରେଜେଲ୍ଟ ପ୍ରକାଶିତ ହୋଇଛି। ଯାଜପୁର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ଲୋରିୟସ ଇଂଲିଶ ମିଡିୟମ ସ୍କୁଲ, ଜେମ୍ସର ସମସ୍ତ ପରୀକ୍ଷାର୍ଥୀ ଏଥିରେ ପାସ କରି ସତପ୍ରତିସତ ରେଜେଲ୍ଟ କରିଛନ୍ତି। ନିହାର ରଞ୍ଜନ ସାହୁ ୯୫ ପ୍ରତିଶତ ନମ୍ବର ରଖି ସ୍କୁଲରେ ଟପ୍ପର ହୋଇଛନ୍ତି।ସର୍ବମୋଟ ୧୦୩ ଜଣ ଛାତ୍ରଛାତ୍ରୀ ବୋର୍ଡ଼ ପରୀକ୍ଷା ଦେଇଥିବାବେଳେ ଇ-୧ ରେ ୧୪ ଜଣ, ଇ-୨ ରେ ୨୦ ଜଣ ଏବଂ ବାକି ସମସ୍ତେ ଇ-୧ ଓ ଇ-୨ ରେ ପାସ କରିଥିବା ଜଣାପଡ଼ିଛି। ପ୍ରଥମ ସ୍ଥାନରେ ନିହାର ଥିବାବେଳେ ସୁଭୋଜିତ ଶଥପତି ଦ୍ୱିତୀୟ, ପ୍ରିୟଦର୍ଶିନୀ ଜେନା ତୃତୀୟ ସ୍ଥାନରେ ରହିଛନ୍ତି। ଗତ ଦୁଇବର୍ଷ ଧରି କୋବିଡ଼ ଯୋଗୁ ଅନଲାଇନ ମାଧ୍ୟମରେ ପରୀକ୍ଷା ହେଉଥିବା ବେଳେ ଅନେକ ମେଧାବୀ ଛାତ୍ରଛାତ୍ରୀଙ୍କ ମନରେ ନିଜର ଭବିଷ୍ୟତ ନେଇ ପ୍ରଶ୍ନ ଉଙ୍କି ମାରୁଥିଲା। ତେବେ ଚଳିତ ବର୍ଷ ଅଫଲାଇନରେ ପରୀକ୍ଷା ହୋଇ ରେଜେଲ୍ଟ ବହୁତ ଭଲ ହୋଇଥିବାରୁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କ ମହଲରେ ବିଶେଷ ଆନନ୍ଦ ଦେଖାଦେଇଛି। ଜେମ୍ସର ଏହି ସଫଳତା ପାଇଁ ସ୍କୁଲର ପ୍ରିନ୍ସପାଲ କଳ୍ପତରୁ ସାହୁ, ସଭାପତି ଅସ୍ମିତା ପତି, ଡ଼ାଇରେକ୍ଟର ଅଭୟ ପତି ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ସ୍କୁଲର ଶିକ୍ଷକ ଶିକ୍ଷୟତ୍ରି ମାନଙ୍କୁ ସାଧୁବାଦ ଜଣାଇବା ସହ ଏଠାରେ ଏହିବର୍ଷ ଠାରୁ ଏକାଦଶ ଶ୍ରେଣୀ ଖୋଲିଥିବାରୁ ଛାତ୍ରଛାତ୍ରୀ ମାନେ ଅନ୍ୟ କୁଆଡେ ନଯାଇ ଏହିଠାରେ ହିଁ ଏକାଦଶ ପଢ଼ିବାର ସୁଯୋଗ ନେବାକୁ ସୂଚନା ଦେଇଛନ୍ତି।

## ବିଧାୟକ ତଦାରଖ କଲେ ଜାତୀୟ ରାଜପଥ କାର୍ଯ୍ୟ



ଟାଙ୍ଗୀ-ଚୌଦ୍ୱାର,(ଭାସ୍କର ନ୍ୟୁଜ) : ଦୀର୍ଘ ୫ବର୍ଷ ଧରି ମରଣଯନ୍ତା ପାଲଟିଥିବା ୫୫ନଂ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ବନ୍ଦ ପଡିଥିବା ହେତୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ଘଟୁଥିବାର ଦେଖିବାକୁ ମିଳୁଛି। ପୂର୍ବରୁ ଏହି କାର୍ଯ୍ୟକୁ ଠିକା ନେଇଥିବା ଗାୟତ୍ରୀ ସଂସ୍ଥା କଳା ତାଲିକା ଭୁକ୍ତ ହେବାପରେ କାମଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ପଡିରହିଛି। ଏହି ସଂକ୍ରାନ୍ତରେ କିଛି ଦିନ ତଳେ ଚୌଦ୍ୱାର ପୌରପାଳିକା ତରଫରୁ ଏକ ଦାବି ପତ୍ର ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ଅଧିକରଣ ଅଫିସରେ ଦେବାପରେ ପ୍ରତିଶୃତି ମୁତାବକ ଏନ.ଏଚ୍.ଆଇର ଅଧିକାରୀମାନେ ଆଜି ରାସ୍ତାର ତଦାରଖ ପାଇଁ ଆସିଥିବାବେଳେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ, ଚୌଦ୍ୱାର ପୌରପାଳିକାର ନଗରପାଳ ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଓ ଉପନଗରପାଳ ଶୁଭେନ୍ଦୁ ସାମଲଙ୍କ ଉପସ୍ଥିତିରେ ବନ୍ଦ ହୋଇ ପଡିଥିବା କାର୍ଯ୍ୟକୁ ତୋରନ୍ୱିତ କରିବାପାଇଁ କର୍ତୃପକ୍ଷଙ୍କ ସହ ଆଲୋଚନା କରିବା ସହ ଦୁଇ ପାର୍ଶ୍ୱରେ ଥିବା ସର୍ଭିସ ରୋଡ୍‌କୁ ଯଥା ସିଘ୍ର କରାଯିବା ସହ, ରାଜପଥର ସଂଯୋଗ କରୁଥିବା ଆପ୍ରୋଚ ରୋଡ ଗୁଡିକର ମରାମତି କାର୍ଯ୍ୟ ଓ ବର୍ଷା ଜଳ ନିଷ୍କାସନ ପାଇଁ ରାଜପଥର ଦୁଇପାର୍ଶ୍ୱରେ ଡ୍ରେନ ନିର୍ମାଣ କରାଯିବା ପାଇଁ ଉପସ୍ଥିତ କର୍ତୃପକ୍ଷମାନେ ସିକୃତି ପ୍ରଦାନ କରିଥିଲେ। ମରଣଯନ୍ତା ପାଲଟିଥିବା ଏହି ଜାତୀୟ ରାଜପଥର କାର୍ଯ୍ୟକୁ ଆରମ୍ଭ କରିବାପାଇଁ ନୂତନ ଏକ ଠିକା ସଂସ୍ଥା ମହେନ୍ଦ୍ର ସ୍ୱାଇଁ ଇନ୍ଫ୍ରାଷ୍ଟ୍ରକ୍‌ଚର ଲିମିଟେଡ (ଏମ୍.ଏସ୍.ଆଇ.ଏଲ୍) ନାମକ ଏକ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ଯଥାସିଘ୍ର ଏହି ଠିକାସଂସ୍ଥା ନିର୍ଦ୍ଧାରିତ ସମୟ ସିମା ମଧ୍ୟରେ କାର୍ଯ୍ୟକୁ ସମ୍ପର୍ଣ୍ଣ କରିବ ବୋଲି ଏନ୍.ଏଚ୍.ଆଇର କର୍ତୃପକ୍ଷ ଶ୍ରୀ ବିଶ୍ୱାଳ ପ୍ରତିଶୃଥି ଦେଇଥିଲେ। ଏହି ତଦାରଖ କାର୍ଯ୍ୟରେ ପୌରପାଳିକାର କାଉନସିଲର ରଞ୍ଜୁଲତା ଦାସ, ସବିତା ମାହାଳି, ଆଶୁତୋଷ ଦାସ, ବିଜୟ ମଲ୍ଲିକ ଓ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2022-T-140

କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ସିନିୟର ସେକ୍ସନ ଇଂଜିନିୟର/ଇଏଲ/ଟିଟିଲାଗଡ଼ (ଟିଟିଲାଗଡ଼-ଥେରୁବାଲି, ଲାଞ୍ଜିଗଡ଼ ରୋଡ୍-ଜୁନାଗଡ଼ ରୋଡ୍) ଅଧୀନରେ ଇଲେକ୍ଟ୍ରିକାଲ ପାୱାର ଲାଇନ୍ କାର୍ଯ୍ୟଗୁଡ଼ିକ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 36,18,657.39, EMD (ଟଙ୍କାରେ) : 72,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA)ଜାରୀ ହେବା ତାରିଖ ଠାରୁ 02 ବର୍ଷ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.17.08.2022 ରିଖ 1600 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-312/N/22-23


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପାସ୍ ହାର...

ଦେଶରେ ସର୍ବାଧିକ ବୋଲି କୁହାଯାଉଛି। ସବୁଠୁ କମ୍ ପାସ୍ ହାର ରହିଛି ଗୌହାଟୀ ରିଜିଅନ୍‌ରେ। ଏଠାରେ ପାସ୍ ହାର ୮୨.୮୩% ରହିଛି। ତେବେ ଭୁବନେଶ୍ୱର ରିଜିଅନରେ ପାସ୍ ହାର ୯୬.୪୬% ରହିଥିବାବେଳେ ଏହା ତାଲିକାର ୭ମ ସ୍ଥାନରେ ରହିଛି। ଭୁବନେଶ୍ୱର ତଳକୁ ଦିଲ୍ଲୀ ଇଷ୍ଟ ୮୬.୯୬%, ଦିଲ୍ଲୀ ୱେଷ୍ଟ ୮୫.୯୪%, ବେଙ୍ଗାଲୁର ୯୯.୨୨% ଚେନ୍ନାଇ ୯୮.୯୭%, ଆଜମେର ୯୮.୧୪%, ପାଟନା ୯୭.୬୫%, ପୁନେ ୯୭.୧୪%, ପଞ୍ଚକୁଲା ୯୬.୩୩%, ନୋଏଡା ୯୬.୦୮%, ଚଣ୍ଡିଗଡ଼ ୯୫.୩୮%, ପ୍ରୟାଗରାଜ ୯୪.୭୪%, ଡେରାଡୁନ୍ ୯୩.୪୩% ଓ ଭୋପାଳରେ ୯୩.୩୩% ପାସ୍ ହାର ରହିଛି।

### ୨୬ ଯାଏ...

କରାଯାଇଛି। ତେବେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, କଳାହାଣ୍ଡି, ବଲାଙ୍ଗିର ଓ ନୟାଗଡ଼ରେ ୭୦ର ୨୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ଥିବାବେଳେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଖୋର୍ଦ୍ଧା, ନୂଆପଡ଼ା, ପୁରୀ, କଟକ ଓ ଜଗତସିଂହପୁର ଜିଲ୍ଲାରେ ୭୦ରୁ ୧୧୦ ମିଲିମିଟର ବର୍ଷା ହେବାର ଆକଳନ କରାଯାଇଛି।

### ଅଜୟ ଦେବଗନ...

ସୁରାଇପଟାରୁ ଫିଲ୍ମ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ପ୍ରଦାନ କରାଯାଇଛି। ଏହି ଫିଲ୍ମଟି ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ମନୋନୀତ ହୋଇଛି। ସେହିପରି ଶ୍ରେଷ୍ଠ ଗୀତିକାର ଭାବେ ମନୋଜ ମୁମତାଶିରଙ୍କୁ ମନୋନୀତ କରାଯାଇଥିବାବେଳେ ଶ୍ରେଷ୍ଠ ସହ ଅଭିନେତା ଭାବେ ବିଜୁ ମେନନଙ୍କୁ ମନୋନୀତ କରାଯାଇଛି। ଲକ୍ଷ୍ମୀପ୍ରିୟା ଚନ୍ଦ୍ରମୌଳୀଙ୍କୁ ଶ୍ରେଷ୍ଠ ସହ ଅଭିନେତ୍ରୀ, ସଚ୍ଚିଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶନା ଓ ବିଶାଲ ଭରଦ୍ୱାଜଙ୍କୁ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ପାଇଁ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି। ତେବେ ସୂର୍ଯ୍ୟଙ୍କ ପୁସ୍ତକ ଜାତୀୟ ପୁରସ୍କାର ପାଇବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ସହ ଅଭିନନ୍ଦନ ଜଣାଇଛନ୍ତି ।

### ବଜ୍ରପାତରେ...

ଜେନା (୫୦) ଓ କାହ୍ନୁ ଜେନା (୪୮)। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଜୁଆଳୋ ଗ୍ରାମରେ ଜଣେ ବ୍ୟକ୍ତିଙ୍କର ବଜ୍ରାଘାତରେ ମୃତ୍ୟୁ ଘଟିଥିବାବେଳେ କାମାକ୍ଷାନଗର ରାୟନରସିଂହପୁରରେ ଅନ୍ୟଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସେହିପରି ଭଦ୍ରକ ଜିଲ୍ଲା ଧାମନଗର ନନ୍ଦିପୁର ଗ୍ରାମରେ ବିଲରେ କାମ କରୁଥିବାବେଳେ ବଜ୍ରପାତ ଯୋଗୁଁ ୩ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ୨ ବର୍ଷରେ...

ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ସରକାର ଏହି ସବୁ ଶିଳ୍ପ ସଂସ୍ଥାରେ ସ୍ଥାନୀୟ ନିଯୁକ୍ତିକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଯଦି କୌଣସି ସ୍ଥାନରେ ଏହାର ବ୍ୟତିକ୍ରମ ଘଟିଥାଏ ତେବେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ତେବେ ସ୍ଥାନୀୟ ନିଯୁକ୍ତି କ୍ଷେତ୍ରରେ ପାତର ଅନ୍ତର ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଦୃଢ଼ୋକ୍ତି ବାଢ଼ିଥିଲେ।

### ସର୍ବକନିଷ୍ଠ...

ମୁଖ୍ୟମନ୍ତ୍ରୀ ପ୍ରେମସିଂ ତମାଙ୍ଗ ପ୍ରମୁଖ ନବ ନିର୍ବାଚିତ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ସେହିପରି ପ୍ରତିଷ୍ଠିତ ବ୍ୟକ୍ତିମାନେ ମଧ୍ୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରେ ମଧ୍ୟ ଦ୍ରୌପଦୀଙ୍କ ବିଜୟକୁ ନେଇ ଉତ୍ସବର ମାହୋଲ ସୃଷ୍ଟି ହୋଇଛି। ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ବାଜା ବଜାଇ ନାଚଗୀତରେ ଝୁମିବା ସହ କେକ୍ କାଟି ଏହି ଉତ୍ସବ ମନାଇଛନ୍ତି। ଏପରିକି ବିଶ୍ୱ ବିଦ୍ୟାଳୟର ବହୁ ଛାତ୍ରୀ ଏକାଠି ହୋଇ ଆଦିବାସୀ ପୋଷାକ ପରିଧାନ କରି ସେଲିବ୍ରେସନ କରିଛନ୍ତି। କାରଣ ଦ୍ରୌପଦୀ ଏହି ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ସେହିପରି ଦ୍ରୌପଦୀ ଶିକ୍ଷକତା ଆରମ୍ଭ କରିଥିବା ଅରବିନ୍ଦ ଇଣ୍ଟିଗ୍ରାଲ୍ ଏଜୁକେସନ ଓ ରିସର୍ଚ୍ଚ ସେଣ୍ଟରରେ ମଧ୍ୟ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା। ସ୍କୁଲର କୁନି କୁନି ପିଲାମାନେ ଦ୍ରୌପଦୀଙ୍କ ଫଟୋ ଚିତ୍ର ଧରି ଅଭିନନ୍ଦନ ଜଣାଉଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଦ୍ରୌପଦୀଙ୍କ ନିଜ ଗାଁ ରାଇରଙ୍ଗପୁରରେ ମଧ୍ୟ ଲୋକମାନେ ପାରମ୍ପରିକ ନାଚଗୀତ ମାଧ୍ୟମରେ ଦ୍ରୌପଦୀଙ୍କୁ ସ୍ୱାଗତ କରୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀଙ୍କ ବିପୁଳ ବିଜୟ ପରେ ତାଙ୍କୁ ଫୋନ୍ କରି କଥା ହେବା ସହ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ତାଙ୍କ ସଫଳତା ପାଇଁ ଓଡ଼ିଶାବାସୀ ବେଶ୍ ଗର୍ବିତ। ଆସନ୍ତା ୨୫ ତାରିଖରେ ଦ୍ରୌପଦୀ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ। ଦ୍ରୌପଦୀ ବିଜେପି ନେତୃତ୍ୱାଧୀନ ଏନଡିଏ ପ୍ରାର୍ଥୀ ହୋଇଥିଲେ ମଧ୍ୟ ତାଙ୍କ ପାଇଁ ଓଡ଼ିଶାରେ ପ୍ରଚାରର ମଙ୍ଗ ଧରିଥିଲା ବିଜେଡ଼ି। ଏଥିପୂର୍ବରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ପ୍ରମୁଖ ଦ୍ରୌପଦୀଙ୍କ ତିନି ମୂର୍ତ୍ତି ମାର୍ଗସ୍ଥିତ ଅସ୍ଥାୟୀ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଆସନ୍ତା ୨୪ ତାରିଖରେ ଚତୁର୍ଦ୍ଦଶତମ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି।

## ଅଧକ୍ଷାଙ୍କୁ ନେଇ ତେଜୁଛି ଅସନ୍ତୋଷ

ନିମାପଡା, (ଭାସ୍କର ନ୍ୟୁଜ) : ନିମାପଡା ଆଜି ପରିଷଦ ବୈଠକ ଥିବା ବେଳେ ବିରୋଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଜଣେ ନେତା ଅତିଥିଭାବେ ଯୋଗଦେଇଥିବା ବେଳେ ଅଧକ୍ଷା କୌଣସି ପ୍ରଶ୍ନର ଉତ୍ତର ଦେଇପାରିବେ ନାହିଁ ବୋଲି ମନକରିବା ପରେ ଉପନଗରପାଳ ସମସ୍ତ ପ୍ରଶ୍ନର ଉତ୍ତର ଦେବେବୋଲି କହିବା ପରେ ବିରୋଧିମାନେ ଅସନ୍ତୋଷ ବ୍ୟକ୍ତି କରିଛନ୍ତି । କଣ ପାଇଁ ନଗରପାଳ ପ୍ରଶ୍ନର ଉତ୍ତର ଦେବେ ନାହିଁ ତାଙ୍କ ପାଇଁ ଅନ୍ୟ ଜଣେ ଉତ୍ତର ଦେବା, ଏହାର ଭବିଷ୍ୟତ୍ ଠିକ୍ ନୁହେଁ ବୋଲି ବିରୋଧି ମତବ୍ୟକ୍ତି କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ପୌରପରିଷଦରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମସ୍ତ କାଉନସିଲର ଯୋଗଦେଇଥିଲେ । ଅଧକ୍ଷା ସସ୍ମିତା ସାହୁ ଉପାଧକ୍ଷ ସନ୍ତୋଷ ଦାଶ ମଧ୍ୟ ଯୋଗଦେଇଥିଲେ । ବିରୋଧିଙ୍କ ପକ୍ଷରୁ ପୌର ସମସ୍ୟା ସଂପର୍କରେ ପ୍ରଶ୍ନ ଆଗତ କରିଥିଲେ । ଅଧକ୍ଷଙ୍କୁ ପ୍ରଶ୍ନ କରିବାରୁ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମୁଖ୍ୟ ଅତିଥି ଅଧକ୍ଷା କୌଣସି ଉତ୍ତର ଦେବେ ନାହିଁ ବୋଲି କହିବା ସହ ଉପାଧକ୍ଷ ସନ୍ତୋଷ ଦାଷ ଏହାର ଉତ୍ତର ଦେବେ । ଏହି ଘଟଣାକୁ ନେଇ କିପରି ପରିଷଦର ବୈଠକ ଚାଲିଛି ବାରି ହୋଇପଡୁଛି । ଚାରିଆଡେ ଆବର୍ଜନା ଭର୍ତ୍ତି ଥିବା ବେଳେ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟରେ ଠିକାଦାର ପୋଷିବା ସଦୃଶ କାର୍ଯ୍ୟ କରାଯାଉଛି । ଆବର୍ଜନା ଦୁର୍ଗନ୍ଧରେ ଜନସାଧାରଣ ପରିଷଦ ମଧ୍ୟରେ ଚାଲିପାରୁନାହାଁନ୍ତି ।


**B-399**

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

**OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)**

File No-B-I-Tourism-Puri-07/2021 Lr. No.- 28041 / Bhubaneswar 20th July, 2022

**Invitation for Bids**

**Bid Identification No. OSD CE (B) – 15 / 2022-23**

| | | | |
|---|---|---|---|
| 1. | The OSD- Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for the building works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of work | : | Development of Puri-Konark Beachfront Chandrabhaga Beach, Konark on Turnkey Basis in the state of Odisha. |
| 3. | No. of work | : | 01 no |
| 4. | Bid Cost. | : | ₹ 10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt 22.07.2022 to 05.30 PM of dt 05.09.2022 |
| 7 | Pre –bid meeting | : | Dt. 08.08.2022 at 11.00 AM |
| 8 | Last date of online submission of bid | : | Dt 05.09.2022 |
| 9. | Last dt. Of Submission of hardcopy (Cover-III) | : | Dt.12.09.2022 up to 5:30 PM |
| 10. | Date of Opening of Bid | : | Dt.13.09.2022 at 11:30 AM. |
| 11. | The Bidders have to participate in ONLINE bidding only. Further details can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/-
OSD-Chief Engineer (Buildings),
Odisha, Bhubaneswar

**OIPR 34117/11/0038/2223**



**Government of Odisha, e- Procurement Notice** **B-404**

**INVITATION FOR BIDS (IFB)**

Bid Identification No. C.C.E.Dkl.(R&B) 08/2022-23 **Email Id-sedklpwd@gmail.com**

**Letter No /Dt.**

The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building works as detailed below:

1. Name of the work : Building works
2. No of works : 04 (Four) Nos.
3. Estimated Cost : **Rs. 1,05,55,682/- to Rs.3,48,09,031/- (as given in column No. 03 of table)**
4. Cost of tender paper : Rs 10,000.00
5. Class of contractor : 'B', 'A' & 'Special' **(as given in column No. 06 of table)**
6. Period of Completion of work : 07(Seven) & 09 (Nine) Calendar months **(as given in column No. 07 of table)**
7. Date and time of availability of bid Document in the website : From Dt. **27.07.2022 to** 5.30 P.M. of **Dt.10.08.2022**
8. Date of opening of bid : **Dt.12.08.2022** at 11.30 hours

The bidders have to participate in ONLINE biding only further details can be seen from the e-Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Chief Construction Engineer
Dhenkanal(R&B) Circle,Dhenkanal**

**OIPR 34132/11/0014/2223**



**GOVERNMENT OF ODISHA** **A-414**
**DEPARTMENT OF WATEER RESOURCES**
**Office of the Superintending Engineer,**
**Chheligada Head Works Division, At/Po : Mahendragada,**
**Via : Chandragiri, Dist : Gajapati, Odisha, PIN-761017,**
**e-mail : eechwd@gmail.com**

**No.938** **Dated, 20th July, 2022**

1st corrigendum to e-procurement Notice No. SE-CHWD-02/2022-23
The Class of Contractor mentioned in the Column-8 of the invitation for bid for the work at Sl.No.7 (Bid Identification No. e-CHWD-13/2022-23) of the above Tender Call Notice may be read as 'B' & 'A'.
Also the Class of contractor mentioned in the e-Procurement Notice No. SE-CHWD-02/2022-23 and published in the News papers may be read as 'A' to 'D' Class.
All other terms & conditions remained unaltered.

**Sd/- Superintending Engineer,
Chheligada Head Works Division,
Mahendragada (Gajapati)**

**OIPR 32109/11/0005/2223**



**GOVERNMENT OF CHHATTISGARH, WATER RESOURCES DEPARTMENT
OFFICE OF THE CHIEF ENGINEER
MAHANADI PROJECT RAIPUR
(CHHATTISGARH)
e-PROCUREMENT TENDER NOTICE
E-Procurement Portal : https://eproc.egstate.gov.in
CORRIGENDUM NO.1**

In Tender system No. 103446, NIT No. 04/SAC/2022-23, Rudri Dated : 30.06.2022, G.No. 92646. The following amendments are given below due to unforeseen circumstance.

| Earlier Published in E-Procurement Website | Present Amendment in E-Procurement Website |
|---|---|
| 1. Bid Due Date and time : 21.07.2022, 17.30 pm (The last date & time for submission of bid response, after which no bids can be submitted)<br>2. Bid Open Start Date and time : 22.07.2022 11.30 am (The date of opening of Envelop- A * B online) | 1. Bid Due Date and time : 01.08.2022, 17.30 pm (The last date & time for submission of bid response, after which no bids can be submitted)<br>2. Bid Open Start Date and time : 02.08.2022 11.30 am (The date of opening of Envelop- A * B online) |

**All other terms and conditions shall remain unchanged.**

**Sd/- Executive Engineer
Water Management Dn. Rudri
Code No. 38
for Chief Engineer
Mahanadi Project, Raipur (C.G)**

**G-93143/9**



**ତହସିଲ କାର୍ଯ୍ୟାଳୟ, ଓଡ଼ଗାଁ** **F-153**
**TAHASIL OFFICE, ODAGAON, Tel. No.06753-260050
e-mail: tahasildar, odagaon@gmail.com
ବିଜ୍ଞାପନ ପତ୍ର ସଂ. ୨୮୩୫ ତା ୨୧.୦୭.୨୦୨୨**

**ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲଦାର ଓଡ଼ଗାଁଙ୍କ ବିଜ୍ଞାପନ ସଂଖ୍ୟା ୨୮୩୧ ତା ୨୧.୦୭.୨୦୨୨ ଅନୁଯାୟୀ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ଓଡ଼ଗାଁ ତହସିଲ ଅନ୍ତର୍ଗତ ସଇରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ)ଗୁଡ଼ିକ ନିମନ୍ତେ ଆଗାମୀ ପାଞ୍ଚବର୍ଷ ପାଇଁ (୨୦୨୨-୨୩ ରୁ ୨୦୨୬-୨୭) ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଦେବାପାଇଁ ଜଉମୁଦ ଟେଣ୍ଡର ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସଇରାତ ଉତ୍ସ ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ସଇରାତ ଉତ୍ସର ପ୍ରକାର, ମୌଜାର ନାମ, ଖାତା ନଂ, ପ୍ଲଟ୍ ନଂ, କିସମ, ରକବା ଓ ଦରଖାସ୍ତ ଗ୍ରହଣର ସମୟସୀମା ଇତ୍ୟାଦିର ସୂଚନା ନୟାଗଡ଼ ଜିଲ୍ଲା ୱେବସାଇଟ୍ (www.nayagarh.nic.in) ଅଧୀନରେ ଉପଲବ୍ଧ ଅଟେ । ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି ।

**ସ୍ୱା/- ତହସିଲଦାର, ଓଡ଼ଗାଁ**

**OIPR 24036/11/0003/2223**



E-mail ID: eepwd765017@gmail.com
Phone-(06856)299969

Government of Odisha **B-401**
"E" Procurement Tender Notice
OFFICE OF THE SUPERINTENDING ENGINEER, RAYAGADA (R&B) DIVISION NO -II

**Bid Identification No: RC (RANDB) RGD No-II 09/2022-23 (Online tender)
No. Dated. 21.07.2022**

1. Total No. of the works : 02 no. of Building work
2. Approximate estimated Cost: - Rs.70.00 lakhs to Rs.79.00 Lakhs
3. Period of completion : - 6 (six) to 9 (Nine) calendar months
4. Date & Time of availability of bid document in the portal:-**11.00 Hrs. of Dtd 03.08.2022 to 17.00 Hrs. of Dtd. 20.08.2022** for **online bidding.**
5. Last date/Time for receipt of bids in the portal: - Up to **17.00 Hrs. of Dt. 20.08.2022**
6. Name and address of the officer inviting BID: - **Superintending Engineer, Rayagada (R&B) Division No-II**
7. **Date of opening of Bid at 11.00 Hours on Dt. 22.08.2022**
8. Further details can be seen from the e-Procurement portal: www.tendersodisha.gov.in
9. **Date of opening of Financial Bid to be announced.**
10. Further Addendum/Corrigendum if any will be hosted in the above website only.

Sd/-Superintending Engineer
Rayagada(R&B) Division No-II

**OIPR 34040/11/0010/2223**



ରାଜନଗର, (ଭାସ୍କର ନ୍ୟୁଜ୍): ଦେଶବ୍ୟାପୀ ଦ୍ରୌପଦୀ ମୁର୍ମୁଙ୍କ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ନେଇ ଉତ୍ସବମୁଖର ହୋଇଥିବାବେଳେ ରାଜନଗର ଏଥିରୁ ବାଦ୍ ପଡ଼ିନାହିଁ। ଆସନ୍ତା ୨୫ ତାରିଖରେ ଦ୍ରୌପଦୀ ମୁର୍ମୁ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ଶପଥ ନେବେ। ମାତ୍ର ଏଥିପୂର୍ବରୁ ତାଙ୍କର ଏହି ବିଜୟକୁ ନେଇ ସାରା ଦେଶ ତଥା ରାଜ୍ୟରେ ଉତ୍ସବ ପାଳନ କରାଯାଉଛି। ଏହି କ୍ରମରେ ରାଜନଗର ବ୍ଲକ ବିଜେପି ପକ୍ଷରୁ ରାଷ୍ଟ୍ରପତି ଭାବେ ଦୌପଦୀ ମୁର୍ମୁ ନିର୍ବାଚିତ ହେବା ପରେ ମିଷ୍ଟାନ୍ନ ବଂଟନ କରାଯାଇଛି। ମଣ୍ଡଳ ସଭାପତି ଦିଲ୍ଲୀପକୁମାର ରାଉତଙ୍କ ସଂଯୋଜନାରେ ପ୍ରଭାରୀ ସୁନାକର ପ୍ରଧାନ, ଜିଲ୍ଲା ସଂପାଦକ ଶ୍ରୀଧର ପ୍ରଧାନ, ପ୍ରମୋଦ ଦାସ, ଧିରେନ୍ଦ୍ର ପାତ୍ର, ନଗେନ୍ଦ୍ର ପାତ୍ର, ସୁବାଷ ରାଉତ, ମେଘନାଦ ସେଠୀ, ଚନ୍ଦନ ସ୍ୱାଇଁ, ଶ୍ରୀନିବାସ ରଣା, ଜନ୍ମେଜୟ ରାଉତ ପ୍ରମୁଖ ତ୍ରିନାଥ ବଜାର ଛକରେ ଦଳୀୟ କର୍ମୀ ଓ ନେତାମାନେ ଯୋଗଦେଇ ସାଧାରଣ ଲୋକମାନଙ୍କୁ ଲଡୁ ବାଣ୍ଟିଥିଲେ।

### ନାଚଗୀତ, ବାଜାବାଣରେ କମ୍ପିଲା ମଳିପଡ଼ା କାର୍ଯ୍ୟାଳୟ

## ଖୋର୍ଦ୍ଧା ଭାଜପା ପାଳିଲା ବିଜୟ ଉତ୍ସବ

ଖୋର୍ଦ୍ଧା, (ଭାସ୍କର ନ୍ୟୁଜ୍): ଦ୍ରୌପଦୀ ମୁର୍ମୁ ଗୁରୁବାର ଦେଶର ନୂଆ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି । ଏହି ଅବସରରେ ଶୁକ୍ରବାର ଖୋର୍ଦ୍ଧା ମଳିପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ବରିଷ୍ଠ ନେତା କାଳୁଚରଣ ଖଣ୍ଡେଇତରାୟଙ୍କ ନେତୃତ୍ୱରେ କାର୍ଯ୍ୟକର୍ତାମାନେ ବିଜୟ ଉତ୍ସବ ପାଳନ କରିଛନ୍ତି । ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଂଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ମୁର୍ମୁ ଦେଶର ସର୍ବୋଚ୍ଚ ପଦ ଅଳଙ୍କୃତ କରି ରାଇସିନା ହିଲ୍‌ରେ ପହଞ୍ଚିଥିବାରୁ ଖୋର୍ଦ୍ଧା ଭାଜପା କର୍ମୀମାନେ ବାଣ ଫୁଟାଇ ବାଜା ବଜାଇ ନାଚି ମିଠା ଖୁଆଇ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି । ସାଧାରଣ ପରିବାରରୁ ଆସିଥିବା ଶ୍ରୀମତୀ ମୁର୍ମୁଙ୍କ ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନର ଯାତ୍ରା ସମସ୍ତଙ୍କୁ ପ୍ରେରିତ କରିବ ବୋଲି ଶ୍ରୀ ଖଣ୍ଡେଇତରାୟ ମତବ୍ୟକ୍ତ କରିଥିଲେ । ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଅବସରରେ ଭାରତ "ଆଜାଦୀ କି ଅମୃତ ମହୋତ୍ସବ" ପାଳନ କରୁଥିବା ସମୟରେ ଓଡ଼ିଶାକୁ ସୁନ୍ଦର ଭେଟି ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦଳୀୟ ନେତା ଓ କାର୍ଯ୍ୟକର୍ତା ମାନେ ଧନ୍ୟବାଦ ଅର୍ପଣ କରିଥିଲେ । ଆନନ୍ଦ ଓ ଉଲ୍ଲାସର ସହ ଅନୁଷ୍ଠିତ ବିଜୟ ଉତ୍ସବରେ ପୂର୍ବତନ ଜିଲ୍ଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଅଜୟ ମିଶ୍ର, କୁନିଲତା ସ୍ୱାଇଁ, ପ୍ରତାପ ମହାପାତ୍ର, ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, କିଶୋର ବରାଳଙ୍କ ସହ ଶତାଧିକ ଦଳୀୟ କର୍ମକର୍ତା ଓ ସାଧାରଣ ଜନତା ଯୋଗ ଦେଇଥିଲେ ।



## ଡାକ୍ତରଙ୍କ ଘରେ ଡକାୟତି

ବ୍ୟାସନଗର, (ଭାସ୍କର ନ୍ୟୁଜ) : ଯାଜପୁର ଜିଲ୍ଲାର ଯାଜପୁରରୋଡ଼ ଥାନା ବ୍ୟାସନଗର ଅଞ୍ଚଳର କୋର୍ଟ ଛକରେ ଥିବା ଡାକ୍ତର ଅରୁଣ କୁମାର ବିଶ୍ୱାଳଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଡକାୟତି ହୋଇଛି। ସୁନା ଅଳଙ୍କାର, ହିରାମୁଦି, ଟିଭି, ଲାପଟପ୍, ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିବା ଅଭିଯୋଗ ହୋଇଛି। ଗତକାଲି ଅରୁଣଙ୍କ ପରିବାର କୌଣସି କାରଣ ପାଇଁ ଘରେ ଅନୁପସ୍ଥିତ ଥିଲେ। ଯାହାର ସୁଯୋଗ ନେଇ କିଛି ଯୁବକ ଘରେପଶି ଡକାୟତି କରିଥିବା ସୂଚନା ମିଳିଛି। ଅରୁଣଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଡକାୟତି ସମୟର ଭିଡିଓ ସିସିଟିଭିରେ କଏଦ ହୋଇଥିବା ଜଣାପଡିଛି। ଏହି ଭିଡିଓରେ ଦୁଇଜଣ ଯୁବକ ଅରୁଣଙ୍କ ଘରେ ପଶୁଥିବା ଦେଖିବାକୁ ମିଳିଛି କ୍ଷ ଏପଟେ ପୋଲିସ ପକ୍ଷରୁ ଡକାୟତି ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ।

### ଭୁବନେଶ୍ୱର-ନିମାପଡା 'ମୋ ବସ୍' ଚଳାଚଳ ବନ୍ଦକୁ ନେଇ ତେଜୁଛି ଅସନ୍ତୋଷ

## ନୂତନ ବସ୍‌ଷ୍ଟାଣ୍ଡ ପାଲଟିଛି ନିଶାଖୋରଙ୍କ ଚରାଭୂଇଁ




ନିମାପଡ଼ା, (ଭାସ୍କର ନ୍ୟୁଜ୍) : ନିମାପଡା ମୋ ବସ୍ ଚଳାଚଳ ବନ୍ଦକୁ ନେଇ ବେଳକୁ ବେଳ ଜନଅସନ୍ତୋଷ ବଢୁଥିବା ବେଳେ ସରକାର ତୁରନ୍ତ ଏ ଘଟଣା ଉପରେ ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି । ଘରୋଇ ବସ୍ ସଂଘ ଆନ୍ଦୋଳନ କାରଣରୁ ଲୋକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୁରୁତର କାର୍ଯ୍ୟ ପାଇଁ ବାହାରକୁ ଯିବା ସାଧାରଣ ଲୋକଙ୍କ ପକ୍ଷେ କଷ୍ଟକର ହେଉଛି । ଘରୋଇ ବସ୍ ମାଲିକ ସଂଘ ସେମାନଙ୍କ ବସ୍ ଚଳାଚଳ ବନ୍ଦ କରିଥିବା ବେଳେ କଣ ପାଇଁ ସରକାରଙ୍କ ମୋ ବସ୍ ଚଳାଚଳ ବନ୍ଦ କରିଛନ୍ତି, ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଭୁବନେଶ୍ୱର ରୁଟ୍‌ରେ ମୋ ବସ୍ ଚଳାଚଳ କରୁଛି । ଘରୋଇ ବସ୍ ମାଲିକ ସଂଘ ୨୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ଚଡାକରା ଦେଇଛି । ଦାବୀ ମଧ୍ୟରେ ମୋ ବସ୍ ବିନା ପରମିଟ୍‌ରେ ଚାଲୁଥିବା ବେଳେ ମୋ ବସ୍ ଚଳାଚଳକୁ ବନ୍ଦ କରିବା ପାଇଁ ଦାବୀ କରିଛି । ମାତ୍ର ଜନସାଧାରଣ ଏହାକୁ ତୀବ୍ର ବିରୋଧ କରିବା ସହ ସରକାର ମୋ ବସ୍ ଚଳାଉଥିବା ବେଳେ କଣ ପାଇଁ ପରିବହନ ବିଭାଗ ପଦକ୍ଷେପ ନେଉନାହିଁ । ସରକାରଙ୍କ ବସ୍ ସରକାର ବୁଝିବେ ଏଥିରେ ଘରୋଇ ମାଲିକ ସଂଘ ମୁଣ୍ଡ ଖେଳାଇବାର କୌଣସି ଅଧିକାର ନାହିଁ ବୋଲି ବୁଦ୍ଧିଜିବୀମାନେ ମତବ୍ୟକ୍ତି କରିଛନ୍ତି । ତୁରନ୍ତ ଅଧିକର ଅଧିକ ମୋ ବସ୍ ନିମାପଡା କୋଣାର୍କ କାକଟପୁର ଚାଲିବା ପାଇଁ ମଧ ଦାବୀ କରିଛନ୍ତି । ସେହିପରି ନିମାପଡା ବସ୍‌ଷ୍ଟାଣ୍ଡ ପାଲଟିଛି ନିଶାଖୋରଙ୍କ ଆଡ୍ଡାସ୍ଥଳୀ । ଅନେକ ସମୟରେ ଏଠାରେ ପ୍ରେମୀ ଯୁଗଳ ଭୋଟାଭେଟି ହେଉଥିବା ବେଳେ ନିଶାଖୋରମାନେ ରାତିଦିନ ପିଣ୍ଡିକୁ ନିରାପଦ ସ୍ଥାନ ବାଛି ନେଇଛନ୍ତି । ୨୦୧୮ ମସିହା ଠାରୁ ବିଜ୍ଞାପିତ ପରିଷଦ ୨କୋଟି ୬୮ଲକ୍ଷ ବ୍ୟୟ ଅଟକଳରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ଏହାକୁ ସେତେବେଳର ପରିବହନ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏକବର୍ଷ ଧରି ଏଠାରେ ସମସ୍ତ ବସ୍ ରହୁଥିଲା । ସେଠାରେ କେତେଜଣ ବ୍ୟକତି ଦବଙ୍ଗଗିରି କରି ବସ୍‌ଷ୍ଟାଣ୍ଡକୁ ନିଜସ୍ୱ ସଂପତ୍ତି ଭାବିବା କାରଣରୁ କୌଣସି ବସ୍ ସେଠାକୁ ଯିବାକୁ ଉଚିତ୍ ମନେକରୁନାହାଁନ୍ତି । ପରିଷଦ ମଧ ବିନା କାରଣରେ କିଛି ଅର୍ଥ ପୁର୍ନବାର ବ୍ୟୟ କରି ଗୃହ ନିର୍ମାଣ କରିଛି । କଣ ପାଇଁ ପରିଷଦ ଏହି ନୂତନ ବସ୍‌ଷ୍ଟାଣ୍ଡ ଉପରେ ଦୃଷ୍ଟି ଦେଉନାହିଁ ତାହା ଏକ ପରିତାପର ବିଷୟ ବୋଲି ଜନମତ ପ୍ରକାଶ ପାଇଛି । ନୂତନ ବସ୍‌ଷ୍ଟାଣ୍ଡକୁ ସୁରକ୍ଷା ଦିଆନଗଲେ ଆଗାମୀ ଦିନରେ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦିଆଯାଇଛି ।

### 'ଓଡିଶା ଭାସ୍କର'ର ମହାପ୍ରଭାବ

## ୨୪ ଘଣ୍ଟା ମଧ୍ୟରେ କେନାଲ ହେଲା ସଫେଇ



କଣ୍ଟାପଡ଼ା,(ଭାସ୍କର ନ୍ୟୁଜ) : ଖବର ପ୍ରସାରଣର ୨୪ ଘଣ୍ଟା ମଧ୍ୟରେ ଜଳସମ୍ପଦ ବିଭାଗ ଅଧିକାରୀମାନେ ତତ୍ପରତା ପ୍ରକାଶ କରିଛନ୍ତି। ବିଭିନ୍ନ କେନାଲରେ କେଉଁଠି ପୋଲ ନିର୍ମାଣ ତ କେଉଁଠି ସାଇଟୱାଲ କାମ ବନ୍ଦକରି ମାଟିପୋତି କେନାଲରେ ପାଣି ଛାଡିବା ପାଇଁ ହେଉଛି ଯୋଜନା। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କାକଟପୁର ପ୍ରତାପ ନଗରୀ ମୁଖ୍ୟକେନାଲ ଇଚ୍ଛାପୁର ଗ୍ରାମ ଠାରେ। ସେହିଭଳି ଖବର ପ୍ରସାରଣର ୨୪ ଘଣ୍ଟା ମଧ୍ୟରେ କେନାଲ ସଫେଇ କାମ ଆରମ୍ଭ କରାଯାଇଛି। ଏହିପରି ଝାରପଡା ଡିଷ୍ଟ୍ରିବ୍ୟୁଟର କେନାଲ ଲୋକମାନେ ସଫାକରୁଥିବା ବେଳେ ଖବର ପ୍ରସାରଣ ପରେ ତରବରିଆ ଭାବରେ ଗୋବିନ୍ଦପୁର ପଞ୍ଚାୟତର ଅନ୍ୟ ମାଇନର କେନାଲ ଗୁଡିକ ତଥା- ବାଲିପଡା, ଗୋବିନ୍ଦପୁରରେ ଘାସମରା ଔଷଧର ପ୍ରୟୋଗ କରାଯାଉଛି। କେନାଲ ସଫା କାର୍ଯ୍ୟ କରାଯାଉଛି। ପାଣି ପଞ୍ଚାୟତର ଆଧିକାରୀ ମାନଙ୍କର ଏଭଳି ସଫେଇକୁ ଋଷୀମାନେ ନାପସନ୍ଦ କରିଛନ୍ତି। ଏବେ ସଫେଇ କାର୍ଯ୍ୟକ୍ରମ ଋଲିଥିବା ବେଳେ ଋଷୀମାନଙ୍କୁ କେବେ ପାଣି ଯୋଗାଇ ଦିଆଯିବ ତାହା ଏବେ ସନ୍ଦେହ ଘେରରେ। ଏ ନେଇ ଝାରପଡା ଜଳସମ୍ପଦ ବିବାଗ ଜେ.ଇ. ସୁନାକର ଦଳେଇଙ୍କୁ ପଋରିବାରୁ ଜନ୍ତୁଜୁନ୍ତା ବାସ କରୁଥିବାରୁ ଘାସମରା ପକା ଯାଇଛି ଏହାପରେ ଲୋକ ଲଗାଇ ସଫା କରାଯିବ ବୋଲି କହିଛନ୍ତି।

## ସିବିଏସ୍‌ଇରେ ଦୁଇ ଭାଇ ପାଇଲେ ଏ୧

କୁଜଙ୍ଗ,(ଭାସ୍କର ନ୍ୟୁଜ୍) : ଆଜି କେନ୍ଦ୍ରୀୟ ବୋର୍ଡର ୧୦ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ କୁଜଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ସେଣ୍ଟଜାଭିଅର ହାଇସ୍କୁଲ ରାହାମାର ଶତପ୍ରତିଶତ ସଫଳତା ହୋଇଥିବା ସୂଚନା ମିଳିଛି। ଏହି ବିଦ୍ୟାଳୟରୁ ସମସ୍ତ ଛାତ୍ରଛାତ୍ରୀ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖି ସଫଳତା ହାସଲ କରିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଦୁଇ ଭାଇ ଅଭିଶେଖ ଖଣ୍ଡୁଆଳ ଓ ଆଶୁତୋଷ ଖଣ୍ଡୁଆଳ ୯୩ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖି ବିଦ୍ୟାଳୟ ତଥା ନିଜ ପାଇଁ ଗୌରବ ଆଣିଛନ୍ତି। ଏରସମା ବ୍ଲକ ଭାରଶୋଳ କାଣିପଦା ଅଂଚଳର ଏହି ଦୁଇ ଭାଇଙ୍କ ପିତା କୋଠି ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ଅତୁଲ୍ୟ ଖଣ୍ଡୁଆଳ ଓ ଇଂରାଜୀ ଅଧ୍ୟାପିକ ସୁଚିତ୍ରା ମହାପାତ୍ର। ପଙ୍କପାଳର ଏହି ବିଦ୍ୟାଳୟ ପାଠ ପଠାରେ ଓ ବିନା ବାହ୍ୟ ଶିକ୍ଷା ଦ୍ୱାରା ବିଦ୍ୟାଳୟର ଏହି ସଫଳତା ପାଇଁ ତଥା ଏହି ଦୁଇ ଭାଇ ଏ୧ ଗ୍ରେଡ୍‌ରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଓ ଶତପ୍ରତିଶତ ଛାତ୍ର ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖି ଉତ୍ତୀର୍ଣ୍ଣ ଯୋଗୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରର, ପରିଚାଳନା ସମିତି, ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମହଲରେ ଖୁସି ପ୍ରକାଶ ପାଇଛି।



## ବୋଲଗଡ଼ରେ ପ୍ରଥମ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟେଟ କୋର୍ଟ ପରିଚାଳନା ହେବ କେବେ ?

ବୋଲଗଡ଼, (ଭାସ୍କର ନ୍ୟୁଜ୍): ରାଜ୍ୟ ଉଚ୍ଚ ନ୍ୟାୟାଳୟ ବୋଲଗଡ଼ରେ ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ ମାଜିଷ୍ଟେଟ କୋର୍ଟ ତଥା ଯୁନିୟର ଡିଭିଜନ ସିଭିଲ ଜର୍ଜ କୋର୍ଟ ନିର୍ମାଣ ପାଇଁ ଗତ ୨୦୨୦ମସିହାରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ମାଜିଷ୍ଟେଟଙ୍କୁ ଲିଖିତ ଆଦେଶ ଦେଇଥିଲେ । ଏହି ଆଦେଶ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାପାଳ ପତ୍ର ସଂଖ୍ୟା ୧୨୮୧୭ ତା- ୧୮/୮/୨୦୨୦ମସିହାରେ ବୋଲଗଡ଼ ଠାରେ ଏହି କୋର୍ଟ ଗଠନ କରିବା ପାଇଁ ବୋଲଗଡ଼ ତହସିଲଦାର ଓ ବିଡ଼ିଓଙ୍କୁ ଲିଖିତ ଆଦେଶ ଦେବା ସଙ୍ଗେ ସଙ୍ଗେ ୧୦ଲକ୍ଷ ଟଙ୍କା ସରକାରୀ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ । ଏହି କୋର୍ଟ ଅସ୍ଥାୟୀ ଭାବେ ବୋଲଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଚାଲିବ ବୋଲି ଖୋର୍ଦ୍ଧା ସିଭିଲ କୋର୍ଟର ରେଜିଷ୍ଟର ପରିଦର୍ଶନ କରି ଘୋଷଣା କରିଥିଲେ । କିନ୍ତୁ କେତେକ ଅନିର୍ବାଯ୍ୟ କାରଣ ଯୋଗୁଁ ଏହା ବାତିଲ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ବିଚାରପତି ଓ ସିଭିଲ କୋର୍ଟ ବନ୍ଦ ହୋଇ ରହିଥିବା ରେଜିଷ୍ଟର ବୋଲଗଡ଼ର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ ମରାମତି କରି ପ୍ରଥମ ଶ୍ରେଣୀ ଯୋଡ଼ିସିଆଲ ମାଜିଷ୍ଟେଟ କୋର୍ଟ ପରିଚାଳନା କରିବାକୁ ବୋଲଗଡ଼ ତହସିଲଦାର ଓ ବିଡ଼ିଓଙ୍କୁ ଆଦେଶ ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ବୋଲଗଡ଼ ବ୍ଲକ୍ ପ୍ରଶାସନ ଓ ତହସିଲଦାରଙ୍କ ଅବହେଳା ଯୋଗୁଁ ଏହି କୋର୍ଟ କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ଏହି କୋର୍ଟ କାର୍ଯ୍ୟକ୍ଷମ ହେଲେ ବୋଲଗଡ଼ ବ୍ଲକର ୧୯ଟି ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ଆଇନ୍ ସେବା ପାଇ ପାରିବେ । ତେଣୁ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପବ୍ଲିକ ନୋଟାରୀ ନବକିଶୋର ରାଉତରାୟ,ଆଇନ୍‌ଜୀବୀ ଆରିଫ୍ ଖାଁ,ଗୌରୀ ଦେବୀ,କେଦାର ନାଥ ଚମ୍ପତି, ବ୍ରହ୍ମା ନନ୍ଦ ପଟ୍ଟଯୋଷୀ,ପ୍ରମୁଖ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

## କଣ୍ଟେଶ୍ୱରୀ ମନ୍ଦିରରୁ ତାଲା ଭାଙ୍ଗି ସୁନା ଅଳଙ୍କାର ଲୁଟ୍

ଗୋପ, (ଭାସ୍କର ନ୍ୟୁଜ) : ଗୋପ ଥାନା ଅଧିନରେ ଥିବା କେତକ ମନ୍ଦିର ଏବେ ବାରମ୍ବାର ମ୍ବାର ଚୋରି ହେଉଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଗୋପ ଥାନା ଅନ୍ତର୍ଗତ ବୀରତୁଙ୍ଗ ଗଡସାହି ଗାଁ ର ଆରାଧ୍ୟ ଗ୍ରାମ୍ୟ ଦେବତୀ ମା କଣ୍ଟେଶ୍ୱରୀ ମନ୍ଦିର ର ପଛ ପଟ କବାଟ ଭାଙ୍ଗି ଦୁର୍ବୃତ୍ତ ମାନେ ମାଁ ଙ୍କ ସୁନା ରୂପା ସହିତ ଆଖି ଚକ୍ଷୁ ତାଡି ନେଇଥିବା ବେଳେ ଆଉ କେତେକ ଜିନିଷ ପତ୍ର ନେଇ ଯାଇଥିବା ଅଭିଯୋଗ ରୁ କୁହାଯାଇଛି ଅଭିଯୋଗ କୁ ନେଇ ଗୋପ ଥାନା ରେ ଥାନା ମୋକଦ୍ଦମା ନମ୍ବର ୨୪୭/୨୨ ରୁଜୁ କରା ଯାଇଛି। ପ୍ରକାଶ ଯେ କିଛି ଦିନ ହେବ ଗୋପ କୋଣାର୍କ,ନୟାହାଟ ଥାନା ଫାଣ୍ଡି ଅଞ୍ଚଳ ଭିତରୁ କ୍ରମାଗତ ଭାବରେ ବିଭିନ୍ନ ମନ୍ଦିର ଭିତରୁ ଚୋରି ହେଉଥିବା ଭଳି ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ସହିତ ପୁରୀ ଜିଲ୍ଲା ରେ ଏପରି ମନ୍ଦିର ଚୋରି ଲାଗି ରହିବା ଫଳରେ ଜିଲ୍ଲା ଏସପି ଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ପରେ ଗୋପ ପୋଲିସ ଥାନା ଅଞ୍ଚଳରେ ଥିବା କେତେକ ମନ୍ଦିର ରେ ମଧ ପୋଲିସ ପହରା ଦେଉଥିଲା। କିନ୍ତୁ ଗୁରୁବାର ରାତିରେ କେତେକ ଦୁର୍ବୃତ୍ତ ମନ୍ଦିର ର ପଛ କବାଟ ଭାଙ୍ଗି ମା ଙ୍କ କେତେକ ସୁନା ରୂପା ଅଳଙ୍କାର ସହ ବ୍ୟବହୃତ ମାଁଙ୍କ ଲୁଗାପଟା, ଘଣ୍ଟା ଘଣ୍ଟି ବାଲ୍ଟି ତସଲା ସହିତ ମା ଙ୍କ ଆଖି ତାଡ଼ି ନେବା ପରେ ଆଉ କିଛି ସାମଗ୍ରୀ ନେଇ ଯାଇଛନ୍ତି। ପ୍ରାତଃରୁ ମନ୍ଦିର ପୂଜକ ରାତିର ଆଳତି ସାରି ପହଡ ପକେଇ ଯିବାପରେ ଏପରି ଘଟଣା ଘଟିଥିଲା ଏହି ମନ୍ଦିର ଚୋରି ସଂପର୍କ ରେ ଅବଗତ ହେବା ପରେ ଗ୍ରାମବାସୀ ଙ୍କୁ ଜଣାଇଥିଲେ। ଗ୍ରାମବାସୀ ସଙ୍ଗେ ସଙ୍ଗେ ଗୋପ ଥାନା ରେ ଏକ ଲିଖିତ ଅଭିଯୋଗ ପତ୍ର ଦେବା ପରେ ପୋଲିସ ମୋକଦ୍ଦମା କରିବା ସହ ମନ୍ଦିର ରେ ପହଞ୍ଚି ତଦନ୍ତ କରିଥିଲା।

## ବାଲିତୁଠ ସମବାୟ ସମିତିର ସଭାପତିଙ୍କ ଦାୟିତ୍ୱ ଗ୍ରହଣ

ଏରସମା, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ବାଲିତୁଠ ପ୍ରାଥମିକ କୃଷି ସମବାୟ ସମିତିର ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବାଲିତୁଠ କୃଷି ପ୍ରାଥମିକ ସମବାୟ ସମିତିର ସଭାପତି ଭାବେ ହରିହର ଲିଙ୍ଗରାଜ ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ ।ନୂତନ ସଭାପତି ଶ୍ରୀ ମହାନ୍ତିଙ୍କୁ ।ସମବାୟ ସମିତିର ସମ୍ପାଦକ ଶରତ କୁମାର ମହାନ୍ତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।ସେହିପରି ଉପସଭାପତି ଅନୁଛାୟା ଦାସଙ୍କୁ ସଭାପତି ହରିହର ଲିଙ୍ଗରାଜ ମହାନ୍ତି ଓ ସଂପାଦକ ଶରତ କୁମାର ମହାନ୍ତି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ।।ସମିତିର ନୂତନ ସଭ୍ୟ ସଭ୍ୟା ଓ କର୍ମକର୍ତ୍ତା ଭାବେ ନିର୍ବାଚିତ ତଥା ମନୋନୀତ ରମେଶ ଚନ୍ଦ୍ର ପରିଜା , ବିଭୁରଞ୍ଜୀନ ସାମନ୍ତରାୟ , ମାନଗୋବିନ୍ଦ ଦାସ , ଅନୁଜ କୁମାର ରାୟ , ଅମୁଲ୍ୟ ଦାସ , ସଲିଳା ରାଉତ , ନାରାୟଣ ପାତ୍ର , ଓମ୍ ପ୍ରକାଶ ଦାସ , ବିନ୍ଦୁ ମହାନ୍ତି , ପ୍ରଦୀପ୍ତ ରାଉତ , ସୌରୀ ମହାରଣା , କିଶୋର ଚନ୍ଦ୍ର ସାମନ୍ତରାୟ ଓ ଯୋତିପ୍ରକାଶ ମହାନ୍ତି ପ୍ରମୁଖଙ୍କୁ ଏହି ସମାରୋହରେ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାପତି ନୂତନ ଦାୟିତ୍ୱ ଗ୍ରହଣ କରିବା ସହ ନୂତନ କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାଙ୍କୁ ନେଇ ଆଲୋଚନା କରାଯାଇଥିଲା ।ଏହି ଦାୟିତ୍ୱ ଗ୍ରହଣ ସମାରୋହରେ ସହ ସଂପାଦକ ଉମେଶ ସ୍ୱାଇଁ , ଡିଇଓ ନବଘନ ମଲ୍ଲ , ପ୍ରମୁଖ ନୂତନ କର୍ମକର୍ତ୍ତା, ସଭ୍ୟ ସଭ୍ୟାଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ବାଲିତୁଠ କୃଷି ସମବାୟ ସମିତି କୃଷି ଓ କୃଷକର ଉନ୍ନତି ନିମନ୍ତେ ଯଥାସାଧ ଉଦ୍ୟମ କରିବା ସହିତ ଆଞ୍ଚଳିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରାଯିବ ବୋଲି ମତପ୍ରକାଶ ପାଇଥିଲା।

### ଅଯୋଗ୍ୟଙ୍କୁ ମିଳୁଛି ଆବାସ କାର୍ଯ୍ୟାଦେଶ

## ଯୋଗ୍ୟ ହିତାଧିକାରୀ ହତାଶ



ରଣପୁର, (ଭାସ୍କର ନ୍ୟୁଜ) : ରାଜ୍ୟ ଓ କେନ୍ଦ୍ର ସରକାର କାହାକୁ ମାଟି କଚ୍ଚା କାନ୍ଥ ଓ ଚାଳଘରେ ରହିବାକୁ ଦିଆଯିବ ନାହିଁ ବୋଲି ଆବାସ ଯୋଜନା ଆରମ୍ଭ କରି ବିଶେଷ ଗୁରୁତ୍ୱ ଦେଉଛନ୍ତି । କିନ୍ତୁ କେଉଁଠି କେଜାଣି ଯୋଜନା ଅଣଦେଖା ହେଉଛି । ଯାହାଫଳରେ ଯୋଗ୍ୟ ହିତାଧିକାରୀ ତାଲିକାରେ ନାମ ଥିଲେ ମଧ ମିଳୁନି ଆବାସ ଯୋଜନା କାର୍ଯ୍ୟାଦେଶ ଯେଉଁଥିପାଇଁ ଯୋଗ୍ୟ ହିତାଧିକାରୀମାନେ ଏହି ସୁବିଧାରୁ ବଞ୍ଚିତ ହୋଇ ହତାଶ ଓ ନିରାଶାରେ ଜୀବନଯାପନ କରୁଛନ୍ତି । ସେଭଳି ଦେଖିବାକୁ ମିଳୁଛି ନୟାଗଡ ଜିଲ୍ଲା ରଣପୁର ବ୍ଲକ ଡମସାହି ଗ୍ରାମ ପଞ୍ଚାୟତ ରେ । ଡମସାହି ଗ୍ରାମ ପଞ୍ଚାୟତର ଡମସାହି ଗ୍ରାମ ହରିହର ପଲେଇ (୭୨) ଜଣେ ନିରୀହ ଦାରିଦ୍ରତା ସୀମାରେଖା ତଳେଥିବା ଆବାସ ଯୋଜନା ପାଇଁପେଯାଗ୍ୟ ହିତାଧିକାରୀ । ଗତବର୍ଷ ଠାରୁ ଯୋଗ୍ୟ ହିତାଧିକାରୀ ତାଲିକାରେ ନାମଥିଲେ ସୁଦ୍ଧା ତାଙ୍କୁ କାର୍ଯ୍ୟଦେଶ ମିଳିନାହିଁ । ଏନେଇ ଡମସାହି ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦିନବନ୍ଧୁ ଦାସଙ୍କ ସହ ଯୋଗାଯୋଗ କରିବାରେ କୁହନ୍ତି ଗତ ବର୍ଷ ଠାରୁ ତାଙ୍କର ଆବାସ ଯୋଜନା ହୋଇ ସାରିଛି । ସେ ରଣପୁର ବ୍ଲକ ରୁ ଯାଇ କାର୍ଯ୍ୟାଦେଶ ଆଣିବା କଥା । ରଣପୁର ବି ଡି ଓ ଦାୟିତ୍ୱରେ ଥିବା ଓଡଗାଁ ବି ଡି ଓ ସ୍ୱାତିରେଖା ଦାସଙ୍କ ସହ ଯୋଗାଯୋଗ କରିବାରେ କୁହନ୍ତି ଯେ କାର୍ଯ୍ୟଦେଶ ବ[illegible]ନ ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ନାମା ଆସିନାହିଁ । ଆସିଲେ ଦିଆଯିବ ।

### ଅଜଣା ଗାଡି ଧକ୍କାରେ ଦୁଇ ଗାଈ ମୃତ

## ରାସ୍ତା ଓ ହମ୍ପସ ନିର୍ମାଣ ଦାବିରେ ବିକ୍ଷୋଭ



କରଞ୍ଜିଆ, (ଭାସ୍କର ନ୍ୟୁଜ) : ଗତ ଦୁଇଦିନ ଧରି ଲଗାତାର ଭାବେ କରଞ୍ଜିଆ ବାମନାଶାଳ ନିକଟରେ ଅଜଣା ଗାଡି ଧକ୍କା ରେ ଗୋଟିଏ ଗାଈ ଏବଂ ଏକ ଷଣ୍ଢ ର ମୃତ୍ୟୁ ହୋଇଛି, ଫଳରେ ରାସ୍ତା ରୋକ କରିବା ସହିତ ହମ୍ପସ ନିର୍ମାଣ ଦାବୀ କଲେ ଗ୍ରାମବାସୀ ।ଏଭଳି ଏକ ଅଭାବନୀୟ ଘଟଣା ଦେଖିବା କୁ ମିଳିଛି ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଏନଏସି ୧ନମ୍ବର ୱାର୍ଡର ବାମନାଶାଳ ନିକଟରେ ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା ଘଟି ଉକ୍ତ ଦୁଇ ପଶୁ ପ୍ରାଣ ହରାଇଛନ୍ତି। ତେବେ ଏନେଇ ଉତ୍ତେଜନା ଦେଖାଦେଇଥିବା ବେଳେ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଛନ୍ତି। ଅଭିଯୋଗ ଅନୁସାରେ ଉକ୍ତ ରାସ୍ତା ଜନବସତି ମଧ୍ୟଦେଇ ଯାଇଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏଠାରେ କୌଣସି ହମ୍ପସ୍ ମଧ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇ ନାହିଁ। ଫଳରେ ଦ୍ରୁତ ଏବଂ ବେପରୁଆ ଯାନବାହନ ଚଳାଚଳ ଦ୍ୱାରା ଏଠାରେ ପ୍ରତ୍ୟେହ କିଛି କିଛି ଦୁର୍ଘଟଣା ଘଟୁଛି ଏଇ ଦୁଇ ଦିନ ବ୍ୟବଧାନରେ ଦୁର୍ଘଟଣା ଘଟି ଦୁଇଟି ଗାଈ ମରିବାର ଦେଖାଯାଉଛି, ଫଳରେ ହମ୍ପସ ନିର୍ମାଣରେ ରାସ୍ତା ରୋକ କଲେ ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ହମ୍ପସ୍ ନିର୍ମାଣ ର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଏଯାବତ୍ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଗତ ବୁଧବାର ଦିନ ଦୁର୍ଘଟଣାରେ ଏକ ଗାଈ ପ୍ରାଣ ହରାଇ ଥିବାବେଳେ ଏନଏସି ରେ ସୂଚନା ଦେବାପରେ ମଧ ଉକ୍ତ ମୃତଦେହ କୁ ଉଠାଇବା ର କୌଣସି ବ୍ୟବସ୍ଥା ଏନଏସି ପକ୍ଷରୁ କରାଗଲା ନାହିଁ ଏବଂ ଗୁରୁବାର ସକାଳୁ ପୁନଶ୍ଚ ଦୁର୍ଘଟଣା ଘଟି ପୁଣି ଏକ ଷଣ୍ଢ ର ମୃତ୍ୟୁ ଘଟିଛି। ତେବେ ପ୍ରଶାସନର ଏପରି ଅଣଦେଖାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଘଟଣା ସ୍ଥଳରେ କରଞ୍ଜିଆ ପୋଲିସ ସତ୍ୟନାରାୟଣ କାଲୋ,ପ୍ରଶାନ୍ତ କୁମାର ବଳ ପହଞ୍ଚି ଉତ୍ତେଜନାକୁ ଆୟତ୍ତ କରିଥିଲେ। ତେବେ ଘଟଣା ସ୍ଥଳରେ କରଞ୍ଜିଆ ଏନଏସି ର ଉପନଗରପାଳ ସ୍ୱରୂପ କୁମାର ପରିଜା, କାଉନସିଲର ବିଶ୍ୱଜିତ ଚୌଧୁରୀ, ଇଏନଏସ ପ୍ରିୟଙ୍କା ସେଠାରେ ଉପସ୍ଥିତ ଥାଇ ବିଭାଗୀୟ ଅଧିକାରୀଙ୍କ ସହ ତୁରନ୍ତ ହମ୍ପସ୍ କିପରି ନିର୍ମାଣ ହୋଇପାରିବ ସେନେଇ ଯୋଗାଯୋଗ କରିଥିଲେ। ଏହି ରାସ୍ତାରୋକ ଫଳରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଶତାଧିକ ଜାନବାହନ ସହ ସ୍କୁଲ ବସ ଅଟକି ରହିଥିବା ଦେଖାଯାଇଛି।

## ଗ୍ୟାସ ଟାଙ୍କି ଫାଟି ଭୁଶୁଡ଼ିଲା ଛାତ, ୨ ଆହତ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍?): ଗୋପାଳପୁର ଥାନା ରାମଚନ୍ଦ୍ରପୁର ଗାଁରେ ଅଭାବନୀୟ ଘଟଣା । ଗ୍ୟାସ ଟାଙ୍କି ଫାଟି ଭୁଶୁଡ଼ିଲା ଘରର କାନ୍ଥ ଓ ଛାତ । ଦେବରାଜ ନାୟକଙ୍କ ଘରେ ଗ୍ୟାସ୍ ଟାଙ୍କି ଫାଟି ବିସ୍ଫୋରଣ ହେବାରୁ ଦୁଇ ଜଣ ଆହତ ହୋଇଛି। ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଆହତଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି । ଖବର ପାଇ ଘଟଣାସ୍ଥଳରେ ବ୍ରହ୍ମପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସେପଟେ ଖବର ପାଇ ଗୋପାଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଦୁଇ ଆହତଙ୍କ ମଧ୍ୟରେ ଦେବରାଜ ନାୟକ ଗୁରୁତର ଥିବାବେଳେ ଅଶୋକ ନାୟକ ସାମାନ୍ୟ ଆହତ ହୋଇଛନ୍ତି । ବନ୍ଦ ଘର ଭିତରେ ୬୬ଟି ଗ୍ୟାସ ସିଲିଣ୍ଡର ରହିଥିଲା । ଗ୍ୟାସ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ବିସ୍ଫୋରଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତେବେ ଏହି ବିସ୍ଫୋରଣ ପରେ ପୀଡ଼ିତଙ୍କ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ବିଭିନ୍ନ ମହଲରୁ ଦାବି ଜୋର୍ ଧରିଛି।

## ସୋନିଆଙ୍କୁ ଇଡିର ଜେରା ପ୍ରତିବାଦରେ ଗଣବିକ୍ଷୋଭ




ଯାଜପୁର, (ଭାସ୍କର ନ୍ୟୁଜ୍): ଜାତୀୟ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଇଡିର ଜେରା ପ୍ରତିବାଦରେ ଆଜି ସ୍ଥାନୀୟ ଜିଲ୍ଲା ମୁଖ୍ୟ ଡାକଘର ସମ୍ମୁଖରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ମନୋଜ କୁମାର ରାଉତଙ୍କ ସଭାପତିତ୍ୱରେ ଶହଶହ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଓ କର୍ମୀମାନେ ଉପସ୍ଥିତ ରହି ପ୍ରତିବାଦର ସ୍ୱର ଉଠାଇଥିଲେ। ପୂର୍ବତନ ରାଜ୍ୟସଭା ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଏଭଳି ଘଟଣାକୁ ନିନ୍ଦା କରିବା ସହ ବିଜେପି ଦଳ କଂଗ୍ରେସ ଦଳ ପ୍ରତି ଥିବା ଏପରି ମନୋଭାବକୁ ଦୂରରେ ରଖିବା ପାଇଁ କହିଛନ୍ତି। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା କଂଗ୍ରେସ ଦଳ ପ୍ରତି ଆକ୍ରୋଶ ମନୋଭାବ ଓ କଂଗ୍ରେସକୁ ଦେଶରେ ଦୁର୍ବଳ କରିବାକୁ ବିଜେପିର ଏଜେଣ୍ଡାକୁ ତୀବ୍ର ବିରୋଧ କରିଥିଲେ ।ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ସାହାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ,ଦିଗମ୍ବର କର,ଅଜୟ ସାମଲ, ବଳଭଦ୍ର ଦାସ, ନାରାୟଣ ସାମନ୍ତ, ଶ୍ରୀନାଥ ମିଶ୍ର, ରୀତାଶ୍ରୀ ମହାନ୍ତି,ରାଜୀବ ମହାପାତ୍ର, ଦୁର୍ଯ୍ୟୋଧନ ବେହେରା, ରାଜନାରାୟଣ ମହାପାତ୍ର,କିଷାନ ପଣ୍ଡା, ଯଯାତୀ ନାୟକ, ବିଷ୍ଣୁ ପ୍ରତାପ ସାମଲ, ସନ୍ତୋଷ ବେହେରା, ବିଦ୍ୟାଧର ମହାନ୍ତି, ବିଳାସ ରାଉତରାୟ,ଗଦାଧର ଦାସ,ରଘୁନାଥ ସାହୁ, ଗୋବିନ୍ଦ ସାହୁ,ବିଦ୍ୟାଧର ବାରିକ, ଅନିଲ ମହାନ୍ତି, ନିକୁଂଜ ସାମଲ, ବିଜୟ ମହାପାତ୍ର, ଅଶୋକ ଦାସ, ଶ୍ୟାମସୁନ୍ଦର କର,କନକଲତା ମଲିକ, ପ୍ରତିମା କର, ଭାସ୍କର ମହାନ୍ତି,କନକଲତା ରାଉତ,ରଂଜିତା ରାଉତ,ସଂଗ୍ରାମ ଜେନା, ସୁଦିପ କର, ବିଭୂତି ମହାପାତ୍ର, ଅଶୋକ ମହାନ୍ତି, ପ୍ରଶାନ୍ତ ସାହୁ, ଅକ୍ଷୟ ଜେନା, ଦିଲିପ ମଲିକ, ପୂର୍ଣ୍ଣ ଜେନା, ସୁରେଶ ସାହାଣି, ପୁଷ୍ପଲତା ପାତ୍ର, ରଂଜିତା ଦାଶ, ଜ୍ୟୋତିସ୍ମିତା ରାଉତ, ଅନ୍ନପୂର୍ଣ୍ଣା ତରାଇ,ଅରୁନ୍ଧତୀ ପରିଡା, କବିତା ମଲିକ, ବନିତା ବେହେରା, ସ୍ୱପ୍ନା ବେହୁରିଆ, ରାଇଚରଣ ମହାନ୍ତି,ଅରଜିତ ନାୟକ, ବିଶ୍ୱ ପ୍ରକାଶ ସାମଲ,ରଣଜିତ ରାଜ,ଚନ୍ଦ୍ର ଶେଖର ସାହୁ, ବିମଳ ମଲିକ, ଅନନ୍ତ ଦାସ, ଅକ୍ଷୟ ଶତପଥୀ,ଗଣେଷ ଦାସ, ବିଭୂଭୂଷଣ ରାଉତ, ଦୟାନିଧି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀ: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଶୁକ୍ରବାର ମନିଲଣ୍ଡ୍ରିଂ କେସ୍‌ରେ ପଳାତକ ନୀରବ ମୋଦୀଙ୍କ ୨୫୩ କୋଟିରୁ ଅଧିକ ସଂପତ୍ତିକୁ ଜବତ କରିଛି। ଏହି ଜବତ ସଂପତ୍ତି ମଧ୍ୟରେ ଜୁଏଲରୀ ଓ ବ୍ୟାଙ୍କରେ ଗଚ୍ଛିତ ଅର୍ଥ ସାମିଲ ରହିଛି। ଇଡିର ସୂଚନାନୁଯାୟୀ ଜବତ ସଂପତ୍ତି ହଂକଂରେ ରହିଛି। ନୀରବ ମୋଦୀ ବର୍ତ୍ତମାନ ବ୍ରିଟେନର ଏକ ଜେଲ୍‌ରେ ବନ୍ଦୀ ଜୀବନ ବିତାଉଛନ୍ତି। ଅର୍ଥ ହେରଫେର ଅଭିଯୋଗରେ ନୀରବ ମୋଦୀଙ୍କ ବିରୁଦ୍ଧରେ ସିବିଆଇ ଯାଞ୍ଚ ବି ଚଳାଇଛି।



## ଅନାହାର ମୃତ୍ୟୁକୁ ନେଇ ଚିନ୍ତା

ନୂଆଦିଲ୍ଲୀ: ଦେଶରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ଖରାପ ଏବଂ ଅନାହାରରେ ମୃତ୍ୟୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହା ଉପରେ ଜଷ୍ଟିସ ଏମଆର ଶାହା ଏବଂ ଜଷ୍ଟିସ ବି.ଭି ନାଗରତ୍ନ କହିଛନ୍ତି ଯେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହେବା ସତ୍ତ୍ୱେ ଅନାହାରଜନିତ ମୃତ୍ୟୁ ଚିନ୍ତାର ବିଷୟ ପାଲଟିଛି। ତଥାପି ଲୋକମାନେ ପେଟରେ କପଡା ବାନ୍ଧି ପାଣି ପିଇ ଭୋକ ମେଣ୍ଟାଇବାକୁ ବାଧ ହେଉଛନ୍ତି। କୋର୍ଟ କହିଛନ୍ତି ଯେ ଦେଶର ସମସ୍ତ ଶ୍ରମିକଙ୍କୁ ରାସନ କାର୍ଡ ଦିଆଯିବା ଉଚିତ, ଯାହାଫଳରେ ସେମାନେ କମ୍ ଟଙ୍କା କିମ୍ବା ମାଗଣାରେ ମାଗଣା ରାସନ ପାଇପାରିବେ। ବାସ୍ତବରେ ସୁପ୍ରିମକୋର୍ଟ ନିଜେ କରୋନା ଅବଧିରେ ପ୍ରବାସୀ ଶ୍ରମିକଙ୍କ ଖରାପ ଅବସ୍ଥା ବିଷୟକୁ ଭଲଭାବେ ହୃଦୟଙ୍ଗମ କରିଛନ୍ତି। ଅଦାଲତରେ ହାଜର ହୋଇଥିବା ଆମିକସ୍ କ୍ୟୁରି କହିଛନ୍ତି ଯେ ଭୋକ କାରଣରୁ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ମାମଲା ଧିରେ ଧିରେ ସାମ୍ନାକୁ ଆସୁଛି। ଗାଁର ଲୋକମାନେ ବେତନ ନ ପାଇ ପେଟରେ କପଡ଼ା ବାନ୍ଧି ପାଣି ପିଇ ଭୋକରେ କାଳାତିପାତ କରୁଛନ୍ତି। ଏହା ଉପରେ ଜଷ୍ଟିସ୍ ଶାହା କହିଛନ୍ତି, 'ଆମେ ଏହା ପୂର୍ବରୁ ମଧ୍ୟ କହିଛୁ ଯେ କୌଣସି ନାଗରିକ ଭୋକରେ ମରିବା ଉଚିତ୍ ନୁହେଁ। ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭାଟି କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ଯଥାସମ୍ଭବ ସହାୟତା ପ୍ରଦାନ କରୁଛନ୍ତି। ଜଷ୍ଟିସ ଶାହା ଆହୁରି କହିଛନ୍ତି ଯେ ଯଦି କୌଣସି କାରଣରୁ ଅଭାବୀ ଲୋକମାନେ ସରକାରଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇପାରୁନାହାନ୍ତି ତେବେ ସରକାର ସେମାନଙ୍କ ପାଖକୁ ଯିବା ଉଚିତ୍। ଏହା ଏପରି ହେବା ଉଚିତ୍ କି ଯଦି ତୃଷାର୍ତ୍ତ କୂଅ ପାଖରେ ପହଞ୍ଚିପାରୁ ନାହିଁ ତେବେ କୂଅ ତୃଷାର୍ତ୍ତଙ୍କୁ ପାଖକୁ ଯିବା ଉଚିତ୍। ଏହି ଧାରଣାକୁ ବାସ୍ତବରେ ପରିଣତ କରିବାକୁ ସରକାର ଚେଷ୍ଟା କରିବା ଉଚିତ୍। ଅଦାଲତ କହିଛନ୍ତି ଯେ ପ୍ରବାସୀ ଶ୍ରମିକମାନଙ୍କୁ ଖାଦ୍ୟ ଏବଂ ରାସନ କାର୍ଡ ଦେବା ଉପରେ କେନ୍ଦ୍ର ସରକାର ପରାମର୍ଶ ଦେବା ଉଚିତ୍। ଯେତେବେଳେ ଶ୍ରମିକଙ୍କ ପଞ୍ଜୀକରଣ ବିଷୟରେ ଭାଟି କୋର୍ଟକୁ ସୂଚନା ଦେଇଥିଲେ ଜଷ୍ଟିସ୍ ଶାହା କହିଛନ୍ତି ଯେ ଦେଶରେ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକ ରାସନ କାର୍ଡ ବିନା ଦିନ କାଟୁଛନ୍ତି। ଦେଶର କୃଷକ ଏବଂ ଶ୍ରମିକମାନେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୋର୍ଟ କହିଛନ୍ତି। କୃଷକ, ଖାଦ୍ୟ ଦାତା ଏବଂ ଶ୍ରମିକମାନେ ଦେଶ ନିର୍ମାଣରେ ଏକ ଭୂମିକା ଗ୍ରହଣ କରନ୍ତି। ସେମାନଙ୍କୁ ଅଣଦେଖା କରାଯାଇପାରିବ ନାହିଁ। ଉଭୟ ସାହାଯ୍ୟ ପାଇବାକୁ ଯୋଗ୍ୟ। କେତେକ ରାଜ୍ୟ ଏହି ପ୍ରସଙ୍ଗରେ ପଛରେ ଅଛନ୍ତି।

- ଲୋକଙ୍କ ପାଖକୁ ଯିବାକୁ ସରକାରଙ୍କୁ ପରାମର୍ଶ
- ଦେଶରେ ବହୁ ସଂଖ୍ୟକ ପ୍ରବାସୀ ଶ୍ରମିକଙ୍କ ପାଖରେ ରାସନ କାର୍ଡ ନାହିଁ
- ଦେଶରେ କୃଷକ ଓ ଶ୍ରମିକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ



## ପୁଣି ଘାରିଲା ସୌରଝଡ଼ ଭୟ



ନୂଆଦିଲ୍ଲୀ: ଚଳିତବର୍ଷ ପ୍ରାରମ୍ଭରୁ ସୂର୍ଯ୍ୟରେ ବିସ୍ଫୋରଣ ଘଟଣା ବୃଦ୍ଧି ପାଇଚାଲିଛି। ଗୁରୁବାର ବି ସୂର୍ଯ୍ୟରେ ଏଭଳି ଏକ ବଡ଼ ବିସ୍ଫୋରଣ ହୋଇ ସୁନାମୀ ଆସିଛି ଯାହାର ପ୍ରଭାବ ଆସନ୍ତାକାଲି ଅର୍ଥାତ ଶନିବାର ପୃଥିବୀ ଉପରେ ପ୍ରଭାବ ପକାଇପାରେ। ସୂର୍ଯ୍ୟରୁ ବିକିରଣ ହେଉଥିବା ସୌର ଝଡ଼ ପୃଥିବୀର ଚୁମ୍ବକୀୟ ଶକ୍ତିକୁ ପ୍ରଭାବିତ କରିବ ବୋଲି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଆଇଏସ୍‌ଇଆର୍)କୋଲକାତା ସୂଚନା ଦେଇଛି। ସୌର ଝଡ଼ ଏଭଳି ଏକ ବିକିରଣ ଯାହା ସଂପୂର୍ଣ୍ଣ ସୌରମଣ୍ଡଳକୁ ସଂପୂର୍ଣ୍ଣ ଭାବେ ପ୍ରଭାବିତ କରିବାର କ୍ଷମତା ରହିଛି। ସୂଚନାନୁଯାୟୀ ସୂର୍ଯ୍ୟରୁ ଆସୁଥିବା ସୌରଝଡ଼ର ଗତି ଘଣ୍ଟାପ୍ରତି ୩୮,୨୬,୮୦୦ କିଲୋମିଟର ବେଗ ରହିଛି। ସେହିପରି ନ୍ୟାସନାଲ ଓସିଏନିକ୍ ଆଣ୍ଡ ଆଟମସ୍ଫିରିକ୍ ଆଡମିନିଷ୍ଟ୍ରେସନ୍ (ଏନ୍‌ଓଏଏ) ଚେତାବନୀ ଜାରି କରି କହିଛି କି ପୃଥିବୀ ଉପରେ ଶନିବାର ଜି୧, ଜି୨ ଓ ଜି୩ କାଟାଗୋରୀର ସୌରଝଡ଼ ପ୍ରଭାବ ପକାଇପାରେ। ଏହା ଯଥାକ୍ରମେ ଦୁର୍ବଳ, ମଧ୍ୟ ଓ ଉଚ୍ଚ ଶ୍ରେଣୀଭୁକ୍ତ। ତେବେ ଏହି ଧରଣର ସୌରଝଡ଼ ଜି୫ ଭଳି ଭୟାନକ ନୁହେଁ। ତଥାପି ବି ବହୁକ୍ଷେତ୍ରରେ ଏହା କ୍ଷତି କରିବାର କ୍ଷମତା ରହିଛି। ବୈଜ୍ଞାନିକଙ୍କ ସୂଚନାନୁଯାୟୀ ଶନିବାର ସୌରଝଡ଼ ପୃଥିବୀରେ ମାଡ଼ ହେବା ଯୋଗୁଁ ବିଶ୍ୱରେ ରେଡିଓ ବ୍ଲାକଆଉଟ୍ ଭଳି ସ୍ଥିତି ଉପୁଜିପାରେ। ଏଥିସହ ଜିପିଏସ୍ ସିଷ୍ଟମ୍ ଓ ୱେରଲେସ୍ ସରଞ୍ଜାମଗୁଡ଼ିକୁ ପ୍ରଭାବିତ କରିପାରେ। ପରନ୍ତୁ ମୋବାଇଲ୍ ନେଟ୍‌ୱର୍କ, ଇଣ୍ଟରନେଟ୍ ଓ ବିଦ୍ୟୁତ ଯୋଗାଣ ଆଦି କ୍ଷେତ୍ରରେ ସେପରି କୌଣସି ପ୍ରଭାବ ପକାଇବ ନାହିଁ। ଆକାଶରେ ବିଜୁଳି ଭଳି ଆଲୋକ ଚମକିବା ଲୋକେ ଦେଖିବାକୁ ପାରପାରନ୍ତି।

## ୪ କୋଟି ଲୋକ କରୋନା ଟିକା ନେଇ ନାହାନ୍ତି

ନୂଆଦିଲ୍ଲୀ, ମାନବିକତା ପ୍ରତି ବିପଦକୁ ଏଡ଼ାଇବା ପାଇଁ ସବୁଠାରୁ ସଠିକ ଉପାୟ ଏବଂ ଶତାବ୍ଦୀର ସବୁଠାରୁ ବଡ ମହାମାରୀ ହେଉଛି କରୋନା ବିରୋଧୀ ଟିକା ସୁରକ୍ଷା। ଏହା ସତ୍ତ୍ୱେ ଦେଶରେ ପ୍ରାୟ ୪୦ ନିୟୁତ ବୟସ୍କ ଅଛନ୍ତି ଯେଉଁମାନେ ଏପର୍ଯ୍ୟନ୍ତ ଟିକାର ଗୋଟିଏ ମାତ୍ର ଡୋଜ୍ ନେଇନାହାଁନ୍ତି। ତେବେ ଯୋଗ୍ୟ ଜନସଂଖ୍ୟାର ୯୦ ପ୍ରତିଶତଙ୍କୁ ସମ୍ପୂର୍ଣ୍ଣ ଟିକା ଦିଆଯାଇଛି। ସରକାର ଶୁକ୍ରବାର ଲୋକସଭାକୁ ଏହି ସୂଚନା ଦେଇଛନ୍ତି। ଚାରି କୋଟି ଲୋକ ଗୋଟିଏ ମାତ୍ର ଡୋଜ ପାଇଲେ ନାହିଁ। ଲୋକସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଭାରତ ପ୍ରବୀଣ ପାୱାର ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଜୁଲାଇ ୧୮ ସୁଦ୍ଧା ଆନୁମାନିକ ଚାରି କୋଟି ଯୋଗ୍ୟ ହିତାଧିକାରୀ କରୋନା ବିରୋଧୀ ଟିକା ନେଇନାହାଁନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀଙ୍କ ଅନୁଯାୟୀ ଦେଶର ୯୮ ପ୍ରତିଶତ ବୟସ୍କ ଲୋକ ଅନ୍ତତଃ ପକ୍ଷେ ଗୋଟିଏ କରୋନା ଟିକା ଗ୍ରହଣ କରିଛନ୍ତି ଏବଂ ୯୦ ପ୍ରତିଶତ ଦୁଇଟି ଡୋଜ୍ ଟିକା ନେଇଛନ୍ତି।

## ଦିଲ୍ଲୀରେ ନୂତନ ଏକ୍ସାଇଜ ପଲିସର ସିବିଆଇ ଯାଞ୍ଚ ନିର୍ଦ୍ଦେଶ

ନୂଆଦିଲ୍ଲୀ:ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନୂତନ ଏକ୍ସାଇଜ ନୀତିର ସିବିଆଇ ଯାଞ୍ଚ ପାଇଁ ଆଦେଶ ଦେଇଛନ୍ତି। ଉପରାଜ୍ୟପାଳ ସକ୍ସେନା ନୂତନ ଏକ୍ସାଇଜ ନୀତି ଉପରେ ମୁଖ୍ୟ ସଚିବ ନରେଶ କୁମାରଙ୍କ ରିପୋର୍ଟକୁ ନେଇ ଏହି ଯାଞ୍ଚ ଆଦେଶ ନେଇଛନ୍ତି। ମୁଖ୍ୟ ସଚିବଙ୍କ ରିପୋର୍ଟରେ ସିଧା ସଳଖ ଉପମୁଖ୍ୟମନ୍ତ୍ରୀ ମନୀଷ ସେସୋଡିଆଙ୍କୁ ଟାର୍ଗେଟ କରାଯାଇଛି। ରିପୋର୍ଟରେ ଦର୍ଶାଯାଇଛି, ଜାରି ହୋଇଥିବା ନୂତନ ଏକ୍ସାଇଜ ନିୟମ ମଦ ଲାଇସେନ୍ସଧାରୀଙ୍କୁ ଲାଭ ପହଞ୍ଚାଉଛି। ମନୀଷ ସିସୋଡିଆଙ୍କ ନାମରେ ଅଭିଯୋଗ ହେବା ପରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏକ ଭିଡିଓ ଜାରି କରିଛନ୍ତି ଯେଉଁଥିରେ କେଜରିୱାଲ କହିଛନ୍ତି,"ମୁଁ ମନୀଷ ସିସୋଡିଆଙ୍କୁ ୨୨ ବର୍ଷ ହେବ ଜାଣିଛି। ସିସୋଡିଆ ଜଣେ ଅତି ସଚ୍ଚୋଟ ଲୋକ ଏବଂ ଦେଶଭକ୍ତ ଅଟନ୍ତି। ମନୀଷ ରାତି ଦିନ ପରିଶ୍ରମ କରି ଦିଲ୍ଲୀର ସ୍କୁଲଗୁଡିକୁ ବହୁତ ବଢ଼ିଆ କରିଛନ୍ତି। ଆମ ଆଦମୀ ଦଳ ଅତି ସଚ୍ଚୋଟ ଏବଂ ଦେଶ ଭକ୍ତ।

## ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେଲେ ସଲମାନ୍

ମୁମ୍ବଇ:ଅଭିନେତା ସଲମାନ ଖାନ ଶୁକ୍ରବାର ମୁମ୍ବଇର ନୂଆ ପୋଲିସ କମିଶନର ବିବେକ ଫନସଲକରଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କ ଅଫିସରେ ପହଞ୍ଚିଥିଲେ। କମିଶନର ଅଫିସରୁ ଫେରିବା ସମୟରେ ସାମ୍ବାଦିକମାନେ ଏହାର କାରଣ ଜାଣିବାକୁ ଚାହିଁଥିଲେ, କିନ୍ତୁ ସଲମାନ କୌଣସି ଉତ୍ତର ନ ଦେଇ କାରରେ ବସି ଚାଲିଗଲା ବେଳେ କହିଲେ, କମିଶନରଙ୍କ ସହିତ ଥିଲା ମୋର ସୌଜନ୍ୟ ମୂଳକ ସାକ୍ଷାତାକାର ଥିଲା। କିନ୍ତୁ ଅନୁମାନ କରାଯାଉଛି ଲରେନ୍ସ ବିଶ୍ନୋଇଙ୍କ ପକ୍ଷରୁ ସଲମାନଙ୍କର ବାପା ସଲିମ ଖାନଙ୍କୁ ଧମକ ପ୍ରସଙ୍ଗରେ ଆଲୋଚନା ହୋଇଥାଇପାରେ।ଏହି ମାମଲାର ଯାଞ୍ଚ ପୂର୍ବତନ ପୋଲିସ କମିଶନର ସଞ୍ଜୟ ପାଣ୍ଡେ କରୁଥିଲେ।

## ରେଳ ବିଭାଗର ୨୫୯.୪୪କୋଟି ଟଙ୍କା କ୍ଷତି

ନୂଆଦିଲ୍ଲୀ: ଅଗ୍ନିପଥ ଯୋଜନାକୁ ବିରୋଧ କରି ସାରା ଦେଶରେ ହୋଇଥିବା ଆନ୍ଦୋଳନ ଯୋଗୁଁ ରେଳ ବିଭାଗର ୨୫୯.୪୪କୋଟି ଟଙ୍କା କ୍ଷତି ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ରାଜ୍ୟସଭାରେ ସୂଚନା ଦେଇଛନ୍ତି। ସାରା ଦେଶରେ ବିରୋଧାତ୍ମକ ଆନ୍ଦୋଳନ ଚାଲିଥିବା ସମୟରେ ଆନ୍ଦୋଳନକାରୀ ରେଳ ବିଭାଗ ସମ୍ପତ୍ତିରେ ନିଆଁ ଲଗାଇ ଦେଇଥିଲେ। କେତେକ ରାଜ୍ୟରେ ଟ୍ରେନ ବି ଜଳାଇ ଦେଇଥିଲେ।

**ଅଗ୍ନିପଥ ଯୋଜନା ବିରୋଧୀ ଆନ୍ଦୋଳନ**

## ମୁଦ୍ରାସ୍ଫୀତି, ଜିଏସ୍‌ଟି ଓ କୃଷକଙ୍କୁ ନେଇ ଉଭୟ ସଦନରେ ହଙ୍ଗାମା

ନୂଆଦିଲ୍ଲୀ: ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ବିରୋଧୀଦଳ ଲୋକସଭାରେ ମୁଦ୍ରାସ୍ଫୀତି, ଜିଏସ୍‌ଟି ପ୍ରସଙ୍ଗ ଉପରେ ଜବରଦସ୍ତ ହଙ୍ଗାମା କରିଛନ୍ତି। ବିରୋଧୀଦଳ ସରକାରଙ୍କୁ ମୁଖ୍ୟ ପ୍ରସଙ୍ଗରେ ବିତର୍କରୁ ଦୂରେଇ ରଖିଥିବା ଅଭିଯୋଗ କରିଛନ୍ତି। ଏହାପୂର୍ବରୁ 'ଦ ଇଣ୍ଡିଆନ୍ ଆଣ୍ଟାର୍କଟିକ୍ ବିଲ୍, ୨୦୨୨' ଲୋକସଭାରେ ପାରିତ ହୋଇଥିଲା। ଏହି ବିଲ୍ ମାଧ୍ୟମରେ ଆଣ୍ଟାର୍କଟିକାର ପରିବେଶ ତଥା ଏହାର ଜଡିତ ଇକୋସିଷ୍ଟମର ସୁରକ୍ଷା ପାଇଁ ଭାରତୀୟ ଜ୍ଞାନକୌଶଳକୁ ବ୍ୟବହାର କରାଯିବ। ଏହା ଉପରେ ବାଚସ୍ପତି ବିରୋଧୀ ଦଳର ନେତାମାନଙ୍କୁ ପ୍ରଶ୍ନ କରିଥିଲେ କି ଆପଣ ଗୃହରେ ହୋହାଲ୍ଲା କରିବା ପାଇଁ ଆସିଛନ୍ତି ନା ଜନସାଧାରଣଙ୍କ ସହ ଜଡିତ ପ୍ରସଙ୍ଗ ଉଠାଇବାକୁ ଆସିଛନ୍ତି କି? ବାଚସ୍ପତି ଓମ୍ ବିର୍ଲା ସଦସ୍ୟମାନଙ୍କୁ ଗୃହ ଚଳାଇବାକୁ ଅନୁରୋଧ କରିଥିଲେ ବି ବିରୋଧୀ କିନ୍ତୁ ଏହାକୁ ଭ୍ରୂକ୍ଷେପ କରିନଥିଲେ। ଫଳରେ ବାଧହୋଇ ବାଚସ୍ପତି ଗୃହକୁ ସ୍ଥଗିତ ରଖିଥିଲେ। ସେହିପରି ପ୍ରଥମମ ସ୍ଥଗିତାଦେଶ ପରେ ରାଜ୍ୟସଭାରେ ବି ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ରାଜ୍ୟସଭାର ପ୍ରଶ୍ନକାଳରେ ପଞ୍ଜାବର ଆପ୍ ସାଂସଦ ଡକ୍ଟର ଅଶୋକ କୁମାର ମିତ୍ତଲ କୃଷକଙ୍କ ଏମଏସ୍‌ପି ସହ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। କୃଷି ଓ କୃଷକ କଲ୍ୟାଣ ରାଜ୍ୟମନ୍ତ୍ରୀ କୈଳାଶ ଚୌଧୁରୀ ଏହା ଉପରେ ସ୍ପଷ୍ଟୀକରଣ ଦେଇ କହିଥିଲେ କି ସରକାର କୃଷକଙ୍କ ସମସ୍ୟା ଉପରେ ଚର୍ଚ୍ଚା କରିବା ପାଇଁ ରାଜ୍ୟ କୃଷିମନ୍ତ୍ରୀଙ୍କ ସହ ବୈଠକ କରୁଛନ୍ତି। ଚାଷ ହେଉଛି ରାଜ୍ୟର ମାମଲା ତଥାପି ବି କେନ୍ଦ୍ର କୃଷକ କଲ୍ୟାଣ ପାଇଁ କିଛି ଯୋଜନା ପ୍ରଣୟନ କରିଛନ୍ତି। କୃଷିମନ୍ତ୍ରୀଙ୍କ ବୟାନ ପରେ ରାଜ୍ୟସଭାରେ ଜୋର୍‌ସୋର୍ ହଙ୍ଗାମା ହୋଇଥିଲା।



ମୁଦ୍ରାସ୍ଫୀତି ବୃଦ୍ଧି ବିରୋଧରେ କଂଗ୍ରେସ ସାଂସଦମାନେ ସଂସଦ ପରିସରରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**'ଦ ଇଣ୍ଡିଆନ୍ ଆଣ୍ଟାର୍କଟିକ୍ ବିଲ୍, ୨୦୨୨' ପାରିତ**

# ବାଣିଜ୍ୟ



ନୂଆଦିଲ୍ଲୀ: ଧୂମପାନ ଉପରେ ସରକାର କଟକଣା ଲଗାଇବାକୁ ଚାହାନ୍ତି। ଏହାର ସ୍ୱଳ୍ପ ବ୍ୟବହାର ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶ ଅନୁସାରେ ଏଣିକି ସିଗାରେଟ୍ ଏବଂ ଅନ୍ୟ ତମାଖୁ ପ୍ୟାକେଟ୍ ଉପରେ ବଡ଼ ବଡ଼ ଅକ୍ଷରରେ ତମାଖୁ ସେବନ ମାନେ ଅକାଳ ମୃତ୍ୟୁ ବୋଲି ଲେଖାଯିବ। ସୂଚନାଯୋଗ୍ୟ ଯେ, ପୂର୍ବରୁ ସିଗାରେଟ ପ୍ୟାକେଟ ଉପରେ ତମାଖୁ ଅର୍ଥାତ ଭୟଙ୍କର ମୃତ୍ୟୁ ବୋଲି ଲେଖା ଯାଉଥିଲା। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଏହି ସଂଶୋଧିତ ନିୟମ ଜୁଲାଇ ୨୧ରେ ଜାରି କରାଯାଇଛି। ନୂଆ ନିୟମ ଆସନ୍ତା ଡିସେମ୍ବର ସୁଦ୍ଧା ଲାଗୁ ହେବ।

## ଓପୋର ନୂଆ ରେନୋ୮ ସିରିଜ୍‌ର ଶୁଭାରମ୍ଭ



ନୂଆଦିଲ୍ଲୀ: ଓପୋ ପକ୍ଷରୁ ଭାରତରେ ଏହାର ନୂଆ ରେନୋ ସିରିଜ୍- ୪୫୯୯୯ ଟଙ୍କା ମୂଲ୍ୟରେ ଓପୋ ରେନୋ୮ ପ୍ରୋ ୫ଜି ଓ ୨୯୯୯୯ ଟଙ୍କା ମୂଲ୍ୟରେ ଓପୋ ରେନୋ୮ ୫ଜିର ଶୁଭାରମ୍ଭର ଘୋଷଣା କରାଯାଇଛି। ନୂଆ ଓପୋ ରେନୋ୮ ପ୍ରୋ ୫ଜି ହେଉଛି ଏକ ଇମେଜିଂ ଏକ୍ସପର୍ଟ ଯାହାକି ଓପୋର ନିଜସ୍ୱ ଇମେଜିଂ ଏନ୍‌ପିୟୁ, ମାରିସିଲିକନ୍ ଏକ୍ସ ଦ୍ୱାରା ସମର୍ଥିତ। ଏହି ସ୍ୱ-ବିକଶିତ ଏନ୍‌ପିୟୁରେ ୩.୫ ବିଲିୟନ ଟ୍ରାଞ୍ଜିଷ୍ଟର୍ ରହିଛି ଏବଂ ଏହା ପ୍ରତି ସେକେଣ୍ଡ ପିଛା ୧୮ ଟ୍ରିଲିୟନ ପରିଚାଳନା ପାଇଁ ସକ୍ଷମ। ଏହି ପ୍ରୋସେସିଂ ମସଲ୍ ଆହ୍ୱାନପୂର୍ଣ୍ଣ ପରିଦୃଶ୍ୟରେ ମଧ୍ୟରେ କ୍ରିସ୍ପ ଓ କ୍ଲିୟର ୪କେ ଅଲଟ୍ରା ନାଇଟ୍ ଭିଡିଓ ଦେଇଥାଏ। ଏହି ହ୍ୟାଣ୍ଡସେଟ୍‌ରେ ଆରଜିବିଡବ୍ଲ୍ୟୁ ସୋନି ଆଇଏମ୍‌ଏକ୍ସ୭୦୯ ସେଲ୍ଫି ସେନ୍ସର ଓ ସୋନିର ୫୦ଏମ୍‌ପି ଆଇଏମ୍‌ଏକ୍ସ୭୬୬ ରିୟର ସୁଟର୍ ରହିଛି। ଏହାର ରିୟର ସେଟ୍‌ଅପ୍‌ରେ ଏକ ୧୧୨° ଏମ୍‌ପି ଅଲଟ୍ରା-ୱାଇଡ୍-ଆଙ୍ଗେଲ୍ କ୍ୟାମେରା ଓ ଏକ ୨ଏମ୍‌ପି ମାକ୍ରୋ ସ୍ନାପର୍ ରହିଛି। ଡିଜାଇନ୍ କ୍ଷେତ୍ରରେ, ଗ୍ଲେଜ୍‌ଡ ଗ୍ରୀନ୍ ଓ ଗ୍ଲେଜ୍‌ଡ ବ୍ଲାକ୍ କଲର୍‌ରେ ଉପଲବ୍ଧ ହେବାକୁ ଥିବା ରେନୋ୮ ପ୍ରୋରେ ଏକ ଗୋରିଲା ଗ୍ଲାସ୍ ୫ ବ୍ୟାକ୍ ସହିତ ଏକ ଷ୍ଟ୍ରିମ୍‌ଲାଇନ୍‌ଡ ୟୁନିବଡି ଡିଜାଇନ୍ ଏବଂ ଅଧିକ ସ୍ଥାୟିତ୍ୱ ପାଇଁ ଏକ ଆଲୁମିନିୟମ ଫ୍ରେମ୍ ରହିଛି। ଏହି ହ୍ୟାଣ୍ଡସେଟ୍‌ରେ ମିଡିଆଟେକ୍ ଡାଇମେନ୍‌ସିଟି ୮୧୦୦-ମ୍ୟାକ୍ସ ଏସ୍‌ଓସି ଏବଂ ଓପୋର ୮୦ୱାଟ୍ ସୁପରଭିଓଓସିଟିଏମ୍ ଫ୍ଲାଶ୍ ଚାର୍ଜ ସହିତ ଏକ ୪୫୦୦ଏମ୍‌ଏଏଚ୍ ବ୍ୟାଟେରୀ ରହିଛି। ଓପୋ ରେନୋ୮ ୫ଜିରେ ସମାନ ଡୁଆଲ ସୋନି କ୍ୟାମେରା ସେନ୍ସର, ଆଇଏମ୍‌ଏକ୍ସ୭୦୯ ଓ ଆଇଏମ୍‌ଏକ୍ସ୭୬୬ ରହିଛି। ଏଥିରେ ଅଲଟ୍ରା ନାଇଟ୍ ଭିଡିଓ, ନାଇଟ୍ ପୋର୍ଟ୍ରେଟ୍ ଓ ବୋକେ ଫ୍ଲେୟାର ଭିଡିଓ ଭଳି ଏଆଇ-ଏନହାନ୍ସଡ୍ ଇମେଜିଂ ଫିଚରଗୁଡିକର ଓପୋର ସମୃଦ୍ଧ ଇକୋସିଷ୍ଟମ ରହିଛି। ମିଡିଆଟେକ୍ ଡାଇମେନ୍‌ସିଟି ୧୩୦୦ ଏସ୍‌ଓସି ସହ ଓପୋର ସୁପର୍-କଣ୍ଡକ୍ଟିଭ୍ ଭିସି ଲିକ୍ୱିଡ୍ କୁଲିଙ୍ଗ୍ ସିଷ୍ଟମ ଓ କଲରଓଏସ୍ ୧୨.୧ ଦ୍ୱାରା ପରିଚାଳିତ ଏହି ଡିଭାଇସ୍‌କୁ ଉପଭୋକ୍ତାଙ୍କୁ ଏକ ଅଲରାଉଣ୍ଡ ପ୍ରଦର୍ଶନ ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି।

## ୧୦ ଦିନିଆ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ଭୂମିକା ଦାସ ଓ ଦିବ୍ୟା ମହାନ୍ତିଙ୍କ ଦ୍ୱାରା ହୋଟେଲ୍ ଦ ନ୍ୟୁ ମାରିୟନ୍‌ରେ ଉଦ୍‌ଘାଟିତ ହେବାକୁ ଯାଉଛି। ଯାହା ଆସନ୍ତା ଜୁଲାଇ ୨୨-୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସୂକ୍ଷ୍ମ ପାରମ୍ପରିକ ସିଲ୍କ, କଟନ ଓ ବୁଣାକାରମାନଙ୍କ ଉତ୍ପାଦଗୁଡିକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସମସାମୟିକ ଓ ଆର୍ଥିକ ଦୃଷ୍ଟିରୁ ପ୍ରାସଙ୍ଗିକ କରିବା ଲାଗି କାରିଗର, ଡିଜାଇନର, ସାମାଜିକ କାର୍ଯ୍ୟକର୍ତ୍ତା, ଶିକ୍ଷାନୁଷ୍ଠାନ, ପରିବେଶବିତ୍ ଆଦିଙ୍କ ଏକ ଗୋଷ୍ଠୀ ଦ୍ୱାରା ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ପ୍ରତିଷ୍ଠା କରାଯାଇଥିଲା। ବିଭିନ୍ନ ରାଜ୍ୟର ବୁଣାକାରମାନେ ଚଳିତ ବର୍ଷର ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି ଯେଉଁଥିରେ ଆକର୍ଷଣୀୟ ଉପ୍ପଦା, ବନାରସି ସିଲ୍କ, ଗଡ୍‌ୱାଲ, ଧରମାଭରମ୍, ଜାମ୍‌ଦାନି, ଜମାୱାର ଓ ସମ୍ବଲପୁରୀ ଆଦି ସାମିଲ ରହିଛି। ଏଠାରେ ଦେଶର ପ୍ରତ୍ୟେକ ଅଂଚଳରୁ ଶାଢୀଠାରୁ ଆରମ୍ଭ କରି ଡ୍ରେସ୍ ମ୍ୟାଟେରିଆଲ, ସିଲ୍କ ଓ କଟନ ଶାଢୀ, ସୁଟ୍ ଡ୍ରେସ୍ ମ୍ୟାଟେରିଆଲ, ଫ୍ୟାଶନ ଜୁଏଲାରୀ,ହୋମ୍ ଫର୍ଣ୍ଣିସିଙ୍ଗ୍ ଡିଜାଇନର୍ ପୋଷାକ ଆଦି ସାମିଲ କରାଯାଇଛି। ଏହି ପ୍ରଦର୍ଶନୀ ଗ୍ରାହକମାନଙ୍କୁ ଭାରତର ରଙ୍ଗ, ବିବିଧତା ଓ ପ୍ରତିଭାର ଏକ ଉନ୍ନତ ସୁଯୋଗ ପ୍ରଦାନ କରିଛି। ୧୪ଟି ହସ୍ତତନ୍ତ ବୁଣାକାର ରାଜ୍ୟ ଯେପରିକି ଆସାମ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ବିହାର, ଓଡିଶା, ଛତିଶଗଡ, ଗୁଜରାଟ, ଜମ୍ମୁ ଓ କଶ୍ମୀର, ପଶ୍ଚିମବଙ୍ଗ ଏବଂ ବୁଣାକାରମାନଙ୍କ ସହ ସହଭାଗିତାରେ କାର୍ଯ୍ୟ କରୁଥିବା ମେଟ୍ରୋ ସହରଗୁଡିକର ଅନେକ ଡିଜାଇନର ଏଠାରେ ନିଜ କାର୍ଯ୍ୟର ୫୦,୦୦୦ରୁ ଅଧିକ ବିବିଧତା ପ୍ରଦର୍ଶନ କରିଛନ୍ତି।



## ସାସମଙ୍ଗ ସଲ୍‌ଭ ଫର୍ ଟୁମରୋ ପ୍ରତିଯୋଗିତାରେ ପଞ୍ଜିକୃତ ହୋଇଛନ୍ତି ୧୦ହଜାରରୁ ଅଧିକ ଯୁବକ

ନୂଆଦିଲ୍ଲୀ: ସମଗ୍ର ଭାରତର ଉଭୟ ଗ୍ରାମାଂଚଳ ଏବଂ ସହରାଂଚଳରୁ ବର୍ତ୍ତମାନ ପର୍ଯ୍ୟ' ୧୦,୦୦୦ରୁ ଅଧିକ ଯୁବକ ସାମସଙ୍ଗ ସଲଭ ଫର ଟୁମରୋ ପ୍ରତିଯୋଗିତା ପାଇଁ ପିକରଣ ଶେଷ କରିଛି'। ଏହି ପ୍ରତିଯୋଗିତାରେ ୧୬ରୁ ୨୨ ବର୍ଷର ଯୁବକମାନଙ୍କ ପାଇଁ ଆବେଦନର ଶେଷ ତାରିଖ ଜୁଲାଇ ୩୧, ୨୦୨୨ ପର୍ଯ୍ୟ' ରହିଛି। ଏହି ପ୍ରତିଯୋଗିତାରେ ତିନୋଟି ବିଜେତା ଟିମକୁ ଟ.୧ କୋଟିର ମେଗା ରାଶି ସହାୟତା ପ୍ରଦାନ କରାଯିବା ସହିତ ଆଇଆଇଟି ଦିଲ୍ଲୀରୁ ୬ମାସ ପାଇଁ ଦିଗଦର୍ଶନ ସହାୟତା ପ୍ରଦାନ କରାଯିବ। ଏଥି ମଧ୍ୟରୁ ୫୦ଟି ଶ୍ରେଷ୍ଠ ଟିମକୁ ଚୟନ କରାଯିବ ଯେଉଁମାନଙ୍କର ଉଦ୍ୟୋଗ ବିଶେଷଜ୍ଞ ଓ ଆଇଆଇଟି ଦିଲ୍ଲୀର ବିଶେଷଜ୍ଞମାନଙ୍କ ଦ୍ୱାରା ଦିଗଦର୍ଶନ ପ୍ରଦାନ କରାଯିବ। ସେମାନଙ୍କ ପାଇଁ ଏକ ବୁଟ କ୍ୟାମ୍ପର ମଧ୍ୟ ଆୟୋଜନ କରାଯିବ ଏବଂ ଅଂଶଗ୍ରହଣର ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯିବ। ଏହା ସହିତ ଅନଲାଇନ କୋର୍ସ ଯଥା ଡିଜାଇନ ଥିଙ୍କିଂ, ଷ୍ଟେମ, ଇନୋଭେସନ, ଲିଡରସିପ ଇତ୍ୟାଦି ପାଇଁ ଟ.୧୦,୦୦୦ର ଭାଉଚର ପ୍ରଦାନ କରାଯିବ। ଶ୍ରେଷ୍ଠ ୧୦ ଟିମ ସାମସଙ୍ଗ ଇଣ୍ଡିଆ ଅଫିସ ଓ ଏହାର ଆର ଆଣ୍ଡ ଡି ସେଂଟରକୁ ପରିଦର୍ଶନ କରିବାର ସୁଯୋଗ ପାଇବେ।

## ଆର୍‌ଏସ୍‌ପିର ପୁରୁଣା ହଟ୍ ଷ୍ଟ୍ରିପ୍ ମିଲ୍‌ର ଉତ୍ପାଦନ ମାଇଲଖୁଣ୍ଟ ଅତିକ୍ରମ



ରାଉରକେଲା(ଭାସ୍କର ନ୍ୟୁଜ୍): ସେଲ ରାଉରକେଲା ଇସ୍ପାତ କାରଖାନାର ଛଅ ଦଶନ୍ଧିରୁ ଉର୍ଦ୍ଧ୍ୱ ପୁରୁଣା ହଟ୍ ଷ୍ଟ୍ରିପ୍ ମିଲ୍-୧ ଜୁଲାଇ ୨୦ ତାରିଖ 'ସି' ସିଫ୍ଟରେ ୬୦ ନିୟୁତ ଟନ୍ ଏଚଆର କଏଲ୍ ଉତ୍ପାଦନର ପ୍ରମୁଖ ମାଇଲଖୁଣ୍ଟ ଅତିକ୍ରମ କରିଛି। ଆଉ ଏକ ମାଇଲଖୁଣ୍ଟ ହାସଲର ସଫଳତାକୁ ନେଇ ଅଭିନନ୍ଦନ ଜଣାଇବା ତଥା ଉତ୍ସବ ପାଳନ ପାଇଁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ, ଅତନୁ ଭୌମିକ ଜୁଲାଇ ୨୨ ତାରିଖରେ ହଟ ଷ୍ଟ୍ରିପ ମିଲ-୧ ପରିଦର୍ଶନ କରିଥିଲେ। ତାଙ୍କ ସହ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଏସ୍ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଅବସରରେ ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ହଟ ଷ୍ଟ୍ରିପ ମିଲ-୧ର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ହଟ ଷ୍ଟ୍ରିପ ମିଲ ସାମୂହିକଙ୍କୁ ଅଭିନନ୍ଦନ ଜଣାଇ ଭାରପ୍ରାପ୍ତ ନିର୍ଦ୍ଦେଶକ କହିଥିଲେ ଯେ, "ଏହି ମାଇଲଖୁଣ୍ଟ ଅତିକ୍ରମ କରିବା ହଟ ଷ୍ଟ୍ରିପ ମିଲ ସାମୂହିକଙ୍କ ଅସୀମିତ ସାମର୍ଥ୍ୟ ଓ ଦକ୍ଷତାର ପରିଚୟ ଦେଉଛି। ସାମୂହିକଙ୍କ ଅଦମ୍ୟ ପ୍ରୟାସ ନିଶ୍ଚିତ ଭାବରେ ଆରଏସପିକୁ ଆଗାମୀ ଦିନରେ ନୂତନ ଶିଖର ଛୁଇଁବାରେ ସାହାଯ୍ୟ କରିବ।" ଯଥାଶୀଘ୍ର ହଟ ଷ୍ଟ୍ରିପ ମିଲ-୨ କୁ ଦୃଢୀକରଣ କରିବା ପାଇଁ ସମସ୍ତ ଉଦ୍ୟମ କରିବାକୁ ସେ ସମସ୍ତଙ୍କୁ ଅନୁପ୍ରେରିତ କରିଥିଲେ। ଉତ୍ସବ ପାଳନ ଉପଲକ୍ଷେ ସେ ଏକ ବଡ କେକ ମଧ୍ୟ କାଟିଥିଲେ। ଶ୍ରୀ ସୂର୍ଯ୍ୟବଂଶୀ ତାଙ୍କ ବକ୍ତବ୍ୟରେ ହଟ ଷ୍ଟ୍ରିପ ମିଲ-୧ର ସାମୂହିକ ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ ଯାହା ଗତ କିଛି ବର୍ଷ ଧରି କ୍ରମାଗତ ଭାବରେ ଚମତ୍କାର ପ୍ରଦର୍ଶନ କରିଆସୁଛି ଏବଂ 'ଓଲ୍ଡ ଇଜ ଗୋଲ୍ଡ' ପ୍ରବାଦକୁ ଯଥାର୍ଥ ସାବ୍ୟସ୍ତ କରୁଛି। ଶ୍ରୀ ପି କେ ଶତପଥୀ ବିଭାଗକୁ ଅଭିନନ୍ଦନ ଜଣାଇ ସମସ୍ତଙ୍କୁ ଉତ୍କର୍ଷତାର ଧାରା ଜାରି ରଖିବାକୁ ଉତ୍ସାହିତ କରିଥିଲେ ଯାହା ବିଭାଗକୁ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିବାରେ ସାହାଯ୍ୟ କରିବ।

## ଡିଏସ୍‌ପି ନିଫ୍‌ଟି ମିଡକ୍ୟାପ ୧୫୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ ଘୋଷଣା

ମୁମ୍ବଇ: ଡିଏସ୍‌ପି ଇନଭେଷ୍ଟମେଣ୍ଟ ମ୍ୟାନେଜର୍ସ ପକ୍ଷରୁ ଡିଏସ୍‌ପି ନିଫ୍‌ଟି ମିଡକ୍ୟାପ ୧୫୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ୍ ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ନୂତନ ମାନ ଉପରେ ଦୃଷ୍ଟିନିବଦ୍ଧ କରୁଥିବା ମିଡ କ୍ୟାପ୍ ଫଣ୍ଡ୍ ନିବେଶକଙ୍କୁ ଉଚ୍ଚ ଅଭିବୃଦ୍ଧି ଓ ଲାଭ ଉପାର୍ଜନ ସମ୍ଭାବନା ତଥା କମ୍ ଆପଦ ଏବଂ ତୁଳନାତ୍ମକ ଭାବରେ ସ୍ଥିର ଆୟ ଦେଉଥିବା ମିଡ୍‌କ୍ୟାପ କମ୍ପାନୀଗୁଡ଼ିକରେ ନିବେଶ କରିବାର ବିକଳ୍ପ ଯୋଗାଇ ଦେଉଛି। ଡିଏସ୍‌ପି ନିଫ୍‌ଟି ମିଡକ୍ୟାପ ୧୫୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ୍ ନିଫ୍‌ଟି ମିଡକ୍ୟାପ୍ ୧୫୦ କ୍ୱାଲିଟି ୫୦ ଇଣ୍ଡେକ୍ସକୁ ଦୋହରାଉଥିବା ଏକ ଶୂନ୍ୟ ପାତର ଅ'ର, ନିୟମ ଆଧାରିତ ରଣକୌଶଳକୁ ଅନୁସରଣ କରୁଛି। ଏହି ଇଣ୍ଡେକ୍ସ ମୂଳ ନିଫ୍‌ଟି ମିଡକ୍ୟାପ୍ ୧୫୦ ଇଣ୍ଡେକ୍ସରୁ ଇକ୍ୱିଟି ଉପରେ ଆୟ, ଆର୍ଥିକ ଆପଦ (ଆର୍ଥିକ ସେବା କମ୍ପାନୀସମୂହଙ୍କ ବ୍ୟତୀତ) ଏବଂ ପ୍ରତ୍ୟେକ ଷ୍ଟକ୍‌ର ସେୟାର ପିଛା ଆୟ ଅଭିବୃଦ୍ଧି (ଇପିଏସ୍) ଆଦି ବିଷୟକୁ ବ୍ୟବହାର କରି 'କ୍ୱାଲିଟି ସ୍କୋର' ଆଧାରରେ ୫୦ଟି କମ୍ପାନୀକୁ ମନୋନୀତ କରୁଛି।

DSP INVESTMENT MANAGERS



ନୂଆଦିଲ୍ଲୀ: ଭାରତୀୟ ଡେଭିସ୍ କପ୍ ଦଳକୁ ସୁମିତ ନଗଲଙ୍କ ପ୍ରତ୍ୟାବର୍ତନ ଘଟିଛି । ନରୱେ ବିପକ୍ଷ ଆଗାମୀ ବିଶ୍ୱ ଗ୍ରୁପ୍-୧ ମୁକାବିଲା ପାଇଁ ଗୁରୁବାର ଘୋଷିତ ଦଳରେ ସେ ସାମିଲ ହୋଇଥିଲା ବେଳେ ଯୁଗଳ ବିଶେଷଜ୍ଞ ଦିବିଜ ଶରନ ବାଦ୍ ପଡ଼ିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଦେଶର ଏକ ନମ୍ବର ଏକକ ଖେଳାଳି ରାମକୁମାର ରାମନାଥନ, ପ୍ରଜ୍ଞେଶ ଗୁଣେଶ୍ୱରନ, ଶଶୀକୁମାର ମୁକୁନ୍ଦ, ଯୁକି ଭାମ୍ବ୍ରି ଏବଂ ଯୁଗଳ ବିଶେଷଜ୍ଞ ରୋହନ ବୋପାନ୍ନା ଦଳରେ ସ୍ଥାନ ପାଇଛନ୍ତି । ନନ୍ଦନ ବଲଙ୍କ ଅଧକ୍ଷତାରେ ଗଠିତ ଚୟନ ସମିତି ମୋଟ ୬ ଜଣଙ୍କ ମଧ୍ୟରୁ ୪ ଜଣ ବିଶେଷଜ୍ଞ ଏକକ ଖେଳାଳିଙ୍କୁ ବାଛିଛି । ଦଳରେ ୬ ଜଣ ଥିବା ବେଳେ ନରୱେର ପରିବେଶକୁ ଆକଳନ କରିବା ପରେ ଜଣଙ୍କୁ ସଂରକ୍ଷିତ ଖେଳାଳି ଭାବେ ରଖିବାକୁ ପଡ଼ିବ ବୋଲି କହିଛନ୍ତି ଅଧିନାୟକ ରୋହିତ ରାଜପଲ୍ । ତେବେ ଏପର୍ଯ୍ୟନ୍ତ ଆଦୌ ଡେଭିସ୍ କପ୍ ଖେଳିନଥିବା ଶଶୀକୁମାରଙ୍କୁ ସଂରକ୍ଷିତ ତାଲିକାକୁ ଯିବାକୁ ପଡ଼ିବ ବୋଲି ସମ୍ଭାବନା ରହିଛି । ନରୱେ ବିପକ୍ଷ ମୁକାବିଲା ଆସନ୍ତା ସେପ୍ଟେମ୍ବର ୧୬ ଓ ୧୭ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ ।

### ହକି ଇଣ୍ଡିଆ ଓ ଫୁଟବଲ ଫେଡେରେସନ ପରେ ସମସ୍ୟାରେ ଆଇଓଏ

# ନିର୍ବାଚନ ବିଳମ୍ବ ହେଲେ ସସ୍‌ପେଣ୍ଡ ଚେତାବନୀ

ନୂଆଦିଲ୍ଲୀ:ଭାରତୀୟ ଫୁଟବଲ ଫେଡେରେସନ ଓ ହକି୍ ଇଣ୍ଡିଆର କର୍ମକର୍ତ୍ତା ନିର୍ବାଚନ ଗତ ବର୍ଷ ଠାରୁ ହୋଇ ପାରୁ ନ ଥିବାରୁ ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ଓ ଅନ୍ତର୍ଜାତୀୟ ହକି ମହାସଂଘ କଡା କାର୍ଯ୍ୟାନୁଷ୍ଠାନ ସ୍ୱରୁପ ଭାରତର ଏହି ପ୍ରମୁଖ ଦୁଇ କ୍ରୀଡା ସଂଗଠନକୁ ବାସନ୍ଦ କରିବା ପାଇଁ ବାରମ୍ବାର ଚେତାବନୀ ହେଇ ଆସୁଥିବା ବେଳେ ବର୍ତ୍ତମାନ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇଛି ଭାରତୀୟ ଅଲିମ୍ପିକ୍ ଆସୋସିଏସନ(ଆଇଓଏ) । ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ନ ହେଲେ ଆଇଓଏକୁ ସସ୍‌ପେଣ୍ଡ କରିବାକୁ ଚେତାବନୀ ଦେଇଛି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି । କାରଣ ଗତ ବର୍ଷ ଡିସେମ୍ବର ମାସ ଠାରୁ ବାହ୍ୟ ହସ୍ତକ୍ଷେପ ଓ ଅଦାଲତ ମାମଲା ନେଇ ଭାରତୀୟ ଅଲିମ୍ପିକ୍




ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ କରି ପାରୁ ନାହିଁ । ତେଣୁ ଏହି ସଂସ୍ଥା ଅଲିମ୍ପିକ୍ ଚାର୍ଟର ଉଲ୍ଲଘଂନ କରି ଆସୁଛି ବୋଲି ଅନ୍ତର୍ଜତୀୟ ଅଲିମ୍ପିକ କମିଟି (ଆଇଓସି) ଓ ଅଲିମ୍ପିକ୍ କାଉନସିଲ ଅଫ ଏସିଆ (ଓସିଏ) ଶୁକ୍ରବାର ଦିନ ଭାରତୀୟ ଅଲିମ୍ପିକ୍ କମିଟିକୁ କଡାଚେତାବନୀ ସହିତ ଏ କଥା ଚେତାଇ ଦେଇଛି । ଆଇଓସିର ଡାଇରେକ୍ଟର ଅଫ ଅଲିମ୍ପିକ୍ ସଲିଡାରିଟ ଓ ଏନଓସି ରିଲେସନ ଏବଂ ଓସିଏର ଡାଇରେକ୍ଟର ଜେନେରାଲ ଓ ଟେକନିକାଲ ଡାଇରେକ୍ଟର ହୁସେନ ଅଲ-ମୁସାଲାମ ମିଳିତ ଦସ୍ତଖତ ସମ୍ବଳିତ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ବାରମ୍ବାର ଚେତାବନୀ ସତ୍ତ୍ୱେ ଭାରତୀୟ ଅଲିମ୍ପିକ୍ ଆସୋସିଏସନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ କରିବା ପାଇଁ କୌଣସି ପଦକ୍ଷେପ ନେଉନାହିଁ । ତେଣୁ ଅଯଥାରେ ଉତ୍ତେଜନା ବିଶୃଙ୍ଖଳା ସୃଷ୍ଟି ହେଉଛି । ତେଣୁ ଆଭ୍ୟନ୍ତରଣ ସମସ୍ୟା ତୁରନ୍ତ ଦୂର କରିବା ସହିତ ଅତିଶୀଘ୍ର ନିର୍ବାଚନ କରାଇବା ପାଇଁ ଆଇଓଏକୁ ପରାମର୍ଶ ଦେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ଓ ଅଲିମ୍ପିକ୍ କାଉନସିଲ ଅଫ ଏସିଆ କହିଛନ୍ତି ଯେ ପୁଣି ଏଥିରେ ବିଫଳ ହେଲେ ବିକଳ୍ପ ପଦକ୍ଷେପ ସ୍ୱରୁପ ସସ୍‌ପେଣ୍ଡ କରିବାକୁ ବାଧ୍ୟ ହେବୁ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭାରତୀୟ ଫୁଟବଲ ଫେଡେରେସନ ମଧ୍ୟ କର୍ମକର୍ତ୍ତା ନିର୍ବାଚନ କରିବାରେ ଅହତୁକ କାଳ ବିଳମ୍ବ କରିବା ଫଳରେ ଫିଫା ମଧ୍ୟ ବାରମ୍ବାର ଧମକ ନେଇ ସସପେଣ୍ଡ କରିବାକୁ କହି ଆସୁଛି । ଅନ୍ୟ ପକ୍ଷରେ ହକି ଇଣ୍ଡିଆ କର୍ମକର୍ତ୍ତା ନିର୍ବାଚନ ହୋଇ ପାରୁ ନ ଥିବାରୁ ଫିଫା ଓ ଅନ୍ତର୍ଜାତୀୟ ହକି ମହାସଂଘ ଭାରତର ଏହି ପ୍ରମୁଖ ଦୁଇ ସଂସ୍ଥାକୁ ବାସନ୍ଦ କରିବା ପାଇଁ ଏକାଧିକବାର ଚେତାବନୀ ଦେଉଛନ୍ତି । କାରଣ ଏଥିରେ ପୁଣି ତ୍ରୁଟି କଲେ ଭାରତୀୟ ଫୁଟବଲ ମହାସଂଘ ଚଳିତ ବର୍ଷ ଫିଫା ୧୭ ବର୍ଷରୁ କମ ମହିଳା ବିଶ୍ୱକପ ଓ ହକି ଇଣ୍ଡିଆ ଆସନ୍ତା ବର୍ଷ ପୁରୁଷ ହକି ବିଶ୍ୱକପ ଆୟୋଜନ କରିବା ପାଇଁ ସମସ୍ୟାରେ ପଡିବେ । ସେହିପରି ଭାରତୀୟ ଅଲିମ୍ପିକ ଆସୋସିଏସନ ଯଦି ବାସନ୍ଦ ହୁଏ ,ତେବେ ସମସ୍ତ ଅନ୍ତର୍ଜତୀୟ ସହିତ ଆଗାମୀ ଅଲିମ୍ପିକ୍ସରୁ ବଞ୍ଚିତ ହେବା ଆଶଙ୍କା ସୃଷ୍ଟି ହେବ ।

### ଅମ୍ପାୟାରଙ୍କ ପାଇଁ ଏ+

# କ୍ୟାଟେଗୋରୀ ଲାଗୁ କଲା ବିସିସିଆଇ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଖେଳାଳିଙ୍କ ପାଇଁ ବିଭିନ୍ନ ଗ୍ରେଡେସନ ବ୍ୟବସ୍ଥା ଲାଗୁ କରିଥିବା ବେଳେ ବର୍ତ୍ତମାନ ଅମ୍ପାୟରଙ୍କ ପାଇଁ ନୂତନ ଭାବେ ଲାଗୁ କରିଛି ଏ+ କ୍ୟାଟୋଗୋରୀ ଗ୍ରେଡେସନ ବ୍ୟବସ୍ଥା । ଆଇସିସି ଏଲିଟ ପ୍ୟାନେଲ ସଦସ୍ୟ ତଥା ଅମ୍ପାୟର ନିତିନ ମେନନ ଏ+ କ୍ୟାଟେଗୋରୀରେ ସ୍ଥାନ ପାଇଥିବା ଅମ୍ପାୟରଙ୍କ ମଧ୍ୟରେ ସାମିଲ ହୋଇଛନ୍ତି । ଏହି କ୍ୟାଟେଗୋରୀରେ ସ୍ଥାନ ପାଇଥିବା ଅନ୍ୟ ଭାରତୀୟ ଅନ୍ତର୍ଜାତୀୟ ୪ ଅମ୍ପାୟର ମାନେ ହେଲେ ଅନିଲ ଚୌଧୁରୀ , ମଦନଗୋପାଲ ଜୟରମଣ ବିରେନ୍ଦ୍ର କୁମାର ଶର୍ମା,ଓ କେ ଏନ ଅନନ୍ତପଦ୍ମନାଭନ । ଅନ୍ୟ ଅମ୍ପାୟର ମାନେ ହେଲେ ରୋହନ ପଣ୍ଡିତ, ନିଖିଲ ପଟବର୍ଦ୍ଧନ, ସଦାଶିବ ଆୟାର, ଉଲାସ ଗାନ୍ଧେ, ଓ ନବଦୀପ ସିଂ ସିଦ୍ଧୁ । ସେହିପରି କ୍ୟାଟେଗୋରୀ ଏ’ରେ ୨୦ ଜଣ ଅମ୍ପାୟର , କ୍ୟାଟେଗୋରୀ ବି’ରେ ୬୦, କ୍ୟାଟେଗୋରୀ ସି’ରେ ୪୬ ଜଣ ଓ କ୍ୟାଟେଗୋରୀ ଡି’ରେ ୬୦ରୁ ୬୫ ବୟସ ମଧ୍ୟରେ ୧୧ ଜଣ ଅମ୍ପାୟର ସ୍ଥାନ ପାଇଛନ୍ତି । କ୍ୟାଟେଗୋରୀ ଏ’ ଅମ୍ପାୟରଙ୍କୁ ପ୍ରଥମ ଶ୍ରେଣୀ ମ୍ୟାଚର ଗୋଟିଏ ଦିନ ପାଇଁ ୪୦ ହଜାର, ବି ଓ ସି କ୍ୟାଟେଗୋରୀ ଅମ୍ପାୟରଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯିବ । ସୂଚନା ଯୋଗ୍ୟ ଯେ ଭାରତରେ ସଂଖ୍ୟାଧିକ ବିଶ୍ୱ ସ୍ତରୀୟ କ୍ରିକେଟର ସୃଷ୍ଟି ହୋଇ ପାରୁ ଥିବା ବେଳେ ଆଜି ପର୍ଯ୍ୟନ୍ତ ଦକ୍ଷ ଅମ୍ପାୟର ସୃଷ୍ଟି ହୋଇ ପାରୁ ନାହାନ୍ତି । ଏପରିକି ଆଇପିଏଲରେ ଭାରତୀୟ ଅମ୍ପାୟରଙ୍କ ମ୍ୟାଚ ପରିଚାଳନା ଷ୍ଟାଣ୍ଡାର୍ଡକୁ ମଧ୍ୟ ସମାଲୋଚନା କରା ଯାଉଛି । ବର୍ତ୍ତମାନ ଭାରତର ଏକମାତ୍ର ଅମ୍ପାୟର ନିତିନ ମେନନ ଆଇସିସି ଏଲିଟ ଅମ୍ପାୟର ପ୍ୟାନେଲରେ ସ୍ଥାନ ପାଇଛନ୍ତି ।



### ରାଜ୍ୟଗୋଷ୍ଠୀ କ୍ରୀଡା ମହିଳା କ୍ରିକେଟ ପ୍ରତିଯୋଗିତା

# ଅଷ୍ଟ୍ରେଲିଆକୁ ଆମର ଭୟ ନାହିଁ: ମାନ୍ଧାନା

ବେଙ୍ଗାଲୁରୁ: ଭାରତୀୟ ମହିଳା କ୍ରିକେଟ ଦଳର ଅନ୍ୟତମ ସଦସ୍ୟ ସ୍ମୃତି ମାନ୍ଧାନା କହିଛନ୍ତି ଯେ ଆଗମୀ ରାଜ୍ୟଗୋଷ୍ଠୀ କ୍ରୀଡାରେ ଆମେ ଭଲ ପ୍ରଦର୍ଶନ କରିବାକୁ ବରାବର ଚେଷ୍ଟା କରିବୁ । ଏଥିପାଇଁ ଆମେ ମଧ୍ୟ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛୁ । ଆସନ୍ତା ୨୮ ତାରିଖରୁ ରାଜ୍ୟଗୋଷ୍ଠୀ କ୍ରୀଡା ଏହି ଫର୍ମାଟରେ ଅଷ୍ଟ୍ରେଲିଆ ଏକ ବଡ ଦଳ ବୋଲି ଆମର ସେପରି ଭାବନା ନାହିଁ । କାରଣ ପରବର୍ତ୍ତୀ ସମୟରେ ଆମେ ପାକିସ୍ତାନ ଓ ବାରବାଡୋସ ବିପକ୍ଷ ଗ୍ରୁପ ପର୍ଯ୍ୟାୟ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି । ପୁଣି ଥରେ ସ୍ମରଣ କରାଇ ଦିଆ ଯାଇ ପାରେ ଯେ ଗତ ଟି-୨୦ ବିଶ୍ୱକପ




ଆରମ୍ଭ ହେବାକୁ ଯାଉଥିବା ବେଳେ ୨୯ ତାରିଖରୁ ଆରମ୍ଭ ହେବ କ୍ରିକେଟ ପ୍ରତିଯୋଗିତା । ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡାରେ ମହିଳା ଟି-୨୦ କ୍ରିକେଟ ଇଭେଣ୍ଟ ସାମିଲ ହୋଇ ଥିବାରୁ ଏଥିପାଇଁ ଅତି ଉତ୍ସାହୀ ହୋଇ ପଡିଛୁ । ଆସନ୍ତା ୨୯ ତାରିଖ ଦିନ ଆମେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆକୁ ଭେଟିବୁ । ତେବେ ପାଞ୍ଚଥର ଟି-୨୦ ବିଶ୍ୱକପ ଚାମ୍ପିଅନ ଅଷ୍ଟ୍ରେଲିଆକୁ ଆମର ଭୟ ନାହିଁ । କାରଣ ଟି-୨୦ ଫର୍ମାଟରେ ସବୁ ଦଳ ପାଇଁ ବିଜୟ ସୁଯୋଗ ରହିଛି । ପୂର୍ବ ରେକର୍ଡ ଉପରେ ଆମର ବିଶ୍ୱାସ ନାହିଁ । ତେଣୁ ନିଆରା ଜୋସ ନେଇ ଆମେ ଖେଳିବା ଯୋଜନା ରଖିଛୁ । ତଥାପି ସବୁ ଦଳ ବିପକ୍ଷରେ ସମ୍ମାନର ସହିତ ଖେଳିବା ଲକ୍ଷ୍ୟ ରଖିଥିବା ବେଳେ ଅଷ୍ଟ୍ରେଲିଆକୁ ନିଶ୍ଚିତ କଡା ଟକ୍କର ଦେବୁ । କାରଣ ଫାଇନାଲରେ ଅଷ୍ଟ୍ରେଲିଆ ଠାରୁ ଭାରତ ପରାଜୟ ସ୍ୱିକାର କରିଥିଲା । ତେବେ ରାଜ୍ୟଗୋଷ୍ଠୀ କ୍ରୀଡା ପୂର୍ବରୁ ଆମେ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଟି-୨୦ ସିରିଜ ଜିତି ଥିବାରୁ ମନୋବଳ ଦୃଢ଼ ହୋଇ ପାରିଛି । ଅନ୍ୟ ପକ୍ଷରେ ଗତ ବର୍ଷ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଜାଭେଲିନ ଥ୍ରୋର ନିରଜ ଚୋପ୍ରା ହେଉଛନ୍ତି ଆମ ପାଇଁ ପ୍ରେରଣାର ଉତ୍ସ । କାରଣ ଅଲିମ୍ପିକ୍ସରେ ତାଙ୍କର ସଫଳତା ଆମକୁ ବିଶେଷ ଭାବେ ଅନୁପ୍ରାଣିତ କରି ପାରିଛି । ତେଣୁ ଗତ ଅଲିମ୍ପିକ୍ସରେ ଭାରତୀୟ ଆଥଲେଟଙ୍କ ସଫଳତା ପରି ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତର ଜାତୀୟ ପତାକାର ଟେକ ରଖିବା ପାଇଁ ନିଶ୍ଚିତ ପ୍ରୟାସ କରିବୁ ବୋଲି କହିଛନ୍ତି ସ୍ମୃତି ମାନ୍ଧାନା ।

# ବିଶ୍ୱ ଚାମ୍ପିଅନଶିପ୍ ଫାଇନାଲ ପାଇଁ ନିରଜ ଓ ରୋହିତ୍‌ଙ୍କ ଯୋଗ୍ୟତା ହାସଲ

ଇୟୁଗେନେ(ଆମେରିକା): ଭାରତର ଅଲିମ୍ପିକ୍ ଚାମ୍ପିଅନ ଜାଭେଲିନ ଥ୍ରୋର ନିରଜ ଚୋପ୍ରା ଏଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନଶିପ ଫାଇନାଲ ପର୍ଯ୍ୟାୟ ପାଇଁ ଯୋଗ୍ୟତା ହାସଲ କରିଛନ୍ତି । ଏହା ହେଉଛି ନିରଜଙ୍କର ପ୍ରଥମ ବିଶ୍ୱ ଚାମ୍ପିଅନଶିପ ପଦାର୍ପଣ । ଶୁକ୍ରବାର ଅନୁଷ୍ଠିତ ଏହି ଇଭେଣ୍ଟର ଗ୍ରୁପ ଏ କ୍ୱାଲିଫିକେସନ ରାଉଣ୍ଡରେ ନିରଜ ପ୍ରଥମ ଉଦ୍ୟମରେ ୮୮.୩୯ ମିଟର ଥ୍ରୋ କରି ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ନିରଜଙ୍କ ସହିତ ଅନ୍ୟ ଜଣେ ଆଥଲେଟ ପଦକ ରାଉଣ୍ଡରେ ପ୍ରବେଶ



ନିରଜ ଚୋପ୍ରା



ରୋହିତ୍ ଯାଦବ

କରିଛନ୍ତି । ଏହା ହେଉଛି ତାଙ୍କ କ୍ୟାରିୟରର ତୃତୀୟ ଶ୍ରେଷ୍ଠ ସଫଳତା । ସୂଚନା ଯୋଗ୍ୟ ଯେ ଏହି ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ନିରଜ ଦ୍ୱିତୀୟ ସ୍ଥାନ ପାଇଥିବା ବେଳେ ଗ୍ରୁପ ବି’ରେ ପ୍ରଥମ ସ୍ଥାନ ହାସଲ କରିଥିଲେ ଗତ ଥରର ବିଶ୍ୱ ଚାମ୍ପିଅନ ଗ୍ରେନାଡାର ଆଣ୍ଡରସନ ପିଟରସନ । ପ୍ରଥମ ଉଦ୍ୟମରେ ପିଟରସନ ୮୯.୯୧ ମିଟର ଥ୍ରୋ କରି ଥିବା ବେଳେ ଅନ୍ୟ କେହି ତାଙ୍କ ସମକକ୍ଷ ହୋଇ ପାରି ନ ଥିଲେ । ନିରଜ କହିଛନ୍ତି ଯେ ଏହା ଫାଇନାଲ ରାଉଣ୍ଡରେ ଏହା ଠାରୁ ଭଲ ପ୍ରଦର୍ଶନ କରିବା ପାଇଁ ଚେଷ୍ଟା କରିବି । ସୂଚନା ଯୋଗ୍ୟ ଯେ ନିରଜ ଗତ ବର୍ଷ ଟୋକିଓ ଅଲିମ୍ପିକ୍ସରେ ଭାରତ ପାଇଁ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ପରେ ଚଳିତ ବର୍ଷ ଫିନାଲାଣ୍ଡରେ ଅନୁଷ୍ଠିତ ଦୁଇ ପୃଥକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ । ତେବେ ବିଶ୍ୱ ଚାମ୍ପିଅନଶିପ ପାଇଁ ଭଲ ପ୍ରସ୍ତୁତି କରି ଥିବା ଦୃଷ୍ଟିରୁ ପଦକ ହାସଲ ପାଇଁ ବଡ ଆଶା ରଖିଛନ୍ତି । ସେହିପରି ଭାରତର ଅନ୍ୟତମ ଆଥ୍‌ଲେଟ୍ସ ରୋହିତ୍ ଯାଦବ ୮୦.୮୨ ମିଟର ଥ୍ରୋ କରି ଜାଭେଲିନ୍ ଇଭେଣ୍ଟ ଫାଇନାଲ୍‌ରେ ପ୍ରତିଦ୍ୱନ୍ଦ୍ୱିତା ସୁଯୋଗ ପାଇଛନ୍ତି । ଏହି ଇଭେଣ୍ଟ ଫାଇନାଲରେ ମୋଟ୍ ୧୨ଜଣ ପ୍ରତିଦ୍ୱନ୍ଦ୍ୱିତା କରିବେ ।

# ଗୁଜରାଟରେ ଜାତୀୟ ଗେମ୍ସ

ନୂଆଦିଲ୍ଲୀ: ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ତାରିଖ ପର୍ଯ୍ୟନ୍ତ ଗୁଜରାଟର ୬ ସହରରେ ଅନୁଷ୍ଠିତ ହେବ ଜାତୀୟ ଗେମ୍ସ । ଦେଶର ୨୮ ରାଜ୍ୟ ଓ ୮ କେନ୍ଦ୍ର ଶାସିତ ଅଞ୍ଚଳର କ୍ରୀଡାବିତ ମାନେ ଏଥିରେ ଅଂଶ ଗ୍ରହଣ କରିବେ । ଏହି କ୍ରୀଡା ପ୍ରତିଯୋଗିତାରେ ୩୬ ଇଭେଣ୍ଟ ସ୍ଥାନ ପାଇବ । କେରଳରେ ଅନୁଷ୍ଠିତ ଗତ ଜାତୀୟ ଗେମ୍ସରେ ୩୩ କ୍ରୀଡା ଇଭେଣ୍ଟ ସ୍ଥାନ ପାଇଥିଲା । ଚଳିତ ବର୍ଷ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ସାମିଲ ହୋଇ ଥିବା ଭାରତର ପାରମ୍ପରିକ କ୍ରୀଡା ମାଲଖମ୍ବ ଓ ଯୋଗାସନ ମଧ୍ୟ ଜାତୀୟ ଗେମ୍ସରେ ସାମିଲ ହେବ ବୋଲି ଏହି କ୍ରୀଡା ଆୟୋଜନ ନେଇ ଭାରତୀୟ ଅଲିମ୍ପିକ ଆସୋସିଏସନ ପକ୍ଷରୁ ଘୋଷଣା ସମୟରେ ସୂଚନା ଦିଆ ଯାଇଛି ।

# ପାରା ବନ୍ଧୁକଚାଳନା ବିଶ୍ୱକପ୍: ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ

ମ୍ୟୁନିକ୍: ଭାରତ ଏଠାରେ ଚାଲିଥିବା ପାରା ବନ୍ଧୁକଚାଳନା ବିଶ୍ୱକପ୍‌ରେ ମୋଟ ୧୦ ପଦକ ହାସଲ କରି ସର୍ବଶ୍ରେଷ୍ଠ ପ୍ରଦର୍ଶନର କୀର୍ତ୍ତିମାନ ରଚିଛି । ସିଂଘରାଜ ବ୍ୟକ୍ତିଗତ ବର୍ଗରେ ଏବଂ ନିଜ ଦେଶର ଦୀପେନ୍ଦ୍ର ସିଂହ ଓ ମନୀଷ ନରୱାଲଙ୍କୁ ସାଥୀ କରି ଦଳଗତ ବର୍ଗରେ ସ୍ୱର୍ଣ୍ଣ ଜିତିଥିଲେ । ଏହା ପୂର୍ବରୁ ରାହୁଲ ଜାଖର ବ୍ୟକ୍ତିଗତ ଏବଂ ସିଂଘରାଜ-ନିହାଲ ଓ ମନୀଷ-ରୁବିନା ଫ୍ରାନ୍ସିସ୍ ଦଳଗତ ସ୍ୱର୍ଣ୍ଣ ଜିତିଥିଲେ । ଅନ୍ତିମ ଦିବସରେ ସିଂଘରାଜଙ୍କ ଯୁଗଳ ପଦକ ବଳରେ ଭାରତ ମଧ ପଦକ ତାଲିକାର ଶୀର୍ଷରେ ଅଭିଯାନ ଶେଷ କରିଛି । ଭାରତ ୬ ସ୍ୱର୍ଣ୍ଣ, ୩



ରେଇପ୍ୟ ଓ ଗୋଟିଏ କାଂସ୍ୟ ପଦକ ଜିତିଛି । ୨୦୧୭ରେ ପ୍ରଥମ ଥର ଲାଗି ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଥିବା ଭାରତର ଏହା ସବୁଠୁ ଶ୍ରେଷ୍ଠ ପ୍ରଦର୍ଶନ । ମ୍ୟୁନିକ୍ ବିଶ୍ୱକପ୍‌ରେ ଭାରତ ପଛକୁ ଫ୍ରାନ୍ ?ସ (୧୧ ପଦକ, ୪ ସ୍ୱର୍ଣ୍ଣ) ଏବଂ ୟୁକ୍ରେନ (୧୫ ପଦକ, ୩ ସ୍ୱର୍ଣ୍ଣ) ସ୍ୱର୍ଣ୍ଣ ବ୍ୟବଧାନରେ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି ।

# ବିଶିଷ୍ଟ ଫୁଟବଲର ପରମାନନ୍ଦ ଖାଲ୍‌କୋଙ୍କ ପରଲୋକ

ସମ୍ବଲପୁର/କଟକ: ୬୦ ଦଶକର ରାଜ୍ୟର ଶ୍ରେଷ୍ଠ ଫୁଟ୍‌ବଲର୍ ତଥା ଓଡ଼ିଶା ଦଳର ପୂର୍ବତନ ଅଧିନାୟକ ପରମାନନ୍ଦ ଖାଲ୍‌କୋ (୯୦)ଙ୍କର ଗୁରୁବାର ବ୍ରଜରାଜନଗରଠାରେ ପରଲୋକ ହୋଇଯାଇଛି । ସେ ୫ ବର୍ଷ ଧରି ସନ୍ତୋଷ ଟ୍ରଫିରେ ଖେଳିଥିଲେ । ମଧ ଭାଗ (ସେଣ୍ଟର ହାଫ୍)ରେ ଖେଳୁଥିବା ପରମାନନ୍ଦ ୨ ବର୍ଷ ସନ୍ତୋଷ ଟ୍ରଫିରେ ଓଡ଼ିଶା ଫୁଟବଲ୍ ଦଳର ଅଧିନାୟକତ୍ୱ କରିଥିଲେ । ସେତିକି ବେଳେ ଖାଲ୍‌କୋ ଭ୍ରାତା (ବ୍ରଦର୍ସ) ଭାବେ ପରିଚିତ ଚାରିଭାଇ ଖାଲ୍‌କୋ, ଅତି, ନୀତି ଏବଂ ପରମା (ସମସ୍ତଙ୍କ ଡାକ ନାମ) ରାଜ୍ୟ ଫୁଟବଲ୍ ଦଳରେ ଆଧିପତ୍ୟ ବିସ୍ତାର କରିଥିଲେ । ଚାରି ଭାଇଙ୍କ ମଧରେ ସାନ ପରମାନନ୍ଦ ଫୁଟବଲ୍‌ରେ ସର୍ବାଧିକ ନାଁ କରିଥିଲେ । ତାଙ୍କୁ ସେ ସମୟରେ କୋଲକାତା ଫୁଟବଲ୍ ଲିଗ୍‌ରୁ ବି ଡାକରା ମିଳିଥିଲା । କିନ୍ତୁ ସେ ଯାଇ ନଥିଲେ । ସେ ସମ୍ବଲପୁର ଫୁଟବଲ୍‌ର ମେରୁଦଣ୍ଡ ଥିଲେ ।

# ବିଶ୍ୱ ଦୌଡ଼କୁଦ: ଜାଭେ୍‌ଲିନ୍ ଫାଇନାଲ୍‌ରେ ଅନୁ ରାଣୀ

ଇଉଜେନି (ଓରେଗନ୍): ଭାରତୀୟ ଜାଭ୍‌ଲିନ୍ ଫିଙ୍ଗାଳି ଅନୁ ରାଣୀ ଏଠାରେ ଚାଲିଥିବା ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ଫାଇନାଲ୍‌ସରେ ପହଞ୍ଚିଛନ୍ତି । ନିଜର ଶେଷ ପ୍ରୟାସରେ ୫୯.୬୦ ମିଟରକୁ ଜାଭେ୍‌ଲିନ୍ ଫିଙ୍ଗି ଅନୁ ଫାଇନାଲ୍‌ସକୁ ଯୋଗ୍ୟତା ହାସଲ କରିଥିଲେ । ଏଥିସହିତ ବିଶ୍ୱ ଦୌଡ଼କୁଦରେ ତୃତୀୟ ଥର ଅଂଶଗ୍ରହଣ କରିଥିବା ଅନୁ କ୍ରମାଗତ ଦ୍ୱିତୀୟ ଥର ପାଇଁ ଫାଇନାଲ୍‌ସ ଯୋଗ୍ୟତା ହାତେଇଛନ୍ତି । ଅନୁଙ୍କ ପ୍ରଥମ ପ୍ରୟାସ ଥ୍ରୋ ଫାଉଲ ଥିଲା ବେଳେ ଦ୍ୱିତୀୟ ପ୍ରୟାସରେ ୫୫.୩୫ ମିଟର ଫିଙ୍ଗିଥିଲେ । ତେବେ ତୃତୀୟ ପ୍ରୟାସରେ ଉନ୍ନତ ପ୍ରଦର୍ଶନ କରି ୫୯.୬୦ ମିଟର ଦୂରକୁ ଫିଙ୍ଗିଥିଲେ । ଏହା ତାଙ୍କର ଋତୁ ଶ୍ରେଷ୍ଠ ପ୍ରଦର୍ଶନଠୁ କମ୍ ଥିଲେ ମଧ ଏଠାରେ ଫାଇନାଲସକୁ ଯୋଗ୍ୟତା ହାସଲ ପାଇଁ ଯଥେଷ୍ଟ ହୋଇଥିଲା । ଏହି ଜାତୀୟ କୀର୍ତ୍ତିମାନଧାରୀ ୬୦ ମିଟର ମାନଦଣ୍ଡ ଛୁଇଁବାରେ ବିଫଳ ହୋଇଥିଲେ ମଧ ଗ୍ରୁପ୍-ବି କ୍ୱାଲିଫିକେସନ ରାଉଣ୍ଡରେ ପଞ୍ଚମ ସ୍ଥାନ ସହ ଉଭୟ ଗ୍ରୁପ୍‌ରୁ ଅଷ୍ଟମ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଫାଇନାଲ୍ ?ସକୁ ଉଠିଥିଲେ । ଏହି ଇଭେଣ୍ଟ୍‌ର ଫାଇନାଲ୍‌ସ ଶନିବାର ଭାରତୀୟ ସମୟ ପୂର୍ବାହ୍ନ ୬.୫୦ ମିନିଟ୍‌ରେ ଅନୁଷ୍ଠିତ ହେବ । ଫାଇନାଲ୍‌ସକୁ ଯୋଗ୍ୟତା ହାସଲ କରିଥିବା ୧୨ ପ୍ରତିଯୋଗୀଙ୍କ ମଧ୍ୟରୁ ମାତ୍ର ୩ ଜଣ ସିଧାସଳଖ ଯୋଗ୍ୟତା ମାନଦଣ୍ଡ ୬୨.୫୦ ମିଟର ଜାଭେଲିନ୍ ଫିଙ୍ଗିଥିଲେ । ଏଠାରେ ସୂଚନାଯୋଗ୍ୟ, ଅନୁଙ୍କର ଋତୁ ଏବଂ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୬୩.୮୨ ମିଟର ରହିଛି । ଜାମ୍‌ସେଦ୍‌ପୁରଠାରେ ଗତ ମେ’ ମାସରେ ଆୟୋଜିତ ଇଣ୍ଡିଆନ୍ ଓପନ୍ ଜାଭେଲିନ ଥ୍ରୋ’ ପ୍ରତିଯୋଗିତାରେ ସେ ଏହି ଦୂରତ୍ୱକୁ ଫିଙ୍ଗି ଜାତୀୟ କୀର୍ତ୍ତିମାନ ପ୍ରତିଷ୍ଠା କରିବା ସାଙ୍ଗକୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । ସେ ମଧ ଗତ ୨୦୨୧ ଦୋହା ସଂସ୍କରଣରେ ୬୧.୧୨ ମିଟର ଦୂରକୁ ଫିଙ୍ଗି ଫାଇନାଲ୍ ?ସରେ ଅଷ୍ଟମ ସ୍ଥାନ ପାଇଥିଲେ । କିନ୍ତୁ ଏହା ପୂର୍ବରୁ ୨୦୧୭ ଲଣ୍ଡନ ସଂସ୍କରଣରେ କ୍ୱାଲିଫିକେସନ୍ ରାଉଣ୍ଡରେ ଦଶମ ସ୍ଥାନ ପାଇ ଫାଇନାଲ୍‌ସକୁ ଯୋଗ୍ୟତା ହାସଲରେ ବିଫଳ ହୋଇଥିଲେ । ଅନ୍ୟପକ୍ଷରେ ଚଳିତ ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତାର ମହିଳା ୫୦୦୦ ମିଟର ରେସ୍‌ରେ ଭାଗ ନେଇଥିବା ଭାରତୀୟ ତାରକା ପରୁଲ ଚୌଧୁରୀ ସେମିଫାଇନାଲ୍‌କୁ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିଲେ । ସେ ଦୁଇ ନମ୍ବର ହିଟ୍‌ରେ ୧୭ତମ ସ୍ଥାନ ଏବଂ ମୋଟ ଉପରେ ୩୧ତମ ସ୍ଥାନ ପାଇଥିଲେ ।




# ଗାଭାସ୍କରଙ୍କ ନାମରେ ନାମିତ ହେବ ଲିସେଷ୍ଟରଶାୟାର ଗ୍ରାଉଣ୍ଡ

ଲଣ୍ଡନ: ଇଂଲଣ୍ଡର ଲିସେଷ୍ଟରଶାୟାର କ୍ରିକେଟ ଗ୍ରାଉଣ୍ଡ ଭାରତର ପୂର୍ବତନ ଅଧିନାୟକ ତଥା ଓପନିଂ ବ୍ୟାଟ୍ସମ୍ୟାନ ସୁନିଲ ଗାଭାସ୍କରଙ୍କ ନାମରେ ଲିପିବଦ୍ଧ କରାଯିବ । ପାଞ୍ଚ ଏକର ଜମି ପରିମିତ ଏହି ଗ୍ରାଉଣ୍ଡରେ କ୍ରିକେଟର ଏକ ନିଆରା ପରମ୍ପରା ରହିଛି । ତେବେ ଇଂଲଣ୍ଡ ଓ ୟୁରୋପର କୌଣସି ଏକ ଗ୍ରାଉଣ୍ଡର ନାମ ପ୍ରଥମ ଭାରତୀୟ ଭାବେ ଗାଭାସ୍କରଙ୍କ ନାମରେ ଏହା ନାମକରଣ ହେବ ।ପୂର୍ବରୁ ଆମେରିକାର କେଣ୍ଟୁକି ଓ ଆଫ୍ରିକୀୟ ରାଷ୍ଟ୍ର ତାଞ୍ଜାନିଆର ଜାନଜିବର ଠାରେ ଗାଭାସ୍କରଙ୍କ ନାମରେ ଦୁଇ ଷ୍ଟାଡିୟମର ନାମ କରଣ ହୋଇଛି । ତେବେ ପୁଣି ଲିସେଷ୍ଟରଶାୟାର ଗ୍ରାଉଣ୍ଡ ଗାଭାସ୍କରଙ୍କ ନାମରେ ନାମିତ



ହେବାକୁ ଯାଉଛି । ସଂପ୍ରତି ଇଂଲଣ୍ଡ ଗସ୍ତରେ ଥିବା ଗାଭାସ୍କର କହିଛନ୍ତି୍ ଯେ ଏହା ମୋ ପାଇଁ ଅତି ଆନନ୍ଦ ଓ ଗର୍ବର ବିଷୟ । ତେବେ ଗାଭାସ୍କର ଏହି ଗ୍ରାଉଣ୍ଡରେ ନିଜର ନାମ ପ୍ଲାକ୍ୟୁ ଉନ୍ମୋଚନ କରିବା ପାଇଁ ଯିବେ । ସୂଚନା ଯୋଗ୍ୟ ଯେ ଏହି ଗ୍ରାଉଣ୍ଡ ଭାରତ ସ୍ପୋର୍ଟ୍ସ ଓ କ୍ରିକେଟ କ୍ଲବର ହୋଇ ଥିବା ବେଳେ ପ୍ରବାସୀ ଭାରତୀୟ ତଥା ବ୍ରିଟିଶ ପାର୍ଲାମେଣ୍ଟର ସବୁଠାରୁ ଅଧିକ ୩୨ ବର୍ଷ ଧରି ଲିସେଷ୍ଟରଶାୟାର ନିର୍ବାଚନ ମଣ୍ଡଳୀର ସଦସ୍ୟ ଥିବା କେଥ ଭାଜଙ୍କର ଏକ ପ୍ରବାସୀ ଇଣ୍ଟିଗ୍ରେସନ ଫାଉଣ୍ଡସେନ ରହିଛି । ତେଣୁ ଏହି ଗ୍ରାଉଣ୍ଡର ନାମ ଗାଭାସ୍କରଙ୍କ ନାମରେ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ ।

# ଦିନିକିଆ କ୍ରିକେଟ ମୃତ୍ୟୁ ଆଡକୁ ଗତି କରୁଛି: ଖାଓ୍ୱଜା

ବ୍ରିସବେନ: ଅଷ୍ଟ୍ରେଲିଆ ଟେଷ୍ଟ କ୍ରିକେଟ ଓପନର ଉସମାନ ଖାଓ୍ୱଜା କହିଛନ୍ତି ଯେ ଟି-୨୦ କ୍ରିକେଟର ପ୍ରବଳ ଚାହିଦା ମଧ୍ୟରେ ଦିନିକିଆ କ୍ରିକେଟ ଧୀରେଧୀରେ ମୃତ୍ୟୁ ଆଡକୁ ଗତି କରୁଛି । କାରଣ ଏହି ଫର୍ମାଟ କ୍ରିକେଟର ଆଉ କୌଣସି ପ୍ରାସଙ୍ଗିକତା ଥିବା ପରି ମନେ ହେଉଛି । ଏହି ଫର୍ମାଟ ପ୍ରତି ବିତସ୍ପୃହ ହୋଇ ନିକଟରେ ଇଂଲଣ୍ଡର ବେନ ଷ୍ଟୋକ୍ସ ଦିନିକିଆ କ୍ରିକେଟରୁ ହଠାତ ଅବସର ଘୋଷଣା କରିଛନ୍ତି । କାରଣ ଏକ କାଳୀନ ତିନି ଫର୍ମାଟ କ୍ରିକେଟ ଖେଳିବା ଆଦୌ ସମ୍ଭବ ନୁହେଁ ।



ଖେଳାଳି ମାନେ କାର ଗାଡି ନୁହନ୍ତି ଯେ ପ୍ରତି ମୁହୂର୍ତ୍ତରେ ଖେଳି ପାରିବେ । ତେଣୁ ୩୧ ବର୍ଷ ବୟସରେ ଷ୍ଟୋକ୍ସ ଦିନିକିଆ ଠାରୁ ଦୂରେଇ ଯିବା ପାଇଁ ମନସ୍ଥ କଲେ । ସୂଚନା ଯୋଗ୍ୟ ଯେ ଗତକାଲି ପାକିସ୍ତାନର ପୂର୍ବତନ ଅଧିନାୟକ ତଥା ପେସ୍ ବୋଲର ଓ୍ୱାସିମ ଆକ୍ରାମ ମଧ୍ୟ ଦିନିକିଆକ କ୍ରିକେଟକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରି ଦେବା ଉଚିତ ବୋଲି ମତ ପ୍ରକାଶ କରି ଥିଲେ । ସେହିପରି ଭାରତୀୟ ଦଳର ଅଫ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ କିଛି ଦିନ ତଳେ ଦିନିକିଆ କ୍ରିକେଟର ପ୍ରାସଙ୍ଗିକତା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ।



ଓଜନ ବୃଦ୍ଧି ହେବାର ମୂଳ କାରଣ ହେଉଛି ଆମର ଜୀବନଶୈଳୀ ତଥା ଆମର ଖାଦ୍ୟ। ଗୋଟିଏ ସ୍ଥାନରେ ଦୀର୍ଘ ସମୟ ଧରି ବସିବା। ଏହାର ପ୍ରଭାବ ପେଟ ଉପରେ ଅଧିକ ଦେଖାଯାଏ। ପେଟର ଚର୍ବି କମାଇବା ପାଇଁ, ତୁମର ଜୀବନଶୈଳୀ ଏବଂ ଖାଇବା ଅଭ୍ୟାସ ସହିତ ପାନୀୟ ଅଭ୍ୟାସକୁ ମଧ୍ୟ ପରିବର୍ତ୍ତନ କରିବା ଆବଶ୍ୟକ। ଏଠାରେ ଆମେ ଆପଣଙ୍କୁ ଏପରି କିଛି ଟିପ୍ସ ଏବଂ ଏପରି କିଛି ପାନୀୟ ଅଭ୍ୟାସ ସହିତ ଜଡିତ ପାନୀୟ ବିଷୟରେ କହୁଛୁ। ଯାହା ଆପଣଙ୍କ ପୃଥଳକାୟ ବଢୁଥିବା ପେଟକୁ କମାଇପାରେ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ତେବେ ସର୍ବପ୍ରଥମେ ମିଠା ଖାଇବା ବନ୍ଦ କରନ୍ତୁ। କେବଳ ଏତିକି ନୁହେଁ, ଆପଣଙ୍କ ପାନୀୟରେ ଚିନି ବନ୍ଦ କରନ୍ତୁ। ଯଦି ଆପଣ ଫଳ ରସ ପିଇବାକୁ ଚାହାଁନ୍ତି, ତେବେ ଚିନି ସହିତ ପ୍ୟାକେଜ୍ ହୋଇଥିବା ଫଳ ରସ ପିଅନ୍ତୁ ନାହିଁ। କେତେକ ଫଳ ରସରେ ଅଧିକ ପରିମାଣର ପ୍ରାକୃତିକ ଚିନି ମଧ୍ୟ ରହିଥାଏ। ତେଣୁ ଫଳ ରସକୁ ମଧ୍ୟ ଅଧିକ ପରିମାଣରେ ଖାଇବା ଉଚିତ୍ ନୁହେଁ। ଯଦି ଆପଣ ଆର୍ଟିଫିସିଆଲ ମିଠା ମିଶାଇ କୌଣସି ପାନୀୟ ସେବନ କରୁଛନ୍ତି, ତେବେ ଏହି ଅଭ୍ୟାସକୁ ମଧ୍ୟ ପରିବର୍ତ୍ତନ କରନ୍ତୁ। ଯେ କୌଣସି ପାନୀୟ ହେଉ, ଏକାଠି ଅତ୍ୟଧିକ ମଦ୍ୟପାନ ହେତୁ ଓଜନ ବୃଦ୍ଧି ହେବାର ଭୟ ଅଛି।





## ଶୀର୍ଷରେ ପହଞ୍ଚିଛନ୍ତି ଡେଜି

ଜଣେ ନୃତ୍ୟ ନିର୍ଦ୍ଦେଶକଙ୍କ ସହାୟିକା ଭାବେ କାମ କରୁ କରୁ ଡେଜି ଶାହ ଧୀରେ ଧୀରେ ମଡେଲିଂ, ବିଜ୍ଞାପନ ଓ ଶେଷରେ ମୁଖ୍ୟ ନାୟିକା ଭାବେ ଅଭିନୟ ଜଗତର ଶୀର୍ଷରେ ପହଞ୍ଚିବା ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ନିଶ୍ଚୟ। ମୁମ୍ବାଇରେ ୧୯୮୪ ଅଗଷ୍ଟ ୨୫ରେ ଜନ୍ମ ନେଇଥିବା ଡେଜି ଦଶମ ଶ୍ରେଣୀରେ ପଢୁଥିବା ବେଳେ 'ଡମ୍ବିଭ୍ଲି ସୁନ୍ଦରୀ' ନାମକ ଏକ ସ୍ଥାନୀୟ ସୁନ୍ଦରୀ ପ୍ରତିଯୋଗିତାରେ 'ମିସ୍ ଫଟୋଜେନିକ୍' ମୁକୁଟ ହାସ କରିଥିଲେ। କିଶୋରୀ ବୟସର ଏହି ଅପ୍ରତ୍ୟାଶିତ ରୋମାଞ୍ଚ ତାଙ୍କୁ ଗ୍ଲାମର ଦୁନିଆ ଆଡ଼କୁ ଢଳିବା ପାଇଁ ଖୋରାକ ଯୋଗାଇଥିଲା। ସ୍ନାତକ ଡିଗ୍ରି ହାସଲ ପରେ ନୃତ୍ୟ ନିର୍ଦ୍ଦେଶକ ଗଣେଶ ଆଚାର୍ଯ୍ୟଙ୍କର ଜଣେ ସହକାରୀ ଭାବେ ଡେଜି ନିଜର ପେସାଗତ ଜୀବନ ଆରମ୍ଭ କରିଥିଲେ। 'ଜମିନ୍' ଓ 'ଖାକି' ପରି ହିନ୍ଦୀ ଫିଲ୍ମରେ ନିଜର ଦାୟିତ୍ୱ ସମ୍ପାଦନର ଅଭିଜ୍ଞତା ତାଙ୍କୁ ଫିଲ୍ମ ଜଗତ ପ୍ରତି ବେଶୀ ବେଶୀ ଆକୃଷ୍ଟ କରିବାକୁ ଲାଗିଲା। ଏହାପରେ ସେ ନିଜକୁ ସୁଦକ୍ଷ କରିବା ପାଇଁ ସ୍ୱାଧୀନ ଭାବରେ ମଡେଲିଂ ଓ ବିଜ୍ଞାପନ କ୍ଷେତ୍ରରେ କାମ କରିଥିଲେ। ଏହି ଅବସରରେ ୨୦୧୦ରେ ମାଲାୟଲୀ/ତାମିଲ ଫିଲ୍ମ 'ବନ୍ଦେ ମାତରମ୍'ରେ ସେ ଏକ ସ୍ୱତନ୍ତ୍ର ଭୂମିକାରେ ଅବତୀର୍ଣ୍ଣ ହେବା ସହ ହିନ୍ଦୀ ଫିଲ୍ମ 'ଖୁଦା କସମ୍'ରେ ଏକ ନୃତ୍ୟାଭିନୟ କରି ସେ ସମୀକ୍ଷକମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହିନ୍ଦୀ ଫିଲ୍ମ 'ବଡିଗାର୍ଡ'ର କନ୍ନଡ଼ ସଂସ୍କରଣରେ ଡେଜିଙ୍କ ଅମ୍ମୁ ଚରିତ୍ର ମଧ୍ୟ ଦର୍ଶକମାନଙ୍କୁ ବେଶ ପ୍ରଭାବିତ କରିଥିଲା। ୨୦୧୧ରେ କନ୍ନଡ଼ ଫିଲ୍ମ 'ଭଦ୍ରା'ରେ ତାଙ୍କର ମୁଖ୍ୟ ଚରିତ୍ର ଭୂମିକାକୁ ସମର୍ଥକ ଓ ସମୀକ୍ଷକମାନେ ଭୂୟସୀ ପ୍ରଶଂସା କରିଥିଲେ। ତେବେ ୨୦୧୪ରେ ହିନ୍ଦୀ ଫିଲ୍ମ 'ଜୟ ହୋ'ରେ ରିଙ୍କି ଶାହ ଚରିତ୍ର ଡେଜିଙ୍କର ଲୋକପ୍ରିୟତାକୁ ଯଥେଷ୍ଟ ଆଗେଇ ନେଇଥିଲା। ସେହିପରି ହିନ୍ଦୀ ଫିଲ୍ମ 'ସ୍ୱାର୍କ'ର 'ମେରି ଜ୍ୱାନି ସୋଡେ କୀ ବୋତଲ'ରେ ଡେଜିଙ୍କ ନୃତ୍ୟାଭିନୟ ମଧ୍ୟ ଦର୍ଶକଙ୍କ ମନରେ ନିରୋଳା ଉତ୍ତେଜନା ଭରିଦେଇଥିଲା। ଏଥି ସହିତ ହିନ୍ଦୀ ଫିଲ୍ମ 'ହେଟ୍ ଷ୍ଟୋରି-୩', 'ରାମରତନ' ଓ 'ରେସ୍ ୩' ଆଦିରେ ମଧ୍ୟ ଡେଜିଙ୍କ ମନଲୋଭା ଆବିର୍ଭାବ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅପରପକ୍ଷେ, ୨୦୧୯ରେ ଗୁଜରାଟୀ ଫିଲ୍ମ 'ଗୁଜରାଟ ୧୧'ରେ ଦିବ୍ୟା ଚୌହାନ ରୂପରେ ଡେଜିଙ୍କ ପ୍ରଥମ ଆବିର୍ଭାବ ମଧ୍ୟ ସମୀକ୍ଷକମାନଙ୍କ ସମର୍ଥନ ଯୋଗାଡ଼ କରିବାରେ ସହାୟକ ହୋଇଥିଲା। ଚଳିତବର୍ଷ ତାଙ୍କ ଅଭିନୀତ ହିନ୍ଦୀ ଫିଲ୍ମ 'ମିଷ୍ଟ୍ରି ଅଫ୍ ଟାଟୁ' ମୁକ୍ତିଲାଭ କରିବାକୁ ଥିବା ବେଳେ ଡେଜି ଏଥିରେ ନିଆରା ଚମକ ସୃଷ୍ଟି କରିଛନ୍ତି ବୋଲି ଚର୍ଚ୍ଚା ହେଉଛି।

## ଚା'ପତିର ଦାମ୍ ୯ କୋଟି ଟଙ୍କା



ଚା' ସମସ୍ତଙ୍କର ପ୍ରିୟ। କିନ୍ତୁ ଏହି ଚା'ପତି ଏତେ ଦାମ୍ ଯେ ଶୁଣି ଆଶ୍ଚର୍ଯ୍ୟ ଲାଗିବ। ୧କି.ଗ୍ରା ଚା'ପତିର ଦାମ୍ ୯ କୋଟି ଟଙ୍କା। ଏହାର ନାମ ହେଉଛି ଡା-ହୋଙ୍ଗ ପାଓ ଟିକି। ଚାଇନା, ଫୁଜିୟାନସ୍ଥ ବୁଇସାନ୍ ପ୍ରାନ୍ତରେ ଚାଷ ହେଉଥିବା ଏହି ଚା'ପତିର ଅନେକ ଉପକାରୀ ଗୁଣ ରହିଛି। ଏହାର ଉତ୍ପାଦନ ବହୁତ କମ୍ ହେଉଥିବାରୁ ଏହାର ମୂଲ୍ୟ ଏତେ ରହିଛି। ଏହାକୁ ଚାଷ କରିବା ବି ବହୁତ କଷ୍ଟକର। ପ୍ରଥମେ ଏହି ଚା'ର ଉତ୍ପାଦନ ଚାଇନାର ମିଙ୍ଗ୍ ଶାସନ ସମୟରେ ଆରମ୍ଭ ହୋଇଥିଲା। ଚାଇନାବାସୀଙ୍କ କହିବାନୁସାରେ ସେହି ସମୟରେ ମିଙ୍ଗ୍ ଶାସନର ମହାରାଣୀ ଖୁବ୍ ଅସୁସ୍ଥ ହୋଇଗଲେ। ବଞ୍ଚିବାର ସମ୍ଭାବନା ବି କମିଯାଇଥିଲା। ତାଙ୍କ ଉପରେ କୌଣସି ଔଷଧ କାମ ଦେଉ ନଥିଲା। ଏହାପରେ ସେ ଡା-ହୋଙ୍ଗ ପାଓ ଟିକି ଚା' ପିଇବା ଆରମ୍ଭ କରିଥିଲେ। ଆଉ ସେ କିଛି ଦିନ ଭିତରେ ସୁସ୍ଥ ହୋଇଗଲେ। ଏହାପରେ ମହାରାଜା ଖୁସି ହୋଇ ଆଦେଶ ଦେଇଥିଲେ ଯେ, ଏହି ଚା'ର ବହୁଳ ଚାଷ କରାଯାଉ। ରାଜା ଲମ୍ବେ ଚୋଙ୍ଗେଙ୍କ ନାମାନୁସାରେ ଚା'ର ନାମ ଡା- ହୋଙ୍ଗ ପାଓ ଟିକି ରଖାଗଲା।

## ସୁନାର ହୋଟେଲ

ଭିଏତ୍‌ନାମ୍‌ର ହାନୋଇରେ ଏମିତି ଏକ ହୋଟେଲ ଆରମ୍ଭ ହୋଇଛି, ଯାହାକୁ ଦେଖିଲେ ଆଖି ଝଲସିଯିବ। କାରଣ ଏହି ହୋଟେଲ୍‌ଟି ସମ୍ପୂର୍ଣ୍ଣଭାବେ ଗୋଲ୍ଡ ପ୍ଲେଟେଡ୍। ଏହାର ବାହାର, ଭିତର କୋଠରି, ଏମିତିକି ଟଏଲେଟ୍, ବେସିନ୍ ସବୁକିଛି ଗୋଲ୍ଡ ପ୍ଲେଟେଡ୍। ଏଠାରେ ଗୋଟିଏ ରାତି ରହିବା ପାଇଁ ୨୫୦ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ। ଏହାର ନାମ 'ଡୋଲ୍ସ ହାନୋଇ ଗୋଲ୍ଡ ଲେକ୍'। ଏହା ହେଉଛି ପୃଥିବୀର ପ୍ରଥମ ସୁନାର ହୋଟେଲ୍। ହୋଟେଲ୍‌ର ଲବି ୨୪ କ୍ୟାରେଟ୍ ସୁନାରେ ତିଆରି ହୋଇଛି। ଏଥିରେ ୨୦ ମିଲିୟନ୍ ଡଲାର୍ ଟଙ୍କା ଖର୍ଚ୍ଚ ହୋଇଛି। ହୋଟେଲ୍‌ରେ ପୁଲ୍, ବାସନ କୁସନ, ଟଏଲେଟ୍ ଆଦି ସବୁକିଛି ସୁନାରେ ତିଆରି ହୋଇଛି। ସୁନାର କପ୍‌ରେ କଫି ଓ ଚା' ପିଇବାକୁ ଦିଆଯାଇଥାଏ। ହାନୋଇଠାରେ ୨୫ ମହଲା ବିଶିଷ୍ଟ ଏହି ହୋଟେଲ୍‌ଟି ଅବସ୍ଥିତ।



## ଜିରାଫ୍‌ର ସ୍ୱର ତନ୍ତ୍ରି ନାହିଁ



ସାଧାରଣରେ ପ୍ରାୟ ସବୁ ପ୍ରାଣୀଙ୍କର ଭୋକାଲ୍ କଡ୍ ବା ସ୍ୱର ତନ୍ତ୍ରି ଥାଏ। ସେଥିଲାଗି ମଣିଷ କଥା କହେ। ଗାଈ ହମ୍ବା ରଡ଼ି ଛାଡ଼େ। ସିଂହ ଗର୍ଜନ କରେ। ମାତ୍ର ଏମିତି ଏକ ପ୍ରାଣୀ ହେଉଛି ଜିରାଫ୍ ଯାହାର ଭୋକାଲ୍ କଡ୍ ନ ଥାଏ। ତେଣୁ ଜିରାଫ୍‌ର ସ୍ୱରକୁ ଆଜିଯାଏ କେହି ବି ଶୁଣି ନାହାନ୍ତି। ଏହି ପ୍ରାଣୀଟି ସାରା ଜୀବନ ପାଟି ବନ୍ଦ ରଖି ନୀରବରେ ବିତେଇଥାଏ। କେବଳ କେତେବେଳେ କେମିତି ଛିଙ୍କିବା ଭଳି ଶବ୍ଦ କରେ ନ ହେଲେ ଜୋରରେ ନିଃଶ୍ୱାସ ମାରିବା ଭଳି ଶବ୍ଦ କରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରତ୍ୟେକ ପ୍ରାଣୀର ଭୋକାଲ୍ କଡ୍ ରହିବା ସହିତ ଏକ ଭୋକାଲ୍ ବକ୍ସ୍ ମଧ୍ୟ ଥାଏ। ଏହାକୁ ପ୍ରାଣୀବିଜ୍ଞାନ ଭାଷାରେ କୁହାଯାଏ ଲାରିଙ୍କ୍ସ।

## ନିଶ ଥିବା ଚଢ଼େଇ

ପୁରୁଷଙ୍କୁ ନିଜ ନିଶ ଭାରି ପ୍ରିୟ ଲାଗେ। ଏହାକୁ ନେଇ ସେମାନେ ଗର୍ବ କରନ୍ତି। ଯାହାର ଯେତେ ଗହଳ ଓ ଲମ୍ବା ନିଶ ସେ ସେତେ ଗର୍ବ ଅନୁଭବ କରନ୍ତି। ସେହିଭଳି ଏକ କୁନି ଚଢ଼େଇର ବି ନିଶ ଅଛି। ସେ ପୁଣି ଲମ୍ବା ଓ ବେଶ୍ ଗହଳିଆ। ଠିକ୍ ମଣିଷଙ୍କ ପରି। ହେଲେ ସେହି ନିଶ କଳା ନୁହେଁ ବରଂ ଧଳା ରଙ୍ଗର। ଏହି ଚଢ଼େଇ ପେରୁ ଓ ଚିଲିର ପ୍ରଶାନ୍ତ ମହାସାଗରର ତଟୀୟ ଅଞ୍ଚଳରେ ଦେଖାଯାଆନ୍ତି। ନିଶ ଥିବା ଉକ୍ତ ଚଢ଼େଇର ନାମ ହେଉଛି 'ଇନ୍‌କାଟର୍ନ'। ମାଟିଆ ତଥା ଧୂସର ରଙ୍ଗର ଏହି ଚଢ଼େଇର ଥଣ୍ଟ ଲାଲ ଓ ନାରଙ୍ଗି ହୋଇଥାଏ। ଏହାର ଦୁଇ ଆଖିର ତଳଭାଗରେ ଥିବା ଧଳା ରଙ୍ଗର ନିଶ ଭାରି ଆକର୍ଷକ ଲାଗେ। ତେବେ ଚଢ଼େଇର ସଂଖ୍ୟା ଏବେ କମିବାରେ ଲାଗିଲାଣି।



## ଅଜବ ମୋଟରସାଇକେଲ



ସାଧାରଣତଃ ମୋଟର ସାଇକେଲ୍‌ର ଦୁଇଟି ଚକ ଥାଏ। ସେ ପୁଣି ଆଗପଛ ହୋଇ। ସେଥିରେ ଚାଳକ ବସିବା ସହ ପଛପଟେ ଆଉ ଜଣେ ଦୁଇଜଣ ବି ବସିପାରନ୍ତି। କିନ୍ତୁ ୟୁନୋ ଦି ସେଗ୍ୱେ ନାମକ ଏକ ବାଇକ୍ ତିଆରି ହୋଇଛି, ଯାହାର ଦୁଇଟି ଚକ ଅଛି ସତ ହେଲେ ଗୋଟିଏ ଚକ ଅନ୍ୟ ଚକର ପାର୍ଶ୍ୱରେ ରହିଛି। ପଛଭାଗରେ ଅନ୍ୟ କେହି ବସିବା ପାଇଁ ବି ଜାଗା ନାହିଁ। ଏହାକୁ ତିଆରି କରିଛନ୍ତି ୧୮ ବର୍ଷୀୟ ବେନ୍ ପସ୍ ଗୁଲକ୍। ଏହା ଏକ ଇଲେକ୍ଟ୍ରିକ୍ ବାଇକ୍। ଏଥିରେ ଦୁଇଟି ମାଇକ୍ରୋ ଗାୟରୋ ଇଞ୍ଜିନ୍ ଲାଗିଛି। ଏଥିରେ ଗୋଟିଏ ଅନ୍ ଅଫ୍ ସୁଇଚ୍ ରହିଛି। ଚାଳକଙ୍କୁ ଆଗକୁ ଝୁଙ୍କି ଏହି ବାଇକ୍ ଚଳାଇବାକୁ ପଡ଼ିବ।

ରଣବୀର ସିଂ ତାଙ୍କର ଅତରଙ୍ଗୀ ଫ୍ୟାଶନ ଅନ୍ଦାଜ୍ ପାଇଁ ବେଶ୍ ଜଣାଶୁଣା । ପ୍ରାୟତଃ ସେ ଏୟାରପୋର୍ଟ ହେଉ କିମ୍ବା କୌଣସି ଇଭେଣ୍ଟ ସବୁବେଳେ ତାଙ୍କ ଡ୍ରେସିଙ୍ଗ୍ ଷ୍ଟାଇଲ୍‌କୁ ନେଇ ସବୁଠି ଆଲୋଚନା ହୋଇଥାଏ। କିଏ ତାଙ୍କୁ ପ୍ରଶଂସା କରୁଥିବା ବେଳେ ଅନ୍ୟ କେହି ଟ୍ରୋଲ୍ କରିଥାନ୍ତି। କିନ୍ତୁ ଏସବୁକୁ ଖାତିର ନକରି ସେ ନିଜ ଫ୍ୟାଶନ ଉପରେ ଧ୍ୟାନ ଦିଅନ୍ତି। ହେଲେ ବର୍ତ୍ତମାନ ତାଙ୍କ ଗେଟ୍‌ଅପ୍ ଚର୍ଚ୍ଚାରେ ଅଛି। ତାହା ପୁଣି ପୋଷାକ ପାଇଁ ନୁହେଁ। ବିନା ପୋଷାକରେ ନିଜର ନ୍ୟୁଡ୍ ଫଟୋ ସେୟାର କରି ନିଆଁ ଲଗାଇଛନ୍ତି। ତାଙ୍କର ଏହି ଫଟୋ ଚିତ୍ର ଇଣ୍ଟରନେଟରେ ଭାଇରାଲ ହୋଇଛି। ଜଣାପଡିଛି କି ରଣବୀରଙ୍କ ଏହି ଫଟୋସୁଟ୍‌ଗୁଡ଼ିକ ଏକ ମ୍ୟାଗାଜିନ୍ ପାଇଁ କରିଛନ୍ତି। ନିକଟରେ ରଣବୀର ଏକ ତୁର୍କୀ କାର୍ପେଟରେ ବିଭିନ୍ନ ଷ୍ଟାଇଲ୍‌ରେ ପୋଜ୍ କରୁଥିବାର ଦେଖିବାକୁ ମିଳିଛି । କିଛି ଫଟୋରେ ସେ ଶୋଇଥିବା ବେଳେ ଅନ୍ୟ କିଛି ଫଟୋରେ ସେ ଠିଆ ହୋଇଛନ୍ତି। ସେ ପେପର ମାଗାଜିନ ପାଇଁ ଏହି ଫଟୋସୁଟ କରିଛନ୍ତି। ରଣବୀରଙ୍କ ଏହି ଫଟୋ ପୋଜ୍ ବର୍ଟ ରେନୋଲ୍ଡସ୍‌ଙ୍କ ଦ୍ୱାରା ଅନୁପ୍ରାଣିତ। ସେ ମଧ୍ୟ ସମାନ ମ୍ୟାଗାଜିନ୍ ପାଇଁ ଏକ ନ୍ୟୁଡ୍ ଫଟୋସୁଟ୍ ମଧ୍ୟ କରିଥିଲେ। ଏନେଇ ମ୍ୟାଗାଜିନକୁ ଦେଇଥିବା ସାକ୍ଷାତକାରରେ ରଣବୀର ତାଙ୍କ ଫ୍ୟାଶନ ବିଷୟରେ କହିଥିଲେ କି 'ଫିଜିକାଲି ନ୍ୟୁଡ୍ ହେବା ମୋ ପାଇଁ ବହୁତ ସହଜ। ମୋର ଅନେକ ଫରଫର୍ମାନ୍ସରେ ମଧ୍ୟ ମୁଁ ଉଲଗ୍ନ ହୋଇଛି। ଆପଣ ମୋର ଆତ୍ମାକୁ ଦେଖି ପାରିବ। ସେ କେତେ ଉଲଗ୍ନ। ମୁଁ ଏକ ହଜାର ଲୋକଙ୍କ ସାମ୍ନାରେ ଉଲଗ୍ନ ହୋଇପାରେ। ଏହା ମୋ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଓ୍ୱାର୍କଫ୍ରଣ୍ଟ ବିଷୟରେ କହିବାକୁ ଗଲେ ରଣବୀର ସିଂଙ୍କ ଆଗାମୀ ଚଳଚ୍ଚିତ୍ର ହେଉଛି ରୋହିତ ଶେଟ୍ଟୀଙ୍କ ସହ 'ସର୍କସ'। ଏହି ଚଳଚ୍ଚିତ୍ରରେ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଏବଂ ପୂଜା ହେଗଡେ ମଧ୍ୟ ନଜର ଆସିବେ। ଏହା ଚଳିତ ବର୍ଷ ଖ୍ରୀଷ୍ଟମାସରେ ରିଲିଜ ହେବ। ଏହା ବ୍ୟତୀତ ସେ କରଣ ଜୋହରଙ୍କ 'ରକି ଔର ରାନୀ କି ପ୍ରେମ କାହାନୀ'ରେ ମଧ୍ୟ ନଜର ଆସିବେ।



## ନ୍ୟୁଡ୍ ଫଟୋସୁଟ୍ କଲେ ରଣବୀର


Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ନିଶିମଳାସ୍ଥିତ ପଲ୍ଲୀମଙ୍ଗଳ ପ୍ରାଥମିକ କୃଷି ସମବାୟ ସମିତି ପାଇଁ ଆଜି ଉପସଭାପତି ପଦବୀ ପାଇଁ ହୋଇଥିବା ନିର୍ବାଚନରେ ବାସନ୍ତୀ ପ୍ରଧାନ ନିଃଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରିନଥିବାରୁ ଶ୍ରୀମତି ପ୍ରଧାନଙ୍କୁ ନିର୍ବାଚନ ଅଧିକାରୀ ପ୍ରଶାନ୍ତ କୁମାର ଲେଙ୍କା ବିଜୟୀ ଘୋଷଣା କରିଥିଲେ । ୧୫ଟି ଜୋନକୁ ନେଇ ଗଠିତ ସମବାୟ ସମିତି ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ଜେନା, ପ୍ରଶାନ୍ତ ଜେନା, ବିଜୟାନନ୍ଦ ବିଶ୍ୱାଳ, ନଟବର ସାହୁ, ସ୍ନେହଲତା ପଣ୍ଡା, ସୀତାନାଥ ମଲ୍ଲିକ, ଅକ୍ଷୟ ସ୍ୱାଇଁ, ନିରଂଜନ ଜେନା, ପ୍ରିୟବ୍ରତ ଖିଲାର, ସଂଗ୍ରାମ ଜେନା, ଅରୁଣ ନାୟକ, ଜିତେନ୍ଦ୍ର ସ୍ୱାଇଁ, ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ଦୀପ୍ତିରଂଜନ ମାହାଲା, ମଶିର ଆଲାମ ପ୍ରମୁଖ ନବନିର୍ବାଚିତ ଉପସଭାପତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

## ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ: ସାଧାରଣ ଜନଜୀବନ ଠପ୍

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍) : ୫୫ ନଂ.ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ଏନଏଚଆଇର ମନମାନି ନେଇ ରାଜପଥ ମରଣଯନ୍ତା ପାଲଟି ଯାଇଛି । ଏହାର ପ୍ରତିବାଦରେ ଆଜି ଢେଙ୍କାନାଳ ମିଳିତ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଢେଙ୍କାନାଳବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଫଳରେ ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଯୋଗୁ ସାଧାରଣ ଜୀବନ ଯାତ୍ରା ଏକ ପ୍ରକାର ଠପ୍ ହୋଇଯାଇଛି ।ଏପରିକି ଆଇନଜୀବିମାନଙ୍କ ଅନୁରୋଧ କ୍ରମେ ସମସ୍ତ ଜଜ୍ କୋର୍ଟ ସମ୍ମୁଖରୁ ଫେରିଯିବା ଯୋଗୁ କୋର୍ଟ କାର୍ଯ୍ୟ ଅଚଳ ହୋଇପଡିଥିଲା । ୫୫ ନଂ.ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ବା ଏନଏଚଆଇ କର୍ତ୍ତୃପକ୍ଷଙ୍କ ମନମାନି ଚରମ ସୀମା ଲଙ୍ଘିଛି । ଫଳରେ ରାଜ୍ୟର ଦୁଇ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ କଟକ ଓ ସମ୍ବଲପୁରକୁ ଯୋଗାଯୋଗ କରୁଥିବା ଏହି ଏନଏଚ ୫୫ ମରଣ ଯନ୍ତା ପାଲଟି ଯାଇଛି । ଦୀର୍ଘ ମାସ ହେଲା ଏପରି ଦୁରାବସ୍ଥା ନେଇ ବାରମ୍ବାର ଗୁହାରୀ ସତ୍ତ୍ୱେ କେହି ଶୁଣୁନାହାନ୍ତି ଉଭୟ ଢେଙ୍କାନାଳ ଓ ଅନୁଗୁଳ ବାସୀଙ୍କ ଦୁଃଖ । ଯାହା ଫଳରେ ଢେଙ୍କାନାଳ ଜିଲ୍ଲା ଓକିଲ




ସଂଘ ନେତୃତ୍ୱରେ ଏହି ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ଆନ୍ଦୋଳନକୁ ଓହ୍ଲାଛନ୍ତି ବିଭିନ୍ନ ସଙ୍ଗଠନ । ଜିଲ୍ଲା ସାମ୍ବାଦିକ ସଂଘ,ବାଣିଜ୍ୟ ପ୍ରତିଷ୍ଠାନ, ଘରୋଇ ବସ ଓ ଟ୍ରକ ମାଲିକ ସଂଘ, ମିଳିତ ବଜାର କମିଟି ,ସଚେତନ ନାଗରିକ ଫୋରମ ଠାରୁ ସମସ୍ତ ରାଜନୈତିକ ଦଳଙ୍କ ସହିତ ସାଧାରଣ ଜନତା ସମସ୍ତେ ଆନ୍ଦୋଳନରେ ସାମିଲ ହୋଇଛନ୍ତି । ଫଳରେ ଆଜି ସକାଳ ୬ଟାରୁ ଏନଏଚ-୫୫କୁ ଢେଙ୍କାନାଳ କଲେଜ ବାଏପାସ ଛକ, କୋରିଆଁ ଛକ ଓ ମହିଷାପାଟ ଛକ ସହିତ ଭାପୁର ଛକ ଠାରେ କରାଯାଇଥିଲା ଅବରୋଧ ।ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡିମଟର ଯାଇନପାରି ଛିଡା ହୋଇଥିବା ଦେଖିବାକୁ ମିଳିଥିଲା । ଅପର ପକ୍ଷରେ ପ୍ରତୀକ ଧର୍ମଘଟ ଭାବେ ପୂର୍ବତଟ ରେଳପଥକୁ ଶ୍ୟାମାଚରଣପୁର ଷ୍ଟେସନ ନିକଟରେ ସକାଳ ୭ଟାରୁ ୯ ଘଟିକା ଦୁଇ ଘଣ୍ଟା ପାଇଁ ବନ୍ଦ ଯୋଗୁ ଟ୍ରେନ ଚଳାଚଳା ବାଧାପ୍ରାପ୍ତ ହୋଇଥିଲା । ସ୍କୁଲ କଲେଜ, ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ କଚେରୀ ଆଦି ଦୋକାନ ବଜାର ଓ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ସବୁ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା । କହିବାକୁ ଗଲେ ଏହି ଆନ୍ଦୋଳନକୁ ଜନ ସାଧାରଣ ସ୍ୱତଃପ୍ରୋତ ଭାବେ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ଯୋଗୁ ସାଧାରଣ ଜୀବନଯାତ୍ରା ଏକପ୍ରକାର ଠପ୍ ହୋଇଯାଇଥିଲା । ପରେ କୋର୍ଟ ଛକ ଠାରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ସହର ପରିକ୍ରମା କରି ଏନଏଚଆଇର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଫିସକୁ ଘେରାଉ କରିବା ସହ ତାଲା ପକାଇ ଦେଇଛନ୍ତି ଆନ୍ଦୋଳନକାରୀ ।କୌଣସି ଅପ୍ରୀତିକର ପରିସ୍ଥିତି ଜିଲ୍ଲା ଆଶଙ୍କାରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୂତୟନ ସାଙ୍ଗକୁ ବରିଷ୍ଠ ପୋଲିସ ଅଧିକାରୀ ମାନେ କଡା ନଜର ରଖିଥିଲେ । ପରିଶେଷରେ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଇ ଲିଖିତ ଭାବେ ଜିଲ୍ଲାପାଳ ସରୋଜ କୁମାର ସେଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏପରିକି ଏନଏଚର ଦୁରାବସ୍ଥାକୁ ନେଇ ବିଧାନସଭାରେ ପ୍ରସଙ୍ଗ ଉଠିଥିବା ଏନଏଚଆଇ କର୍ତ୍ତୃପକ୍ଷ, ଅନୁଗୁଳ ଓ ଢେଙ୍କାନାଳ ଜିଲ୍ଲାପାଳଙ୍କର ଏକ ତ୍ରିପାକ୍ଷିକ ବୈଠକ ତୁରନ୍ତ ହେଉଥିବା ପ୍ରକାଶ କରିଛନ୍ତି ଢେଙ୍କାନାଳ ଜିଲ୍ଲାପାଳ ।ଏହି ଆନ୍ଦୋଳନରେ ଓକିଲ ସଂଘ ସଭାପତି ସଂଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ସମ୍ପାଦକ ଟଙ୍କଧର ବେହେରା,ପୂର୍ବତନ ସଭାପତି ନବକିଶୋର ଗୁରୁ, ଦୀପକ ପ୍ରସାଦ ପଟ୍ଟନାୟକ,ଗୋପାଳ ଚନ୍ଦ୍ର ପାତ୍ର, ଭାବଗ୍ରାହୀ ପଣ୍ଡା, ପ୍ରତାପ ନାରାୟଣ ତ୍ରିପାଠୀ,ଓମ ପ୍ରକାଶ ଶରଣ ,କୃଷ୍ଣଚନ୍ଦ୍ର ସାହୁ, ଜିଲ୍ଲା ସାମ୍ବାଦିକ ସଂଘ ସମ୍ପାଦକ ପ୍ରତାପ ବରାଳ, ସହସମ୍ପାଦକ ଜିତେନ୍ଦ୍ର ପଟ୍ଟନାୟକ, ସମାଜସେବୀ ରାମଚନ୍ଦ୍ର ପାତ୍ର, ଆମପ୍ରତିଭା ଆମସମ୍ମାନର ସଭାପତି ପ୍ରିୟରଂଜନ ମାହୁନ୍ତ,ସମ୍ପାଦକ ରୁଦ୍ରାନ୍ତ ଦଳେଇ, ସଦାଶିବ ମହାପାତ୍ର, ଶ୍ୟାମସୁନ୍ଦର ସାହୁ, ମହେନ୍ଦ୍ର ସାହୁ, ଜିଲ୍ଲା ବସ୍ ଆସୋସିଏସନ ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ରୁଦ୍ରନାରାୟଣ ତ୍ରିପାଠୀ,କାଉନସିଲର ବଳରାମ ସେଠୀ, ପ୍ରତାପ ନାଏକ,ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଲକ୍ଷ୍ମୀଧର ଦଳେଇ ,ଭରତ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ରାଉତ ପ୍ରମୁଖଙ୍କ ସମେତ କଂଗ୍ରେସର କର୍ମକର୍ତ୍ତା ଓ ଶତାଧିକ ଜନସାଧାରଣ ସାମିଲ ଥିଲେ ।

### ସିବିଏସ୍‌ଇ ଦଶମ ପରୀକ୍ଷା ଫଳ

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶତପ୍ରତିଶତ ସଫଳତା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ଆଜି ପ୍ରକାଶିତ ହୋଇଛି । ଏଥିରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍କୁଲ୍‌ର ଅଧିକାଂଶ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ୍ କରିଥିବା ବେଳେ ସୌମୀ ବିଶ୍ୱାସ ସର୍ବାଧିକ ୯୯ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି । ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୬ ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି । ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ରାଜ୍ୟ ଓ ଜାତୀୟସ୍ତରରେ ମଧ୍ୟ ସଫଳତା ହାସଲ କରିଆସୁଛନ୍ତି ।



## ଇଡି ଅଫିସ ଆଗରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନ୍ୟାସନାଲ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧିଙ୍କୁ ଇଡିର ସମନ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ନରେନ୍ଦ୍ର ମୋଦି ନିଜର ଅପାରଗତା ଏବଂ ତାଙ୍କ ସରକାରଙ୍କର ବିଫଳତାକୁ ଲୁଚାଇବାକୁ ଯାଇ ବିରୋଧି ଦଳର ନେତୃବର୍ଗଙ୍କ ପ୍ରତି ପ୍ରତିହିଂସା ପରାୟଣ ରାଜନୀତିକୁ ଆପଣାଇ ନେଇଛନ୍ତି । ଇଡି, ସିବିଆଇ ଓ ଇନକମ ଟ୍ୟାକ୍ସର ଭୟ ଦେଖାଇ ବିରୋଧି ଶୂନ୍ୟ କରିବାକୁ ଚେଷ୍ଟା ଚଳାଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ନ୍ୟାସନାଲ ହେରାଲ୍ଡ ଖବରକାଗଜ ମାଧ୍ୟମରେ ନରେନ୍ଦ୍ର ମୋଦି ଏବଂ ତାଙ୍କ ସରକାରଙ୍କ ଇଙ୍ଗିତରେ ଇଡି ସୋନିଆ ଗାନ୍ଧୀଙ୍କୁ ଗତ ୨୧ ତାରିଖ ଦିନ ସମନ କରିଥିଲା । ଏହି ଅନ୍ୟାୟ ଓ ପ୍ରତିହିସା ପରାଣୟ ରାଜନୀତି ବିରୋଧରେ ଏବଂ ଇଡିର ପକ୍ଷପାତିତାକୁ ପ୍ରତିବାଦ କରି ଆଜି ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସର ଛାତ୍ର, ଯୁବ, ମହିଳା ଓ ବିଶିଷ୍ଟ ନେତୃମଣ୍ଡଳୀ ତଥା କଂଗ୍ରେସ କର୍ମୀମାନେ ଭୁବନେଶ୍ୱର ନୂଆପଲ୍ଲୀ ଠାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ସାମନାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏହି ପ୍ରତିବାଦ ସଭାରେ ମନୋରଞ୍ଜନ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ମୋହନ ଜେନା, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ଗୀତାଞ୍ଜଳି ମହାନ୍ତି, ଦେବରାଜ ମିଶ୍ର, ଇନ୍ଦ୍ରଜିତ ପରିଡ଼ା, ଅନୱାର ଖାଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ବିଜୁବାବୁଙ୍କ ବ୍ୟକ୍ତିଗତ ସଚିବ ଗୌରମୋହନ ଷଡଙ୍ଗୀଙ୍କ ପରଲୋକ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ସ୍ତମ୍ଭକାର ଗୌର ମୋହନ ଷଡ଼ଙ୍ଗୀଙ୍କର ଗତକାଲି ମଧ୍ୟମିତ ରାତିରେ ପରଲୋକ ହୋଇଯାଇଛି । ଦୀର୍ଘ ଦିନ ହେଲା ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୬ତମ ବର୍ଷ ହୋଇଥିଲା । ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଟାଙ୍ଗୀ ମଦନମୋହନ ସାହି ସ୍ଥିତ ବାସଭବନରେ ପହଂଚି ତାଙ୍କ ଶେଷ ଦର୍ଶନ କରିଛନ୍ତି । ଗୌର ମୋହନ ଷଡ଼ଙ୍ଗୀଙ୍କ ମୃତ୍ୟୁରେ ଭାଙ୍ଗି ପଡିଥିବା ତାଙ୍କ ବଡ଼ ପୁଅ ପ୍ରଫୁଲ୍ଲ କୁମାର ଷଡଙ୍ଗୀ କହିଚନ୍ତି ବିଜୁ ବାବୁ ୧୯୮୫ ରୁ ୧୯୯୦ ପର୍ଯ୍ୟନ୍ତ ବିରୋଧୀ ଦଳ ନେତା ଥିବାବେଳେ ବାପା ତାଙ୍କ ପାଖରେ ଥିଲେ । ୧୯୯୦ ରେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ହେବାପରେ ବାପାଙ୍କୁ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ କରିଥିଲେ । ୧୯୯୦ ରୁ ୧୯୯୩ ପର୍ଯ୍ୟନ୍ତ ବାପା ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିଗତ ସଚିବ ଭାବେ କାର୍ଯ୍ୟ କରିଥିଲେ । ଏହି ସମୟରେ ବହୁ ବରିଷ୍ଠ ବିଧାୟକ ବାପାଙ୍କ ସରକାରୀ କ୍ୱାର୍ଟର୍ସରେ ଏକତ୍ରିତ ହେଉଥିଲେ । ସେଠାରେ ମନ୍ତ୍ରୀମଣ୍ଡଳ ଭାଗବଂଟା ହେଉଥିଲା । ୧୯୯୪ ମସିହାରେ ଏକ ଦୁର୍ଘଟଣାରେ ବାପା ଗୁରୁତର ହୋଇଥିଲେ । ଏହାପରେ ସେ ଭଲ ହୋଇଥିଲେ ବି ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ତେଣୁ ୧୯୯୪ ମସିହାରେ ସେ ଅବସର ନେଇଗଲେ । ମୃତ୍ୟୁ ଖବର ପାଇ ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧକ୍ଷା ମିନାକ୍ଷୀ ଦାସ୍, ଶିଳ୍ପପତି ପ୍ରମୋଦ ଚନ୍ଦ୍ର ରଥ, ଡାକ୍ତର ଶକ୍ତିପ୍ରସାଦ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଚିତ ରଂଜନ ସାମଲ, ସରପଂଚ ସୁମନପ୍ରଭା ସାହୁ, ଯୁବ ସଂଗଠକ ବିରଜା ପ୍ରସାଦ ରାଉତ, ଜନ୍ମେଜୟ ଖିଲାର, ଆଶୁତୋଷ ବରାଳ, ଗାନ୍ଧିବାଦୀ ସମାଜସେବୀ ବିଷ୍ଣୁ ଦାସ, ସାମାଜିକ କର୍ମୀ ରବିନ୍ଦ୍ର ଲେଙ୍କା, ଜଗବନ୍ଧୁ ସାହୁ, ଦୈତାରୀ ସାହୁ, ଅଜୟ ପୃଷ୍ଟି, ଶ୍ରୀନିବାସ ସାହୁ, ବସନ୍ତ କୁମାର ସାହୁ, ପ୍ରମୁଖ ପହଂଚି ତାଙ୍କର ଶେଷ ଦର୍ଶନ କରିଥିଲେ । ତାଙ୍କର ମର ଶରୀରକୁ ଶେଭାଯାତ୍ରାରେ ଟାଙ୍ଗୀ ବଜାର ବୁଲାଇବା ପରେ ଗାଁ ଶ୍ମଶାସନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦ, ବାପୁଜୀ କ୍ଲବ, ଭେଟେରାନ୍ କ୍ଲବ୍, ମଦନ ମୋହନ ସାହି କିମିଯି କର୍ମକର୍ତ୍ତା, ସାମାଜିକ ସଙ୍ଗଠନ ଆହ୍ୱାନ, ଟାଙ୍ଗୀ-ଚୌଦ୍ୱାର ସାମ୍ବାଦିକ ସଂଘ ପକ୍ଷରୁ ତାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି । ଗୌରମୋହନଙ୍କ ପୁତ୍ର ପ୍ରଫୁଲ୍ଲ, ପ୍ରଣବ ପ୍ରବୋଧ, ମାଧୁର୍ଯ୍ୟ ଓ ଝିଅ ଜୟଶ୍ରୀଙ୍କ ସମେତ ପରିବାର ସଦସ୍ୟ, ବନ୍ଧୁ ଓ ଶୁଭେଚ୍ଛୁମାନେ ଶବ ସତ୍କାରବେଳେ ଉପସ୍ଥିତଥିଲେ ।



## ସାଲେପୁରରେ ଦୂଷିତ ପରିବେଶରେ ବାସୀ ଖାଦ୍ୟ ବିକ୍ରି

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ସହରାଞ୍ଚଳରେ ରାସ୍ତାକଡରେ ଅତ୍ୟନ୍ତ ଅସାସ୍ଥ୍ୟକର ପରିବେଶରେ ଫାଷ୍ଟଫୁଡ ସହ ବିଭିନ୍ନ ରାସାୟନୀକ ରଙ୍ଗଦିଆ ଖାଦ୍ୟ ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି । ଦୂଷିତ ପରିବେଶରୁ ଖାଦ୍ୟ ଖାଇ ବିଭିନ୍ନ ରୋଗର ଆକ୍ରାନ୍ତ ହେଉଛନ୍ତି । ବିଶେଷ କରି ବର୍ତ୍ତମାନ ବର୍ଷା ଦିନ ଅଟେ । ସ୍ୱାଭାବିକ ଭାବେ ପରିବେଶ ମଶା ମାଛି ପୋକ ଯୋକ ସହ ସନ୍ତସନ୍ତିଆ ରହିଛି । ଏଭଳି ସ୍ଥାନରେ ସାଲେପୁର ସହରରେ ଖାଦ୍ୟ ବିକ୍ରୀ ହେଉଛି । ଦୂଷିତ ପରିବେଶରେ ନିକୃଷ୍ଟମାନର ଖାଦ୍ୟ ଖାଇ ଲୋକମାନେ ଝାଡା ବାନ୍ତୀ, ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଏହି ଖାଦ୍ୟ ଖାଇ ଛୋଟ ଛୋଟ ପିଲାମାନେ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଗୁରୁତ୍ୱର ଅଭିଯୋଗ ହୋଇଛି । ରାଜ୍ୟ ସରକାର ଶୁଦ୍ଧ ପାନୀୟ ଜଳ, ସୁଷମ ଖାଦ୍ୟ ଓ ନିର୍ମଳ ପରିବେଶରେ କିପରି ଲୋକମାନେ ରହିବେ ସେଥିପାଇଁ ପ୍ରଶାସନକୁ ତଦନ୍ତ ଦାଇତ୍ୱ ଦେଇଛନ୍ତି । ମାତ୍ର ଏଠାରେ ପ୍ରଶାସନର ନିଷ୍କ୍ରିୟତା ଓ ଅଣଦେଖା ଯୋଗୁ ଦୂଷିତ ପରିବେଶରେ ବାସୀ ଖାଦ୍ୟ ବିକ୍ରୀ ସମ୍ଭବ ହୋଇପାରୁଛି ବୋଲି ସଚେତନ ବ୍ୟକ୍ତିଙ୍କ ଠାରୁ ପ୍ରକାଶ ।ଖାଦ୍ୟ ସୁରକ୍ଷା ବିଭାଗ ସାଲେପୁର ପାଇଁ ସମ୍ପୂର୍ଣ୍ଣ ନିରବ ହୋଇ ପଡିଛି । ସ୍ଥାନୀୟ ପ୍ରଶାସନ ମଧ୍ୟ ସବୁ ଦେଖି କ'ଣ ପାଇଁ ଚୁପ ରହୁଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ? ବିଶେଷ କରି ସାଲେପୁରରେ ଅତି ନିମ୍ନମାନର ଗୁପଚୁପ ବିକ୍ରୀ ହେଉଛି । ଯାହା ପେଟ ରୋଗର ମୁଖ୍ୟ କାରଣ ହେଉଛି ।

ଅପରପକ୍ଷେ ଜଗତପୁର ଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ କଟକ ଚାନ୍ଦବାଲି ରାସ୍ତାର ଦୁଇ କଡରେ ଥିବା ଏକାଧିକ ହୋଟେଲରେ ବାସୀ ଖାଦ୍ୟ ବିକ୍ରୀ ହେଉଛି । ଦୁଇ ତିନି ଦିନର ମଟନ, ଚିକେନ ତରକାରୀକୁ ଫ୍ରିଜରେ ରଖି ଗ୍ରାହକମାନଙ୍କୁ ଗରମ କରି ଖାଇବାକୁ ଦିଆଯାଉଛି । ଏଭଳି ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନଙ୍କ ଠାରୁ ପ୍ରକାଶ ।ଧିରେ ଧିରେ କୋରନା ସଂକ୍ରମିତ ହୋଇଥିବା ବେଳେ ଅସ୍ୱାସ୍ଥ୍ୟକର ବାସୀ ଖାଦ୍ୟ ପରିସ୍ଥିତିକୁ ଜଟିଳ କରିବା ସହ ଜୀବନହାନି ଘଟିବାକୁ ଅସ୍ୱୀକାର କରାଯାଇନପାରେ । ସେହିପରି ସାଲେପୁର ସହରରେ ନକଲି କମ୍ପାନୀର ପାଣି ବୋତଲ ନକଲି ଥଣ୍ଡା ପାନୀୟ ବିକ୍ରୀ ହେଉଛି ।ଶସ୍ତାରେ ଏହି ଜିନିଷ ଲୋକମାନେ କିଣି ପିଉଛନ୍ତି । ଏହି ପାନୀୟ ଜଗତପୁର ସହ ବିଭିନ୍ନ ସ୍ଥାନରୁ ସାଲେପୁରକୁ ବିକ୍ରୀପାଇଁ ଆସୁଥିବା କୁହାଯାଉଛି । ନକଲି ଥଣ୍ଡା ପାନୀୟ ଜନ୍ମ ସ୍ଥାନ ଜଗତପୁର ହୋଇଥିବା ବେଳେ ସାଲେପୁରରୁ ଜଗତପୁର ଦୂରତ୍ୱ ୧୮ କି.ମି ଅଟେ । ନକଲି କମ୍ପାନୀର ଏଜେ□ମାନେ ନକଲି ପାନୀୟକୁ ସାଲେପୁରର କେତେକ ଦୋକାନୀମାନଙ୍କ ଦ୍ୱାରା ବିକ୍ରୀ କରି ମାଲାମାଲ ହେଉଥିବା ବେଳେ ଏହାକୁ ବ୍ୟବହାର କରି ଜନସାଧାରଣ ରୋଗାକ୍ରାନ୍ତ ହୋଇ ଚିକିତ୍ସକଙ୍କ ଦ୍ୱାରସ୍ଥ ହେଉଛନ୍ତି । ସ୍ୱାସ୍ଥ୍ୟ ପ୍ରଶାସନ ଓ ଖାଦ୍ୟ ସୁରକ୍ଷା ବିଭାଗ ଘଟଣା ପ୍ରତି ଗୁରୁତ୍ୱ ଦେଇ ତଦନ୍ତ କରିବାକୁ ସାଧାରଣରେ ଦାବୀ ହୋଇଛି ।

## ମା ରମାଦେବୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମା ରମାଦେବୀଙ୍କ ଶ୍ରାଦ୍ଧ ଦିବସ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ସ୍ମାରକୀ ବକ୍ତୃତା ଓ ସଭାର ଆୟୋଜନ କରାଯାଇଥିଲା । ଭାରପ୍ରାପ୍ତ କୁଳପତି ପ୍ରଫେସର ସସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଅବସର ପ୍ରାପ୍ତ ବିଚାରପତି ଉମାଓ ଚରଣ ମିଶ୍ର ଛାତ୍ରୀ ମାନଙ୍କୁ ମା ରମାଦେବୀଙ୍କ ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ଗାନ୍ଧିବାଦୀ , ସାମାଜିକ କର୍ମୀ ପ୍ରହ୍ଲାଦ ସିଂ ମା ରାମଦିଦେବୀଙ୍କ ତ୍ୟାଗ ଓ ସଂଗ୍ରାମ ସମ୍ପର୍କରେ ଅନେକ ଐତିହାସିକ ତଥ୍ୟ ଉପସ୍ଥାପନ କରିଥିଲେ । ଅନ୍ୟତମ ଅତିଥି ବିଶିଷ୍ଟ ଐତିହାସିକ କୈଳାସ ଚନ୍ଦ୍ର ଦାସ ରମାଦେବୀଙ୍କ ଜୀବନ ସମ୍ପର୍କରେ ଅନେକ ଅନାଲୋଚିତ ଦିଗକୁ ଉପସ୍ଥାପନ କରିଥିଲେ । ପ୍ରଫେସର ମଧୁସ୍ମିତା ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନେହଲତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୋଲିସ ଉପସ୍ଥିତିରେ ଆକ୍ରମଣ, ୫ ଗିରଫ

ବଡ଼ଚଣା, (ଭାସ୍କର ନ୍ୟୁଜ୍) : ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ସୁଙ୍ଗୁଡା ଗ୍ରାମ ପଞ୍ଚାୟତ ୨ ନମ୍ବର ଓ୍ୱାର୍ଡର କୁମ୍ଭାର ସାହିର ବାସ କରୁଥିବା ଦୁର୍ଗାବତି ବେହେରାଙ୍କ ଜମିବାଡିକୁ ନେଇ କିଛିଦିନ ହେବ ସେହି ଗ୍ରାମର କିଛି ବ୍ୟକ୍ତିଙ୍କ ସାଙ୍ଗରେ କେସ ମାଲି ମକଦମା ଲାଗିରହିଥିଲା । ଘଟାଣାରୁ ପ୍ରକାଶ ଯେ ୪ ଦିନ ପୂର୍ବରୁ ଦୁର୍ଗାବତି ବେହେରା ପୋଲିସକୁ ତାଙ୍କ ଘର ଭାଙ୍ଗିଦେବା ସହ ଗଣ୍ଡଗୋଳ କରିବାପାଇଁ କିଛି ବ୍ୟକ୍ତିମାନେ ମସୁଧା ଚଳାଉଥିବା ବେଳେ ଏହାକୁ ଆଧାର କରି ପୋଲିସକୁ ଲିଖିତ ଅଭିଯୋଗ କରିଥିଲେ । ଫାଣ୍ଡି ଅଧିକାରୀ ଅଭିଯୋଗ ପାଇଲା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଉଥିବା ବେଳେ ଅଭିଯୁକ୍ତମାନେ ପ୍ରଥମେ ଗଣ୍ଡଗୋଳ ଆରମ୍ଭ କରି ଦୁର୍ଗାବତି ବେହେରା, ତାଙ୍କ ବଡପୁଅ ଦାମୋଦର ବେହେରା ଓ ତାଙ୍କ ସାନପୁଅଙ୍କୁ ମାରି ତଳେ ପକାଇଦେଇଥିବା ଅଭିଯୋଗକାରୀଙ୍କ ଠାରୁ ପ୍ରକାଶ । ବଡ ଆଶ୍ଚର୍ଯ୍ୟର ବିଷୟ ପୋଲିସ ଉପସ୍ଥିତ ଥାଇ ମଧ୍ୟ ଗଣ୍ଡଗୋଳ ଜୋରସୋର ହୋଇଥିଲା । ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଗୁରୁତର ଅବସ୍ଥାରେ ବଡଚଣା ମେଡିକାଲକୁ ଚିକିତ୍ସା ପାଇଁ ପଠାଇଦିଆଯାଇଥିଲା । ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । ପ୍ରକାଶ ଥାଉ କି ଅଭିଯୁକ୍ତମାନଙ୍କ ଦ୍ୱାରା ମୋବାଇଲରେ ଭିଡିଓ ଭାଇରାଲ ହେଲାପରେ ମାନ୍ୟବର ଯାଜପୁର ଏସପିଙ୍କ ନଜରକୁ ଆସିଥିଲା । ଏସପିଙ୍କ ତାଗିଦ୍ ପରେ ଥାନା ଅଧିକାରୀ ସୁଶୀଲ କୁମାର ନାୟକ ଘଟଣାଟିକୁ ଗୁରୁତର ସହ ନେଇ ଏକ ମାମଲା ରୁଜୁ କରି କେସ ନମ୍ବର ୨୧୪/୨୨ ତଦନ୍ତ ଭାବେ ଏସଆଇ ମହମ୍ମଦ ସୁରଜଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ସୂଚନା ସୁତାବକ ପୋଲିସ ସେହି ଗ୍ରାମର ବାଉରି ବନ୍ଧୁ ସାହୁ, ସୁବ୍ରତ କୁମାର ସାହୁ, ମହେଶ୍ୱର ରଣା, ବଳରାମ ରଣା, ଜଗବନ୍ଧୁ ରଣା ଏହି ୫ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଘଟଣା ସ୍ଥଳରେ ଥିବା ଆହୁରି ଗଣ୍ଡଗୋଳକାରୀମାନଙ୍କୁ ଖୁବଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ପୋଲିସ ସୁତ୍ରରୁ ପ୍ରକାଶ ।

### ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ରାଜ୍ୟବ୍ୟାପୀ ଶୁଭେଚ୍ଛା ଓ ଅଭିନନ୍ଦନ

## ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତବର୍ଷ 'ଆଜାଦୀ କି ଅମୃତ ମହୋତ୍ସବ' ପାଳନ କରୁଥିବା ସମୟରେ ଦେଶର ୧୫ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡିଆ ଝିଅ ଦ୍ରୌପଦୀ ମୁର୍ମୁ । ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ଏକ ଉପାନ୍ତ ଅଞ୍ଚଳରେ ଜନ୍ମଗ୍ରହଣ କରିଥିବା ଶ୍ରୀମତୀ ମୁର୍ମୁ ଆଜି ସମ୍ବିଧାନର ସର୍ବୋଚ୍ଚ ପଦବୀରେ ଅଳଙ୍କୃତ ହୋଇ ରାଷ୍ଟ୍ରପତି ହେବା ସମସ୍ତ ଓଡିଆଙ୍କୁ ଗର୍ବିତ କରିଛି । ବିଜେପି ନେତୃତ୍ୱ ଏନ୍‌ଡିଏ ତରଫରୁ ରାଷ୍ଟ୍ରପତି ପଦ ପାଇଁ ଶ୍ରୀମତୀ ମୁର୍ମୁଙ୍କ ନାମ ଘୋଷଣା ହେବା ପରେ ସାରା ରାଜ୍ୟରେ ଆନନ୍ଦ ଖେଳି ଯାଇଥିଲା । ଗତ କାଲି ସେ ସମ୍ବିଧାନର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ଏହି ଖୁସି ଦ୍ୱିଗୁଣିତ ହୋଇଯାଇଛି । ଆଜି ବିଜେପି ତରଫରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୟ ଉତ୍ସବ ପାଳନ କରାଯାଇଛି । ଭୁବନେଶ୍ୱରସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ବିଜୟ ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଏହି ଅବସରରେ ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ନବନିର୍ବାଚିତ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପାଠ ପଢୁଥିବା ଭୁବନେଶ୍ୱରସ୍ଥିତ ୟୁନିଟ-୨ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀବାସକୁ ଯାଇ ଅନ୍ତେବାସୀଙ୍କ ସହ ବିଜୟ ଉତ୍ସବ ପାଳନ କରାଯାଇ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ସେହିପରି ୟୁନିଟ-୩ ସ୍ଥିତ ଠକ୍କର ବାପା ଏସଟି ଛାତ୍ରାବାସ ଏବଂ ବିଜେବି କଲେଜର ବି.ଆର.ଆମ୍ବେଦକର ଛାତ୍ରାବାସର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ବିଜୟ ଉତ୍ସବ ପାଳନ କରାଯାଇଛି । ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲିଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ତରଫରୁ ୟୁନିଟ-୨ ମାର୍କେଟ ବିଲ୍ଡିଂଠାରେ ମିଷ୍ଟାନ୍ନ ବଣ୍ଟନ କରାଯାଇଛି ।

## ସୋନିଆ ଗାନ୍ଧୀଙ୍କୁ ଇଡିର ସମନକୁ ନେଇ ଜିଲ୍ଲା କଂଗ୍ରେସର ପ୍ରତିବାଦ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଜେରା ପାଇଁ ସମନ ଜାରି



କରିବାକୁ ନେଇ ପ୍ରତିବାଦର ସ୍ୱର ଉଠାଇଛି କଂଗ୍ରେସ । ପିସିସି ନିର୍ଦ୍ଦେଶ କ୍ରମେ ସମଗ୍ର ଓଡ଼ିଶାରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ବାଲେଶ୍ୱରରେ ବି ଏହାର ପ୍ରତିଫଳନ ଲକ୍ଷ୍ୟ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ସ୍ଥାନୀୟ ଟେକ୍ନିକାଲ ପଡ଼ିଆରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଭାପତି ଶ୍ରୀ ଗିରି ଅଧ୍ୟକ୍ଷତା କରିବା ସହ କେନ୍ଦ୍ରର ମୋଦି ସରକାରଙ୍କ ଆକ୍ରୋଶମୂଳକ କାର୍ଯ୍ୟଧାରାକୁ ତୀବ୍ର ସମାଲୋଚନା କରିଥିଲେ । ରାହୁଲ ଗାନ୍ଧୀଙ୍କୁ ୫ ଦିନ ଧରି ଇଡି କରିଥିବା ଜେରାର ଭିଡିଓ ପ୍ରଥମେ ସାର୍ବଜନୀନ କରାଯାଉ ବୋଲି ସେ ଦାବି କରିଥିଲେ । ଉକ୍ତ ବୋକରୀ, ଆକାଶଛୁଆଁ ଦରବୃଦ୍ଧିରେ ଦେଶବାସୀ ନୟାନ୍ତ ହୋଇ ଚାଲିଥିବା ବେଳେ ମୋଦି ସରକାରଙ୍କର ଏହି ନୀତି ଆଗାମୀ ଦିନରେ ଆଉ ଏକ ଜନଆନ୍ଦୋଳନକୁ ଆମନ୍ତ୍ରଣ କରିଛି ବୋଲି ସେ ଚେତାବନୀ ଦେଇଥିଲେ । ନିବ ନିର୍ବାଚିତ ରାଷ୍ଟ୍ରପତି ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ ପୂର୍ବକ ଉଚିତ କାର୍ଯ୍ୟାନୁଷ୍ଠାନ ନେବା ଉଚିତ ବୋଲି ଶ୍ରୀ ଗିରି କହିଥିଲେ । ପୂର୍ବତନ ବିଧାୟକ ଚିତ୍ତ ଷଡ଼ଙ୍ଗୀ, ବିଜନ ନାୟକ, ପ୍ରଜ୍ଞା ପାରମିତା ମହାନ୍ତି, ଅର୍ଚ୍ଚନା ନନ୍ଦୀ, ବାସନ୍ତି ସାମଲ, ବିକାଶ ଦାସ, ଅରୁଣ ଜେନା, ସତ୍ୟଶିବ ଦାସ, ରଞ୍ଜନ ଦାସ ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ମୋଦି ସରକାରଙ୍କ ପ୍ରତିହିଂସା ପରାୟଣ ନୀତିକୁ ଦୃଢ଼ ପ୍ରତିବାଦ କରିଥିଲେ । ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ । ଗୋପୀନାଥ ପାଢ଼ୀ, ଗୌତମ ସାହୁ, କମରୋଲ ଅଲି ଖାଁ, ସୁରେଶ ବେହେରା, ମନୋରଞ୍ଜନ ପଣ୍ଡା, ଉପେନ୍ଦ୍ର ବେହେରା, ଦେବଦତ୍ତ ଦାସ, ସୌରଭ ବେହେରା, ଜୀବନ ମହାପାତ୍ର, ବାସନ୍ତୀ ସାମଲ, ନବପ୍ରସାଦ ଭୂୟାଁ, ପ୍ରିୟଙ୍କା ମିଶ୍ରୀ, ଜୀବନ ବାରିକ, ବିଦ୍ୟାଧର ମହାନ୍ତି, ଜୟନ୍ତୀ ନାୟକଙ୍କ ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ କଂଗ୍ରେସ କର୍ମୀ ଓ ସମର୍ଥକ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

### ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଅଦମ୍ୟ ସାହସିକତା

## ବନ୍ୟା ପାଣିରେ ଭାସିଯାଉଥିବା ଛାତ୍ର ଉଦ୍ଧାର

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ବଢ଼ିପାଣିରେ ଭାସି ଯାଉଥିଲା ୧୦ ଶ୍ରେଣୀର ଛାତ୍ର । ଘଟଣା ସ୍ଥଳରେ ଦେବଦୂତ ସାଜି ପହଞ୍ଚିଲେ, ଅଗ୍ନିଶମ ବିଭାଗ କର୍ମଚାରୀ । ବଢ଼ିଲା ବନ୍ୟାପାଣି ଭିତରକୁ ଝାମ୍ପ ମାରିଲେ , ଆଉ ଭାସିଯାଉଥିବା ଛାତ୍ର କୁ ସୁରକ୍ଷିତ ଭାବେ ଉଧାର କରି କୂଳକୁ ଆଣିଲେ ଅଗ୍ନିଶମ କର୍ମଚାରୀ । ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ଠେଙ୍ଗାଧର ଗାଁ ନିକଟରେ ଘଟିଥିଲା ଏଭଳି ଘଟଣା । ବେଲଗୁଣ୍ଠା ର ପ୍ରବୀଣ କୁମାର ପାତ୍ର । ସାଙ୍ଗ ସାଥିଙ୍କ ସହ ଯାଉଥିବା ବେଳେ ଗତ ଦିନରେ ହୋଇଥିବା ଲଗାଣ ବର୍ଷା ରେ ବଡନଦୀ ର ବନ୍ୟାପାଣି ହଠାତ୍ ମାଡ଼ି ଆସିଥିଲା । ରାସ୍ତା ନିକଟରେ ପ୍ରାୟ ୮ ଫୁଟର ପାଣି । ବନ୍ୟାଜଳ ର ସ୍ରୋତ ପ୍ରଖର ଥିଲା । ସେହି ପ୍ରଖର ସ୍ରୋତ ରେ ପ୍ରାୟ ୫୦ ମିଟର ଦୂର ପର୍ଯ୍ୟନ୍ତ ଭାସିଗଲେ ପ୍ରବୀଣ । ସମସ୍ତେ ଦେଖୁଥିଲେ ବି କାହାର ସାହସ ନଥିଲା ବନ୍ୟାପାଣି ରୁ ପ୍ରବୀଣକୁ ଉଦ୍ଧାର କରିବାପାଇଁ । ଘଟଣା ସ୍ଥଳରେ ପହଞ୍ଚିଥିଲେ ବେଲଗୁଣ୍ଠା ଅଗ୍ନିଶମ ବିଭାଗର କର୍ମଚାରୀ ମାନେ । ସେମାନଙ୍କ ଭିତରୁ ଜଣେ କର୍ମଚାରୀ , ଉଲ୍ଲାସ କୁମାର ସ୍ୱାଇଁ ବନ୍ୟାପାଣି ଭିତରକୁ ଡେଇଁପଡି , ପ୍ରବୀଣ କୁ ଉଦ୍ଧାର କରିବାପାଇଁ ଉଦ୍ୟମ କରିଥିଲେ ଏବଂ ବହୁ କଷ୍ଟରେ ପ୍ରବୀଣଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ ଅଗ୍ନିଶମ କର୍ମଚାରୀ ଉଲ୍ଲାସ କୁମାର । ବଢ଼ିଲା ପାଣି ସୁଅରୁ ଜୀବନଟିଏ ବଞ୍ଚାଇଦେଲେ ଉଲ୍ଲାସ କୁମାର । ସେଥିପାଇଁ ଉଧାର ବାଳକ ପ୍ରବୀଣ , ତାଙ୍କ ପରିବାର ଲୋକେ ଏବଂ ବେଲଗୁଣ୍ଠା ଅଞ୍ଚଳର ବହୁ ବୁଦ୍ଧିଜୀବୀ, ବଣିକ ସଂଘ ସଦସ ମାନେ ବେଲଗୁଣ୍ଠା ଅଗ୍ନିଶମ ବିଭାଗ କାର୍ଯ୍ୟାଳୟରେପହଞ୍ଚି ସମସ୍ତ କର୍ମଚାରୀ ଙ୍କୁ ସମ୍ବର୍ଦ୍ଧିତ କରିବା ସହ କର୍ମଚାରୀ ଉଲ୍ଲାସ କୁମାରଙ୍କ ସାହସିକତା ପାଇଁ କୃତଜ୍ଞତା ଜଣାଇଛନ୍ତି ।

